ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ଅକ୍ଟୋବର ୧୮/୨୦୧୮ (୨୦ ପୃଷ୍ଠା+ ମନ ମିଜାଜ) Berhampur, Thursday, October 18/ 2018 ★★★
୧୪ ଶ ଭାଗ ୨୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




LEGENDS ARE MADE, NOT BORN.
come home to
Siyaram's
#RanveerForSiyarams
#ComeHome
MiSTAiR SUITINGS
MARCONI ITALIAN FASHION
ROYALÈ LINEN™ Premium Linen Fabric
MORETTI® Italian Fashion
VICTORY® SHIRTINGS
SPIRIT® 100% Cotton Shirting
Miniature® A gift of tradition
unicode Complete Uniform Solutions
Available at all the leading retail outlets and Siyaram's Shops across the country.
For trade/corporate enquiries, contact: 022-30400500. Toll-free No.: 1800 209 4005. For franchisee enquiries, contact: 09820197273.
Email: enquiries@siyaram.com | www.siyaram.com Follow us on:
makani

ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ଅକ୍ଟୋବର ୧୮/୨୦୧୮ | Berhampur, Thursday, October 18/ 2018 | ପୃଷ୍ଠା-୧



**ଶ୍ରଦ୍ଧାଞ୍ଜଳିଙ୍କୁ ଆଉ ଏକ ଗୁରୁଦାୟିତ୍ୱ**
ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମହିଳା ଫୁଟବଲ ଖେଳାଳି ଓଡ଼ିଶାର ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଖେଲୋ ଇଣ୍ଡିଆର ଚୟନ କର୍ତ୍ତା ନିଯୁକ୍ତ କରାଯାଇଛି।
୧୭

୧୪
**ବିଳାସପୂର୍ଣ୍ଣ କାର ଚଳାଇବା ସଉକ**
ବ୍ଲକବଷ୍ଟର ଫିଲ୍ମ 'ବାହୁବଲୀ'ର ଦେବସେନା ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଅଭିନେତ୍ରୀ ଅନୁଷ୍କା ସେଟ୍ଟୀଙ୍କ ସଉକ ହେଉଛି ବିଳାସପୂର୍ଣ୍ଣ କାର ଚଳାଇବା।



# ଟ୍ରକ-ବୋଲେରୋ ଧକ୍କା: ୧୦ ମୃତ

- ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ଫେରୁଥିଲେ
- ଛତିଶଗଡ଼ର ସାକରା ଗାଁରେ ଶୋକାକୁଳ ପରିବେଶ
- ମୃତକଙ୍କ ପରିବାରକୁ ୨୫ ହଜାର ଟଙ୍କା ଲେଖାଏ ସହାୟତା

ନୂଆପଡ଼ା ଅଫିସ,୧୭।୧୦

ମଙ୍ଗଳବାର ରାତି ପ୍ରାୟ ୨ଟାରେ ନୂଆପଡା-ଖରିଆରରୋଡ ୩୫୩ ନଂ. ଜାତୀୟ ରାଜପଥର ସିଲଦା ନାଳ ନିକଟରେ ଏକ ଟ୍ରକ୍ ସହ ବୋଲେରୋର ମୁହାଁମୁହିଁ ଧକ୍କା ହେବା ଫଳରେ ୧୦ଜଣଙ୍କ ମୃତ୍ୟୁ ଘଟିଛି। ନୂଆପଡ଼ା ଜିଲା କୋମନାସ୍ଥିତ ବୈଷ୍ଣୋଦେବୀ ମନ୍ଦିରରୁ ଦର୍ଶନ ସାରି ଫେରୁଥିବାବେଳେ ଏହି ହୃଦୟ ବିଦାରକ ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲା ସାଁକରା ଗାଁର ଦୀନେଶ ଦଣ୍ଡସେନା (୫୫), ଚାନ୍ଦନୀ ଦଣ୍ଡସେନା (୪୫), ଭାରତୀ ଦଣ୍ଡସେନା (୧୭), ଧନଞ୍ଜୟ ଦଣ୍ଡସେନା(୧୫), ମେଘନାଦ ନିସାଦ (୪୨), ଘନଶ୍ୟାମ ନେତାମ (୨୯), ଡିଲେଶ୍ୱର ନେତାମ (୨୫), ମୀନା ନେତାମ (୧୨), ସୁରଜିତ ସିଂ ଛାୱାଡା (୪୫) ଏବଂ ମୁକେଶ ଅଗ୍ରୱାଲ(୩୨)। ମୃତକମାନେ ୫ ପରିବାରର ସଦସ୍ୟ।

ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲା ସାଁକରା ଗାଁର ୫ ପରିବାର ଏକ ବୋଲେରୋ ନୂଆପଡ଼ା ଜିଲା କୋମନାସ୍ଥିତ ବୈଷ୍ଣୋଦେବୀ ମନ୍ଦିର ଦର୍ଶନ କରିବାକୁ ଆସିଥିଲେ। ନବରାତ୍ରି ଅବସରରେ କୋମନା ବୈଷ୍ଣୋଦେବୀ ମନ୍ଦିରରେ ବହୁ ଭିଡ ଜମିଥିଲା। ପୂଜା ସାରି ଶ୍ରଦ୍ଧାଳୁମାନେ ରାତି ପ୍ରାୟ ୧ଟାରେ ବୋଲେରୋ (ନଂ.ସିଜି୦୬ଏଲ-୦୪୪୭) ଯୋଗେ ଛତିଶଗଡ଼ ଅଭିମୁଖେ ବାହାରିଥିଲେ। ହେଲେ ରାତି ପ୍ରାୟ ୨ଟା ସମୟରେ ସିଲଦା ନାଳ ନିକଟରେ ସାମନା ପଟୁ ଆସୁଥିବା ଏକ ଟ୍ରକ୍ (ନଂ. ସିଜି୦୪ଏମଏ-୭୩୦୦)ସହ ବୋଲୋରୋର ମୁହାଁମୁହିଁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ଏତେ ଭୟାନକ ଥିଲା ଯେ ଘଟଣାସ୍ଥଳରେ ୯ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ଭାରତୀ ନାମ୍ନୀ ☞ପୃଷ୍ଠା-୬


ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବୋଲେରୋ।

## # ମିଟୁ: ମହଙ୍ଗା ପଡ଼ିଲା ଯୌନ ଶୋଷଣ ଅଭିଯୋଗ

# ଇସ୍ତଫା ଦେଲେ ଆକବର

ନୂଆଦିଲ୍ଲୀ,୧୭।୧୦(ପି.ଟି.)

ଯୌନ ଶୋଷଣ ଆରୋପ ଶେଷରେ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କୁ ମହଙ୍ଗା ପଡ଼ିଛି। ଏକାଧିକ ଯୌନ ଉତ୍ପୀଡ଼ନ ଅଭିଯୋଗରେ ଛନ୍ଦିହୋଇ ବିବାଦ ଘେରକୁ ଟାଣି ହୋଇଯାଇଥିବା ଆକବର ଶେଷରେ ପଦ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପଦରୁ ବୁଧବାର ସେ ଇସ୍ତଫା ଦେଇଛନ୍ତି। ଆକବରଙ୍କ ଇସ୍ତଫାକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି।

ଇସ୍ତଫା ପରେ ଆକବର ଏକ ସଂକ୍ଷିପ୍ତ ବିବୃତିରେ କହିଛନ୍ତି, ସେ ବ୍ୟକ୍ତିଗତ ସ୍ତରରେ କୋର୍ଟରେ ନ୍ୟାୟ ପାଇଁ ଆବେଦନ କରିଛନ୍ତି। ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯାଇଛି। ତେଣୁ ସେ ଏହାକୁ ବ୍ୟକ୍ତିଗତ ସ୍ତରରେ ଚ୍ୟାଲେଞ୍ଜ କରି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଦେଶ ପାଇଁ ସେବା କରିବାକୁ ସୁଯୋଗ ଦେଇଥିବାରୁ ଏହି ଅବସରରେ ଆକବର ଉଭୟଙ୍କୁ ଧନ୍ୟବାଦ ଦେଇଛନ୍ତି। ଭାଜପାର ରାଜ୍ୟ ସଭା ସଦସ୍ୟ ତଥା ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏମ୍.ଜେ. ଆକବର ଆଫ୍ରିକୀୟ ରାଷ୍ଟ୍ର ନାଇଜେରିଆ ଯାଇଥିବାବେଳେ ତାଙ୍କ ବିରୋଧରେ ଗତ ୮ ତାରିଖରେ ଟୁଇଟର୍‌ରେ ପ୍ରଥମେ ଉଠିଥିଲା ସାଂଘାତିକ ଅଭିଯୋଗ। ୧୦ରୁ ୧୫ ବର୍ଷ ତଳେ ଆକବର ଏକାଧିକ ଖବରକାଗଜରେ ସମ୍ପାଦକ ଥିବାବେଳେ ତାଙ୍କ ସହକର୍ମୀ ଓ ଅଧସ୍ତନ ସାମ୍ବାଦିକାମାନଙ୍କୁ ଯୌନ ଶୋଷଣ କରିଥିବା ନେଇ ସେମାନେ # ମିଟୁ ଅଭିଯାନରେ ଅଭିଯୋଗ ଆଣିଥିଲେ। ସେ ରବିବାର ସକାଳେ ନୂଆଦିଲ୍ଲୀ ଫେରିବା ପରେ ଉକ୍ତ ଅଭିଯୋଗଗୁଡ଼ିକୁ ମିଥ୍ୟା ବୋଲି ☞ପୃଷ୍ଠା-୬


କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବର

**ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ପାର୍ବଣ ଶୁଭେଚ୍ଛା

ପବିତ୍ର ମହାନବମୀ ଓ ଦଶହରା ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଧରିତ୍ରୀର ଛୁଟି

ମହାନବମୀ ଓ ଦଶହରା ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ଅକ୍ଟୋବର ୧୮ ଓ ୧୯ ତାରିଖ (ଗୁରୁବାର, ଶୁକ୍ରବାର) ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ୨୧ ତାରିଖ ରବିବାର ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

ମାଛ ଦ୍ୱାରା ପାଦ ଚିକିତ୍ସା

## ଆଜିର ମନ୍ତବ୍ୟ

" ସୀମାପାର ଆତଙ୍କବାଦ ଦମନ ପାଇଁ ସର୍ଜିକାଲ୍ ଷ୍ଟ୍ରାଇକ୍ ଏକ ଉତ୍ତମ ବିକଳ୍ପ।

-ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ରଣବୀର ସିଂ, ନର୍ଦ୍ଦର୍ନ କମାଣ୍ଡ ମୁଖ୍ୟ

## କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବରରେ ଦେଶର ବାଣିଜ୍ୟ ନିୟଣ୍ଟ ଗତ ୫ ମାସର ସର୍ବନିମ୍ନ ସ୍ତର ୧୪ ବିଲିୟନ ଡଲାରରେ ରହିଛି। – ବାଣିଜ୍ୟ ମନ୍ତ୍ରଣାଳୟ

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
17.10.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 67 | 115 | 125 |
| DKL | 66 | 114 | 124 |
| BDK | 68 | 116 | 126 |
| BLS | 70 | 119 | 129 |
| ANG | 67 | 115 | 125 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers







ଫୁଲବାଣୀ


ପୁରୁଷୋତ୍ତମପୁର


କନିଷି: କଲ୍ୟାଣୀ ପୀଠ


ଜି.ଉଦୟଗିରି


ଦାରିଙ୍ଗିବାଡ଼ି


ହିଞ୍ଜିଳିକାଟୁ


ଚକାପାଦ


ଛତ୍ରପୁର: ରାମଚଣ୍ଡୀ ପୀଠ

# ଦୁର୍ଗାପୂଜାରେ ସବୁଠି ଉତ୍ସବମୁଖର

**ଫୁଲବାଣୀ ଅଫିସ, ୧୭।୧୦**

ତିତ୍‌ଲି ପ୍ରଭାବରେ ହୋଇଥିବା ପବନ ଏବଂ ବର୍ଷାରେ ଦୁର୍ଗାପୂଜା ଫିକା ପଡିବ ବୋଲି ଯାହା ଅନୁମାନ କରାଯାଉଥିଲା ତାହା ହୋଇନାହିଁ। କନ୍ଧମାଳ ଜିଲାରେ ମା'ଙ୍କ ପୂଜା ବହୁ ଧୁମ୍‌ଧାମରେ ଆରମ୍ଭ ହୋଇଛି। ବୁଧବାର ପୀଠମାନଙ୍କରେ ନବମୀ ପୂଜା ଶେଷ ହୋଇଥିବା ବେଳେ ବିଭିନ୍ନ ପୂଜା ମଣ୍ଡପରେ ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। କନ୍ଧମାଳ ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀଙ୍କ ପୀଠରେ ରିତୀନିତୀ ଅନୁସାରେ ପୂଜାପାଠ କରାଯାଇଥିଲା। ଫୁଲବାଣୀ ସହର ସମେତ ଫୁଲବାଣୀ ବ୍ଲକ ଏବଂ ଖଜୁରିପଡାର ବ୍ଲକର ବିଭିନ୍ନ ଗ୍ରାମରୁ ଅଧିକ ଭକ୍ତଙ୍କ ଗହଳି ଲାଗି ରହିଥିଲା। ସେହିପରି ସହରର ମାଦିକୁନ୍ଦା ଛକ, ଟ୍ୟାକ୍ସି ଷ୍ଟାଣ୍ଡ, ଆରଟିଓ ଅଫିସ ସମ୍ମୁଖ, ବସ୍ ଷ୍ଟାଣ୍ଡ, ସତ୍ୟସାହି, ଜଗନ୍ନାଥ ମନ୍ଦିର ପାଖ ଏବଂ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ବୁଧବାର ଅପରାହ୍ନରୁ ଦଶହରା ଉପଲକ୍ଷେ ସହରରରେ ଜନଗହଳି ହୋଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

**ଦାରିଙ୍ଗବାଡ଼ି, (ଡି.ଏନ.ଏ):** ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଏବଂ ଦାରିଙ୍ଗବାଡ଼ିଠାରେ ମା' ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ମଙ୍ଗଳବାର ମହାସପ୍ତମୀଠାରୁ ପୂଜାର୍ଚ୍ଚନା ଚାଲିଛି। ହୋମ, ଯଜ୍ଞ ସହ ଚଣ୍ଡିପାଠ କରାଯାଉଛି । ପୂଜା ମେଢ଼ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ବୁଧବାର ମହାଅଷ୍ଟମୀରେ ସକାଳେ ସୂର୍ଯ୍ୟପୂଜା, ବରୁଣ ପୂଜା, ନବପତ୍ରିକା ପୂଜା କରାଯିବା ସହ ଘୃତଯଜ୍ଞ ହୋଇଥିଲା । ଗୁରବାର ମହାନବମୀରେ ପୂର୍ଣ୍ଣାହୁତି କରାଯିବା ସହ କୁଷ୍ମାଣ୍ଡ ବଳି ଏବଂ ଦଶମୀରେ ଅପରାଜିତା ପୂଜା କରାଯିବ ବୋଲି ଦାରିଙ୍ଗବାଡି ଦୁର୍ଗା ମଣ୍ଡପର ପୂଜକ ବୁଲୁ ତ୍ରିପାଠୀ କହିଛନ୍ତି। ପୂଜା କମିଟିର ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ଲଡୁ କିଶୋର ସାହୁ, ଅଜିତ ସାହୁ ବଣିକ ସଂଘ ସଭାପତି ଅରୁଣ କୁମାର ସାହୁ, ସରୋଜ ସାହୁ, ରଞ୍ଜିତ ସେନାପତି ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ରବିବାର ସାମାଜିକ ନାଟକ ମଞ୍ଚସ୍ଥ ହେବ। ସେହିପରି ସିମନବାଡ଼ିଠାରେ ଭାଇଚାରାରେ ଏହି ପର୍ବ ପାଳନ କରାଯାଉଛି। ବୁଧବାର ମା' ପାଟଖଣ୍ଡାଙ୍କ ଆଜ୍ଞାମାଳ ପୂଜା ମଣ୍ଡପକୁ ଅଣାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଶୁକ୍ରବାର ଦଶମୀ ପୂଜା କରାଯିବ ବୋଲି ମୁଖ୍ୟ ପୂଜକ ସନ୍ତୋଷ କୁମାର ମିଶ୍ର କହିଛନ୍ତି। ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ପୂଜା କମିଟି ସଭାପତି ଜିତେନ୍ଦ୍ର ସାହୁ କହିଛନ୍ତି। କମିଟିର ଉପସଭାପତି ପରମେଶ୍ୱର ପ୍ରଧାନ, ମୋହନ ପ୍ରଧାନ, କେ. ଶଙ୍କର ନାରାୟଣ ଆଚାରୀ, ସରୋଜ ସାହୁ, ଅଶୋକ ବେହେରା, ଏସ.ନାଗେଶ୍ୱର ରାଓ ସୁବୁଦ୍ଧି,କେଦାରନାଥ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି।

## ରାମଚଣ୍ଡୀ ପୀଠରେ ନବରାତ୍ର ପୂଜା

**ଛତ୍ରପୁର,୧୭।୧୦(ଡି.ଏନ.ଏ)**

ଛତ୍ରପୁର ଉପକଣ୍ଠ ଗଞ୍ଜାମ ବ୍ଲକ ନୀଳାଦ୍ରିପୁର ନିକଟ ପାହାଡ ଉପରେ ଥିବା ମା' ରାମଚଣ୍ଡୀଙ୍କ ପୀଠରେ ନବରାତ୍ର ପୂଜା ଚାଲିଛି । ମଙ୍ଗଳବାର ମହାଷ୍ଟମୀ ଅବସରରେ ମା' ରାମଚଣ୍ଡୀ ମହାଗୌରୀ ବେଶରେ ପୂଜା ପାଇଥିଲେ। ସକାଳେ ବାଳ ଭୋଗ, ଆଳତି, ସୂର୍ଯ୍ୟ ପୂଜା, ମଧ୍ୟାହ୍ନରେ ରାଜ ଭୋଗ, ସନ୍ଧ୍ୟାରେ ଆଳତୀ, ହୋମ, ରାତିରେ ଚଣ୍ଡୀ ପାଠ ପରେ ମହାଭୋଗ ହେଉଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ମା'ଙ୍କ ଦର୍ଶନ ଲାଗି ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି ।

## ସଂକ୍ଷେପରେ

### ୪ ଜୁଆଡ଼ି କୋର୍ଟଚାଲାଣ

**ଗୋପାଳପୁର,୧୭।୧୦:** ଗୋପାଳପୁର ଥାନା ନୂଆ ଗୋଳାବନ୍ଧ ଗ୍ରାମର ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ ସହ ବୁଧବାର କୋର୍ଟଚାଲାଣ କରିଛି। ଉକ୍ତ ଥାନା ନୂଆଗୋଳାବନ୍ଧ ଗ୍ରାମରେ କିଛିଦିନ ହେଲା ଜୁଆଖେଳ ଚାଲିଥିବା ଖବର ପାଇ ମଙ୍ଗଳବାର ରାତ୍ର ୧୦.୩୦ ରେ ଥାନାଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ସେଠାରୁ ୪ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜୁଆଡ଼ିମାନେ ଚମ୍ପଟ ମାରିଥିଲେ। ତାଙ୍କଠାରୁ ୯ହଜାର ୬୫୦ ଟଙ୍କା ଜବତ ହୋଇଛି। ଏନେଇ ନଂ. ୧୩୨/୧୮ରେ ପୋଲିସ ମାମଲା ରୁଜୁ କରିଛି।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ବେଗୁନିଆପଡ଼ା,୧୭।୧୦(ଡି.ଏନ.ଏ.):** ବେଗୁନିଆପଡ଼ା ଫାଣ୍ଡି ଖଣ୍ଡିଆନଇ ପଞ୍ଚାୟତ ତିରିଡ଼ା ଗ୍ରାମରେ ବୁଧବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗନ୍ତେଇ ସାହୁ (୮୧)। ଗନ୍ତେଇ ସକାଳ ୮ଟାରେ ଗାଧୋଇବା ପାଇଁ ବାଘମାରି ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଉକ୍ତ ପୋଖରୀରେ ଏକ ମୁଣ୍ଡ ଭାସୁଥିବା ଦେଖିବାକୁ ମିଳିଥିଲା। ପରେ ତାଙ୍କୁ ଉକ୍ତ ପୋଖରୀରୁ ଉଦ୍ଧାର କରାଯାଇଥିଲା। ସେତେବେଳକୁ ସେ ମୃତ୍ୟୁବରଣ କରିଥିଲେ।

### ସଉରା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ପଦାଧିକରୀଙ୍କ ଯୋଗଦାନ



**ଚନ୍ଦ୍ରଗିରି,୧୭।୧୦(ଡି.ଏନ୍.ଏ.):** ମୋହନା ବ୍ଲକ ଚନ୍ଦ୍ରଗିରି ସଉରା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ପଦାଧିକାରୀ ଭାବେ ଦମିନିକ ଟପ୍ପୋ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ସମ୍ବଲପୁର ଜିଲା କୁଚିଣ୍ଡାରେ ଅତିରିକ୍ତି ଜିଲା ମଙ୍ଗଳ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସୋମବାର କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଟପ୍ପୋ ଆଲୋଚନା କରିଥିଲେ। ଏଠାରେ ସେପ୍ଟେମ୍ବର ୨୬ରେ ସ୍ୱତନ୍ତ୍ର ପଦାଧିକାରୀ ଭାବେ ସମ୍ବଲପୁରରୁ ସନ୍ତୋଷ କୁମାର ପ୍ରଧାନ ଯୋଗ ଦେଇଥିଲେ। କିନ୍ତୁ ତାଙ୍କ ଦେହ ଅସୁସ୍ଥ ହେବାରୁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ୯ ରେ ତାଙ୍କର ସେଠାରେ ମୃତ୍ୟୁ ଘଟିଛି।

## ବାତ୍ୟା କ୍ଷତିଗ୍ରସ୍ତଙ୍କୁ ୧ ହଜାର ଟଙ୍କା, ୫୦ କେଜି ଚାଉଳ ବଣ୍ଟନ

**ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକର ଆର.ଉଦୟଗିରି ପଞ୍ଚାୟତରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ତିତ୍‌ଲି ବାତ୍ୟା କ୍ଷତିଗ୍ରସ୍ତ ପ୍ରତି ପରିବାରକୁ ୧ ହଜାର ଟଙ୍କା ସହ ୫୦ କେଜି ଚାଉଳ ବୁଧବାର ବଣ୍ଟନ କରାଯାଇଛି। ଆର.ଉଦୟଗିରି ବିଡିଓ ପ୍ରଦୀପ କୁମାର ନାୟକ, ଡିଡବ୍ଲ୍ୟୁ ସନ୍ତୋଷ କୁମାର ରଥ, ଭୁବନେଶ୍ୱର ଡେପୁଟି ସେକ୍ରେଟାରୀ ମିଶନ ସ୍ମୃତି,


ବିଡିଓ ଚାଉଳ ସହ ଟଙ୍କା ପ୍ରଦାନ କରୁଛନ୍ତି ।

ବିନୋଦ କୁମାର ଜେନା ପ୍ରମୁଖ ଯୋଗଦେଇ ଆର.ଉଦୟଗିରି ପଞ୍ଚାୟତ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ବ୍ଲକର ୧୮ଟି ପଞ୍ଚାୟତର ୧୫ ହଜାର ୪ ଶହ ୪୩ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଓ ଚାଉଳ ବଣ୍ଟନ କରାଯାଇଛି ବୋଲି ବିଡିଓ ନାୟକ କହିଛନ୍ତି। ଏଥିରେ ସ୍ଥାନୀୟ ସରପଞ୍ଚ ସଞ୍ଜୁକ୍ତା ପୂଜାରୀ, ବ୍ଲକ ଉପାଧ୍ୟକ୍ଷ ନବୀନ ର ଇତ, ପିଇଓ କାର୍ତ୍ତିକ ଚନ୍ଦ୍ର ରଇକା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ

**ବୁଗୁଡ଼ା,୧୭।୧୦(ଡି.ଏନ.ଏ.):** ବୁଗୁଡ଼ା ପିପୁଲ୍ସ କଲେଜ ଜାତୀୟ ସେବା ଯୋଜନା (ଏନଏସଏସ) ୟୁନିଟ-୩ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ୟୁନିଟ-୩ର ପ୍ରୋଗ୍ରାମ ଅଧିକାରୀ ଅନିତା ଦେବୀଙ୍କ ତତ୍ତ୍ୱାବଧାନରେ ୨୫ ଛାତ୍ରୀ ଝାଡୁ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସର୍ବଦା ପରିଷ୍କାର ରଖିବାକୁ ଲୋକଙ୍କୁ ସଚେତନ କରିଥିଲେ ।

## ଘୋଡ଼ାହାଡ଼ ଡ୍ୟାମ ପରିଦର୍ଶନ କଲେ ଉଠା ଜଳସେଚନ ମୁଖ୍ୟଯନ୍ତ୍ରୀ

**ଦିଗପହଣ୍ଡି,୧୭।୧୦(ଡି.ଏନ୍.ଏ.)**

ରାଜ୍ୟ ଜଳ ସମ୍ପଦ ବିଭାଗ ବୃହତ୍ ଉଠା ଜଳସେଚନ ମୁଖ୍ୟଯନ୍ତ୍ରୀ ଇଂ. ଗୌରୀ ଶଙ୍କର କର ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଦିଗପହଣ୍ଡି ବ୍ଲକ ଘୋଡ଼ାହାଡ଼ ଡ୍ୟାମ ଓ ମୁଖ୍ୟ କେନାଲ ପରିଦର୍ଶନ କରି ଫେରିଛନ୍ତି। ତିତ୍‌ଲି ପ୍ରଭାବରେ ଘଟିଥିବା ବନ୍ୟା ପରିସ୍ଥିତି ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବମକେଇ କେନାଲ ଡିଷ୍ଟ୍ରିବ୍ୟୁଟର ପଏଣ୍ଟ ସମେତ ବିଭିନ୍ନ ଶାଖା କେନାଲ ସେ ବୁଲି ଦେଖିଥିଲେ। ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ଜଗନ୍ନାଥ ପଣ୍ଡା, ସହକାରୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ, ଇଂ. କ୍ଷୀରୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପୁରିଆସାହି, କଳିଙ୍ଗଦଳା ଓ ବଗୀ ନଦୀର ପୁନରୁଦ୍ଧାର ଦାବିକଲା ମନୁସେନା

**ପାତ୍ରପୁର,୧୭।୧୦(ଡି.ଏନ୍.ଏ.)**

ତିତ୍‌ଲି ବାତ୍ୟାର ୬ଦିନ ପରେ ମଧ ପାହାଡ଼ ଉପରେ ଥିବା ତୁମ୍ବା, ବୁରାତାଲ, ଆଙ୍କୁଲି ପଞ୍ଚାୟତବାସୀଙ୍କ ପାଖରେ ରିଲିଫ ପହଞ୍ଚି ପାରି ନାହିଁ। ଏଭଳି ସ୍ଥଳେ ପ୍ରଶାସନ କାଗଜ କଲମରେ ରିଲିଫ ବଣ୍ଟନ କରୁଥିବା ମନୁସେନା ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ବାତ୍ୟା ଓ ପରବର୍ତ୍ତୀ ବନ୍ୟାକୁ ନେଇ ପ୍ରଶାସନ ପ୍ରସ୍ତୁତ ନ ଥିବାରୁ ପାହାଡ଼ ଉପରେ ଥିବା ଗାଁର ୫ ରୁ ଉର୍ଦ୍ଧ୍ୱ ଆଦିବାସୀ ମୃତ୍ୟୁବରଣ କରିଥିବା ଅଭିଯୋଗ କରିଥିଲେ। ବିଭିନ୍ନ ସ୍ଥାନରେ ହୋଇଥିବା ନିମ୍ନ ମାନର ଚେକ୍‌ଡ୍ୟାମ ଓ ଜଳସେଚନ ପ୍ରକଳ୍ପର କାମକୁ ତିତ୍‌ଲି ଚପାଇଦେଲା ବୋଲି ଅଭିଯୋଗ କରିବା ସହ ସରକାର ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଦେବାକୁ ଘୋଷଣା କରିଥିବା କୌଣସି ଗୋଟିଏ ଜାଗାରେ ମଧ ରନ୍ଧାଖାଦ୍ୟ ମିଳୁନି। ଜିଲାରୁ କୌଣସି କର୍ମଚାରୀଙ୍କ ଦ୍ୱାରା ରିଲିଫ ବାଣ୍ଟିବାକୁ ମନୁସେନା ଦାବି କରିଛି। ପାତ୍ରପୁର ବ୍ଲକର ଚାଷୀଙ୍କ ମେରୁଦଣ୍ଡ କୁହାଯାଉଥିବା ପୁରିଆସାହି ଡ଼୍ୟାମ, କଳିଙ୍ଗ ଦଳା ଡ଼୍ୟାମ ବଗୀ ନଦୀର ନବୀକରଣ ଓ ପୁନରୁଦ୍ଧାର ଦାବି କରିଛି ମନୁସେନା। କ୍ଷତି ପୂରଣ ମିଳିବାରେ ପାତର ଅନ୍ତର ହୁଏ ତେବେ ମନୁସେନା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଖବରଦାତା ସମ୍ମୀଳନୀରେ ବିଜେପି ଯୁବ ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା, ଉପଦେଷ୍ଟା ତ୍ରିନାଥ ମିଶ୍ର, ଦେବଦତ୍ତ ପଣ୍ଡା ଓ ରାମ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## କେରଳ ବନ୍ୟା ବିପନ୍ନଙ୍କୁ ପାଷ୍ଟର ସଂଘର ସହାୟତା

**ଦାରିଙ୍ଗବାଡ଼ି,୧୭।୧୦(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ପାଷ୍ଟର ସଂଘ ପକ୍ଷରୁ କେରଳ ବନ୍ୟାବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିପତ୍ତି କାଳୀନ ପାଣ୍ଠି ଜରିଆରେ ୫୧ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ଦାରିଙ୍ଗବାଡ଼ି ପାଷ୍ଟର ସଂଘ ସଭାପତି ସୁନିଲ କୁମାର ପ୍ରଧାନ କହିଛନ୍ତି। ଏଥିରେ ଦାରିଙ୍ଗବାଡ଼ିବାସୀଙ୍କ ଅବଦାନ ରହିଥିବା ସଂଘ ପକ୍ଷରୁ କୁହାଯାଇଛି । ସଂଘ ଉପସଭାପତି ସୁକାନ୍ତ ନାୟକ, ସମ୍ପାଦକ ସନାତନ ପ୍ରଧାନ, ସହସମ୍ପାଦକ ଜୋହନ ଦିଗାଳ, କୋଷାଧ୍ୟକ୍ଷ ମନକ୍ସ୍ୟର ପ୍ରଧାନ, ଉପଦେଷ୍ଟା କମିଟି ସଦସ୍ୟ ତପନକାନ୍ତ ଦିଗାଳ, ଦୁର୍ବାସା ମଲ୍ଲିକ, ଚିତ୍ରସେନ ପ୍ରଧାନ, ପାଇରସ ପ୍ରଧାନ, ଜନାଥନ ନାୟକ, ଶରତ ଚନ୍ଦ୍ର ପ୍ରଧାନ, ଲେବିୟ ରଇତ ପ୍ରମୁଖ ସହଯୋଗ କରିଥିଲେ ।

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଫିସ ଆଗରେ ଠିକାଦାରଙ୍କ ଧାରଣା

**ଗଞ୍ଜାମ,୧୭।୧୦(ଡି.ଏନ.ଏ.)**

ଗଞ୍ଜାମ ଏନ୍‌ଏସିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାରମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଏନ୍‌ଏସି ପ୍ରଶାସନ ପକ୍ଷରୁ ବିଲ୍ ହେଉ ନ ଥିବା ଠିକାଦାରମାନେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ବୁଧବାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ ଗଞ୍ଜାମ ଠିକାଦାର ସଂଘ କର୍ମକର୍ତ୍ତା। ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ. ନୀଳକଣ୍ଠ ନାଇଡୁ ଆସି ଠିକାଦାର ପୂର୍ଣ୍ଣଚନ୍ଦ୍ର ଦଳାଇ, ଗିରିଜା ଶଙ୍କର ମହାପାତ୍ର, ସୁରେଶ ପଣ୍ଡା, ଦେବ ରେଡ୍ଡୀ, ମନୋଜ ସାହୁ, ଆଶିଷ କୁମାର ବେହେରାଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୫ ଦିନ ମଧରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପର ବିଲ ପୈଠ ବ୍ୟବସ୍ଥା କରିବାକୁ ଠିକାଦାରମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଠିକାଦାର ଗିରିଜା ମହାପାତ୍ର ସୂଚନା ଦେଇଛନ୍ତି। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ନାଇଡୁଙ୍କୁ ପଚାରିବାରୁ, ଉପଜିଲାପାଳଙ୍କ ଅଭିଯୋଗ ସମ୍ପର୍କରେ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।


ଇଓଙ୍କ କାର୍ଯ୍ୟାଳୟ ଆଗରେ ଠିକାଦାରଙ୍କ ଧାରଣା।

**ଗଞ୍ଜାମ ଏନ୍‌ଏସି**




■ ଅର୍କକ୍ଷେତ୍ରରେ କଳଙ୍କିତ ଘଟଣା

# ବନ୍ଦ ଘରେ ଯୁବତୀଙ୍କୁ ୧୦ ଦିନ ଗଣବଳାତ୍କାର

କୋଣାର୍କ, ୧୭।୧୦(ଡି.ଏନ.ଏ.)

■ ତାଲା ଭାଙ୍ଗି ଉଦ୍ଧାର କଲା ପୋଲିସ
■ ଚାକିରି ପ୍ରଲୋଭନ ଦେଖାଇ ହାଓଡାରୁ ଆଣିଥିଲେ ଦଲାଲ
■ ନିୟମିତ ବଳାତ୍କାର କରୁଥିଲେ ୧୨ ଯୁବକ
■ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଅର୍କକ୍ଷେତ୍ର କୋଣାର୍କରେ ଘଟିଛି କଳଙ୍କିତ ଘଟଣା। ଜଣେ ବଙ୍ଗୀୟ ଯୁବତୀଙ୍କୁ ୧୦ ଦିନ ଧରି ଏକ ବନ୍ଦ କୋଠରିରେ ରଖି ଗଣବଳାତ୍କାର କରାଯାଇଛି। ନିୟମିତ ୧୨ ଜଣ ଯୌନପୀପାସୁ ଉକ୍ତ ଯୁବତୀଙ୍କୁ ବଳାତ୍କାର କରିଆସୁଥିବାବେଳେ ବୁଧବାର ପୋଲିସ ତାଙ୍କୁ ଉଦ୍ଧାର କରିଛି। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ପ୍ରଥମେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ପୋଲିସ ସୂଚନା ମୁତାବକ, ଯୁବତୀଙ୍କ ଘର ପଶ୍ଚିମବଙ୍ଗର ହାଓଡାରେ। କୋଣାର୍କ ଅଞ୍ଚଳରେ ଦେହ ବ୍ୟବସାୟ ଚଳାଉଥିବା ଦୁଇ ଜଣ ଦଲାଲ ଚାକିରି ପ୍ରଲୋଭନ ଦେଖାଇ ତାଙ୍କୁ ବର୍ଷେ ତଳେ ଏଠାକୁ ଆଣିଥିଲେ। ପରେ ଏଠାରେ ତାଙ୍କୁ ଜୋର ଜବରଦସ୍ତି ଦେହ ବ୍ୟବସାୟରେ ଲଗାଇଥିଲେ। ଯୁବତୀ ଜଣକ ପ୍ରତିବାଦ କଲେ ମଧ୍ୟ ଦଲାଲମାନେ ତାଙ୍କୁ ଧମକ ଦେଇ ନଜରବନ୍ଦୀରେ ରଖି ଦେହ ବ୍ୟବସାୟ କରାଉଥିଲେ। ଗତ ୧୦ ଦିନ ହେବ ଯୁବତୀଙ୍କୁ କୋଣାର୍କ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଥିବା ନୂତନ ୩ ମହଲା କୋଠାର ଏକ କୋଠରିରେ ତାଲା ପକାଇ ରଖିଥିଲେ। ନିୟମିତ ୧୦ରୁ ୧୨ ଯୁବକ ଉକ୍ତ ଘରେ ତାଙ୍କୁ ବଳାତ୍କାର କରୁଥିଲେ ବୋଲି ଯୁବତୀ ଜଣକ କହିଛନ୍ତି। ଏପରି କି ତାଙ୍କ ଶରୀର ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କୁ ଗ୍ରାହକଙ୍କ ସହ ଦେହ ବ୍ୟବସାୟ କରିବାକୁ ବାଧ୍ୟ କରାଯାଉଥିଲା। ବୁଧବାର ସେ ଜ୍ୱରରେ ଆକ୍ରାନ୍ତ ଥିବା ସହ ମାତ୍ରାଧିକ ଅସୁସ୍ଥ ଥିଲେ। କିନ୍ତୁ ଦଲାଲମାନେ ତାଙ୍କୁ ଉକ୍ତ କାର୍ଯ୍ୟ କରିବାକୁ ବାଧ୍ୟ କରିଥିଲେ। ସେ ବିରୋଧ କରିବାରୁ ଦଲାଲଦ୍ୱୟ ତାଙ୍କଠାରୁ ମୋବାଇଲ ଫୋନ ଛଡାଇନେବା ସହ ଶାରୀରିକ ନିର୍ଯାତନା ଦେଇଥିଲେ। ଏହାପରେ କେହି ନ ଥିବା ସମୟରେ ପୀଡ଼ିତା ଛାତ ଉପରକୁ ଚାଲିଯାଇ ଚିତ୍କାର କରିବା ସହିତ ତଳକୁ ଡେଇଁବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି କୋଣାର୍କ ପୋଲିସ ଏବଂ ଚମ୍ପାହର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉକ୍ତ ୩ମହଲା କୋଠାର ଗେଟ୍ ତାଲା ଭାଙ୍ଗି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ସେଠାରୁ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପୁରୀ ପଠାଯାଇଥିଲା। କୋଣାର୍କ ଭଳି ପର୍ଯ୍ୟଟନ କ୍ଷେତ୍ରରେ ଏଭଳି କଳଙ୍କିତ ଘଟଣାକୁ ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି। ଏଠାରେ ଅନେକ ଲଜ୍‌ରେ ଦେହ ବ୍ୟବସାୟ ସହ ବହୁ ଅନୈତିକ କାର୍ଯ୍ୟ ଚାଲୁଛି। ପୋଲିସ ପକ୍ଷରୁ ନିୟମିତ ଚଢାଉ କରାଯାଉ ନ ଥିବାରୁ ଏହା ଉପରେ ରୋକ ଲଗାଯାଇ ପାରୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। କୋଣାର୍କ ଥାନା ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ କହିଛନ୍ତି, ପୀଡ଼ିତାଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଞ୍ଚଳରେ ଦେହ ବ୍ୟବସାୟ କିପରି ବନ୍ଦ ହୋଇପାରିବ ସେଥିଲାଗି ଏଣିକି ପୋଲିସ ପକ୍ଷରୁ ନିୟମିତ ଚଢ଼ାଉ କରାଯିବ।

# ପୁଣି କ୍ଷମା ମାଗିଲେ ଅଭିଜିତ୍ ଆୟର

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

**ଆପତ୍ତିଜନକ ମନ୍ତବ୍ୟ**
■ ୨୩ରେ ଗୃହ କମିଟିରେ ହାଜର ହେବେ



କୋଣାର୍କ ଓ ପୁରୀ ଶ୍ରୀମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଜିତ୍ ଆୟର ମିତ୍ର ନିଜ ଭୁଲ ପାଇଁ ପୁଣିଥରେ କ୍ଷମା ମାଗିଛନ୍ତି। ସେ ଇ-ମେଲ୍ ଯୋଗେ ବିଧାନସଭା ଗୃହ କମିଟି ନିକଟକୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏଥିସହିତ ସେ ବ୍ୟକ୍ତିଗତ ଭାବେ ବିଧାନସଭା ଗୃହ କମିଟି ସମ୍ମୁଖରେ ଅକ୍ଟୋବର ୨୩ ତାରିଖରେ ହାଜର ହେବେ। ଅଭିଜିତ୍ ଏକ ଖବର ସରବରାହ ସଂସ୍ଥାକୁ ସୂଚନା ଦେଇ ସେ କହିଛନ୍ତି ଯେ, ଓଡିଶାରେ ବହୁ ମୂଲ୍ୟବାନ ଐତିହ୍ୟ ରହିଛି। ଓଡିଶା ପ୍ରତି ମୋର ବହୁ ସମ୍ମାନ ରହିଛି। ଭାରତ ଇତିହାସରେ ଓଡ଼ିଶାର ଆନ୍ଦୋଳନ ଗୁରୁତ୍ୱପୂର୍ଣ୍ଣ ଥିଲା। ଅଶୋକଙ୍କ ସମୟରେ ଭାରତୀୟ ସଂସ୍କୃତି କ୍ଷେତ୍ରରେ ଓଡିଶାର ଅବଦାନ ଅତୁଳନୀୟ ଥିଲା। ସେଥିପାଇଁ ମୁଁ ଓଡ଼ିଶା ଯାଇଥିଲି। ଯଦି ମୋ ଭିଡିଓ ମାଧ୍ୟମରେ ମୁଁ କାହାକୁ ଆଘାତ ଦେଇଥିବି ତେବେ ସେଥିପାଇଁ ମୁଁ କ୍ଷମାପ୍ରାର୍ଥନା କରୁଛି। କାହାକୁ ଆଘାତ ଦେବା ମୋର ଉଦ୍ଦେଶ୍ୟ ନ ଥିଲା ବୋଲି ଆୟର ଉଲ୍ଲେଖ କରିଛନ୍ତି। ମୋ ଟୁଇଟର ଆକାଉଣ୍ଟ ଏକ କୌତୂହଳ ଆକାଉଣ୍ଟ। ଏହାକୁ ପେସାଦାର କ୍ଷେତ୍ରରେ ବ୍ୟବହାର କରେ ନାହିଁ। ମୁଁ ଜଣେ ଶିକ୍ଷାବିତ୍ । ଯଦି କେହି ମୋର ଗବେଷଣାତ୍ମକ ଲେଖା ପଢିଥିବେ ସେମାନେ ଓଡିଶାକୁ ପ୍ରଶଂସା କରିବା ଭଳି ବହୁ ଲେଖା ଦେଖିଥିବେ। ଏଭଳି ଲେଖା ମଧ୍ୟ ଆଜି ବି ଜାରି ରଖିଛି। ବହୁ ଖରାପ କଥା ମୁଁ ମୁଖ୍ୟମନ୍ତ୍ରୀ ଏବଂ ବିଧାନସଭା ବିଷୟରେ କହିଛି। ମୁଁ ବହୁତ ଚାପରେ ରହିଛି। ବିନା ସର୍ତ୍ତରେ କ୍ଷମା ମାଗିବି ବୋଲି ଆୟର କହିଛନ୍ତି। ସୂଚନାଯୋଗ୍ୟ ଯେ, ଅକ୍ଟୋବର ୧୧ରେ ଇ-ମେଲ ଯୋଗେ ମିତ୍ର ନିଜର କ୍ଷମାପତ୍ର ବିଧାନସଭା ବାଚସ୍ପତିଙ୍କ ନିକଟକୁ ପଠାଇଥିଲେ। ଅରୁଚିକର ମନ୍ତବ୍ୟ ଦେଇଥିବା ଆୟରଙ୍କୁ ହାଜର ହେବାକୁ ବିଧାନସଭା ଗୃହ କମିଟି ସେପ୍ଟେମ୍ବର ୨୮ରେ ନିଷ୍ପତ୍ତି ନେଇଥିଲା। ଅକ୍ଟୋବର ୧୧ ତାରିଖ ସକାଳ ୧୧ଟା ବେଳେ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇଥିଲା। ବାତ୍ୟା ଯୋଗୁ ସେ ଆସି ନ ଥିଲେ। ଦଳଗତ ନିର୍ବିଶେଷରେ ଅଭିଜିତ୍‌ଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗତ ବିଧାନସଭା ଅଧିବେଶନରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଛି। କମିଟି ଏହାର ଅନୁଧ୍ୟାନ କରୁଛି। ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି।

# ପୁରୀ ହିଂସା: ଗିରଫଦାରି ୮୨ ଛୁଇଁଲା

ପୁରୀ ଅଫିସ, ୧୭।୧୦: ପୁରୀ ବନ୍ଦ ବେଳେ ଘଟିଥିବା ହିଂସା ଘଟଣାରେ ପୋଲିସର ଗିରଫଦାରି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ୮୦ ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ବୁଧବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଟିମଣ୍ଡପ ସାହିର ରୂପେଶ କୁମାର ଦାସ ଏବଂ ଲୋକନାଥ ରୋଡର ଜଗନ୍ନାଥ ମିଶ୍ର। ଗିରଫ ଦ୍ୱୟଙ୍କ ଜାମିନ ଆବେଦନ ଖାରଜ ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ବିରୋଧ କରି ଗତ ୩ତାରିଖ ପୁରୀ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ପାଳନ ବେଳେ ହିଂସା ଘଟିଥିଲା। ଏହି ଘଟଣାରେ ସିଂହଦ୍ୱାର ଓ ଟାଉନ ଥାନାରେ ୧୮ଟି କେସ୍ ରୁଜୁ ହୋଇଛି। ସିଂହଦ୍ୱାର ଥାନାରେ ରୁଜୁ କେସ୍ (୮୫/୧୮)ରେ ପୋଲିସ ୨ଜଣଙ୍କୁ ଗିରଫ କରିଛି।











Puja Quiz- 2018
Quiz No.6

Main Sponsor
TVS

Co-Sponsors
CENTRAL
Nikon

☑ Tick mark the box which is correct

୧. ଭାରତରେ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରୋଜେକ୍ଟ କାହା ସହ ସମ୍ପୃକ୍ତ ?
କ. ରେଳପଥ ☐ ଖ. ସଡ଼କ ପଥ ☐ ଗ. ଖଣିଜ ☐ ଘ. କେଉଁଟି ନୁହେଁ ☐

୨. ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଦ୍ୱାରା ପ୍ରେରିତ ପ୍ରଥମ ଉପଗ୍ରହର ନାମ ?
କ. ଭାସ୍କର ☐ ଖ. ଆର୍ଯ୍ୟଭଟ୍ଟ ☐ ଗ. ରୋହିଣୀ ☐ ଘ. କେଉଁଟି ନୁହେଁ ☐

୩. ନିମ୍ନଲିଖିତ ମଧ୍ୟରୁ କାହାକୁ ''ସିଟି ଅଫ୍ ସେଭେନ୍ ଆଇସ୍‌ଲ୍ୟାଣ୍ଡ'' କୁହାଯାଏ ?
କ. ଦିଲ୍ଲୀ ☐ ଖ. ମୁମ୍ବାଇ ☐ ଗ. କୋଲକାତା ☐ ଘ. କେଉଁଟି ନୁହେଁ ☐

୪. ହାଇଦ୍ରାବାଦ ସହର କେଉଁ ନଦୀ କୂଳରେ ଅବସ୍ଥିତ ?
କ. ତାପ୍ତି ☐ ଖ. ମୁସି ☐ ଗ. ଗୋଦାବରୀ ☐ ଘ. କେଉଁଟି ନୁହେଁ ☐

୫. ଆଫଗାନିସ୍ତାନ କେଉଁ ନଦୀ କୂଳରେ ଅବସ୍ଥିତ ?
କ. ଇଣ୍ଡସ୍ ☐ ଖ. କାବୁଲ୍ ☐ ଗ. ନାଇଲ୍ ☐ ଘ. କେଉଁଟି ନୁହେଁ ☐

Participant's Name:........................................
Address:........................................
........................................
Education ........................................
Mobile........................................Age:............
E-mail:........................................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 6
B-15, Industrial Estate, Rasulgarh, Bhubaneswar-10






ଧରିତ୍ରୀ
DHARITRI
ଗୁରୁବାର, ୧୮ ଅକ୍ଟୋବର, ୨୦୧୮

> ପ୍ରତି ମୁହୂର୍ତ୍ତରେ ଯାହା ସବୁଠାରୁ ଭଲ ବୋଲି ଜଣାଯାଏ- ତାହା ହିଁ କର ଏବଂ କର୍ମଫଳ ଭଗବାନଙ୍କ ହାତରେ ଛାଡିଦିଅ। ତା'ହେଲେ ଯାଇ ତୁମେ ଶାନ୍ତି, ସୁଖ, ଶକ୍ତି, ଉନ୍ନତି ଓ ପରମପୂର୍ଣ୍ଣତା ଲାଭ କରିବାର ନିଶ୍ଚିତ ବାଟ ପାଇଯିବ। -ଶ୍ରୀମା



# ମାଛଦ୍ୱାରା ପାଦ ଚିକିତ୍ସା



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

କିଛିମାସ ତଳେ ଜଣେ ଯୁବତୀ ନ୍ୟୁୟର୍କରେ ତାଙ୍କ ଡାକ୍ତରଙ୍କ ପାଖକୁ ଯାଇଥିଲେ। ଛଅମାସ ହେଲା ତାଙ୍କ ପାଦ ନଖଗୁଡ଼ିକ କଳାପଡ଼ି ଝଡ଼ିଯାଉଥିଲା। ତାଙ୍କ ପରିବାରରେ ଏମିତି ସମସ୍ୟା ଆଉ କାହାର ନାହିଁ ଏବଂ ତାଙ୍କର ମଧ୍ୟ ଅନ୍ୟ କୌଣସି ରୋଗ ନାହିଁ ବା ଏପରି ଭାବେ ନଖ ପଚିବାର ପାରିବାରିକ ଇତିହାସ ନାହିଁ। ପରୀକ୍ଷାରୁ ଜଣାପଡ଼ିଲା ଯେ, ଛଅମାସ ତଳେ ସେ ମାଛ ଦ୍ୱାରା ପାଦ ଚିକିତ୍ସା (ଫିଶ୍ ପେଡିକିଓର) କରାଇଥିଲେ। ମାଛ ହିଁ ତାଙ୍କ ନଖର ମଞ୍ଜିଭାଗରେ (ଯେଉଁଠୁ ନଖ କଅଁଳେ) କ୍ଷତ ସୃଷ୍ଟି କରିଛି। ଫଳରେ ଓନିକୋମାଡେସିସ୍ (ନଖପଚା ରୋଗ) ସୃଷ୍ଟି ହୋଇଛି ଓ ନଖ କଳାପଡ଼ି ଝଡ଼ିଯାଉଛି। ଆଗକୁ ପରିସ୍ଥିତି ଆହୁରି ଖରାପ ହୋଇପାରେ। ପଚାନଖ ତଳେ ସମାନ୍ତରାଳ ଗର୍ତ୍ତ ସୃଷ୍ଟି ହୋଇପାରେ। ତେବେ ଫିଶ୍ ପେଡିକିଓରଜନିତ ଏହା ଏକମାତ୍ର ସମସ୍ୟା ନୁହେଁ। ଏହାଦ୍ୱାରା ଷ୍ଟାଫିଲୋକୋକସ୍ ଅରିୟସ୍ ପରି ଅନ୍ୟ ଜୀବାଣୁଜନିତ ସଂକ୍ରମଣ ମଧ୍ୟ ହୋଇଥାଏ।

ଷ୍ଟାଫିଲୋକୋକସ୍ ଅରିୟସ୍ ହେଉଛି ଏକ ବୀଜାଣୁ, ଯାହା ସାଧାରଣ ଚର୍ମ ସଂକ୍ରମଣଠାରୁ ଆରମ୍ଭ କରି ନିମୋନିଆ, ମେନିନ୍‌ଜାଇଟିସ୍, ଅଷ୍ଟିଓମ୍‌ଭେଲାଇଟିସ୍, ଏଣ୍ଡୋକାଡାଇଟିସ୍, ଟକ୍ସିକ୍ ଶକ୍ ସିଣ୍ଡ୍ରୋମ୍, ବ୍ୟାକ୍ଟେରିମା ଓ ସେପ୍ସିସ୍ ପରି ଘାତକରୋଗ ସୃଷ୍ଟି କରିପାରେ। ପ୍ରାୟ ୨୦ରୁ ୩୦% ଲୋକଙ୍କ ଭିତରେ ଷ୍ଟାଫିଲୋକୋକସ୍ ଅରିୟସ୍ ସଂକ୍ରମଣ ଦେଖିବାକୁ ମିଳେ। ଏହି ବୀଜାଣୁ ଚର୍ମ ଓ ନରମ ପେଶୀକୁ ସଂକ୍ରମିତ କରନ୍ତି। ବିଶେଷତଃ ଚର୍ମରେ ଖଣ୍ଡିଆ ହେଲେ ଏହି ବୀଜାଣୁ ଭିତରେ ପଶି ତାଙ୍କ କାମ କରନ୍ତି। ଏହି ବୀଜାଣୁ ଜଣଙ୍କ ଦେହରୁ ଅନ୍ୟ ଜଣଙ୍କ ପାଖକୁ ସଂକ୍ରମିତ ହୋଇପାରେ।

ଷ୍ଟାଫିଲୋକୋକସ୍ ଅରିୟସ୍ ମଣିଷର ଚର୍ମ ତଳେ ବର୍ଷ ବର୍ଷ ଧରି ନିଷ୍କ୍ରିୟ ରହିପାରେ। ଥରେ ଲକ୍ଷଣ ପ୍ରକାଶ ପାଇବା ପରେ ଯଦି ଚିକିତ୍ସା କରା ନ ଯାଏ, ତେବେ ଏହା ମାରାତ୍ମକ ହୋଇପାରେ। ଏହି ବୀଜାଣୁ ରକ୍ତସ୍ରୋତରେ ପ୍ରବେଶ କଲେ ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରିପାରନ୍ତି। ଆଣ୍ଟିବାୟୋଟିକ୍ସ ଦ୍ୱାରା ଚିକିତ୍ସା କରା ନ ଗଲେ ଏହି ବୀଜାଣୁଜନିତ ମୃତ୍ୟୁ ହାର ୮୦ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ। ଆଣ୍ଟିବାୟୋଟିକ୍ସ ଦ୍ୱାରା ଚିକିତ୍ସା କରାଗଲେ ମୃତ୍ୟୁ ହାର ରୋଗୀର ବୟସ ଓ ସ୍ୱାସ୍ଥ୍ୟ ଭେଦରେ ୧୫ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ। କିନ୍ତୁ ଏହି ବୀଜାଣୁ ଏବେ ପ୍ରାୟ ଆଣ୍ଟିବାୟୋଟିକ୍ସ ପ୍ରତିରୋଧୀ ହୋଇସାରିଲାଣି।

ମାଇକ୍ରୋବ୍ୟାକ୍ଟେରିଓସିସ୍ ହେଉଛି ଏକ କ୍ରନିକ୍ ରୋଗ, ଯାହା ମାଛ ଚାଷ କରାଯାଉଥିବା ପୋଖରୀରେ ମାଛଙ୍କଠାରେ ଦେଖିବାକୁ ମିଳେ। ୨୫ରୁ ୩୫ ଡିଗ୍ରୀ ପର୍ଯ୍ୟନ୍ତ ଉତ୍ତାପ ଏହି ବୀଜାଣୁଙ୍କ ପାଇଁ ବେଶ୍ ଅନୁକୂଳ। ଗତ ଦଶନ୍ଧିରେ ଚାଷ କରାଯାଉଥିବା ମାଛଙ୍କଠାରେ ଏହି ବୀଜାଣୁ ସଂକ୍ରମଣ କ୍ରମାଗତ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଏହି ମାଛଙ୍କ ସଂସ୍ପର୍ଶରେ ଆସୁଥିବା ମଣିଷଙ୍କଠାରେ ମଧ୍ୟ ସଂକ୍ରମଣ ଘଟିଥାଏ। ସଂକ୍ରମିତ ମାଛ ଖାଇଲେ କିମ୍ବା ସଂକ୍ରମିତ ମାଛ ଥିବା ପୋଖରୀର ପାଣି ବା ପଙ୍କ ବା ମାଛକାତି ଆଦି ସଂସ୍ପର୍ଶରେ ଆସିଲେ ଏହି ସଂକ୍ରମଣ ଘଟିଥାଏ। ମଣିଷର ପାଦ ବା ହାତରେ କ୍ଷତ ଥିଲେ ଏବଂ ତାହା ସଂକ୍ରମିତ ଜଳ ସଂସ୍ପର୍ଶରେ ଆସିଲେ ବା ସଂକ୍ରମିତ ମାଛ କାମୁଡ଼ିଲେ ବା ସେହି ମାଛର ଗାଲିସି ଆଦି ଦ୍ୱାରା କ୍ଷତ ସୃଷ୍ଟି ହେଲେ ସହଜରେ ଏହି ସଂକ୍ରମଣ ଘଟିଥାଏ।

ମାଇକ୍ରୋବ୍ୟାକ୍ଟେରିଓସିସ୍ ସଂକ୍ରମଣକୁ ସାଧାରଣତଃ ଏକ ଚର୍ମରୋଗ ଭାବେ ଗ୍ରହଣ କରାଯାଏ। ଏହି ଜୀବାଣୁ ସଂସ୍ପର୍ଶରେ ଆସିବାର ଦୁଇରୁ ଚାରି ସପ୍ତାହ ଭିତରେ ଚର୍ମରେ ଘାଆ ହେବାର ଦେଖାଯାଏ। ଏହା କ୍ରମେ ବଡ଼ ହୋଇ ଅନେକ ମାସ ଯାଏ ରହେ ଓ ଭଲ ହୁଏ ନାହିଁ। କେତେକ କ୍ଷେତ୍ରରେ ଏହି ସଂକ୍ରମଣ ଲିମ୍ଫ ନୋଡ୍ (ଲସା ଗ୍ରନ୍ଥି) ପର୍ଯ୍ୟନ୍ତ ବ୍ୟାପିବାର ଦେଖାଯାଏ। ମାଛ ବା ମଣିଷଙ୍କଠାରେ ଏହି ଜୀବାଣୁ ସଂକ୍ରମଣ ହେଲେ ସେମାନଙ୍କ ଚର୍ମ, ବୃକ୍କ ଓ ଯକୃତ ଆଦି ପ୍ରଭାବିତ ହୋଇପାରେ। ଏହି ସଂକ୍ରମଣ ହେଲେ ରୋଗର କାରଣ ସହଜରେ ଧରାପଡ଼େ ନାହିଁ। ଧରାପଡ଼ିବା ବେଳକୁ ରୋଗ ମାଡ଼ିଯାଇ ଟେଣ୍ଡନ (ହାଡ଼ ଓ ମାଂସପେଶୀର ସଂଯୋଗକାରୀ ଶକ୍ତ ତନ୍ତୁ) ଓ ଅସ୍ଥିରେ କ୍ଷତି ପହଞ୍ଚାଇ ସାରିଥାଏ। ଗଭୀର ସଂକ୍ରମଣ ଘଟିଥିଲେ ଆଣ୍ଟିବାୟୋଟିକ୍ସ ପ୍ରୟୋଗ ସହ ସର୍ଜରୀର ଆବଶ୍ୟକତା ପଡ଼ିପାରେ। ଚର୍ମରେ ଯେଉଁ ଘାଆ ହୁଏ ତାହା କ୍ରନିକ୍ ହୋଇଯାଏ ଏବଂ ଚିକିତ୍ସା ଦ୍ୱାରା ଭଲ ହେବା ପରେ ବି ଚର୍ମରେ ଦାଗ ରହିଯାଏ। ଗଭୀର ସଂକ୍ରମଣ ହୋଇଥିଲେ ଗଣ୍ଠିଗୁଡ଼ାକ ଚାଲେ ନାହିଁ ଏବଂ ସ୍ଥଳ ବିଶେଷରେ ଗୋଡ଼ କାଟିବାକୁ ପଡ଼େ।

ଦୁଇବର୍ଷ ତଳେ ମୁଁ ଫିଶ୍ ପେଡିକିଓରର ଦୁଷ୍ପରିଣତି ବିଷୟରେ ଲେଖିଥିଲି। କିନ୍ତୁ ଭାରତରେ ଆଜି ବି ଅନେକ ପାର୍ଲର ଅଛି, ଯେଉଁଠି ଏହି ସେବା ପ୍ରଦାନ କରାଯାଉଛି। ମୁଁ ଏବେ ଗୋଆରୁ ଫେରିଲି ଏବଂ ସେଠାରେ ମୁଖ୍ୟ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ଫିଶ୍ ପେଡିକିଓର ଲାଗି ବିଜ୍ଞାପନ ମରା ହୋଇଥିବାର ଦେଖିଲି। ଫିଶ୍ ପେଡିକିଓର ବା ମାଛଦ୍ୱାରା ପାଦ ଚିକିତ୍ସା କରାଇବା ସମୟରେ ଗ୍ରାହକମାନଙ୍କୁ ଏକ ଟବ୍‌ରେ ଥିବା ପାଣିରେ ପାଦ ବୁଡ଼ାଇବାକୁ ପଡ଼େ। ସେହି ପାଣିରେ ଗାରା ରୁଫା ନାମକ ମାଛ ଥାନ୍ତି। ସେହି ମାଛମାନେ ପାଦକୁ ଖୁମ୍ପି ଖୁମ୍ପି ସେଥିରେ ଥିବା ମଳା ଚର୍ମଗୁଡ଼ିକୁ ଖାଇଯାନ୍ତି। ମାଛମାନଙ୍କର ଏହି ପାଦଖୁମ୍ପା ଗ୍ରାହକମାନଙ୍କୁ ଆନନ୍ଦ ଦିଏ। ଏହି ମାଛମାନଙ୍କୁ ଭାରତ ବାହାରୁ ଆମଦାନି କରି ପାଣି ଟାଙ୍କିରେ ବଢ଼ାଯାଇଥାଏ। ଏହା ହେଉଛି 'ଆ ବଳଦ ମୋତେ ବିନ୍ଧ' ନ୍ୟାୟରେ ସମସ୍ୟାକୁ ଡାକି ଆଣିବା ପରି କଥା। ଏହି ମାଛମାନେ ଡାକ୍ତର ନୁହନ୍ତି କି ସୌନ୍ଦର୍ଯ୍ୟ ବିଶେଷଜ୍ଞ ନୁହନ୍ତି। ସେମାନଙ୍କୁ ନିୟମିତ ଖାଦ୍ୟ ପ୍ଲାଙ୍କଟନ୍ ଦିଆଯାଉ ନ ଥିବାରୁ ସେମାନେ ଭୋକିଲା ଥାନ୍ତି ଏବଂ ମଣିଷର ଚର୍ମକୁ ଖୁମ୍ପି ଖାଆନ୍ତି। ପ୍ଲାଙ୍କଟନ୍ ଏକ ଉଦ୍ଭିଜ୍ଜ ଖାଦ୍ୟ ହୋଇଥିବା ବେଳେ ମଣିଷର ଚର୍ମ ହେଉଛି ସେମାନଙ୍କ ପାଇଁ ମାଂସାହାରୀ ଖାଦ୍ୟ, ଯାହା ସେମାନେ ବାଧ୍ୟ ହୋଇ ଖାଆନ୍ତି। ଦୂଷିତ ପରିବେଶରେ ରହିବା ଓ ଅଖାଦ୍ୟ ଖାଇବା ଯୋଗୁ ଏହି ମାଛମାନଙ୍କ ଦେହରେ ସହଜରେ ବୀଜାଣୁ ସଂକ୍ରମଣ ହୋଇଥାଏ। ସେମାନଙ୍କ ଗାଲିସି, ପାଟି ଓ ତଳିପେଟରେ ରୋଗ ସଂକ୍ରମଣ ହୁଏ।

ଏହି ମାଛମାନେ ଅନେକ ପ୍ରକାର ବୀଜାଣୁର ଖଣି, ଯାହା ମାରାତ୍ମକ ପେଶୀ ସଂକ୍ରମଣର କାରଣ। ଯେଉଁ ପାଣି ଟବ୍‌ରେ ଆପଣ ପାଦ ବୁଡ଼ାନ୍ତି, ତାହା ଜୀବାଣୁମାନଙ୍କ ବଂଶବୃଦ୍ଧି ପାଇଁ ଉତ୍ତମ ପରିବେଶ। ସବୁ ପ୍ରାଣୀଙ୍କ ପରି ମାଛମାନେ ବି ମଳମୂତ୍ର ତ୍ୟାଗ କରନ୍ତି। ସେହି ଅସନା ପାଣିରେ ଆପଣ ପାଦ ବୁଡ଼ାନ୍ତି ଓ ସଂକ୍ରମଣକୁ ଡାକିଆଣନ୍ତି। ଫିଶ୍ ପେଡିକିଓର ଦ୍ୱାରା ସାଧାରଣ ଜୀବାଣୁ ସଂକ୍ରମଣଠାରୁ ଆରମ୍ଭ କରି ଏପରି କି ହେପାଟାଇଟିସ୍ ସି ଓ ଏଚ୍‌ଆଇଭି ସଂକ୍ରମଣ ହୋଇପାରେ ବୋଲି ପୃଥିବୀ ସାରା ବିଭିନ୍ନ ଦେଶର ସରକାର ଚେତାବନୀ ଦେଲେ ବି ଲୋକେ ସଚେତନ ହେଉନାହାନ୍ତି।

ମାଛମାନେ କସ୍ମେଟିକ୍ ସର୍ଜନ ହୋଇ ନ ଥିବାରୁ ସେମାନେ ପାଦର ସବୁ ସ୍ଥାନକୁ ସମାନ ଭାବରେ କାମୁଡ଼ନ୍ତି ନାହିଁ। କେଉଁଠି କେଉଁଠି ଗଭୀରକୁ କାମୁଡ଼ି ଦେଇ ରକ୍ତ ବାହାର କରିଦିଅନ୍ତି। ସେହି କ୍ଷତ ବାଟ ଦେଇ କ୍ଷତିକାରକ ଜୀବାଣୁମାନେ ଶରୀର ଭିତରେ ପ୍ରବେଶ କରନ୍ତି। ଏକା ଟବ୍‌ର ପାଣିରେ ଅନେକ ଲୋକ ପାଦ ବୁଡ଼ାଉ ଥିବାରୁ ଜଣକ ଦେହର ଜୀବାଣୁ ଆଉ ଜଣଙ୍କ ଦେହକୁ ଯାଇପାରେ। ସେହି ପାଣି ଭିତରେ ବେଳେ ବେଳେ ରକ୍ତକ୍ଷରଣ ଘଟୁଥିବାରୁ ଏଚ୍‌ଆଇଭି ଆକ୍ରାନ୍ତ ଗ୍ରାହକଙ୍କ ଦେହରୁ ଏଚ୍‌ଆଇଭି ଜୀବାଣୁ ଅନ୍ୟ ସୁସ୍ଥ ଲୋକ ଦେହକୁ ଯାଇପାରେ। ଏହି କାରଣରୁ ଅନେକ ଦେଶରେ ଫିଶ୍ ସ୍ପାଗୁଡ଼ିକୁ ନିଷିଦ୍ଧ କରାଯାଇଛି।

୨୦୧୧ ଓ ୨୦୧୨ ମସିହାରେ ବ୍ରିଟେନ୍‌ର ମାଛ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ତରଫରୁ ଜାହାଜରେ ଇଣ୍ଡୋନେସିଆରୁ ଆସିଥିବା ଓ ଇଂଲଣ୍ଡକୁ ଯାଉଥିବା ଗାରା ମାଛଗୁଡ଼ିକୁ ଅଟକ ରଖି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନେ ଦେଖିଲେ ଯେ ସବୁ ମାଛଙ୍କ ଦେହରେ ବିଭିନ୍ନ ପ୍ରକାର ମାରାତ୍ମକ ଜୀବାଣୁ ଅଛନ୍ତି। ଅନେକ ଜୀବାଣୁ ବିଭିନ୍ନ ପ୍ରକାର ଆଣ୍ଟିବାୟୋଟିକ୍ସର ପ୍ରତିରୋଧୀ ମଧ୍ୟ। ଭାରତରେ କୌଣସି କଟକଣା ନ ଥିବାରୁ ଫିଶ୍ ସ୍ପାଗୁଡ଼ିକ ଗାରା ରୁଫା ଫିଶ୍ ମଗାଇ ତାଙ୍କ ବେପାର ଚଳାଇଛନ୍ତି। ଏହି କାରବାରକୁ ଆଇନ ଦ୍ୱାରା ବନ୍ଦ କରାଯିବା ଦରକାର। ଆପଣ ଯଦି ନିଜ ପାଦ ସଫା କରିବାକୁ ଚାହୁଁଛନ୍ତି, ତେବେ ଫିଶ୍ ସ୍ପାକୁ ନ ଯାଇ ବରଂ ପମିସ୍ ଷ୍ଟୋନ୍ (ଘଷା ପଥର) ଦ୍ୱାରା ସଫା କରନ୍ତୁ।

Email: gandhim@nic.in

# ଚନ୍ଦ୍ରରେ ଚିତ୍ରକର



ଡ. ତୁଷାରକାନ୍ତି ଦାସ

ଦୁଇ ହାତ ପାପୁଲିରେ ଆଞ୍ଜୁଳାଏ ପାଣିରେ ଜହ୍ନକୁ ସେ ଧରିଛି। ସତେ ବା ସେ ଆଞ୍ଜୁଳାଏ ପାଣିରେ ଜହ୍ନଟା ଚିକ୍‌ମିକ୍ କରୁଛି- ଚିତ୍ରକରଟିଏ ଆଞ୍ଜୁଳାଏ ପାଣିରେ ଜହ୍ନର ପ୍ରତିବିମ୍ବକୁ କାନ୍‌ଭାସରେ ଉତାରୁଥିବାବେଳେ କେବେ ବି କ'ଣ ଭାବିଥିବ ଜହ୍ନକୁ ଯାଇ ସେଠାରେ ଜହ୍ନର ଛବି ଆଙ୍କିବ ବୋଲି? ହଁ ଆଜ୍ଞା, ଚିତ୍ରକରର ଏ ଭାବନା ସତ୍ୟ ହେବାକୁ ଯାଉଛି। ଆଉ ଆପଣ କହିପାରିବେନି 'କବି କଳପନା ସରଗ ସିନା ଲୋ ମନ ଭୁଲାଇବା ପାଇଁ'। କାରଣ ଏ କଳ୍ପନା ବାସ୍ତବରେ ପରିଣତ ହେବାକୁ ଯାଉଛି। ଜାପାନୀ କୋଟିପତି ବ୍ୟବସାୟୀ ୟୁସାକୁ ମେଜାୱା ୬ ରୁ ୮ ଜଣ ପ୍ରସିଦ୍ଧ କଳାକାରଙ୍କୁ ସାଙ୍ଗରେ ଧରି ୨୦୨୩ ମସିହାରେ ଚନ୍ଦ୍ର ପର୍ଯ୍ୟଟନରେ ଯିବେ। ଏହି ଚନ୍ଦ୍ର ପର୍ଯ୍ୟଟନ ୬ ଦିନ ଧରି ଚାଲିବ। ଏମାନେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବେନି ବରଂ ଚନ୍ଦ୍ରର କକ୍ଷ ପଥରେ ଘୂରି ବୁଲିବେ। ଏହି ଘୂରି ବୁଲିବା ସମୟରେ କଳାକାରମାନଙ୍କ ମଧ୍ୟରେ ଥିବା ଚିତ୍ରକର ଖୁବ୍ ନିକଟରୁ ଚନ୍ଦ୍ର, ଏହାର ପରିବେଷ୍ଟନୀ, ପରିପାର୍ଶ୍ୱିକ ମହାକାଶ, ଅନ୍ୟାନ୍ୟ ଗ୍ରହନକ୍ଷତ୍ର ଓ ଚନ୍ଦ୍ର କକ୍ଷରୁ ପୃଥିବୀର ଚିତ୍ର ଆଙ୍କିବେ। ୬ ଦିନ ପରେ ପୃଥିବୀକୁ ଫେରିଆସି ଏକ ପ୍ରଦର୍ଶନୀରେ ଏହି ବିରଳ ଚିତ୍ରଗୁଡ଼ିକୁ ପ୍ରଦର୍ଶନ କରିବେ।

'ଡିୟର୍ ମୁନ୍' ପ୍ରକଳ୍ପ ମାଧ୍ୟମରେ ଆମେରିକୀୟ ବେସରକାରୀ ମହାକାଶ ଗବେଷଣା ସଂସ୍ଥା ସ୍ପେସ୍‌ଏକ୍ସ ଦ୍ୱାରା ନିର୍ମିତ ବିଗ୍ ଫାଲକନ୍ ରକେଟ୍, ଯାହାକି ଆଗାମୀ ପିଢ଼ିର ମହାକାଶକୁ ସ୍ୱୟଂ ନିକ୍ଷେପିତ ଏକ ମହାକାଶ ଯାନ। ଏହି ଯାନରେ ୟୁସାକୁ ତାଙ୍କର ୬ରୁ ୮ ଜଣ କଳାକାର ଓ ୨ଜଣ ମହାକାଶ ବୈଜ୍ଞାନିକଙ୍କୁ ସାଥିରେ ନେଇ ଆଗାମୀ ୨୦୨୩ ମସିହାରେ ଚନ୍ଦ୍ରର ଚତୁଃପାର୍ଶ୍ୱ ପରିଭ୍ରମଣ କରିବେ। ଏହି ମହାକାଶ ଯାନର ଲମ୍ବ ୧୧୮ ମିଟର ଏବଂ ଗୋଲେଇ ୯ ମିଟର। ୫୦୦ କୋଟି ଆମେରିକୀୟ ଡଲାର ବ୍ୟୟରେ ସ୍ପେସ୍-ଏକ୍ସ ବେସରକାରୀ ମହାକାଶ ଗବେଷଣା ସଂସ୍ଥା ଦ୍ୱାରା ନିର୍ମିତ ଏହି ମହାକାଶ ଯାନର ଉଡାଣ ପାଇଁ ୭୦ ଲକ୍ଷ ଆମେରିକୀୟ ଡଲାର ଖର୍ଚ୍ଚ ହେବ। ଡିଅର୍ ମୁନ୍ ପ୍ରକଳ୍ପ ମାଧ୍ୟମରେ ସ୍ପେସ୍-ଏକ୍ସ ମହାକାଶ ସଂସ୍ଥା ମହାକାଶ ପର୍ଯ୍ୟଟନ ଓ ଚନ୍ଦ୍ର ପର୍ଯ୍ୟଟନ ବ୍ୟତୀତ ଚନ୍ଦ୍ର ଓ ମଙ୍ଗଳ ଗ୍ରହରେ ବସତି ସ୍ଥାପନର ମଧ୍ୟ ଲକ୍ଷ୍ୟ ରଖିଛି।

ୟୁସାକୁ ଓ ତାଙ୍କର କଳାକାର ସାଥୀମାନେ ଚନ୍ଦ୍ରରେ ଅବତରଣ ନ କରିବା ସଂପର୍କରେ ସ୍ପେସ୍-ଏକ୍ସ ସଂସ୍ଥାର ବୈଜ୍ଞାନିକମାନେ କହିଛନ୍ତି ଯେ, ଚନ୍ଦ୍ରରେ ଅବତରଣ କରିବା ଓ ପୁଣି ଭୂପୃଷ୍ଠକୁ ଫେରିବା ଏକ ଜଟିଳ କାର୍ଯ୍ୟକ୍ରମ, କାରଣ ଚନ୍ଦ୍ରପୃଷ୍ଠର ଉପରିଭାଗ ଧୂଳିକଣାରେ ପରିପୂର୍ଣ୍ଣ, ଯାହାକି ଇଲେକ୍ଟ୍ରୋଷ୍ଟାଟିକାଲ ଚାର୍ଜ ହୋଇଯାଏ ଓ ଏହା ଅବତରଣ ଓ ପୁନଃ ଯାତ୍ରା ଆରମ୍ଭ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ଚନ୍ଦ୍ରପୃଷ୍ଠରେ ଅବତରଣ କଲେ ୟୁସାକୁ ଓ ତାଙ୍କ ସାଥୀମାନଙ୍କ ରହଣି ସମୟ ଖୁବ୍ କଷ୍ଟଦାୟକ ହେବ। ସୂର୍ଯ୍ୟଙ୍କ ଅତ୍ୟଧିକ ତାପ ଯୋଗୁଁ ଚନ୍ଦ୍ର ୧୪ଦିନ ପର୍ଯ୍ୟନ୍ତ ଏକ ଜ୍ୱଳନ୍ତ ପିଣ୍ଡୁଳା ଭଳି ଜଳିଥାଏ ଏବଂ ପର ୧୪ ଦିନ ସମ୍ପୂର୍ଣ୍ଣ ଅନ୍ଧକାର ଯୋଗୁ ବ୍ରହ୍ମାଣ୍ଡର ସବୁଠାରୁ ଅତ୍ୟଧିକ ଥଣ୍ଡା ଜାଗାରେ ପରିଣତ ହୋଇଯାଏ। ଯେହେତୁ ଚନ୍ଦ୍ରର ନିଜସ୍ୱ ରକ୍ଷାକାରୀ ବାୟୁମଣ୍ଡଳ ନାହିଁ, ସେଥିପାଇଁ ସୂର୍ଯ୍ୟର ଅତ୍ୟଧିକ ତାପ ଓ ଅନ୍ଧକାର ଯୋଗୁଁ ଅତ୍ୟଧିକ ଥଣ୍ଡାରୁ ରକ୍ଷା ପାଇବା ଏଠାରେ ସମ୍ପୂର୍ଣ୍ଣ ଅସମ୍ଭବ। ସୁତରାଂ ୟୁସାକୁ, ସାଥୀ ଚିତ୍ରକର, ଅନ୍ୟାନ୍ୟ କଳାକାର ଓ ମହାକାଶ ବିଜ୍ଞାନୀମାନେ ଚନ୍ଦ୍ରରେ ଅତରଣ କରିବେ ନାହିଁ।

୪୨ ବର୍ଷୀୟ ଜାପାନୀ ଲୁଗା ଓ ପୋଷାକ ବ୍ୟବସାୟୀ ୟୁସାକୁ ମଧ୍ୟ ଏକ ଅତ୍ୟନ୍ତ ଆଗ୍ରହୀ ଚିତ୍ର ସଂଗ୍ରାହକ। ଏବେ ଏବେ ସେ ପ୍ରାୟ ୭୮ କୋଟି ଟଙ୍କା ବ୍ୟୟରେ ଏକ ଚିତ୍ରକଳା ଖରିଦ କରିଛନ୍ତି। ୟୁସାକୁଙ୍କ ଜାପାନ ତଥା ପୃଥିବୀ ପ୍ରସିଦ୍ଧ ପୋଷାକ କମ୍ପାନୀ ଷ୍ଟାର୍ଟ ଟୁଡେ ଏବେ ଜୋଜୋ ବ୍ରାଣ୍ଡ ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଚନ୍ଦ୍ର ପର୍ଯ୍ୟଟନର ପୃଷ୍ଠପୋଷକତା କରୁଥିବା ଆମେରିକୀୟ ବେସରକାରୀ ମହାକାଶ ଗବେଷଣା ସଂସ୍ଥା, କାଲିଫର୍ନିଆସ୍ଥିତ ସ୍ପେସ୍-ଏକ୍ସର ମାଲିକ ଏଲନ୍ ମସ୍କ ଲସ୍ ଏଞ୍ଜେଲସ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ୟୁସାକୁ ବିଶ୍ୱର ପ୍ରଥମ ଚନ୍ଦ୍ର ପର୍ଯ୍ୟଟକ ହେବେ ବୋଲି ଘୋଷଣା କରିଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ୟୁସାକୁ ଘୋଷଣା କରିଥିଲେ ଯେ ଏହି ଅଭୁଲା ପର୍ଯ୍ୟଟନର ଅନୁଭବକୁ ଅଙ୍ଗେ ନିଭେଇବା ଲାଗି ମୁଁ ମୋ ସହିତ ଚନ୍ଦ୍ର ପର୍ଯ୍ୟଟନରେ ଯିବା ନିମନ୍ତେ ୬ରୁ ୮ ଜଣ କଳାକାରଙ୍କୁ ନିମନ୍ତ୍ରଣ କରିଛି ଓ ଭାବୁଛି ସେମାନେ ଏହାକୁ ସାଦରେ ଗ୍ରହଣ କରି ଏ ଅଭୂତପୂର୍ବ ପର୍ଯ୍ୟଟନର ସ୍ୱାଦ ଚାଖିବେ।

ମୋ- ୯୪୩୭୧୩୩୫୩୭

## ଏଇ ଭାରତରେ

ଧର୍ମନିରପେକ୍ଷ ଗଣତନ୍ତ୍ର ଦେଶ ଭାରତ। ଏହାର ପ୍ରତିଟି ପର୍ବପର୍ବାଣିରେ ଦେଖିବାକୁ ମିଳେ ସାମ୍ପ୍ରଦାୟିକ ସଦ୍‌ଭାବନାର ନିଆରା ନମୁନା। ବର୍ତ୍ତମାନ ଦେଶର କୋଣ ଅନୁକୋଣରେ ଦଶହରା ଯାକଜମକରେ ପାଳନ କରାଯାଉଛି। ଏଭଳି ସମୟରେ ସର୍ବଧର୍ମ ସମନ୍ୱୟର ବାର୍ତ୍ତାବାହକ ସାଜିଛନ୍ତି ଉତ୍ତରପୂର୍ବ ରାଜ୍ୟ ଆସାମରେ ହାସିମ୍ ଅଲି। ଦାରାଙ୍ଗ୍ ଜିଲାର ଡାଲଗାଁଉ ଅଞ୍ଚଳର ହାସିମ୍ ଇସଲାମ ଧର୍ମାବଲମ୍ବୀ ହୋଇଥିଲେ ମଧ୍ୟ ପ୍ରତିବର୍ଷ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରିବା ପାଇଁ ଯେଭଳି ଉତ୍ସାହ ପ୍ରଦର୍ଶନ କରିଥାନ୍ତି, ତାହା ଅନେକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥାଏ। ଦରିଦ୍ରତା କାରଣରୁ ହାସିମ୍‌ଙ୍କ ପାଠପଢ଼ା ଅଧାରେ ଅଟକି ଯାଇଥିଲା। ପେଟପାଟଣା ପାଇଁ ପ୍ରଥମେ ସେ ଦୁର୍ଗାମୂର୍ତ୍ତି ତିଆରି କରିବା ଆରମ୍ଭ କରିଥିଲେ। ମା'ଙ୍କ ମୂର୍ତ୍ତି ନିର୍ମାଣରେ ସେ ଏଭଳି ମଜ୍ଜିଗଲେ ଯେ, ଆଖପାଖ ଅଞ୍ଚଳରେ ଦଶହରା ପୂର୍ବରୁ ହାସିମ୍‌ଙ୍କୁ ହିଁ ଖୋଜିଥାନ୍ତି ଲୋକେ। କେବଳ ସେତିକି ନୁହେଁ ମା'ଙ୍କ ସେବା କରିବା ପାଇଁ ସେ ପୂଜାମଣ୍ଡପ ଡେକୋରେଶନ୍ କାମରେ ମଧ୍ୟ ଲାଗି ପଡ଼ିଥାନ୍ତି। ମୂର୍ତ୍ତି ତିଆରି କରିବା ପାଇଁ ସେ ବିଧିବଦ୍ଧ ପ୍ରଶିକ୍ଷଣ ନେଇନାହାନ୍ତି। କିନ୍ତୁ ଏଥିପ୍ରତି ସେ କିଭଳି ଆକୃଷ୍ଟ ହେଲେ ତାହା ତାଙ୍କୁ ଜଣାନାହିଁ ବୋଲି କହନ୍ତି। ଜୀବନର ଅଧିକାଂଶ ସମୟ ମା'ଙ୍କ ସେବାରେ ଉତ୍ସର୍ଗ କରି ଦେଇଛନ୍ତି ୪୫ ବର୍ଷୀୟ ହାସିମ୍। ତାଙ୍କ କଳା ଏବଂ ଆବେଗକୁ ଧର୍ମନିରପେକ୍ଷତାର ପ୍ରତୀକ ଭାବେ ଲୋକେ ବିବେଚନା କରନ୍ତି। ତାଙ୍କର ଏହି ଛୋଟ ପ୍ରୟାସ ଯଦି ସାମାଜିକ ସଦ୍‌ଭାବନା ପ୍ରସାର କରିବାରେ ଉପଯୋଗୀ ହୋଇପାରୁଛି, ତା'ହେଲେ ଏହା ମା'ଙ୍କ ଆଶୀର୍ବାଦ ଏବଂ ଏଥିପାଇଁ ସେ ଗର୍ବିତ ବୋଲି ହାସିମ୍ କହିଛନ୍ତି।

## ଚିରନ୍ତନୀ

କହ ଗୋ କହ ଏ ଦୁରଦିନେ
ପାଗଳ ହୋଇ କାହାର ବିନେ
କି ଅଭିସାରେ ନ ମାନି ବନ ପ୍ରାନ୍ତର
ଚଳ ଗୋ ଆଜି ଲଭି କି ମଧୁ ମନ୍ତର ?
(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 3 | 8 | 6 | | | | | |
| | B | | | | | | | | C | | 1 | 0 | 3 | 9 |
| | | | | | D | | 7 | | 9 | 2 | | | | 8 |
| E | 5 | | | 8 | C | 0 | | | | | A | 7 | | |
| 9 | 6 | 3 | | 0 | E | | | 4 | 8 | | | 2 | | |
| | | | 7 | | | E | | A | | 1 | | | 4 | |
| | | | | 6 | | B | | | 3 | | | | | |
| | 0 | | | | | | | | | 8 | | | | 6 |
| A | 3 | | C | | | | 9 | | B | | | | E | |
| | | 2 | | | | | 8 | | | | C | | 0 | |
| 2 | | 5 | | | 7 | | E | | | B | | D | | |
| D | | 4 | E | | 5 | | | 1 | | A | | B | | |
| | | | | | | | 0 | | 4 | | 6 | E | | |
| | | | 8 | B | 3 | | | | 7 | | | 5 | 2 | |
| | 8 | | | 1 | 6 | D | | 5 | | 0 | 3 | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 3 | 8 | B | 0 | 6 | 2 | 7 | 5 | 4 | D | A | C | E | 1 |
| 5 | 1 | C | 9 | D | 3 | B | 6 | 0 | 8 | E | 7 | 4 | A | 2 |
| 2 | D | 7 | 1 | A | 8 | 9 | E | 4 | C | 0 | B | 5 | 6 | 3 |
| 0 | 4 | A | 7 | 5 | E | 8 | C | 3 | 2 | 6 | 1 | 9 | B | D |
| E | 6 | B | C | 4 | 2 | D | 1 | A | 5 | 9 | 3 | 8 | 7 | 0 |
| B | C | 1 | A | 6 | 4 | 0 | 5 | 9 | 7 | 3 | 2 | E | D | 8 |
| 8 | E | 3 | 2 | 1 | 5 | A | 4 | D | 6 | C | 9 | 7 | 0 | B |
| 7 | 5 | D | E | C | B | 1 | 3 | 6 | A | 8 | 0 | 2 | 9 | 4 |
| 6 | 0 | 4 | 8 | 9 | 7 | C | 2 | E | B | 1 | D | A | 3 | 5 |
| A | 2 | 9 | 0 | 3 | D | 7 | B | 8 | E | 4 | 5 | 6 | 1 | C |
| C | 7 | 0 | 4 | E | 1 | 6 | 9 | B | 3 | 5 | 8 | D | 2 | A |
| 4 | A | 6 | D | 7 | C | 3 | 8 | 2 | 1 | B | E | 0 | 5 | 9 |
| D | 8 | E | 6 | B | 9 | 5 | A | 1 | 0 | 2 | C | 3 | 4 | 7 |
| 1 | 9 | 5 | 3 | 2 | A | E | 0 | C | D | 7 | 4 | B | 8 | 6 |
| 3 | B | 2 | 5 | 8 | 0 | 4 | D | 7 | 9 | A | 6 | 1 | C | E |

ଗତକାଲିର ଉତ୍ତର

# ରାଜନେତା ଓ ନାଗରିକ ସମାଜ



ଡ. ସୁବାସ ଚନ୍ଦ୍ର ପାତ୍ର

ଓଡ଼ିଶାର ରାଜନେତାମାନେ ଏକ ସୁସ୍ଥ, ସୁନ୍ଦର ନାଗରିକ ସମାଜ ଗଠନ ସେମାନଙ୍କର ଦାୟିତ୍ୱ ବୋଲି କେବେ ଭାବନ୍ତି ନାହିଁ। କରତାଳି, ପତାକା ଧାରଣ, ମାଗଣା ଇନ୍ଧନରେ ମୋଟର ସାଇକେଲ ଚାଳନା ପାଇଁ ଯୁବଗୋଷ୍ଠୀ ସଂଗ୍ରହ ଏବଂ ଏ ସବୁ ମାଧ୍ୟମରେ ଭୋଟ ସଂଗ୍ରହ ଓ କ୍ଷମତା ଦଖଲ ସେମାନଙ୍କ ମୁଖ୍ୟ କାମ ବୋଲି ସେମାନେ ବିଚାର କରନ୍ତି। ସଂହତିପୂର୍ଣ୍ଣ, ଆଦର୍ଶଭରା ଏକ ତ୍ୟାଗପୂତ ସମାଜ ନିର୍ମାଣ ମଧ୍ୟ ଏକ ରାଜନୈତିକ କର୍ତ୍ତବ୍ୟ ବୋଲି ସେମାନେ ଚିନ୍ତା କରନ୍ତି ନାହିଁ। ତା'ର ପ୍ରମୁଖ କାରଣ କ୍ଷମତାମନସ୍କତା, ସମାଜମନସ୍କତା ବା ରାଷ୍ଟ୍ରମନସ୍କତା ନୁହେଁ।

ସ୍ୱାଧୀନତା ପୂର୍ବ ଓ ପରର କିଛି ଆଦର୍ଶସ୍ଥାନୀୟ ନେତା, ଯେଉଁମାନେ ମୂଳତଃ ଗାନ୍ଧୀବାଦ ଦ୍ୱାରା ପ୍ରଭାବିତ ହୋଇଥିଲେ, ସେହିମାନଙ୍କ ପ୍ରଭାବ ଓ ଆଦର୍ଶ ୬୦ ବା ୭୦ ଦଶକ ପର୍ଯ୍ୟନ୍ତ କାମ କଲା ଏବଂ ସେମାନଙ୍କ ଦ୍ୱାରା ପ୍ରଭାବିତ ଦ୍ୱିତୀୟ ପିଢ଼ିର ନେତୃସ୍ଥାନୀୟ ବ୍ୟକ୍ତିବିଶେଷ, ଯେଉଁମାନେ ପ୍ରତ୍ୟକ୍ଷ ରାଜନୀତି ସହ ଏତେଟା ସମ୍ପୃକ୍ତ ନ ଥିଲେ, ସେମାନେ ୫୫ ବା ୬୦ ବର୍ଷ ବୟସର ଲୋକମାନଙ୍କୁ କିଛିଟା ପ୍ରଭାବିତ କରିପାରିଥିଲେ। ତେଣୁ ଏବେ ବିଭିନ୍ନ ଅଣରାଜନୈତିକ କିନ୍ତୁ ସମାଜ ନିର୍ମାଣ ପାଇଁ ଜରୁରୀ କାର୍ଯ୍ୟ ଯଥା ସାଂସ୍କୃତିକ, ସାହିତ୍ୟିକ, ସାମାଜିକ କାର୍ଯ୍ୟକ୍ରମରେ ୭୫ ବର୍ଷରୁ ଊର୍ଦ୍ଧ୍ୱ ଦ୍ୱିତୀୟ ପିଢ଼ି ଏବଂ ୫୫ ବର୍ଷରୁ ଊର୍ଦ୍ଧ୍ୱ ତୃତୀୟ ପିଢ଼ିର ବ୍ୟକ୍ତିମାନଙ୍କୁ ଦେଖିବାକୁ ମିଳେ। ଅର୍ଥାତ୍ ବୁଢ଼ା ବା ଦରବୁଢ଼ା ମଣିଷମାନଙ୍କୁ ନେଇ ସମାଜ ପାଇଁ ହିତକର ଅଣରାଜନୈତିକ କାର୍ଯ୍ୟମାନ ଚାଲିଛି। ଏହିମାନେ ଜୋତା ସିଲେଇ ପାଖରୁ ଚଣ୍ଡୀପାଠ- ସବୁ କରୁଛନ୍ତି। ଏ ସବୁ କାର୍ଯ୍ୟରୁ ଯୁବପିଢ଼ି ସମ୍ପୂର୍ଣ୍ଣ ଉଭାନ। ସେମାନଙ୍କୁ ରାଜନେତାମାନେ ଅପହରଣ (ହାଇଜାକ୍) କରିନେଇଛନ୍ତି।

ଏବେ ଆମେ ତିନିପ୍ରକାର ଯୁବଗୋଷ୍ଠୀଙ୍କୁ ଦେଖୁଛୁ। ପ୍ରଥମ ଗୋଷ୍ଠୀ ନିଜ ସ୍ୱାଧୀନ ଚିନ୍ତାରେ ହେଉ ଅବା ପାରିବାରିକ ପ୍ରଭାବରେ ନିଜ କ୍ୟାରିୟର ଗଠନ ପାଇଁ ବ୍ୟସ୍ତ, ଦ୍ୱିତୀୟ ଗୋଷ୍ଠୀ ରାଜନେତାଙ୍କ ଦ୍ୱାରା କବଳିତ ହୋଇ ଏକ ଲକ୍ଷ୍ୟହୀନ, ଅନିର୍ଦ୍ଦିଷ୍ଟ, ବେପରୁଆ ଜୀବନଯାପନ କରୁଛନ୍ତି। ତୃତୀୟ ଗୋଷ୍ଠୀ, ଯେଉଁମାନେ ଏତେ ମେଧାବୀ ନୁହନ୍ତି ବା ରାଜନେତାଙ୍କ ସାନ୍ନିଧ୍ୟ ପାଇଁ ଏତେ ଆଗ୍ରହୀ ନୁହନ୍ତି, ସେମାନେ ଏକ ଉଦାସୀନ ଜୀବନଯାପନ କରୁଛନ୍ତି। ମୋବାଇଲ ଫୋନ୍ ସେମାନଙ୍କ ସାଥୀ। ସେମାନେ ଏକ କାଳ୍ପନିକ ପୃଥିବୀର ନାଗରିକ। ସାମାଜିକ କାର୍ଯ୍ୟ ସେମାନଙ୍କୁ ଆକର୍ଷିତ କରେନାହିଁ। ଏମାନଙ୍କ ମଧ୍ୟରୁ କିଛି ଚାଲାକ ଯୁବକ କିନ୍ତୁ ସ୍ଥଳବିଶେଷରେ ପାଚେରି ଉପରେ ବସି ଗୋଡ଼ ଝୁଲାନ୍ତି, ଅବସ୍ଥା ଦେଖି କେଉଁଆଡ଼େ ଡିଆଁ ମାରିବେ।

ଯୁବ ଓ ଛାତ୍ରଗୋଷ୍ଠୀଙ୍କୁ ପତାକା ଧରିବା ପାଇଁ ଏକ ଉପଯୁକ୍ତ ମାନବସମ୍ବଳ ହିସାବରେ ବ୍ୟବହାର କରି ରାଜନେତାଏ ସମାଜ ଓ ରାଷ୍ଟ୍ରର କି ପ୍ରକାର କ୍ଷତିସାଧନ କରୁଛନ୍ତି, ତାହା ସେମାନେ ଜାଣନ୍ତି ନାହିଁ ବା ନ ଜାଣିବାର ଛଳନା କରନ୍ତି। ଏହାଦ୍ୱାରା ଜଣେ ମଣିଷର କୈଶୋର ଓ ଯୌବନ ନାଳରେ ଯାଏ ଏବଂ ତା' ଭିତରେ ଥିବା ଅସୀମ ଶକ୍ତି ଓ ସମ୍ଭାବନା ବ୍ୟବହୃତ ନ ହୋଇ ସେମାନେ ଦିନକୁ ଦିନ ଅଳସୁଆ ପାଲଟି ଚିରଦିନିଆ ପରଜୀବୀରେ ପରିଣତ ହେବା କ୍ରମରେ ଅସାମାଜିକ ମଣିଷରେ ପରିଣତ ହୁଅନ୍ତି। ତା' ଭିତରୁ କିଛି ଚାଲାକ ଯୁବକ ଶ୍ରମିକ ଯୋଗାଣକାରୀ କଣ୍ଟ୍ରାକ୍ଟର ପରି 'ଟୋକା ଯୋଗାଉଥିବା' ରାଜନୈତିକ ଦଲାଲ ପାଲଟି ନିଜ ପତିଆରା ଜାହିର କରିବା ଆଳରେ ବଟି ଆଦାୟ, ଅସାଧୁ ବେପାର କରିବା ବା ତାକୁ ପୃଷ୍ଠପୋଷକତା ଯୋଗାଇ ନିଜର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ସହିତ ନିଜ ଇଲାକାରେ ଏକ ସମାନ୍ତରାଳ ବ୍ୟବସ୍ଥାର ମୁଖ୍ୟ ସାଜନ୍ତି। ଯେହେତୁ ସେ ଜଣେ 'ମାନବ ଯୋଗାଣକାରୀ ସଂସ୍ଥା', ତେଣୁ ରାଜନେତା ଅବା ପ୍ରଶାସନ ତା' ଦେହରେ ହାତ ଦିଅନ୍ତି ନାହିଁ। ଆଉ ସେ ଯଦି କ୍ଷମତାସୀନ ଦଳର ହୋଇଥାନ୍ତି, ତା'ହେଲେ ତ କଥା ସରିଲା।

ଏବେ ନାଗରିକ ସମାଜର ସ୍ଥିତି ଅତି ଦୟନୀୟ। ଖାଲି ଦିଗ୍‌ଦର୍ଶନ, ଉପଦେଶ ଦେଇପାରୁଥିବା କିନ୍ତୁ ଶାରୀରିକ ଭାବରେ କିଛି କରିପାରୁ ନ ଥିବା ନାଗରିକଙ୍କୁ ନେଇ ସମାଜ କ'ଣ ଅଗ୍ରଗତି କରିବ? ତା' ଛଡ଼ା ସହର ହେଉ ଅବା ଗାଁ, ତୃଣମୂଳସ୍ତରରେ ସଂହତି ନାହିଁ କି ଏକତା ନାହିଁ। ସମସ୍ତ କାର୍ଯ୍ୟକୁ, ତାହା ଯେତେ ମହତ୍ ବା ହିତସାଧକ ହେଲେ ବି, ରାଜନୈତିକ ଦୃଷ୍ଟିରୁ ଦେଖାଯାଉଛି। ଏପରି କି ରକ୍ତଦାନ କାର୍ଯ୍ୟକ୍ରମ ସେଥିରୁ ବାଦ୍ ପଡୁନାହିଁ। ରାଜନେତାମାନେ ଗାଁ ବା ସହରର କେଉଁ ୱାର୍ଡ଼କୁ ଗଲେ ବାଛି ବାଛି ସେମାନଙ୍କ ଦଳର ଲୋକଙ୍କ ସହ ମିଶୁଛନ୍ତି। ଏହାକୁ ଆହୁରି ଉତ୍କଟ କରିଛି କିଛି ରାଜନୈତିକ ଦଳର ପ୍ରମୁଖ ନେତା କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘରକୁ ଦଳବଳ ସହ ଯାଇ ଭୋଜନ କରିବା। ଥରେ ସେ ଲୋକ ଦେହରେ ଏକ ଦଳର ବିଶାଳ ଷ୍ଟାମ୍ପ୍ ବାଜିଗଲା ପରେ କାଲି ଯେତେବେଳେ ତା' ଘରେ ଗୋଟିଏ ବ୍ରତଘର ଅବା ବାହାଘର ଅବା ଶୁଦ୍ଧିକ୍ରିୟାଟି ଆୟୋଜିତ ହବ, ସେଠିକି କେଉଁମାନେ ଯିବେ? ତାହା କି ପ୍ରକାର କାର୍ଯ୍ୟକ୍ରମ ହେବ, ସାମାଜିକ ନା ରାଜନୈତିକ?

ରାଜନେତାମାନେ ଜାଣନ୍ତି ନାହିଁ ଯେ, ସେମାନେ ବିଶାଳ ବାରୁଦଗଦା ଉପରେ ବସିଛନ୍ତି। ଯୁବଗୋଷ୍ଠୀ ଏ ପ୍ରକାର ଅପବ୍ୟବହୃତ ହେଉ ହେଉ ଏମିତି ଦିନେ ସମୟ ଆସିବ ସେମାନେ ଜାଗି ଉଠିବେ ଏବଂ ଭସ୍ମାସୁର ପାଲଟି ନିଜ ମୁନିବକୁ ଜାଳିଦେବାକୁ ଧାଇଁବେ। ପ୍ରାକୃତିକ ସମ୍ବଳଠୁ ମାନବସମ୍ବଳ ବଡ଼। କାରଣ ପ୍ରାକୃତିକ ସମ୍ବଳର ଉପଯୋଗ ତଥା ସଂରକ୍ଷଣ ମାନବସମ୍ବଳ ହିଁ କରିପାରିବ। ମାନବସମ୍ବଳର ଏ ପ୍ରକାର ଅପବ୍ୟବହାର କୌଣସି ସମାଜ ବା ରାଜ୍ୟକୁ ପ୍ରଗତିର ଶୀର୍ଷକୁ ନେଇପାରିବ ନାହିଁ।

ଗୋଟିଏ ଯୁବକ ଭିତରେ ଥିବା ପ୍ରଚ୍ଛନ୍ନ ଶକ୍ତି ଗୋଟିଏ ସମାଜ କ'ଣ, ଗୋଟିଏ ରାଷ୍ଟ୍ରର ଭାଗ୍ୟ ବଦଳାଇ ଦେଇପାରେ। ଯୁବଗୋଷ୍ଠୀର ଉଦାସୀନତା ତଥା ଅପବ୍ୟବହାର ଯୋଗୁ ବରିଷ୍ଠ ନାଗରିକମାନେ ହତାଶ। ଗାଁ ହେଉ ଅବା ସହର, ଏବେ ସବୁ କାମ ଯେମିତି ସରକାରଙ୍କର ବା ସରକାରୀ ଦଳର। କାହାରି ସେଥିରେ ସମ୍ପୃକ୍ତି ନାହିଁ କି ସହଭାଗିତା ନାହିଁ ବରଂ ମଉକା ଦେଖି କିଛି କାମକୁ ବିରୋଧ କରି ଅଧାପନ୍ତରିଆ କରି ରଖିଲେ ରାଜନୈତିକ ରୁଟି ସେକି ହେବ। ନାଗରିକ ସମାଜ ଦୁର୍ବଳ ହୋଇଯିବା ଯୋଗୁ ରାଜ୍ୟର ଲୋକଚରିତ୍ର ମଧ୍ୟ ଦିନକୁ ଦିନ ଅଧଃପତିତ ହୋଇ ଓଡ଼ିଶାକୁ ପଛୁଆ ରଖିବାରେ ସହାୟକ ହେଉଛି।

ପୂର୍ବତନ ଅଧ୍ୟକ୍ଷ, ଜେଲରୋଡ୍, ବାଲେଶ୍ୱର,
ମୋ- ୯୪୩୭୩୭୬୨୧୯, ଇ-ମେଲ: sub-ashbls56@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅକ୍ଟୋବର ୧୯୯୩

- ଇସ୍ରାଏଲ ସହିତ ଲେବାନନ ଶାନ୍ତିଚୁକ୍ତି କରିବାକୁ ରାଜି ଅ ବୋଲି ଲେବାନନ ପ୍ରଧାନମନ୍ତ୍ରୀ ରଫିକ ଅଲ ହାରିରିଙ୍କ ସୂଚନା
- ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ମୋଇନ କ୍ୟୁରେସ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହେବେ ନାହିଁ।

## ପାଠକ ଶ୍ରେଷ୍ଠ ବିଚାରକ

### ଅତୁଲ୍ୟ ଭାରତର ଅନନ୍ୟ ନିର୍ମାତା

ମହାଶୟ,

'ଅତୁଲ୍ୟ ଭାରତର ଅନନ୍ୟ ନିର୍ମାତା' ପ୍ରବନ୍ଧର ଲେଖିକା ସମ୍ପନ୍ନା ପାତ୍ରଙ୍କୁ ଅଜସ୍ର ଧନ୍ୟବାଦ। ଜୟ ଯବାନ, ଜୟ କିଷାନ କହି ଆମେ ସ୍ଲୋଗାନ ଦେଉ। ଦେଖାଯାଏ ଯବାନଟିଏ ଶହୀଦ ହେଲେ ତୋପସଲାମି ଦିଆଯାଏ, କିନ୍ତୁ ଜୀବନସାରା ମାଟିରେ ମାଟି ହୋଇ ମାଟି ଦେବତାର ପୂଜା କରି ଅଜସ୍ର ଲୋକଙ୍କ ପାଟି ଓ ପେଟ ଭରୁଥିବା ଚାଷୀ ଆତ୍ମହତ୍ୟା କଲେ ତା' ସଂସାର ଭାସିଯାଏ ସିନା, ତାକୁ ବାସିରେ କେହି ପଚାରେ ନାହିଁ। ଆଉ ଶ୍ରମିକ ଭାଇ, କାମ ସରିଲେ କାଶିଆ କପିଳା ଭେଟ ନାହିଁ। ସହରୀ ସମୃଦ୍ଧୀକରଣରେ ବଳିପଡେ ଶ୍ରମିକ ବସ୍ତି। ଆଉ ଶିକ୍ଷକ ବିଚରା ଗୁରୁଦିବସରେ ଲୋଡ଼ା, ବରଷ ସାରା ଅଲୋଡ଼ା।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ପୁରୀ ଦେଉଳ ଦ୍ୱାରରେ ଭିକାରି

କୁହାଯାଏ ଭିକ୍ଷା ନୈବଚ ନୈବଚ। କିନ୍ତୁ ପୁରୀ ଦେଉଳ ଦୁଆରେ ଭିକାରିଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଏପରି କି ବହୁ ସକ୍ଷମ ମହିଳା ଓ ପୁରୁଷ ଭିକ୍ଷା ମାଗୁଛନ୍ତି। ଦର୍ଶନାର୍ଥୀମାନଙ୍କୁ ଏହି ଭିକାରିମାନେ ପ୍ରବଳ ହଇରାଣ କରୁଛନ୍ତି। ପଇସା ନ ଦେଲେ କଟୁକଥା କହୁଛନ୍ତି। ସରକାର ଏମାନଙ୍କ ଥଇଥାନର ବ୍ୟବସ୍ଥା କରିବା ଉଚିତ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ବିଜେଡିର ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ବିଷୟରେ ଖବର ପ୍ରକାଶ ପାଇଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କ ନିକଟରେ ଖବର ପହଞ୍ଚାଯାଇ ପାରିବ। କିନ୍ତୁ ରାଜ୍ୟରେ ଥିବା ଅସହାୟ ବୃଦ୍ଧାବୃଦ୍ଧ/ବିଧବା ଓ ଦିବ୍ୟାଙ୍ଗମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହା ନେତାମାନେ ହୃଦୟଙ୍ଗମ କରୁନାହାନ୍ତି। ସେମାନେ ଅଧିକାଂଶ ଭୋଟର ଲିଷ୍ଟରେ ଅନ୍ତର୍ଭୁକ୍ତ ଓ ସେମାନଙ୍କର ଭୋଟ ଦେବାର କ୍ଷମତା ରହିଛି। କିନ୍ତୁ ସେମାନେ ସରକାରଙ୍କ ଦ୍ୱାରା ଅବହେଳିତ। ସେମାନେ ଭତ୍ତା ବାବଦରେ ମାସକୁ ଯେଉଁ ୩୦୦ ଟଙ୍କା ପାଆନ୍ତି, ତାହା ଆଜିକାଲି ମହରଗ ଯୁଗରେ ଅତ୍ୟନ୍ତ ତୁଚ୍ଛ। ସେମାନେ ଭତ୍ତା ବୃଦ୍ଧି କରିବା ପାଇଁ ସରକାରଙ୍କୁ ବହୁବାର ଜଣାଇଲେଣି। ମାତ୍ର ତାହା ସରକାରଙ୍କ କର୍ଣ୍ଣଗୋଚର ହେଉନାହିଁ। ଉକ୍ତ ଜନସମ୍ପର୍କ ପଦଯାତ୍ରା ସମୟରେ ଦଳୀୟ କର୍ମୀମାନେ ସେମାନଙ୍କୁ କି ଉତ୍ତର ଦେବେ। ଅନ୍ୟ ରାଜ୍ୟରେ ସେହି ବାର୍ଦ୍ଧକ୍ୟ ଭତ୍ତା ୧୦୦୦ ଟଙ୍କାରୁ ଅଧିକ।

କହ୍ନେଇ ଚରଣ ମହାକୁଳ, ମଳୟ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ସଂକ୍ଷେପରେ

### ନଦୀରେ ଭାସିଯାଇ ଯୁବକ ନିଖୋଜ

ବାଲିଗୁଡ଼ା,୧୭।୧୦(ଡି.ଏନ୍.ଏ.)-ବାଲିଗୁଡ଼ା ବ୍ଲକ ଅଧୀନ ବାଲିଗୁଡ଼ା ସିନ୍ଧି ଗାଁ ରାସ୍ତାରେ ଯାଇଥିବା ଖଡ଼ଗନଦୀରେ ବୁଧବାର ଜଣେ ଯୁବକ ଭାସିଯାଇ ନିଖୋଜ ହୋଇଛନ୍ତି। ସେ ହେଲେ ଭଞ୍ଜ ପଣ୍ଡାଙ୍କ ପୁଅ ଗୁଡୁ (୨୫)।

ବାଲିଗୁଡ଼ା ଚମ୍ପାସାହିର ଆଳୁ ବ୍ୟବସାୟୀ ଭଞ୍ଜ କିଶୋରଙ୍କ ମାତାଙ୍କ ଦଶାହ କାର୍ଯ୍ୟ ପାଇଁ ସପରିବାର ଖଡ଼ଗନଦୀ ନିକଟକୁ ଯାଇଥିଲେ। ସେଠାରେ ଗୁଡୁ ଗାଧୋଉଥିବାବେଳେ ହଠାତ୍ ନଦୀର ସୁଅ ପ୍ରବଳ ବେଗରେ ଆସିବାରୁ ଗୁଡୁକୁ ଭସାଇ ନେଇଥିଲା। ପରିବାର ଲୋକ ଏହା ଦେଖି ଉଦ୍ଧାର ପାଇଁ ଚେଷ୍ଟା କରି ବିଫଳ ହେବା ପରେ ବାଲିଗୁଡ଼ା ଦମକଳ ବାହିନୀକୁ ଖବର ଦେଇଥିଲେ। ସେମାନେ ସମସ୍ତେ ବହୁ ଚେଷ୍ଟାକରି ମଧ ଗୁଡୁକୁ ପାଇନଥିଲେ। ନଦୀ ଆଖପାଖ ଅଞ୍ଚଳକୁ ଖବର ଦେବାସହ ଦମକଳ ବାହିନୀ ଖୋଜାଖୋଜି କରୁଥିବା ଜଣାପଡ଼ିଛି। ଖବର ସମଗ୍ର ବାଲିଗୁଡ଼ା ଟାଉନ୍‌ରେ ପ୍ରଚାରିତ ହେବା ପରେ ଯୁବମହଲରେ ଶୋକର ଛାୟା ଖେଳି ଯାଇଥିଲା।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଛତ୍ରପୁର,୧୭।୧୦(ଡି.ଏନ.ଏ.) - ଛତ୍ରପୁର ଥାନା ପୋଛଲାମପୁର ପଞ୍ଚାୟତ ମୁନିକ୍ଷିପେଣ୍ଠ ଗାଁର ଜଣେ ବ୍ୟକ୍ତିଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ ସାହୁ। ମଙ୍ଗଳବାର ରାତିରେ ସନ୍ତୋଷ ନିଜ ଘରେ ତାର ମରାମତି କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇ ତଳେ ପଡ଼ି ଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପରିବାର ଲୋକେ ଛତ୍ରପୁର ହସ୍ପିଟାଲକୁ ଆଣିଥିଲେ। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଛତ୍ରପୁର ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ଜବତ କରିବା ବ୍ୟବଚ୍ଛେଦ କରାଇଥିଲା। ଏ ନେଇ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ.୧୫/୧୮) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।




■ବଟି ଆଦାୟ, ଆକ୍ରମଣ ଘଟଣା, ୯ ଜଣଙ୍କ ନାଁରେ ମାମଲା

# ସୁରକ୍ଷା ଦାବି କଲେ ସୁନ୍ଦରପୁରବାସୀ

ଛତ୍ରପୁର,୧୭।୧୦(ଡି.ଏନ.ଏ.):

ଛତ୍ରପୁର ଥାନା ସୁନ୍ଦରପୁର ଗାଁରେ ୧୫ ତାରିଖରେ କେତେଜଣ ଅସାମାଜିକ ବ୍ୟକ୍ତି ଗଣ୍ଡଗୋଳ କରିଥିଲେ। ସେମାନେ ଗାଁର କେତେଜଣଙ୍କୁ ବଟି ମାଗିବା ସହ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ଓ ଗାଁରେ ନିୟମିତ ପାଟ୍ରୋଲିଂ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବୁଧବାର ସୁନ୍ଦରପୁରର ଶତାଧିକ ଲୋକ ଥାନା ପରିସରରେ ଧରଣା ଦେଇଥିଲେ। ଡିଏସପି ଦିଲୀପ କୁମାର ଦାଶ ଓ ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସେମାନଙ୍କ ସହ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ମିଳିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବଟି ମାଗିବା ସହ ଆକ୍ରମଣ ମାମଲାରେ ୯ ଜଣଙ୍କ ନାଁରେ ଲୋକେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୫୬/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ୧୫ ତାରିଖରେ ୯ ଯୁବକ ୩ଟି ବାଇକ୍‌ରେ ସୁନ୍ଦରେଶ୍ୱର ଛକକୁ ଆସିଥିଲେ। ସେମାନେ ସୁନ୍ଦରପୁରର ସତ୍ୟନାରାୟଣ ତିୱାରୀଙ୍କୁ ଧମକ ଦେବା ସହ ବଟି ମାଗି ଆକ୍ରମଣ କରିଥିଲେ।



ଛତ୍ରପୁର ଥାନା ପରିସରରେ ଧାରଣା ଦିଆଯାଇଛି।

ସତ୍ୟନାରାୟଣଙ୍କ ଭାଇ ମନୋରଞ୍ଜନ ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ ଆକ୍ରମଣ କରାଯାଇଥିଲା। ସେହିପରି ଗାଁର ପ୍ରମୋଦ କୁମାର ପୁରୋହିତଙ୍କୁ ମଧ ଅଭିଯୁକ୍ତମାନେ ୫ ଲକ୍ଷ ଟଙ୍କା ବଟି ମାଗିବା ସହ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି। ଗାଁର ପାଠାଗାର ଛକ ନିକଟରେ ଥିବା ଲୁଗା ଦୋକାନରେ ବ୍ରହ୍ମପୁର ଏମପିଙ୍କ ବ୍ଲକ ପ୍ରତିନିଧି ଜଟିଆ ନାହାକଙ୍କୁ ମଧ ବଟି ମଗାଯିବା ସହ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଗାଁରେ ଆଲୋଚନା ବୈଠକ ବସି ଅଭିଯୁକ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସରପଞ୍ଚ ସସ୍ମିତା ମହାଙ୍କୁଡ, ସମିତିସଭ୍ୟା ସୁକାନ୍ତି ବେହେରା, ଏମପି ପ୍ରତିନିଧି ନାହାକ, ପୂର୍ବତନ ସମିତିସଭ୍ୟ ବିଦେଶୀ ନାହାକ, ଗଗନ ବେହେରା, ସୁବାସ ଚନ୍ଦ୍ର ନାହାକ, ପ୍ରମୋଦ କୁମାର ପୁରୋହିତ, ସତ୍ୟନାରାୟଣ, ମନୋରଞ୍ଜନଙ୍କ ସମେତ ଶତାଧିକ ଗାଁବାସୀ ଥାନାକୁ ଆସି ଦାବି ଜଣାଇଥିଲେ।

# ରାସ୍ତାରେ ଦମ୍ପତିଙ୍କଠାରୁ ଲୁଟ

ବେଗୁନିଆପଡ଼ା,୧୭।୧୦(ଡି.ଏନ.ଏ.)

ବେଗୁନିଆପଡ଼ା ଫାଣ୍ଡି ଏସ୍.ଛଚିନା ଓ ଏମ୍.ବରିଡ଼ା ରାସ୍ତା ମଝିରେ ଦମ୍ପତିଙ୍କୁ ଅଟକାଇ ମାଉଜର ଦେଖାଇ ଲୁଟ ହୋଇଛି। ଏନେଇ ରବୀନ୍ଦ୍ର ବେଗୁନିଆପଡ଼ା ଫାଣ୍ଡିରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ନଂ. ୨୩୬/୧୮ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ପ୍ରଦୀପ୍ତ କୁମାର ଦାସ କହିଛନ୍ତି।

ପ୍ରକାଶ ଯେ, ଏସ୍.ଛଚିନା ଗ୍ରାମର ଇ. ରବୀନ୍ଦ୍ର ମାଲୁ ତାଙ୍କ ସ୍ତ୍ରୀ ଦୁହେଁ ଝିଅକୁ ଦଶହରା ଭାର ଦେଇ ବ୍ରହ୍ମପୁରରୁ ମଙ୍ଗଳବାର ନିଜ ବାଇକ୍‌ରେ ଫେରୁଥିଲେ। ରାତି ପ୍ରାୟ ୯ଟାରେ ଏସ୍.ଛଚିନା-ଏମ.ବରିଡ଼ା ମଝି ଗଡ଼ାନାଳ ଘାଇ ବାଙ୍କରେ ପଛପଟୁ ୩ ଜଣ ଯୁବକ ଗୋଟିଏ ବାଇକ୍‌ରେ ଆସି ରବୀନ୍ଦ୍ରଙ୍କ ବାଇକ ଆଗରେ ବାଇକ୍ ରଖି ଅଟକାଇଥିଲେ। ପଛରେ ଥିବା ଯୁବକ ହଠାତ୍ ଓହ୍ଲାଇ ରବୀନ୍ଦ୍ରଙ୍କୁ ଦୁଇ ଚାପୁଡ଼ା ମାରି କ'ଣ ଧରିଛୁ ଦେ ବୋଲି କହି ରବୀନ୍ଦ୍ରଙ୍କ ପକେଟରେ ଥିବା ୨ ଶହ ଟଙ୍କା ଓ ତାଙ୍କ ସ୍ତ୍ରୀ ବେକରେ ଥିବା ସୁନା ଲକେଟଟି ଝାମ୍ପି ନେଇଥିଲେ। ଏହି ସମୟରେ ପଛରୁ ପୁଣି ଏକ ବାଇକ୍ ଆସିବା ଦେଖି ଦୁର୍ବୃତ୍ତମାନେ ଏସ୍.ଛଚିନା ଦିଗରୁ ପଳାଇ ଯାଇଥିଲେ। ଏହି ସ୍ଥାନ ନିକଟରେ ଜନବସତି ନ ଥିବାରୁ ଅନେକ ସମୟରେ ଡକାୟତି ହେଉଛି। ପୋଲିସ ପାଟ୍ରୋଲିଂ ପାଇଁ ସାଧାରଣରେ ଦାବି ହେଉଛି।

# ସଚେତନତା ଖାଦ୍ୟଶସ୍ୟ କ୍ଷତିକୁ ରୋକିପାରିବ

ଭଞ୍ଜନଗର,୧୭।୧୦(ଡି.ଏନ.ଏ.)

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଏନେଇ ସ୍ଥାନୀୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଭା ହୋଇଥିଲା। ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ଅଧକ୍ଷା ଡ. ସ୍ୱାଗତିକା ସାହୁ ଅଧକ୍ଷତା କରିଥିଲେ। ଖାଦ୍ୟଶସ୍ୟ ଉତ୍ପାଦନ ଯେଉଁ ଅନୁପାତରେ ବଢୁଛି ସେହି ଅନୁପାତରେ ଲୋକ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଖାଦ୍ୟଶସ୍ୟ ଅମଳ ସମୟରେ କିଛି ଶସ୍ୟ ନଷ୍ଟ ହୋଇଯାଉଛି। ସଂରକ୍ଷଣ ସମୟରେ ମୂଷା ଓ ପୋକ ଲାଗିବା ଯୋଗୁ କିଛି ନଷ୍ଟ ହୋଇଯାଉଛି। ଆଉ କିଛି ଜମିରେ ହିଁ ପଡ଼ି ନଷ୍ଟ ହୋଇଯାଉଛି। ଏହିଭଳି ୧୫ରୁ ୨୦ ପ୍ରତିଶତ ଖାଦ୍ୟଶସ୍ୟ ନଷ୍ଟ ହୋଇଯାଉଛି। କୃଷକମାନେ ସଚେତନ ହୋଇ ଏହାର ସଂରକ୍ଷ କଲେ କ୍ଷତିକୁ ରୋକାଯାଇ ପାରିବ। ଏଥିସହ ଲୋକେ ହୋଟେଲ, ଘରେ, ଭୋଜିରେ ଖାଦ୍ୟ ଖାଇବା ସମୟରେ ବହୁ ଖାଦ୍ୟ ନଷ୍ଟ କରୁଛନ୍ତି, ଯାହାକି ଚିନ୍ତାଜନକ ବିଷୟ। ଏହାକୁ ଲୋକେ ଚାହିଁଲେ ରୋକିପାରିବେ। ଜନସଂଖ୍ୟା ଓ କଳକାରଖାନା ବୃଦ୍ଧି ଯୋଗୁ ଜମିର ପରିମାଣ ମଧ୍ୟ କମିଯାଉଛି। ଲୋକେ ସଚେତନ ହେଲେ ଖାଦ୍ୟଶସ୍ୟ କ୍ଷତିକୁ ରୋକାଯାଇପାରିବ, ନଚେତ ଭବିଷ୍ୟତରେ ଖାଦ୍ୟାଭାବ ଦେଖାଦେବ ବୋଲି ଆୟୋଜିତ ସଭାରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଥିଲେ। କୃଷି ବିଭାଗର କ୍ଷେତ୍ରବିଜ୍ଞାନୀ କୁମୁଦ ଚନ୍ଦ୍ର ପାଢ଼ୀ, ସହକାରୀ ଉଦ୍ୟାନବିତ୍ ସମ୍ବିତ୍ ଆଚାର୍ଯ୍ୟ, ବୈଜ୍ଞାନିକ ଡ. ସନ୍ତୋଷ କୁମାର ସାମନ୍ତରାୟ, ସିଦ୍ଧାର୍ଥ ରଣବିଜୁଳି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଜ୍ଞାନିକ ପ୍ରଶାନ୍ତ କୁମାର ପଣ୍ଡା ସଭାକୁ ସଂଯୋଜନା କରିଥିଲେ।




ମଞ୍ଚାସୀନ ଅତିଥି।

ବିଶ୍ୱ ଖାଦ୍ୟ ଦିବସ

# ନିଖୋଜ ୨ ଜଣଙ୍କ ମୃତଦେହ ଉଦ୍ଧାର

ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)

ତିତ୍‌ଲି ବାତ୍ୟା ସମୟରେ ଆର.ଉଦୟଗିରି ବ୍ଲକ ଆନଗାଁ ପଞ୍ଚାୟତର ବଡ଼ିଅର ଏବଂ ପରିସଲ ଗ୍ରାମର ନିଖୋଜ ଥିବା ୩ ବ୍ୟକ୍ତିଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ ବଡ଼ିଅର ଗ୍ରାମର କୁନି ବେହେରା ଓ ପରିସଲ ଗ୍ରାମର ଜଗଦୀଶ କରାଡ଼। ମଙ୍ଗଳବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଆର.ଉଦୟଗିରି ଏସଡିପିଓ ଅନିଲ କୁମାର ପ୍ରଧାନଙ୍କ ସୂଚନା ପ୍ରକାରେ, ୧୧ ତାରିଖ ବାତ୍ୟାରେ ଅନଗାଁ ଓ ପରିସଲ ଗ୍ରାମର ୩ ବ୍ୟକ୍ତି ନିଖୋଜ ହୋଇଥିଲେ। କୁନି ଓ ଜଗଦୀଶଙ୍କ ମୃତଦେହ ମିଳିଥିବା ବେଳେ ଦଳେଇ ସାହିର ସୁକୁ ଦଳେଇଙ୍କର ଏ ପର୍ଯ୍ୟନ୍ତ ପତ୍ତା ମିଳିନି। ୧୧ ତାରିଖରେ ବାତ୍ୟା ପ୍ରଭାବରେ ହେଉଥିବା ବର୍ଷା ସମୟରେ ସୁକୁ ଓ କୁନି ପାହାଡ଼ିଆ ରାସ୍ତା ଦେଇ ଗ୍ରାମକୁ ଯାଉଥିଲେ। ବଡ଼ିଆ ଗ୍ରାମ ନିକଟରେ ପାହାଡ଼ରୁ ପଥର ଖସିଥିଲା। ଉକ୍ତ ପଥର ତଳେ କୁନି ଚାପି ହୋଇ ଯାଇଥିଲେ। ପଥର ମଧ୍ୟରୁ କେବଳ ହାତ ଦେଖାଯିବାରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସୁକୁଙ୍କ ପତ୍ତା ମିଳିନାହିଁ। ସେହିପରି ବାତ୍ୟା ଦିନ ସ୍ତ୍ରୀ ମିନାଙ୍କ ସହ ଜଗଦୀଶ ନିଜ ଜମିକୁ ଫସଲ ଦେଖିବାକୁ ଯାଇଥିଲେ। ଅପରାହ୍ନରେ ନାଳକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ନାଳ କୂଳରେ ଜୋତା ପଡ଼ିଥିବା ଦେଖି ମିନା ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଓ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରିଥିଲେ ମଧ ଜଗଦୀଶଙ୍କ ପତ୍ତା ମି ନ ଥିଲା। ମଙ୍ଗଳବାର ରାମଗିରି ପୋଲିସ ଗ୍ରାମବାସୀଙ୍କ ସହାୟତାରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ଦୁଇଟି ମୃତଦେହ ମିଳିବା ଘଟଣାରେ ପୃଥକ ମାମଲା (ନଂ.୪,୫/୨୦୧୮) ରୁଜୁ କରାଯାଇଛି।

## ଦୁଇ ଗୋଷ୍ଠୀ ବିବାଦ ସମାଧାନ, ଥାନାକୁ ଜଣାଇଲେ

ଗୋପାଳପୁର,୧୭।୧୦

ଗୋଳନ୍ଥରା ଥାନା ତତଡ଼ାପଲ୍ଲୀ ଗ୍ରାମରେ ୧୪ ମାସ ହେଲା ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦର ଅନ୍ତ ଘଟିଛି। ତତଡ଼ାପଲ୍ଲୀ ଗ୍ରାମର ୨ଗୋଷ୍ଠୀ ପକ୍ଷରୁ ଥାନାରେ ୪ଟି ମାମଲା ରୁଜୁ ହୋଇ ଗ୍ରାମରେ ଅଶାନ୍ତି ଲାଗି ରହିଥିଲା। ଏନେଇ ମଙ୍ଗଳବାର ଘାଟିକାଲୁଆ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରରେ ଉଭୟ ଗୋଷ୍ଠୀ, ଭଦ୍ରଲୋକ ଏବଂ ମହୁରୀ ତାଲୁକାର ସଭାପତି ସିଏଚ ବାଇରି ପାତ୍ର ଓ ସିଏଚ ଭରତ ପାତ୍ରଙ୍କୁ ନେଇ ବୈଠକ ବସି ସମାଧାନ ହୋଇଥିଲା। ଆଗାମୀ ଦିନରେ କୌଣସି ପ୍ରକାର ଅଶାନ୍ତି ସୃଷ୍ଟି ନ ହେବା ନେଇ ଗୋଳନ୍ଥରା ଥାନାଧିକାରୀ ଡ. ଆଲୋକ କୁମାର ଜେନାଙ୍କୁ ଉଭୟ ଗୋଷ୍ଠୀ ଓ ଭଦ୍ରଲୋକ ଲିଖିତ ଭାବେ ଜଣାଇଥିଲେ। ଉକ୍ତ ବୈଠକରେ ବି. ଶୋଭା, ପ୍ରେମେଶ୍ୱର ରାଓ, ଡବ୍ଲ୍ୟୁ କାନକା, ଡବ୍ଲ୍ୟୁ ମହେଶ, ଡବ୍ଲ୍ୟୁ ସାରଥୀ ଓ ଉଭୟ ଗୋଷ୍ଠୀର ବ୍ୟକ୍ତି ଉପସ୍ଥିତ ଥିଲେ।

■ବୁଢ଼ୀ ଠାକୁରାଣୀ ଯାତ୍ରା

# ଶୁଭାରମ୍ଭ ହେଲା ଘଟ ଶୋଭାଯାତ୍ରା

ଦିଗପହଣ୍ଡି,୧୭।୧୦(ଡି.ଏନ.ଏ.)

ଦିଗପହଣ୍ଡିରେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ମହୋତ୍ସବ ବୁଧବାର ୨ ଦିନ ବିତିଛି। ଘଟ ଶୋଭାଯାତ୍ରା ଶୁଭାରମ୍ଭ ହୋଇଯାଇଛି। ସନ୍ଧ୍ୟାରେ ଶକ୍ତିପଲ୍ଲବ ତନ୍ତ୍ର ମତେ ଉଗ୍ରଚଣ୍ଡୀ ମଣ୍ଡଳକ୍ରମେ ଯାତ୍ରାପୀଠରେ ମା' ବୁଢ଼ୀ ଠାକୁରାଣୀଙ୍କୁ ମହାଷ୍ଟମୀ ତିଥିରେ ସେବା ପୂଜା ମଣୋହି କରାଯାଇଥିଲା। ସହସ୍ର ପରିମିତ ଆଳତି ପରେ ଘଟ ଶୋଭାଯାତ୍ରା ପାଇଁ ମା'ଙ୍କୁ ଆବାହନ କରାଯାଇଥିଲା। ଗ୍ରାମ ପରିକ୍ରମା ପାଇଁ ମା'ଙ୍କ ଆଜ୍ଞାମାଳ ପରେ ପାର୍ଶ୍ୱଘଟଧାରୀ ମହିଳାମାନେ ମା'ଙ୍କ ହୁକୁମ ନେଇ ଘଟ ଉଠାଇଥିଲେ। ମୁଖ୍ୟଘଟକୁ ସମ୍ମୁଖ ଭାଗରେ ରଖାଯିବା ପରେ ମା' ବୁଢ଼ୀ ଠାକୁରାଣୀ ବାଦ୍ୟ ବାଜଣାର ତାଳେ ତାଳେ ଝୁଲି ଝୁଲି ଯାତ୍ରା ପୀଠରୁ ଶୋଭାଯାତ୍ରାରେ ବାହାରିଥିଲେ। ଘଟ ଶୋଭାଯାତ୍ରା ବଜାର ସାହି ବାଙ୍କ ବିହାରୀ ମଠ ଯାଏ ପରିକ୍ରମା କରି ବିଳମ୍ବିତ ରାତିରେ ଯାତ୍ରାପୀଠକୁ ଫେରିଥିଲା। ସନ୍ଧ୍ୟାରେ ଯାତ୍ରାପୀଠରେ ଶ୍ରୀଜଗନ୍ନାଥ କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବେଗୁନିଆପଡ଼ା ବ୍ଲକରେ ଉପଜିଲାପାଳଙ୍କ ସମୀକ୍ଷା

ବେଗୁନିଆପଡ଼ା,୧୭।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ଉପଜିଲାପାଳ ଦେବବ୍ରତ ସାହୁ ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୃଷ୍ଟି ବୁଧବାର ବେଗୁନିଆପଡ଼ା ବ୍ଲକ ଗସ୍ତ କରି ସମୀକ୍ଷା କରିଛନ୍ତି। ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କ ସର୍ଭେ ବିଷୟ ଆଲୋଚନା କରିଥିଲେ। ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି ନା ନାହିଁ, କର୍ମଚାରୀମାନେ ଠିକ୍ ସର୍ଭେ କରୁଛନ୍ତି ନା ନାହିଁ ଆଦି ବିଷୟ ପଚାରି ବୁଝିଥିଲେ। ବୁଧବାର ଶେଷ ସୁଦ୍ଧା ୨୪ଟି ଗ୍ରାମରେ ସର୍ଭେ ସରିଥିବା ବେଳେ ୧୦୯ ଗ୍ରାମରେ ଆଂଶିକ ସର୍ଭେ ହୋଇଥିବା ବିଡିଓ ପ୍ରଦୀପ କୁମାର ପଣ୍ଡା କହିଛନ୍ତି।

# ଆସିକାରେ କ୍ଷୟକ୍ଷତି ଆକଳନ ଆରମ୍ଭ

ଆସିକା,୧୭।୧୦(ଡି.ଏନ୍.ଏ.):

ବାତ୍ୟା ତିତଲି ଜନିତ ବନ୍ୟାରେ ପ୍ରଭାବିତ ଲୋକଙ୍କୁ ୧୫ ଦିନର ରିଲିଫ ନଗଦ ଆକାରରେ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆସିକା ଏନଏସି ଓ ବ୍ଲକ ଇଲାକାରେ ରିଲିଫ ପ୍ରଦାନ ପାଇଁ ବୁଧବାରଠାରୁ ବନ୍ୟା ବିପନ୍ନଙ୍କ ତାଲିକା ପ୍ରସ୍ତୁତି ଆରମ୍ଭ ହୋଇଛି। ଏନଏସିର ୧୮ ୱାର୍ଡରେ ଏନଏସି କର୍ମଚାରୀ, ଶିକ୍ଷକ ଓ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ବିପନ୍ନ ପରିବାରଙ୍କ ତାଲିକା ପ୍ରସ୍ତୁତି ସହ ବ୍ୟାଙ୍କ ଜମାଖାତାର ନକଲ ସଂଗ୍ରହ କରୁଥିବା ବେଳେ ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତର ସଂପ୍ରସାରଣ ଅଧିକାରୀ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେହିପରି ଆସିକା ତହସିଲ ଅନ୍ତର୍ଗତ ୧୧୩ଟି ରାଜସ୍ୱ ଗ୍ରାମରେ ମଧ ବୁଧବାରଠାରୁ ଫସଲ କ୍ଷତିର ଆକଳନ ଆରମ୍ଭ ହୋଇଛି। ଏହି ତାଲିକା ପ୍ରସ୍ତୁତି ଓ ଫସଲ କ୍ଷତି ଆକଳନ ରିପୋର୍ଟ ୨୧ ତାରିଖ ସୁଦ୍ଧା ବିଭାଗୀୟ କାର୍ଯ୍ୟାଳୟରେ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ବିଡିଓ ଗାୟତ୍ରୀଦତ୍ତ ନାୟକ ଓ ତହସିଲଦାର ସୁବାସ ଚନ୍ଦ୍ର ସେଠିଆ ସୂଚନା ଦେଇଛନ୍ତି।

**APPLICATIONS INVITED**

**Andhra Bank Institute of Rural Development, Chatrapur** invites applications from prospective candidates for the following posts. The appointment shall be purely on contract basis.

**Last Date for receipt of Applications: 31.10.2018 Age: 22 to 40 years**

**1. Office Assistant - 1 No.2. Watchman- 1 No.**

**Qualification: 1. Office Assistant** : Shall be a Graduate viz. BSW/BA/B.Com./ with computer knowledge. Knowledge in Basic Accounting is a preferred qualification. Shall be fluent in spoken and written local language. Fluency in Hindi / English would be an added qualification. Shall be proficient in MS Office (Word and Excel ), Tally & Internet. Skills in typing in local language is essential, Typing skills in English an added advantage. Remuneration: Consolidated Monthly Pay: Rs.12,000/-

**2. Watchman :** Should have passed 7th Standard, Should have experience preferably in agriculture/ Guard. Remuneration: Consolidated Monthly Pay: Rs.6, 000/-

Interested candidates may apply in the prescribed format placed on the website www.andhrabank.in or available at our institute. Filled in applications may be sent to the following address along with the enclosures/copies of Pass Certificate, Photo copies of testimonials along with passport size photograph & Proof of residential address. Preference will be given to the candidates residing in the district. The eligible candidates shall be called for written test / interview. Canvassing of any nature shall be a disqualification.Duly filled in applications are to be sent to the following address.

**The Director, ABIRD, At: Puti Gopalpur, N.H-5, Post: Chatrapur, PIN - 761020, Dist.: Ganjam, (Odisha) Ph. No. 06811-262750.**






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ପାର୍ବଣୀ
ପରିବାରବର୍ଗ


ପାପୁନ୍
ପରିବାରବର୍ଗ


ଶୁଭଶ୍ରୀ
ପରିବାରବର୍ଗ


ଶୁଭମ୍
ପରିବାରବର୍ଗ


ସୁନିତା
ପରିବାରବର୍ଗ


ତନ୍ମୟ
ପରିବାରବର୍ଗ


ରାଜେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବନ୍ୟା ପରେ ବ୍ୟାଙ୍କସେବା ଅଚଳ

ଆସିକା,୧୭।୧୦(ଡି.ଏନ୍.ଏ.)

ବନ୍ୟାରେ ଆସିକା ସହର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିଲା। ଏହାର ପ୍ରଭାବ ଏଠାରେ ଥିବା ବିଭିନ୍ନ ଜାତୀୟକରଣ ଓ ଘରୋଇ ବ୍ୟାଙ୍କ ଉପରେ ପଡିଛି। ଷ୍ଟେଟବ୍ୟାଙ୍କର କୃଷି ଉନ୍ନୟନ ଶାଖା, ସମବାୟ କେନ୍ଦ୍ର ବ୍ୟାଙ୍କ ଏବଂ କର୍ପୋରେଶନ ବ୍ୟାଙ୍କ ବ୍ୟତୀତ ଅନ୍ୟ ସମସ୍ତ ୧୦ରୁ ଉର୍ଦ୍ଧ୍ୱ ବ୍ୟାଙ୍କ ଶାଖା ଗତ ଶୁକ୍ରବାରଠାରୁ ଅଚଳ ହୋଇଛି । କଳିଙ୍ଗା ରୋଡ, ଲକ୍ଷ୍ମୀ ବଜାର ଓ ବିନାୟକ ବଜାର ଅଞ୍ଚଳରେ ଥିବା ଷ୍ଟେଟ ବ୍ୟାଙ୍କର ମୁଖ୍ୟ ଶାଖା, ସମବାୟ କେନ୍ଦ୍ର ବ୍ୟାଙ୍କ ସଦର ଶାଖା ସମେତ ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ ବନ୍ୟାଜଳ ପ୍ରବେଶ କରି କମ୍ପ୍ୟୁଟର, ଏଟିଏମ ମେଶିନ ଓ ରେକର୍ଡପତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏପରିକି ବ୍ୟାଙ୍କ ଷ୍ଟ୍ରଙ୍ଗରୁମରେ ପାଣି ପଶି ବହୁ ଟଙ୍କା ପ୍ୟାକେଟ ଭିଜିଯାଇଥିଲା। ମଙ୍ଗଳବାର ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଶାଖାର ଛାତ ଉପରେ ଭିଜି ଯାଇଥିବା ଟଙ୍କାକୁ ଶୁଖାଯାଇଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ୨ ଦିନ ହେଲା ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ବ୍ୟାଙ୍କ ସମ୍ମୁଖରେ କମନ ସର୍ଭିସ ସେଣ୍ଟର (ସିଏସସି ) ମାଧ୍ୟମରେ ସେବା ଯୋଗାଇବା ଉଦ୍ୟମ ଆରମ୍ଭ ହୋଇଛି । ବ୍ୟାଙ୍କ ସେବା ସ୍ୱାଭାବିକ ହେବା ଲାଗି ଆହୁରି ୩/୪ ଦିନ ଲାଗିଯିବ ବୋଲି କୁହାଯାଉଛି ।


ବନ୍ୟାପାଣି ବ୍ୟାଙ୍କରେ ପଶି ଭିଜି ଯାଇଥିବା ଟଙ୍କା ଛାତ ଉପରେ ଶୁଖାଯାଇଛି। (ଭାଇରାଲ ଫଟୋ।

## ଆଜି ପ୍ଲାନେଟାରିୟମ୍‌ରେ 'ବାପୁ ଖଗୋଳ ମେଳା'

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ପ୍ଲାନେଟୋରିୟମ୍ ପରିସରରେ ଗୁରୁବାର 'ବାପୁ ଖଗୋଳ ମେଳା' ନାମକ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସନ୍ଧ୍ୟା ୫ରୁ ୭ଟା ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ପ୍ଲାନେଟାରିୟମ୍‌ର ନିର୍ଦ୍ଦେଶିକା ଡ. ଏନ. ରତ୍ନଶ୍ରୀ ଯୋଗଦେବେ। ଏହି ସମୟରେ ଦୂରବୀକ୍ଷଣ ଯନ୍ତ୍ରରେ ଚନ୍ଦ୍ର ଓ ଶନି ଗ୍ରହର ବଳୟ ଦେଖିବାର ବ୍ୟବସ୍ଥା କରାଯାଇଛି। ଡ. ଏନ. ରତ୍ନଶ୍ରୀଙ୍କ ସହିତ ଛାତ୍ରୀଛାତ୍ରମାନେ ସିଧାସଳଖ ଆଲୋଚନା ମଧ୍ୟ କରିପାରିବେ। ଏହି 'ବାପୁ ଖଗୋଳ ମେଳା' କାର୍ଯ୍ୟକ୍ରମଟି ଜାତୀୟ ସ୍ତରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଦେଶର ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଉଛି। ୨୦୧୯ରେ ବର୍ଷସାରା ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି ବୋଲି ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ପୁରୀର ବିଶ୍ୱମ୍ଭର ବିଦ୍ୟାପୀଠଠାରେ ବାପୁ ଖଗୋଳ ମେଳା ଆୟୋଜନ କରାଯାଇଥିଲା। ଏଥିରେ ପଠାଣି ସାମନ୍ତ ପ୍ଲାନେଟାରିୟମ ଓ ସାମନ୍ତ ଚନ୍ଦ୍ରଶେଖର ଆଗ୍ରହୀ ଜ୍ୟୋତିର୍ବିଜ୍ଞାନୀ ପରିଷଦର ସଦସ୍ୟମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଦୂରବୀକ୍ଷଣ ଯନ୍ତରେ ଚନ୍ଦ୍ର ଓ ଶନିର ବଳୟ ଦେଖାଇଥିଲେ।

## ଇସ୍ତଫା ଦେଲେ... ପ୍ରଥମ ପୃଷ୍ଠାରୁ...

ଅଭିହିତ କରିବା ସହ ଖଣ୍ଡନ କରିଥିଲେ। ଏଥିସହ ସେ ଇସ୍ତଫା ଦେବେ ନାହିଁ ବୋଲି ସଙ୍କେତ ଦେଇଥିଲେ। ଆକବର ଓଲଟା ଅଭିଯୋଗକାରିଣୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେଇଥିଲେ। ଟୁଇଟର୍‌ରେ ପ୍ରଥମ ଅଭିଯୋଗ ଆଣିଥିବା ପ୍ରିୟା ରମଣୀଙ୍କ ବିରୋଧରେ ସେ ସୋମବାର ଆପରାଧିକ ମାନହାନି ମାମଲା ଦାଏର କରି ଟାଣପଣ ଦେଖାଇଥିଲେ। ଦିଲ୍ଲୀସ୍ଥିତ ପଟିଆଲା ହାଉସ୍ କୋର୍ଟରେ ଗୁରୁବାର ଉକ୍ତ ମାମଲାର ଶୁଣାଣି ହେବ। ଇତିମଧ୍ୟରେ ସୋସିଆଲ ମିଡିଆରେ ଆକବରଙ୍କ ବିରୋଧରେ ଅଭିଯୋଗର ତାଲିକା ଲମ୍ବିଚାଲିଥିଲା। # ମିଟୂ ଅଭିଯାନରେ ଅନ୍ୟୁନ ୨୦ ମହିଳା ସାମ୍ବାଦିକ ତାଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିଲେ। 'ନେଟୱର୍କ ଅଫ୍ ୱିମେନ୍ ଇନ୍ ମିଡିଆ ଇନ୍ ଇଣ୍ଡିଆ'ର ଏକ ପ୍ରତିନିଧି ଦଳ ସୋମବାର ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଆକବରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଫଳରେ ଇସ୍ତଫା ପାଇଁ ଆକବରଙ୍କ ଉପରେ ଚାପ ବଢ଼ିବାରେ ଲାଗିଥିଲା। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତାକୁ ନେଇ କେନ୍ଦ୍ର ସରକାରଙ୍କୁ କ୍ରମାଗତ ଭାବେ ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଆସୁଥିଲେ। କଂଗ୍ରେସ ଆକବରଙ୍କ ଇସ୍ତଫା ଦାବି କରୁଥିବାବେଳେ ଭାଜପା ଅଭିଯୋଗକୁ ନେଇ ଚୁପ୍ ରହିଥିଲା। ୬୭ ବର୍ଷୀୟ ଆକବର ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇଥିଲେ। ୨୦୧୬ରେ ତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା।

## ଟ୍ରକ-ବୋଲେରୋ....

ଜଣେ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଓଡିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଲୋକାରଣ୍ୟ ପାଲଟିଯାଇଥିଲା। ନୂଆପଡ଼ା ପୋଲିସ ମୃତଦେହଗୁଡିକୁ ଜବତ କରିବା ସହ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇଛି। ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି । ପୋଲିସ ଗାଡି ୨ଟିକୁ ଜବତ କରିଛି। ଏହି ଖବର ପାଇ ଛତିଶଗଡ ବାଗବାହାରା ତହସିଲଦାର ଅଶୋକ କୁମାର ଭୋଇ ପ୍ରତି ମୃତକଙ୍କ ପରିବାରଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

## ଖଟିରେ ଖଟିରେ...

### ଆଜ୍ଞାଙ୍କୁ ବି ମୁଣ୍ଡିଆ

ଆମ ପୁରୀ ଜିଲା ଗଡ଼ ଏରିଆ ମାନ୍ୟବର ଗଣ୍ଡେ ଲୋକଙ୍କୁ ପାଖରେ ବସାଇ ଗୁଲିଖଟି ଚଳାଇ ଥାଆନ୍ତି। ପାଖରେ ବସିଥିବା ଲୋକଙ୍କୁ ମାନ୍ୟବର ଆକାଶରୁ ତୋଳି ଆଣିଲା ଭଳିଆ କଥା ଶୁଣାଉ ଥାଆନ୍ତି। ଏତିକିବେଳେ ପଲେ ଲୋକ ଭୁସ୍‌କିନା ଆସି ମାନ୍ୟବରଙ୍କ ହାତ ଧରି ପୂଜା କଥା ମନେପକାଇଦେଲେ। ବହୁ ଝିକିଝିକିରେ ୭ ଦବାକୁ ମାନ୍ୟବର ଫାଇନାଲ କଲେ। ଏହାପରେ ମାନ୍ୟବରଙ୍କ ପ୍ରବଚନ ପର୍ବ ପୂର୍ବ ତୁଳନାରେ ଦେଢ଼ଗୁଣା ବଢ଼ିଗଲା। ଏତିକି ବେଳକୁ ମାନ୍ୟବରଙ୍କ ସୁରକ୍ଷା ଅଫିସର ରାଇଜ ମୁଖ୍ୟାଳୟର ଜଣେ ବଡ ଅଫିସରଙ୍କ ପିଅନ ମହାଶୟ ଆସିଛନ୍ତି ବୋଲି କହିଦେଲା। ଏତିକିରେ ତ ଦେଖ, ତରତର ହୋଇ ମାନ୍ୟବର ଅନନ୍ତଶୟନରୁ ଉଠି ସିଧା ବସିପଡ଼ିଲେ, ଆଉ ତାଙ୍କୁ ତୁରନ୍ତ ଭିତରକୁ ପଠାଇବାକୁ କହିଦେଲେ। ମାନ୍ୟବରଙ୍କର ଏମିତି ଧଡ଼ପଡ଼ ପଣ ଦେଖି ପାଖରେ ଥିବା ଜଣେ ଲୋକ କହିଲେ, ବଡ଼ ବାବୁଙ୍କ ପିଅନଙ୍କୁ ବି ମୁଣ୍ଡିଆ ମାରିବେ ନା କ'ଣ ?

### ନଜର ନ ପକାନ୍ତୁ

କୋଣାର୍କ ବିଷୟରେ ୟାତ୍ରୁସିଆତ୍ରୁ ମନ୍ତବ୍ୟ ଦେଇଥିବା ଯୁବକଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯିବ ସେ ନେଇ ଚାଲିଥାଏ ଆଲୋଚନା। ସମ୍ବେଦନଶୀଳ ବିଷୟ ହୋଇଥିବାରୁ ସବୁ ଦଳର ପ୍ରମୁଖ ମାନ୍ୟବରଙ୍କୁ ସେଠାକୁ ଡକରା ହୋଇଥାଏ। ଯୁବକଙ୍କ ମନ୍ତବ୍ୟ ନେଇ ଆଲୋଚନା ଚାଲିଲା। ମଝିରେ ଟିକିଏ ଫୁରସତ୍ ମିଳିବାରୁ ଶଙ୍ଖଦଳର ଉପକୂଳିଆ ପ୍ରଭାବୀ ମାନ୍ୟବର କେନ୍ଦ୍ର ରାଜନୀତି କଥା ଆରମ୍ଭ କରିଦେଲେ। ପଶ୍ଚିମ ଆଇନ ବିଶାରଦଙ୍କୁ ଉପଲକ୍ଷ କରି କହିଲେ, ଆଜ୍ଞା ଦିଲ୍ଲୀ ରାଜନୀତି କ'ଣ ହେବ। ତତ୍‌କ୍ଷଣାତ୍ ଉତ୍ତର ଆସିଲା ଫୁଲ ଦଳ ନୁହେଁ, ମେଳି ସରକାର ହେବ। କଥା ସମ୍ରାଟ ପ୍ରଧାନମନ୍ତ୍ରୀ ନ ହୋଇ ପାରନ୍ତି, ମହାରାଷ୍ଟ୍ର ମଣିଙ୍କ ଭାଗ୍ୟରେ ରାଜ ଯୋଟକ ପଡ଼ିପାରେ। ଏପ୍ରକାର ଉତ୍ତର ଶୁଣି ଉପକୂଳିଆ ମାନ୍ୟବର ପଶ୍ଚିମ ଫୁଲ ନେତାଙ୍କୁ ମତଦେବା ପାଇଁ କହିଲେ। ସେ ବା' ଆଉ କ'ଣ କରିପାରିଥାନ୍ତେ। ନୀରବଦ୍ରଷ୍ଟା ସାଜିଥିଲେ। ସେଠାରେ ଉପସ୍ଥିତ ଥିବା ଆଉ ଜଣେ ମାନ୍ୟବର କହିଲେ, ଯିଏ ଦେଶର ମୁଖିଆ ହୁଅନ୍ତୁ ପଛେ ଆମର କିଛି କହିବାର ନାହିଁ। ହେଲେ ଓଡ଼ିଶା ଆଡ଼େ ନଜର ନ ପକାନ୍ତୁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମସ୍ଥ କେତୁଯୁକ୍ତ ଚନ୍ଦ୍ର ଓ ମଙ୍ଗଳ ଯୋଗୁ ସାମୟିକ ଅସୁସ୍ଥତା ସହ ମାନସିକ ଅସ୍ଥିରତା ବିକ୍ଷିପ୍ତ ଚିନ୍ତାଧାରା ସୃଷ୍ଟି କରିବ। ପରିବାର, ଯାନବାହନ, ଜମିଜମା ସମ୍ବନ୍ଧୀୟ କଳହ ଲାଗିପାରେ। ଶିକ୍ଷା, ସନ୍ତାନ, ଆଲୋଚନା କ୍ଷେତ୍ର, ରାଜନୀତି ସକାଶେ ପ୍ରାୟତଃ ଅସୁବିଧା ହେବନାହିଁ। ବ୍ୟବସାୟରେ ଉନ୍ନତି ହେବ, ତଥାପି ଏ ଦିଗରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ।

**ବୃଷ** ବାଧକାଧିପତି ଅଷ୍ଟମସ୍ଥ ଯୋଗୁ କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ମନ ବଳାଇବେ ଯାହାକି ସମସ୍ୟା ବହୁଳ ହୋଇପାରେ। ମନ ଅନୁଯାୟୀ କାମ ନ ହେବା ଯୋଗୁ ଅଶାନ୍ତି ଅନୁଭବ କରିବେ। ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ସନ୍ତାନଙ୍କ ଅନୁପସ୍ଥିତିଜନିତ ଅଭାବ ଅନୁଭବ କରି ଦୁଃଖ ପ୍ରକାଶ କରିବେ।

**ମିଥୁନ** ଧନ ସ୍ଥାନକୁ ଧନାଧିପତିଙ୍କ ଦୃଷ୍ଟିଜନିତ ଆର୍ଥିକ ସମସ୍ୟାର ସମାଧାନ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ହୋଇପାରିବ। କୌଣସି ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ପରିବାର ଭିତରେ ଝଡ ଉଠିପାରେ। ମଧ୍ୟାହ୍ନରେ ସହକର୍ମୀ କିମ୍ବା ବନ୍ଧୁମାନଙ୍କ ଠାରୁ ଖୁସି ଖବର ପାଇବେ। ଶତ୍ରୁମାନେ ବିବାଦୀୟ ଘଟଣାକୁ ବୃଦ୍ଧି କରିଦେଇପାରନ୍ତି। ବହୁତ ଦିନରୁ ଭାବୁଥିବା ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିଲେ ମଧ୍ୟ କମ୍‌ଜୋର ଅନୁଭବ କରିପାରନ୍ତି। ତଥାପି ଦୃଢ ମନୋବଳ ଓ କାର୍ଯ୍ୟଦକ୍ଷତା କର୍ମକ୍ଷେତ୍ରରେ ଲୋକପ୍ରିୟତା ସୃଷ୍ଟି କରିବ। ଅଭାବ ନ ଥିଲେ ମଧ୍ୟ କୌଣସି କାମ ସକାଶେ ଆକସ୍ମିକ ଅର୍ଥ ଅଭାବରୁ କାମଟି ସମ୍ପୂର୍ଣ୍ଣ ହେବ ନାହିଁ। ପାରିପାର୍ଶ୍ୱିକ କ୍ଷେତ୍ରରୁ ସାହାଯ୍ୟ ଓ ସହଯୋଗ ନ ଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ।

**ସିଂହ** ଭୁଲ୍‌ବୁଝାମଣା ଓ ବାକ୍ ବିତଣ୍ଡାଜନିତ ସାମୟିକ ପାରିବାରିକ ଅସ୍ଥିରତା ସୃଷ୍ଟିର ଆଶଙ୍କା ରହିଛି । ଆକସ୍ମିକ ଭାବରେ ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଦୂରଯାତ୍ରା କରିବାକୁ ପଡିପାରେ। ଜମିଜମା, ଯାନବାହନ, ପ୍ରେସ୍, ପବ୍ଲିକେଶନ, ଅନୁସନ୍ଧାନାଦି କାମରେ ସଫଳତା ଅର୍ଜନ କରିବେ। ମଘା ନକ୍ଷତ୍ର ମାନସିକ ଅବସାଦ ଯୋଗୁ କାମ କରି ପାରିବେ ନାହିଁ ।

**କନ୍ୟା** ସବୁ କିଛି ଠିକ୍‌ଠାକ୍ ଥିଲେ ମଧ୍ୟ ଆକସ୍ମିକ ସମସ୍ୟାର ସମ୍ମୁଖୀନ ହୋଇ ହତବତେଇ ଯାଇପାରନ୍ତି। ପୁରାତନ ଗାଡି, ବ୍ୟବହୃତ ଜିନିଷର ଯାନ୍ତ୍ରିକ ସମସ୍ୟା, ପୁରୁଣା ଘର ମରାମତି କରିବା ପାଇଁ ମନସ୍ଥ କରିବାର ସୂଚନା ରହିଛି। ଅଫିସ୍ ସମୟରେ କୌଣସି ସମ୍ପର୍କୀୟଙ୍କ ଦ୍ୱାରା ଆଶା କରୁଥିବା ସୂଚନା ପାଇ ଖୁସି ହେବେ।

**ତୁଳା** ଶୁଭଗ୍ରହଙ୍କ ପ୍ରଭାବରେ ପ୍ରତିଦାନ ପାଇବାର କୌଣସି ଆଶା ନ ରଖି କର୍ତ୍ତବ୍ୟ ଦୃଷ୍ଟିକୋଣରୁ କାମ କରିଚାଲିବେ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ। ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ତଥା ନିଜ ପରିସରରେ ପ୍ରତିଷ୍ଠିତ ହେବେ। ବନ୍ଧୁ ଗହଣରେ ବିଳାସପ୍ରିୟ ହେବେ ।

**ବିଛା** ରାଶିରେ ବୃହସ୍ପତିଙ୍କ ନୂତନ ଚିନ୍ତା ଓ ନୂଆ ଯୋଜନା ସକାଶେ ଖସଡା ପ୍ରସ୍ତୁତ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଯାହା କରୁଛନ୍ତି ସେଥିପ୍ରତି ସତର୍କତା ଅଭାବରେ ପରିସ୍ଥିତି ଅଣାୟତ୍ତ ହୋଇପାରେ। ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ।

**ଧନୁ** ମୁହଁଜୋର୍ ରହିଥିବାରୁ ଅନ୍ୟମାନେ ସାମନାରେ କିଛି କହିବାକୁ ସାହସ କରିପାରିବେ ନାହିଁ। ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ହଜି ଯାଇଥିବା ଜିନିଷ, ଧାତୁ ଅଳଙ୍କାର କିମ୍ବା ପୋଷାଜନ୍ତୁର ଖୋଜ ଖବର ପାଇପାରନ୍ତି। ଆର୍ଥିକ ସ୍ଥିତି ଭଲ ନ ରହିବା କାରଣରୁ ସାମୟିକ ଭାବେ ଦୁଃଖିତ ରହିପାରନ୍ତି।

**ମକର** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଚଳୁଥିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ ମାତ୍ର ସାମୟିକ ଉତ୍ତେଜନାପୂର୍ଣ୍ଣ ଦେଖାଦେବାର ସୂଚନା ରହିଛି। କର୍ମକ୍ଷେତ୍ର, ରାଜନୀତି, ମାଲିମକଦ୍ଦମା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ।

**କୁମ୍ଭ** ଚତୁର୍ଥାଧିପତି ତୁଳା ରାଶିରେ ଥିବାରୁ ସତର୍କରେ ନ ଚଳିଲେ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟାର ସାମନା କରିବାକୁ ପଡିପାରେ। ଯେ କୌଣସି ପରିସ୍ଥିତିରେ ଗୁହନ୍ତୁନା କାହିଁକି, ଆପଣ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଅର୍ଥ ସମ୍ପର୍କ, ଆଲୋଚନା, ବ୍ୟବସାୟ ଓ ପରିବହନ ପାଇଁ ମନ୍ଦ ନୁହେଁ। ଆଜିର ଯାତ୍ରା ମନ୍ଦ ହେବନି।

**ମୀନ** ଦେବଗୁରୁଙ୍କ ସ୍ଥାନ ପରିବର୍ତ୍ତନ କାରଣରୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ। ଅର୍ଥନୈତିକ ଅବରୋଧ ହଟିଯିବ ଏବଂ ଆପଣଙ୍କ ଅଭିଳାଷ ଅନୁଯାୟୀ ପ୍ରାପ୍ୟ ଅବଶ୍ୟ ପାଇବେ। ଗଲା କଥାକୁ ମନରୁ ପୋଛିଦେଇ ଆଗାମୀ ଦିନର କାମ ସକାଶେ ଚିନ୍ତା କରିବା ଭଲ ହେବ। ପରିବହନ, ଶେୟାର ବଜାର କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ପୀଠେ ଦେବୀଙ୍କ ବିଶ୍ରାମ, ମୃଣ୍ମୟୀ ଦେବୀଙ୍କ ମହାନବମୀ ପୂଜା, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅକ୍ଟୋବର ୧୮ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସିଂହ ରାଶିର ଘାତଚନ୍ଦ୍ର, ଦିବା ଘ୧୦।୨୦ମି. ଗତେ ଘ୧୧।୫୩ମି. ମଧ୍ୟେ, ଘ୧୧।୨୮ମି. ଗତେ ଘ୩।୦୧ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୧୨ମି. ମଧ୍ୟେ ଘ୧୧।୫୩ମି. ଗତେ, ଘ୧।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୫୮ମି. ଗତେ, ଘ୨।୨୫ମି. ମଧ୍ୟେ ରାହୁକାଳ।


# classified




### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ରଙ୍ଗବଜାର ପାଖରୁ 5km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

3000 sqft. yellowzone plot near GITA Infosys-2 roadside Bhubaneswar. 9438400633. D-64350

Litigation free plots near Xavier University backside BDA Zone, Bhubaneswar. Sqft.-250/-, 160/-. 9337259012, 9937746907. D-64343

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-65108

Running four wheeler spare sparts shop for sale in Puri. Interested persons please contact: 9556893322, 7978629314. D-63732

Readymade 3BHK new flat, 3rd floor at BJB Nagar, No tax, 9439716901 (Broker Excuse). D-65118

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64349




All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

#### ଜନ୍ମଦିନ ଶୁଭେଚ୍ଛା



**ସୋମ୍ୟାରାଣୀ ନାୟକ**
ଦେଓକୋରି, (ବାଲିସାହି) ପଣ୍ଡୁଆ, ଜଗତ୍‌ସିଂହପୁର
ମା' ଶାରଳା ତୋର ସାରାଜୀବନ ସୁଖମୟ କରନ୍ତୁ। ତୋର ଜନ୍ମଦିନରେ ପାର୍ବଣ ଅବସରରେ ଏତିକି କାମନା। ଶୁଭେଚ୍ଛା
ସହ: ବନ୍ଧୁ ଓ ପରିବାରବର୍ଗ। ଧ-୮୯୬୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967




Rent 6000/- for 2BHK at Sarbodaya Nagar, Puri (near bus stand & Railway Station). 9338401309, 9853916309. D-62131

Now Matrimonial ads. only on Wednesday & Sunday
Book 1 Get 1 FREE

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ପ୍ରମିଳା ଦାସ**
ଗୋବିନ୍ଦପୁର, ଢେଙ୍କାନାଳ
ବର୍ଷେ ହେଇଗଲା। ଆମକୁ ଛାଡି ତୁ କୁଆଡେ ଚାଲିଗଲୁ ଯେ, ଆଉ ଜମା ଫେରିଲୁନି। ତୁ ଯେଉଁଠି ବି ଥା ଭଲରେ ଥା, ଖୁସିରେ ଥା। (ଇତି) ତୋର ପୁଅବୋହୂ, ଝିଅଜ୍ୱାଇଁ ଓ ନାତିନାତୁଣୀମାନେ। ଧ-୬୨୦୫୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ଁ ଉର୍ମିଳା ଦେବୀ**
ସ୍ୱାମୀ - ଦ୍ୱିଜବର ବାରିକ
ଗ୍ରାମ-କୋକଲ, ଗବବସ୍ତ, ଫୁଲନଖରା, କଟକ
ତିରୋଧାନ :୨୯.୦୯.୨୦୧୭ (ମହାନବମୀ)
ଏକ ବରଷ ହୋଇଗଲା ଅଜଣା ରାଇଜେ ଗଲୁତୁ ଚାଲି, ସେହି ରାଇଜକୁ ଥରେ କିଏ ଯାଏ, ଆଉ ନଆସଇ ବେବେସେ ଫେରି।
ଆଜିର ଶ୍ରାଦ୍ଧବାର୍ଷିକରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୁମ ଅମର ଆତ୍ମାର ସଦ୍‌ଗତି ହେଉ।
ସ୍ୱାମୀ-ଦ୍ୱିଜବର, ପୁଅ-ପ୍ରଦୀପ, ଦିଲ୍ଲିପ, ବୋହୂ - ନିର୍ମଳା, ରାଜଶ୍ରୀ, ଝିଅ- ଅନୁ, ଡଲି, ଲିଲି, ନିନ, ନାତି-ସନ୍ଦିପ,ରାକେଶ, ସାଇ, ନାତୁଣୀ-ମାମା ଓ ସମସ୍ତ ପରିବାରବର୍ଗ
ଧ-୮୯୬୩



**ଁ ଶ୍ରୀଯୁକ୍ତ ବଳରାମ ମହାପାତ୍ର**
ଆବିର୍ଭାବ: ୩୧।୧୨।୧୯୩୧
ତିରୋଧାନ: ଦଶହରା, ୨୦୦୩
ଜନ୍ମସ୍ଥାନ: ତରୋତ ଶାସନ, କଟକ
ଆଜି ବି ଆପଣ ଆମ ଆଖପାଖରେ ଅଛନ୍ତି। ଆପଣଙ୍କ ଆଶୀର୍ବାଦ ସବୁବେଳେ ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଭାଇ- ଡାକ୍ତର ଜଗନ୍ନାଥ ମହାପାତ୍ର ଓ ଆତ୍ମୀୟସ୍ୱଜନ। ଧ-୮୯୬୪

**୨୨ତମ ଶ୍ରାଦ୍ଧଦିବସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମକୁନ୍ଦ ସାହୁ**
ଆବିର୍ଭାବ: ୧୪।୦୬।୧୯୨୬
ତିରୋଧାନ: ୨୦।୧୦।୧୯୯୬ ମସିହା ଆଶ୍ୱିନ ମାସ ଶୁକ୍ଳ ନବମୀ
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅମାନେ, ବୋହୂମାନେ, ଝିଅମାନେ, ଜ୍ୱାଇଁମାନେ, ନାତିନାତୁଣୀମାନେ ଏବଂ ପରିବାରବର୍ଗ। ଧ-୮୮୨୯

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଗଦାଧର ପଣ୍ଡା**
ଡିଁସର, ବାଙ୍କୀ
ଆବିର୍ଭାବ: ୧୦।୦୮।୧୯୫୩
ତିରୋଧାନ: ୦୨।୧୦।୨୦୦୬
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମା' ଚର୍ଚ୍ଚିକାଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, କନ୍ୟା, ନାତି ଓ ନାତୁଣୀମାନେ- ପ୍ରିନ୍ସ, ପରୀ, ଲୋରୀ ଓ ଆତ୍ମୀୟସ୍ୱଜନ। ଧ-୮୯୨୪

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



# କଟକୀ ଦଶହରା

## ବଦଳିଛି ତରିକା

ଶିଶିରସିକ୍ତ ଆଶ୍ୱିନରେ ଦେବୀ ମହାମାୟା ଆବିର୍ଭୂତା ହୁଅନ୍ତି ମୃଣ୍ମୟୀ ପ୍ରତିମାରେ। ହଜାର ବର୍ଷରୁ ଊର୍ଦ୍ଧ୍ୱ ପ୍ରାଚୀନ କଟକ ମହାନଗରୀର ବିଭିନ୍ନ ପୂଜା ମଣ୍ଡପରେ ଶକ୍ତିସ୍ୱରୂପିଣୀଙ୍କ ପ୍ରତିମା ଝଲସି ଉଠୁଥାଏ ଜରି ଓ ଚାନ୍ଦି ମେଢ଼ରେ। ଚାରିଦିନର ପୂଜା ପରେ ଆସେ ଭସାଣି ଯାତ୍ରା। ଆଗରୁ ଏହି ସହରର ମେଢ଼ ଆଗରେ କାଙ୍କଡ଼ା ଜଳୁଥିଲା, ମହତାବ ବାଣ ଲାଗୁଥିଲା, ବନାଟି ବୁଲୁଥିଲା। ଯଦିଓ ବିଜୁଳି ଆଲୁଅ ନ ଥିଲା କିନ୍ତୁ ପେଟ୍ରୋମାକ୍ସ ଆଲୁଅ ଚମକାଇ ଦେଉଥିଲା ସବୁ ମେଢ଼କୁ। ଗୋଟିକ ପରେ ଗୋଟିଏ ମେଢ଼ ଗଡନ୍ତି କାଠଯୋଡ଼ିର ଦେବୀ ଗଡ଼ାକୁ। ପୂଜା ପାଉଥିବା ଦୁର୍ଗା ଓ ମହାଦେବଙ୍କ ପ୍ରତିମା ନଦୀ ପାଣିରେ ବିଲୀନ ହୁଅନ୍ତି। ବର୍ତ୍ତମାନ ସେହି ଉତ୍ସବ ରହିଛି, ତରିକା ବଦଳିଛି। ଲୋକଙ୍କ ପସନ୍ଦ ସହିତ ସଂଯୋଗ ହୋଇଛି ଆଧୁନିକୀକରଣ। ଡିଜେ ବାଜାରେ ଏବେ ଦୁଲୁକୁଛି ସହର। ମେଳିମେଳି ମେଢ଼ ଭିତରେ କଟକିଆ ଓ ରାଜ୍ୟବାସୀ ପାଳୁଛନ୍ତି ଦୁର୍ଗୋତ୍ସବ। ବାସ୍ ଏହା ହିଁ କଟକୀ ଦଶହରା, ଯାହାର ଆକର୍ଷଣ ରାଜ୍ୟର କୋଣ ଅନୁକୋଣ ପର୍ଯ୍ୟନ୍ତ ଲମ୍ବିଛି।

ଶାରଦୀୟ ଦୁର୍ଗୋତ୍ସବରେ କଟକରେ ମୃଣ୍ମୟୀ ପ୍ରତିମାର ପୂଜା ୫ଶହ ବର୍ଷର ପୁରୁଣା। ପଞ୍ଚଦଶ ଶତାବ୍ଦୀରେ ବଙ୍ଗଳାର ନଦୀୟା ନବଦ୍ୱୀପରୁ ଶ୍ରୀ ଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ର ଆସିଥିଲେ କଟକବାଟ ଦେଇ। ନଦୀ ପଠାରେ ଆସି କଟକ ଗଡ଼ଗଡ଼େଶ୍ୱର ଘାଟରେ ଉଠିଲେ। ସେଠାରୁ ପୁଣି ତଳଭାଗରେ ପୁରୀଘାଟ ପର୍ଯ୍ୟନ୍ତ ଯାଇ ନଦୀପଠାରେ ଶ୍ରୀକ୍ଷେତ୍ର ଯାତ୍ରା କଲେ। ତେବେ ତାଙ୍କ ସାଙ୍ଗରେ ଆସିଥିବା ଏକ ବାନାର୍ଜୀ ପରିବାର ବାଲୁବଜାର ବିନୋଦବିହାରୀ ଅଞ୍ଚଳରେ ରହିଗଲେ। ସମୟ ଥାଏ ଆଶ୍ୱିନ ଶୁକ୍ଳପକ୍ଷ, ଆସିଲା ଦେବୀଙ୍କର ପୂଜା ଏବଂ ବାନାର୍ଜୀ ପରିବାର ବାଲୁବଜାରରେ ଘଟସ୍ଥାପନ କରି ଦୁର୍ଗାପୂଜା କଲେ। ଏହା କଟକର ଶାରଦୀୟ ଦୁର୍ଗାପୂଜାରେ ପ୍ରଥମ ଘଟ ସ୍ଥାପନା ବୋଲି କୁହାଯାଏ। କିଛିବର୍ଷ ପରେ ବାନାର୍ଜୀ ପରିବାର ଏମିତି ଘଟ ବସାଇ ପୂଜା କରିବା ପରେ ନିଜ ଗଳିରେ ନିଜ ହାତରେ ଗଢ଼ିଲେ ଦେବୀଙ୍କର ମୃଣ୍ମୟୀ ପ୍ରତିମା ଏବଂ ତାହା ଶାରଦୀୟ ଦୁର୍ଗୋତ୍ସବରେ ପୂଜା ପାଇଲା। ତେଣୁ କୁହାଯାଏ ଦଶହରାରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଇବା ବାଲୁବଜାରରେ ପ୍ରଥମ। ଏପରି କି ବାଲୁବଜାର ଦୁର୍ଗାଙ୍କୁ ବଡ଼ଭଉଣୀ ବୋଲି କୁହାଯାଏ। ସେହିପରି ମାଛୁଆବଜାରର ସର୍ପାଦୁର୍ଗା ମଧ୍ୟ ଅତି ପ୍ରାଚୀନ। ଏଠି ମୃଣ୍ମୟୀ ପ୍ରତିମାର ପୂଜାରମ୍ଭ ଅଢ଼େଇଶହ ବର୍ଷ ତଳୁ। ଅଷ୍ଟାଦଶ ଶତାବ୍ଦୀରେ କାଜିବଜାର ପୀଠରେ ଦୁର୍ଗାମୂର୍ତ୍ତି ପୂଜା ପାଇଥିଲେ। ତେଣୁ ତାହା ଆଦିପୀଠ ଭାବେ ଖ୍ୟାତ।


କଟକ ମାଛୁଆବଜାରସ୍ଥିତ ସର୍ପାଦୁର୍ଗା ମଣ୍ଡପରେ ପୂଜା ପାଉଥିବା ମା'ଦୁର୍ଗା।

### ଚାନ୍ଦିନୀଚୌକରେ ପ୍ରଥମ ତୋରଣ

ଦଶହରାରେ କଟକରେ ପ୍ରଥମ ତୋରଣ ଲାଗିଥିଲା ଚାନ୍ଦିନୀଚୌକ ଦୁର୍ଗାଙ୍କ ପାଖରେ। ସେହିଠାରୁ ଆରମ୍ଭ ହୁଏ ତୋରଣର ପରମ୍ପରା। ଓଡ଼ିଶା ବାହାରୁ ଶିଳ୍ପୀମାନଙ୍କୁ ଡକାଇ ଦଶହରାରେ ମଞ୍ଚଉପରେ ସଙ୍ଗୀତର କାର୍ଯ୍ୟକ୍ରମ ମଧ୍ୟ ସେହି ଚାନ୍ଦିନୀଚୌକରୁ ଆରମ୍ଭ। ଚାନ୍ଦିନୀଚୌକ ମେଢ଼କୁ କୁହାଯାଏ ରଜାଘର ମେଢ଼। ଏବେ ଏ ସହରରେ ଏମିତି ଏକ ପ୍ରାଚୀନ ବସତି ଅଞ୍ଚଳ ରହିଛି ଯେଉଁଠାରେ ସବୁ ସାମଗ୍ରୀର ହାଟ ବସୁଥିଲା। ସେ ସମୟର ଦର୍ପଣି, କନିକା, ଆଳି ଆଦି ଅଞ୍ଚଳର ରାଣୀମାନେ ଘୋଡାଗାଡ଼ିରେ ବସି ଏହି ହାଟକୁ ଆସୁଥିଲେ। ତେଣୁ ସେ ଅଞ୍ଚଳର ନାମ ରାଣୀହାଟ। ସେଠି ମଧ୍ୟ ଦୁର୍ଗାପୂଜାରେ ମହାଦେବଙ୍କର ମୃଣ୍ମୟ ପ୍ରତିମାର ପୂଜା ଦେଢ଼ଶହ ବର୍ଷର ପୁରୁଣା। ଅବଶ୍ୟ ପରବର୍ତ୍ତୀକାଳରେ ଏଠାରେ ଦଶହରାର ମା' ଦୁର୍ଗାଙ୍କ ପ୍ରତିମା ପୂଜା ପାଉଛି। ଆରମ୍ଭରୁ ରାଣୀହାଟର ପ୍ରତିମା ଓ ମେଢ଼ ବିଶାଳ ଆକୃତିର। ଏଣୁ ଏହା ବଡ଼ ମେଢ଼ ବୋଲି କୁହାଯାଏ।

### ଜଳପଥରେ ଆସୁଥିଲେ ଲୋକେ

୨୦୦ବର୍ଷ ତଳେ ଦଶହରାରେ କଟକରେ ୪/୫ ସ୍ଥାନରେ ମା' ଦୁର୍ଗାଙ୍କ ପ୍ରତିମା ପୂଜା ପାଉଥିବା ବେଳେ ହରପାର୍ବତୀଙ୍କ ପ୍ରତିମା ୭/୮ ସ୍ଥାନରେ ପୂଜା ହେଉଥିଲା। ଧୀରେଧୀରେ ଉଭୟ ସଂଖ୍ୟା ବଢ଼ିଲା। ପୁଣି ବହୁସ୍ଥାନରେ ମହାଦେବ ପ୍ରତିମା ବଦଳରେ ଦୁର୍ଗା ସ୍ଥାନ ପାଇଲେ। ଦଶହରା ଦେଖିବାକୁ ସାରା ଓଡ଼ିଶାର ଲୋକେ ଛୁଟି ଆସନ୍ତି କଟକକୁ। ଆଗରୁ ସ୍ଥଳ ପଥ ଅପେକ୍ଷା ଜଳପଥରେ ଅଧିକ ସଂଖ୍ୟାରେ ଲୋକେ କଟକ ଆସୁଥିଲେ। ଏମିତି କି ଗୋଟେ ଗୋଟେ ଗାଆଁ ଲୋକେ ଦୁଇ ରାତି ମହାନଦୀ ପାଣିରେ କାଟି ଚହଟା ଘାଟରେ ଓହ୍ଲାଉଥିଲେ ବୋଲି କୁହାଯାଏ। ଚହଟାଘାଟରେ ଦଶହରା ବେଳକୁ ପରଦେଶୀ ଅତିଥିମାନଙ୍କ ଡେରା ବେଶ୍ ପଡ଼ିଥାଏ। ଅବଶ୍ୟ ସେ ଚମକ ଏବେ ଆଉ ନାହିଁ।

### ଅନୁଭୂତିରେ ଦେବୀ

ସାଆନ୍ତସାହିରେ ଦୀର୍ଘବର୍ଷ ଧରି ହରପାର୍ବତୀଙ୍କ ମେଢ଼ ହେଉଥିଲା। ୨୦୧୪ରେ ରାଉସାପାଟଣାର ଦୁର୍ଗାମେଢ଼ ଭସାଣି ଯାତ୍ରାରେ ସାଆନ୍ତସାହି ରାସ୍ତା ଦେଇ ନଦୀକୁ ଯାଉଥାଏ। ସାଆନ୍ତସାହି ମଣ୍ଡପ ସମ୍ମୁଖରେ ଦଉଡି ଭିଡ଼ାଯାଇ ପତାକା ଲଗାଯାଇଥିଲା। ରାଉସାପାଟଣା ଦୁର୍ଗାଙ୍କର ଖଣ୍ଡାଟି ଏହି ଦଉଡିରେ ଛନ୍ଦି ହୋଇ ହାତରୁ ଖସିଗଲା। ଠିକ ସାଆନ୍ତସାହି ମଣ୍ଡପ ସମ୍ମୁଖରେ ତାହା ଝୁଲି ରହିଲା। ସେଠାରେ ଉପସ୍ଥିତ ସାଆନ୍ତସାହି ପୂଜା କମିଟି କର୍ମକର୍ତ୍ତାମାନେ ସ୍ତବ୍ଧ ହୋଇଗଲେ। ସମସ୍ତଙ୍କ ମନରେ ଏହି ସମାନ ଚିନ୍ତା ଆସିଲା ଯେ ଦେବୀ ବୋଧେ ଏହି ମଣ୍ଡପରେ ପୂଜା ପାଇବାକୁ ଚାହୁଁଛନ୍ତି। ବାସ୍ ନିଷ୍ପତ୍ତି ସେଇଠି ହୋଇଗଲା। ୨୦୧୫ରେ ଏହି ମଣ୍ଡପରେ ସ୍ଥାନ ପାଇଲେ ଦେବୀ ଦୁର୍ଗା।

– ରିପୋର୍ଟ: କୁମାରଶ୍ରୀ ସାହୁ, କଟକ






# ମାତୃଶକ୍ତି ଓ ନବରାତ୍ର

**ଡ. ପଦ୍ମାରବିନ୍ଦ ରଥ**

ଭାରତ ଏକ ଆଧ୍ୟାତ୍ମିକ ଦେଶ। ଏହାର ଆଧ୍ୟାତ୍ମିକ ଚେତନା ସମଗ୍ର ମାନବ ସଭ୍ୟତାକୁ ବିଶ୍ୱ ଭ୍ରାତୃତ୍ୱର ମନ୍ତ୍ରରେ ଅଭିମନ୍ତ୍ରିତ କରିଥାଏ। କେବଳ କିମ୍ବଦନ୍ତୀ ନୁହେଁ, ଭାରତବର୍ଷରେ ପାଳିତ ପ୍ରତିଟି ପର୍ବପର୍ବାଣିରେ ଏହି ମହାନ୍ ସଭ୍ୟତାର ପ୍ରତିବିମ୍ବ ଆଜିବି ଦେଖିବାକୁ ମିଳେ। ଏହିପରି ଗୋଟିଏ ମହାନ ପର୍ବ ହେଉଛି ନବରାତ୍ର, ଯାହାକି ସମଗ୍ର ଦେଶରେ ଅତ୍ୟନ୍ତ ହର୍ଷୋଲ୍ଲାସରେ ପାଳନ କରାଯାଇଥାଏ ଏବଂ ଦୈବୀଶକ୍ତିର ପୂଜା କରାଯାଇଥାଏ। ବ୍ରତ ଉପବାସ ଏବଂ ଆନନ୍ଦ ଉଲ୍ଲାସର ଏକ ବିରଳ ସମାବେଶ ଦେଖିବାକୁ ମିଳେ ଏହି ନିଆରା ପର୍ବଟିରେ।

ନବରାତ୍ର ସମୟରେ ମଣିଷ ମାତୃଶକ୍ତିର ଆବାହନ କରିବା ସହିତ ନିଜ ଅନ୍ତଃକରଣରେ ଜ୍ଞାନ ଓ ଶକ୍ତିକୁ ଧାରଣ କରିବାରେ ବ୍ରତୀ ହୋଇଥାଏ। କ୍ରମାନୁସାରେ କଳସ ସ୍ଥାପନ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ବ୍ରତ ଉପବାସ ଏବଂ କନ୍ୟା ପୂଜନ କରାଯାଇଥାଏ। ଦୁର୍ଗାଷ୍ଟମୀ ଦିନ ଉପବାସ କରାଯାଏ।

ମାତୃଶକ୍ତିର ନଅଟି ରୂପକୁ ନଅ ରାତି ଧରି ପୂଜା କରା ଯାଇଥାଏ। ଏହି ନଅ ଦିନ ଭିତରେ ଆମେ କ୍ରମାନୁସାରେ ମୁଖ୍ୟତଃ ମା' ଦୁର୍ଗା, ମା' ଲକ୍ଷ୍ମୀ ଏବଂ ମା' ସରସ୍ୱତୀଙ୍କୁ ଆବାହନ କରିଥାଉ। ମା' ଦୁର୍ଗା ଆମ ଭିତରେ ଥିବା ଦୁର୍ଗୁଣ ସବୁକୁ ନଷ୍ଟ କରିଥାନ୍ତି। ତାଙ୍କର ଅଷ୍ଟଭୁଜା ରୂପ ଅଷ୍ଟଶକ୍ତିର ବାର୍ତ୍ତା ବହନ କରେ। ସିଂହକୁ ବାହନ କରି ସେ ଯେତେବେଳେ ମହିଷାସୁରକୁ ବଧ କରନ୍ତି, ସେଥିରୁ ସ୍ପଷ୍ଟ ହୁଏ ଯେ, ଇନ୍ଦ୍ରିୟରୂପୀ ସିଂହକୁ ବଶକରି ଆମେ କାମ, କ୍ରୋଧ, ଲୋଭ, ମୋହ, ଅହଂକାର ଆଦି ଆସୁରିକ ପ୍ରବୃତ୍ତିକୁ ବିନାଶ କରିପାରିବା। ଏସବୁ କରିବା ପରେ ହିଁ ଆମେ ବାସ୍ତବିକ ଅର୍ଥରେ ଗୁଣ ଏବଂ ଜ୍ଞାନରେ ଧନୀ ହୋଇପାରିବା, ଯାହା କି ମା' ଲକ୍ଷ୍ମୀ ଏବଂ ମା' ସରସ୍ୱତୀଙ୍କ ଉପସ୍ଥିତିରେ ହିଁ ସମ୍ଭବ ହୋଇଥାଏ। ପ୍ରକୃତରେ କୌଣସି ପାର୍ଥିବ ବସ୍ତୁ କିମ୍ବା ବୈଭବର ପ୍ରାପ୍ତି ପାଇଁ ଆମେ ମାତୃଶକ୍ତିର ଆହ୍ୱାନ କରି ନ ଥାଉ ବରଂ ମାନସିକ ଏବଂ ଆତ୍ମିକ ସମ୍ପୂର୍ଣ୍ଣତା ପାଇଁ ଆମେ ନବରାତ୍ର ପାଳନ କରିଥାଉ।

ଏହି ଦିନଗୁଡ଼ିକରେ ଆମେ କନ୍ୟା ପୂଜନ ମଧ କରିଥାଉ। ଏହା ପଛରେ ଥିବା ମନସ୍ତତ୍ତ୍ୱ ହେଉଛି, ଆମକୁ କନ୍ୟାମାନଙ୍କୁ ସମ୍ମାନ ଦେବା ଉଚିତ। କିନ୍ତୁ ଦୁଃଖର ବିଷୟ ଯେ, ଆଜି ମଣିଷ ଯେତିକି ଯେତିକି ଭୌତିକ ଉନ୍ନତିର ପାହାଚ ଅତିକ୍ରମ କରିଚାଲିଛି, ସେତିକି ସେତିକି ତା'ର ନୈତିକ ଅଧଃପତନ ହେଉଛି। ଗୋଟିଏ ପଟେ ସେ କହୁଛି, ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଅର୍ଥାତ୍ ଯେଉଁଠି ନାରୀ ବା କନ୍ୟାର ସମ୍ମାନ ହୋଇଥାଏ, ସେଠାରେ ଦେବତା ଖୁସି ହୁଅନ୍ତି ଏବଂ ଅନ୍ୟପଟେ ଗୋଟିଏ ଶିଶୁକନ୍ୟାର ଜନ୍ମରେ ସେ ହୁଏ ତ ଦୁଃଖରେ ମ୍ରିୟମାଣ ହୋଇପଡୁଛି କିମ୍ବା ତା'ର ଜନ୍ମ ପୂର୍ବରୁ ଶିଶୁକନ୍ୟାଟିକୁ ନିର୍ମମ ଭାବରେ ହତ୍ୟା କରିଦେଉଛି। ଜୀବନର ପ୍ରତିଟି ପଦକ୍ଷେପରେ ଆଜି ଜଣେ ନାରୀ କୌଣସି ନା କୌଣସି ମାର୍ଗରେ ଶୋଷିତ, ଅପମାନିତ ଅଥବା ନିର୍ଯାତିତ ହେଉଛି। ଏହା ସମାଜର ନୈତିକ ଅଧଃପତନର ଚରମ ସୀମା ନୁହେଁ କି? ନବରାତ୍ର ଆମକୁ ଏପରି ଏକ ସୁଅବସର ପ୍ରଦାନ କରେ ଯେତେବେଳେ ଆମେ ପ୍ରତିଟି କନ୍ୟାକୁ, ମାତାକୁ, ଭଉଣୀକୁ ଦେବୀ ରୂପରେ ଦେଖିବାର ସଂକଳ୍ପକୁ ଦୃଢ଼ କରିପାରିବା। ଆମେ ଏପରି କରିପାରିଲେ ନୈତିକ ଓ ଆତ୍ମିକ ଉନ୍ନତି ସଙ୍ଗେ ସଙ୍ଗେ ଭୌତିକ ଧନଧାନ୍ୟର ଉନ୍ନତି ମଧ ହୋଇପାରିବ।

ଶକ୍ତିର ପ୍ରତୀକ ମା' ଦୁର୍ଗା, ପ୍ରାଚୁର୍ଯ୍ୟର ପ୍ରତୀକ ମା' ଲକ୍ଷ୍ମୀ ଏବଂ ଜ୍ଞାନର ପ୍ରତୀକ ମା' ସରସ୍ୱତୀ- ଏମାନଙ୍କୁ ଆବାହନ କଲାବେଳେ ସହଜରେ ଅନୁଭବ କରିହୁଏ, ସତରେ ସମାଜରେ ମାତୃଶକ୍ତିର କେତେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜି ନବରାତ୍ରର ଏହି ପବିତ୍ର ବାତାବରଣରେ ଆସନ୍ତୁ ଅନ୍ତଃକରଣରେ ପବିତ୍ର ଭାବନା ଧରି ସେହି ମାତୃଶକ୍ତିର ପୂଜା କରିବା, ନାରୀର ସମ୍ମାନ କରିବା, କେବଳ ଦେବୀମାନଙ୍କର ପୂଜା ଅର୍ଚ୍ଚନା କରି ଖୁସିହେବା ନାହିଁ ବରଂ ସେମାନଙ୍କର ଦୈବୀ ଗୁଣକୁ ଧାରଣକରି ଧରାପୃଷ୍ଠରେ ସ୍ୱର୍ଗର ସ୍ଥାପନା କରିବା।

- ମୋ: ୮୮୦୦୬୩୬୫୭୬


DADLS - 143

"ପବିତ୍ର ବିଜୟା ଦଶମୀ -୨୦୧୮ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା"

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟର ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର କାର୍ଯ୍ୟ କରନ୍ତୁ ବୋଲି ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

15001/13/0316/1819



DADLS - 143

ମୁଖ୍ୟମନ୍ତ୍ରୀଙ୍କ ପୂଜା ଅଭିନନ୍ଦନ

ମାତୃଶକ୍ତିର ଆରାଧନା ଆମ ସଂସ୍କୃତିର ଅନନ୍ୟ ବିଭବ । ଆଶ୍ୱିନର ଶୁଭଲଗ୍ନରେ ଜଗତ୍‌ଜନନୀ ମା'ଙ୍କର ଧରାବତରଣ ଜଗତକୁ କରିଛି ଉତ୍ସବ ମୁଖର । ପାର୍ବଣର ଏହି ଆନନ୍ଦମୟ ପରିବେଶରେ ଆସନ୍ତୁ, ସବୁ ଭେଦଭାବ ଭୁଲି ଓଡ଼ିଶାର ବିକାଶ ପାଇଁ ଶପଥ ନେବା ଏବଂ ଏକ ସମୃଦ୍ଧ ଓଡ଼ିଶା ଓ ସଚେତନ ସମାଜ ଗଠନ ଦିଗରେ ନିଜ ନିଜ ସ୍ତରରେ କାମ କରିଚାଲିବା ।

ସମସ୍ତଙ୍କୁ ପାର୍ବଣର ଶୁଭ ଅଭିନନ୍ଦନ ।

(ନବୀନ ପଟ୍ଟନାୟକ)

15001/13/0316/1819








DADLS - 143

ବାର୍ତ୍ତା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ମୁଁ ରାଜ୍ୟବାସୀ ଭାଇ ଓ ଭଉଣୀ ତଥା ଗୁରୁଜନମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି ।

ଜଗତ୍‌ଜନନୀ ମହାଶକ୍ତିମୟୀ ଦୁର୍ଗାଙ୍କ ଅପାର କରୁଣା ବଳରେ ସମାଜରୁ ହିଂସା, ଅସତ୍ୟ ଓ ଅନ୍ୟାୟର ବିଲୋପ ହେଉ ଏବଂ ରାଜ୍ୟବାସୀଙ୍କ ସୁଖସମୃଦ୍ଧି ଶୀର୍ଷରେ ପହଂଚୁ, ଏତିକି ପ୍ରାର୍ଥନା ଜଣାଉଛି ।

(ପ୍ରତାପ ଜେନା)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

15001/13/0316/1819

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଣନ୍ଦନାରୀ, ଚଉପାହାରି,**
**ବସିଥାଏ ପାଆ ଭାଗେ ;**
**ଟିକିଏ ନିଖିଏ ଫୋଡ଼ି ଦଉଥାଏ,**
**ଭାଇ ଘଇତାଙ୍କ ଆଗେ ।**

ନଣନ୍ଦ ଭାଉଜଙ୍କ ମଧ୍ୟରେ ତିକ୍ତତା ଦେଖାଗଲେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ । ଯେଉଁ ଘରେ ନଣନ୍ଦ ଭାଉଜଙ୍କ ମଧ୍ୟରେ ଭଲ ପଡ଼ି ନ ଥାଏ ସେ ଘରେ ଅଶାନ୍ତି ସୃଷ୍ଟି ହେବା ଥୟ । ଏପରିସ୍ଥଳେ ନଣନ୍ଦ ଛୋଟ ମୋଟ କଥାକୁ ନେଇ ଭାଇ ଓ ସ୍ୱାମୀ ଆଗରେ କହି ଅପଦସ୍ଥ କରାଉଥିବା ଦେଖି ଭାଉଜ ମନ ଖରାପ କରି ବସିବା ସହ ଦୁଃଖରେ ଭାଙ୍ଗି ପଡ଼ିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ପୋଷ ମାନଇ ବଣର ଜୀବ ;**
**ପୋଷ ନ ମାନଇ ଆପଣା ଜିଭ ।**

ଖାଦ୍ୟଲୋଭୀ ବ୍ୟକ୍ତି ନିଜ ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିପାରି ନ ଥାନ୍ତି । ଯେତେ ପେଟ ପୂରାଇ ଖାଦ୍ୟ ଖାଉଥିଲେ ମଧ୍ୟ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି । ବଣର ଜୀବଙ୍କୁ ପୋଷା ମନାଇ ରଖିବା ହୁଏତ ସମ୍ଭବପର, କିନ୍ତୁ ଖାଦ୍ୟଲୋଭୀ ବ୍ୟକ୍ତି ନିଜ ଜିହ୍ୱା ଉପରେ ନିୟନ୍ତ୍ରଣ ରଖିବା ଅତ୍ୟନ୍ତ କଷ୍ଟକର ବୋଲି ଏଠାରେ ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790


### OFFICE OF THE EXECUTIVE ENGINEER, R.W.S.&S. DIVISION, JAJPUR

At: Chandikhol, P.O.: Dhanmandal, Dist.- Jajpur, PIN - 754024

**E-PROCUREMENT NOTICE**

**Bid Identification No. rwssjajpur 25/2018-19 Dt.05.10.2018**

No.: 864-O: The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of e-procurement system in online mode from eligible contractors.

| | | | |
|---|---|---|---|
| 1. | Nature of Work | : | Supplying all construction materials, HDPE/GI Pipes, Valves, specials etc. and laying the pipeline, constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for the following PWS schemes of Jajpur district. |
| 2. | No. of Works | : | 19 (Nineteen) |
| 3. | Estimated Cost | : | Rs.63.00 Lakhs to Rs.223.00 lakhs |
| 4. | Time for Completion | : | 9 (Nine) Months |
| 5. | Cost of bidding document | : | Rs.10000/- |
| 6. | Class of Contractors eligible | : | 'B' & 'A' |
| 7. | Availability of bids Online | : | 11.00 hours of 20.10.2018 to 17.00 hours of 30.10.2018 |
| 8. | Last date and time for seeking clarification | : | Upto 17.00 hours of 29.10.2018 |
| 9. | Date & time of opening of Technical Bid Onlie | : | 11.00 hour of 31.10.2018 |
| 10. | Date & time of opening of Financial Bid | : | To be announced latter |

Further details can be seen in the website **https://www.tendersorissa.gov.in**.

**Sd./- 05.10.2018**
**Executive Engineer**
**R.W.S. & S Division, Jajpur, (At: Chandikhol)**

25027/11/0016/1819

୮୫ ବର୍ଷରେ ଆଦି ଦୁର୍ଗାପୂଜା କମିଟି

# ବଙ୍ଗୀୟ ସଂସ୍କୃତିରେ ମା'ଙ୍କ ପୂଜା



ଆଦି ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ।

ବ୍ରହ୍ମପୁର ଅଫିସ,୧୭।୧୦

ଧରାପୃଷ୍ଠରେ ଅବତରଣ କରିଛନ୍ତି ମା' ଦୁର୍ଗା । ଉତ୍ସବମୁଖର ହୋଇଉଠିଛି ରେଶମ ସହର ବ୍ରହ୍ମପୁର । ସହରର ପୂଜା ମଣ୍ଡପଗୁଡ଼ିକ ମଧ୍ୟରୁ ବଙ୍ଗାଳୀ ସମ୍ପ୍ରଦାୟଙ୍କ ଦୁର୍ଗାପୂଜା ମଣ୍ଡପ ନିଆରା । ପୁରୁଣାବସ୍‌ଷ୍ଟାଣ୍ଡ ଚାଟାର୍ଜୀ ଲାଇନରେ ବଙ୍ଗାଳୀ ସମ୍ପ୍ରଦାୟ ତଥା ଆଦି ଦୁର୍ଗା ବାଡି ସୋସାଇଟି ବଙ୍ଗୀୟ ସମିତି ଅଧୀନରେ ଗଠିତ ଆଦି ଦୁର୍ଗା ପୂଜା କମିଟି ଦ୍ୱାରା ଆୟୋଜିତ ପୂଜା ମଣ୍ଡପରେ ଦେଖିବାକୁ ମିଳିଥାଏ ପଶ୍ଚିମବଙ୍ଗ ସଂସ୍କୃତି । ଏହି ମଣ୍ଡପରେ ଷଷ୍ଠୀଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇ ନବମୀରେ ଶେଷ ହୋଇଥିବା ବେଳେ ଦଶମୀରେ ମା'ଙ୍କ ବିସର୍ଜନ ଅନୁଷ୍ଠିତ ହୋଇଥାଏ । ଏଥିରେ ପ୍ରତ୍ୟେକ ସନ୍ଧ୍ୟାରେ ପଶ୍ଚିମବଙ୍ଗର ଲୁପ୍ତ ହୋଇଯାଉଥିବା ପରମ୍ପରିକ ଧନୁଚି ନୃତ୍ୟ, ବଙ୍ଗାଳୀ ନାଟକ, ବାବୁଲ୍ ସଙ୍ଗୀତ ସମେତ ବଙ୍ଗୀୟ ସଂସ୍କୃତିର ଝଲକ ଦେଖିବାକୁ ମିଳିଥାଏ । ଏହି ସମୟରେ ସହର ସମେତ ଦେଶ ତଥା ଦେଶ ବାହାରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ବଙ୍ଗୀୟ ପରିବାର ଏକତ୍ରିତ ହୋଇଥାନ୍ତି । ତେବେ ଏହି ପୂଜା ମଣ୍ଡପ ଚଳିତବର୍ଷ ୮୫ ବର୍ଷରେ ପଦାର୍ପଣ କରିଛି । ମୂର୍ତ୍ତିରେ ପ୍ରାକୃତିକ ରଙ୍ଗ ବ୍ୟବହୃତ କରାଯାଉଥିବା ବେଳେ ମା'ଙ୍କ ମୁଖ ଗଙ୍ଗାନଦୀ ମାଟିରେ ନିର୍ମିତ ହେବାର ପରମ୍ପରା ରହିଛି । କମିଟି ସଦସ୍ୟଙ୍କ କହିବାନୁଯାୟୀ, ୧୯୩୩ରେ ଇଂରେଜ ଶାସନ ସମୟରେ ବ୍ରହ୍ମପୁର ରେଳଷ୍ଟେଶନରେ କାର୍ଯ୍ୟ କରୁଥିବା ବଙ୍ଗୀୟ ସମ୍ପ୍ରଦାୟ କର୍ମଚାରୀ ପ୍ରଥମେ କରି ଏହି ପୂଜା ଆରମ୍ଭ କରିଥିଲେ । ବ୍ରହ୍ମପୁରରେ ପ୍ରଥମେ ରେଳଷ୍ଟେଶନରେ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ କରିଥିଲେ ।

**-ପ୍ରସ୍ତୁତି: ଦୀପକ କୁମାର ପଣ୍ଡା**

**ଏମାନେ ଯାହା କହନ୍ତି...**



"ପ୍ରତିବର୍ଷ ପ୍ରଶାସନର ନିୟମାନୁସାରେ ମା' ଦୁର୍ଗାଙ୍କ ପୂଜା ପାଳିଥାଉ । ଏହି ପୂଜା ଅବସରରେ ସମ୍ପୂର୍ଣ୍ଣ ବଙ୍ଗୀୟ ରୀତିନୀତିରେ ୫ ଦିନ ଧରି ଉତ୍ସବ ଅନୁଷ୍ଠିତ ହୋଇଥାଏ ।
**- ନେପାଲ ସରକାର, ସଭାପତି**



"ସହରର ଅନ୍ୟ ପୂଜା ମଣ୍ଡପ ତୁଳନାରେ ଏହି ମଣ୍ଡପର ପୂଜା ଶୈଳୀ, ରୀତିନୀତି ସମ୍ପୂର୍ଣ୍ଣ ଭିନ୍ନ । ଏହି ପୂଜା ମଣ୍ଡପ ବ୍ରହ୍ମପୁର ସହରର ପ୍ରଥମ ପୂଜା ମଣ୍ଡପ ହେବା ସହ ବଙ୍ଗୀୟ ସଂସ୍କୃତି ଉପରେ ପର୍ଯ୍ୟବସିତ । ପ୍ରତ୍ୟେକ ସନ୍ଧ୍ୟାରେ ଧନୁଚି ନୃତ୍ୟ ହେଉଛି ଏହାର ଏକ ସ୍ୱତନ୍ତ୍ରତା ।
**-ସରଜିତ ସରକାର, ସମ୍ପାଦକ**



"ଏହି ପୂଜା ବଙ୍ଗୀୟ ସମ୍ପ୍ରଦାୟଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିଥାଏ । ଏକଛାତ ତଳେ ୫ ଦିନ ଧରି ସମ୍ପୂର୍ଣ୍ଣ ବଙ୍ଗୀୟ ସଂସ୍କୃତିର ବାତାବରଣ ଏଠାରେ ସୃଷ୍ଟି ହୋଇଥାଏ । ଷଷ୍ଠୀଠାରୁ ନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ଚଣ୍ଡୀପାଠ ସହ ଢାକି ବାଦ୍ୟ ଏହାର ଅନ୍ୟତମ ଆକର୍ଷଣ ସାଜିଥାଏ ।
**- ଦେବାଶିଷ ପାତ୍ର, ଯୁଗ୍ମ ସମ୍ପାଦକ**

## ନଭେମ୍ବର ୧୬ରୁ ମହାନଗର ପୁସ୍ତକମେଳା

ବ୍ରହ୍ମପୁର ଅଫିସ,୧୭।୧୦

ଗଞ୍ଜାମ ଜିଲ୍ଲା ପୁସ୍ତକମେଳା କମିଟି ପକ୍ଷରୁ ନଭେମ୍ବର ୧୬ରୁ ୧୦ ଦିନ ବ୍ୟାପି ମହାନଗର ପୁସ୍ତକମେଳା ଅନୁଷ୍ଠିତ ହେବ । ରାମଲିଙ୍ଗମ ଟେମ୍ପୁଲ ରୋଡସ୍ଥିତ ଏସଏସଭିଟି ସିନେମାହଲ ପଡିଆରେ ନଭେମ୍ବର ୨୫ ପର୍ଯ୍ୟନ୍ତ ଏହି ମେଳା ଆୟୋଜିତ ହେବ । ବ୍ୟାଙ୍କ କଲୋନୀସ୍ଥିତ ନିଳାଦ୍ରୀ ନିବାସରେ ହୋଇଥିବା କମିଟିର ଏକ ସ୍ୱତନ୍ତ୍ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । କମିଟି ସଭାପତି ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷର ପୁସ୍ତକ ମେଳାକୁ ଅଧିକ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ, ପୋଲିସ, ସୁରକ୍ଷାକର୍ମୀ ସମେତ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବ । ଏହି ମେଳାକୁ ଅଧିକ ଆକର୍ଷଣୀୟ କରିବାକୁ ଓଡିଶା ତଥା ଓଡିଶା ବାହାରୁ ବହୁ ପ୍ରତିଷ୍ଠିତ କବି, ସାହିତ୍ୟିକ, ସମାଜିକକର୍ମୀ ଓ ବୁଦ୍ଧିଜୀବୀମାନଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର କରାଯାଇଥିଲା । ପ୍ରତ୍ୟକ ସନ୍ଧ୍ୟାରେ ଆଲୋଚନା ସଭା, ସାହିତ୍ୟ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସୂଚନା ଦିଆଯାଇଥିଲା । କମିଟି ସମ୍ପାଦକ ଅଜିତ ସାବତ, ସାଙ୍ଗଠନିକ ସମ୍ପାଦକ ବାଲ୍ମିକୀ ମହାପାତ୍ରଙ୍କ ସମେତ ବି. ସତ୍ୟମ୍ ଆଚାରୀ, ନରେନ୍ଦ୍ର ଦାଶ, ସୁଦାମ ପାଣିଗ୍ରାହୀ, ମାଗତା ନାୟକ, କୈଳାସ ପାଣିଗ୍ରାହୀ ଓ ଦୀପ୍ତିମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉପସଭାପତି ନୀହାର ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ ।


ZILLA SWASTHYA SAMITI, KORAPUT
DISTRICT PROGRAMME MANAGEMENT SUPPORT UNIT
NATIONAL HEALTH MISSION
E-mail: nhmkpt@gmail.com, Phone: 06852-252340
Notice No.: 4464/DPMU/NHM/2018 Date: 13.10.18

**NOTICE**

The candidates applied for the different category of post like Counselor & Statistical Assistant-DRTB, LT (NHM, RNTCP), Counselor-NCD, BPM, BDM & ANM etc. under NHM, Koraput as per CDM & PHO, Koraput advertisement No. 2430, Dt.19.06.2018 is hosted in the Koraput district website **www.koraput.nic.in**. The candidates are requested to visit the website and confirm their entries made in the database. The applicants will put up their objections/suggestions, if any in the entry made in the database in writing with sufficient justification which must reach before the undersigned on or before **25.10.2018 upto 5.00 P.M.** with superscripted the envelope **"Objection for the Post of ________ by Speed Post/Registered Post/Courier only.** Envelopes received without due superscription and in other manner will not be considered for objections/suggestions. No objections/suggestions recevied after due date will be entertained. No documents will be accepted for compliance of the objections against non-submission of documents with applications form and incomplete application.

Sd./- CDM & PHO cum
District Mission Director, Koraput


## ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ



ପୋଲିସ ଶହୀଦ ସ୍ମୃତି ଚାରଣ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ ।

ବ୍ରହ୍ମପୁର ଅଫିସ,୧୭।୧୦

ସ୍ଥାନୀୟ ଗାନ୍ଧୀନଗର ମ୍ୟୁନିସିପାଲିଟି ବାରାକ୍ ହାଇସ୍କୁଲରେ ବୁଧବାର ୫୯ତମ ପୋଲିସ ସହୀଦ୍ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ଉତ୍ସବରେ ଡିଏସ୍‌ପି ବଟକୃଷ୍ଣ ମିଶ୍ର, ଏମ୍‌ଏସ ଶାନ୍ତା ନୂତନ ସମ୍ବାଦ, ବରିଷ୍ଠ କିରାଣି ସୁଧୀର କୁମାର ପଟ୍ଟନାୟକ, ଟାଉନଥାନା ଆଇଆଇସି ନୀହାର ରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ବିଭିନ୍ନ ସମୟରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ନିଜ ଜୀବନକୁ ବଳି ଦେଇଥିବା ପୋଲିସ କର୍ମଚାରୀମାନଙ୍କ ସ୍ମୃତି ଚାରଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରର ୭ ଉଚ୍ଚ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୧ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ଲିଖନ, ବକ୍ତୃତା ଏବଂ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ପୋଲିସ ଜିଲ୍ଲା କର୍ତ୍ତୃପକ୍ଷଙ୍କ ପକ୍ଷରୁ ପରିଚାଳନା କରାଯାଇଥିଲା ।

## ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଡିଏଲଏସ୍‌ଏର ହସ୍ତକ୍ଷେପ

ବ୍ରହ୍ମପୁର ଅଫିସ,୧୭।୧୦

ସାମୁଦ୍ରିକ ଝଡ ତିତ୍‌ଲି ପ୍ରଭାବରେ ବାତ୍ୟା ଏବଂ ପରେ ବନ୍ୟା ପରିସ୍ଥିତି ଦେଖାଦେଇଥିବା ଅଞ୍ଚଳଗୁଡିକରେ ଜନସାଧାରଣଙ୍କୁ ରିଲିଫ୍ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ପତ୍ର ଲେଖାଯାଇଛି । ଡିଏଲଏସଏ ଅଧ୍ୟକ୍ଷ ବିଭୁ ପ୍ରସାଦ ରାଉତରାୟଙ୍କ ନିର୍ଦ୍ଦେଶାକ୍ରମେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ବିପନ୍ନଙ୍କ ନିକଟରେ ରିଲିଫ୍ ତୁରନ୍ତ ପହଞ୍ଚାଇବା ପାଇଁ ପତ୍ର ଲେଖିଥିଲେ । ଏହା ସହିତ ଉପଜିଲାପାଳ, ବିଭିନ୍ନ ବିଡିଓଙ୍କୁ ଅବଗତ କରାଇବା ସହିତ ପାରା ଲିଗାଲ୍ ଭଲ୍ୟୁଣ୍ଟରମାନଙ୍କୁ ସ୍ଥିତି ଅନୁଧ୍ୟାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି ।
For more details contact:
9193648139
SATAPADA, PURI, ODISHA - 752011

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ । ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ । ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି ।
08418002678
08859668547
39, Patel Nagar, Saharanpur Road, Dehradun - 248001

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା ।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |





## ସଂକ୍ଷେପରେ

### ବିଦ୍ୟୁତ ଖୁଣ୍ଟ ପଡ଼ି ନାବାଳକ ମୃତ

**ଆର.ଉଦୟଗିରି, ୧୭।୧୦(ଡି.ଏନ.ଏ.):** ଗଜପତି ଜିଲା ରାମଗିରି ଥାନା ଅଞ୍ଚଳ ରାମଗିରିରୁ ବୁଧବାର ଜଣେ ଠିକାଦାର ଏକ ଟ୍ରକରେ ଡୋଜର ଧରି କାମ ପାଇଁ ଚାଈଡ଼ାଖତ ଯାଉଥିଲେ। ଟ୍ରକ୍‌ରେ ଲୋଡ୍ ହୋଇଥିବା ଡୋଜର ଚାଈଡ଼ାଖତ ଗ୍ରାମ ଠାରେ ଏକ ବିଦ୍ୟୁତ ତାରରେ ଲାଗିଯିବାରୁ ଖୁଣ୍ଟଟି ନିକଟରେ ଖେଳୁଥିବା ସେହି ଗ୍ରାମର ମୀନ କେତନଙ୍କ ପୁଅ ଅକ୍ଷୟ(୧୦)ଙ୍କ ଉପରେ ପଡି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ରାମଗିରି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ପଠାଯାଇଥିଲା। ରାମଗିରି ପୋଲିସ ନଂ.୩୦/୧୮ରେ ଏକ ମାମଲା ରୁଜୁ କରି ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଆର.ଉଦୟଗିରି ଏସ୍‌ଡିପିଓ ଅନିଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ରାମଗିରି ଥାନା ଅଧିକାରୀ ମୁକେଶ ବେହେରା ଏହାର ଅଧିକ ତଦନ୍ତ ଚଳାଇଛନ୍ତି।

### ରେଡକ୍ରସ ପକ୍ଷରୁ ରିଲିଫ ବଣ୍ଟନ




**ଜଗନ୍ନାଥପ୍ରସାଦ,୧୭।୧୦:** ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ପଞ୍ଚାୟତର ୨୫୦ ପରିବାରଙ୍କୁ ତିତ୍‌ଲି ବାତ୍ୟା ଓ ବନ୍ୟାରେ ପ୍ରଭାବିତ ହୋଇଥିବାରୁ ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ରିଲିଫ ବଣ୍ଟନ କରାଯାଇଥିଲା। ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ତତ୍ତ୍ୱାବଧାନରେ ଓ ଗଞ୍ଜାମ ଜିଲା ଯୁବ ରେଡକ୍ରସ ସଂଯୋଜକ ବି. ଗୋବିନ୍ଦ ରାଓଙ୍କ ପରିଚାଳନାରେ ରିଲିଫ କାର୍ଯ୍ୟ ହୋଇଥିଲା। ଜଗନ୍ନାଥପ୍ରସାଦସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ରେଡକ୍ରସ କାଉନସିଲର ଲୋକନାଥ ମହାନ୍ତିଙ୍କ ନେତୃତ୍ୱରେ ୧୨ ଜଣ ସ୍ୱେଚ୍ଛାସେବୀ ଓ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ କ୍ଷତ୍ରୀୟବରପୁରର ୮ ଜଣ ସ୍ୱେଚ୍ଛାସେବୀ ରିଲିଫ ବଣ୍ଟନରେ ସହଯୋଗ କରିଥିଲେ। ଏଥିରେ ଭଞ୍ଜନଗରର ଜିତେନ୍ଦ୍ର କୁମାର ଆରୁଖ, ଭାଇସ ଚେୟାରମ୍ୟାନ ରାଜେନ୍ଦ୍ର କୁମାର ପ୍ରଧାନ, ଆଡଭୋକେଟ ଦିବାକର ନାୟକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

### ରିଲିଫ ପାଇଁ ସର୍ଭେ ଆରମ୍ଭ

**ଶେରଗଡ, ୧୭।୧୦(ଡି.ଏନ୍.ଏ.):** ଶେରଗଡ ବ୍ଲକର ତହଁର, ବ୍ରାହ୍ମଣଛାଇ, ପିତଳ ଆଦି ୩ ପଞ୍ଚାୟତରେ ରିଲିଫ ଦେବା ପାଇଁ ମଙ୍ଗଳବାର ସର୍ଭେ କାମ ଆରମ୍ଭ ହୋଇଛି। ଏନେଇ ପିତଳ ଉଚ୍ଚ ବିଦ୍ୟାଳୟ, ତହଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବ୍ରାହ୍ମଣଛାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ତାଲିମ ପରେ ସେମାନେ ଘର ଘର ବୁଲି ସର୍ଭେ କରିଛନ୍ତି। ତାଲିମ ଦାତା ଭାବେ ବିଡିଓ ସୁରଞ୍ଜନ କୁମାର ସାହୁ, ବିଇଓ ଭାସ୍କର ଲେଙ୍କା, ପ୍ରଗତି ସହାୟକ ଭଗବାନ ବେହେରା, ସହକାରୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀଙ୍କ ସମେତ ସିଆରସିସି ଅରୁଣ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ବିଡିଓ ସାହୁ ଓ ବିଇଓ ଲେଙ୍କାଙ୍କ ଉପସ୍ଥିତିରେ ସର୍ଭେ କାମ ଆରମ୍ଭ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୩ ପଞ୍ଚାୟତର ୧୦ ଟି ଗ୍ରାମରେ ସର୍ଭେ ସରିଛି।

# ତିତ୍‌ଲି ମୃତକଙ୍କ ପରିବାରକୁ ୧୦ ଲକ୍ଷ ସହାୟତା

**ଭଞ୍ଜନଗର,୧୭।୧୦(ଡି.ଏନ.ଏ.)**

- ୫୨ ଜଣ ମୃତ୍ୟୁବରଣ କରିଛନ୍ତି,୧୦ ନିଖୋଜ
- କ୍ଷତିଗ୍ରସ୍ତ ପରିବାରକୁ ବିଜୁ ପକ୍କା ଘର
- ୨୨ଶହ କୋଟି ପ୍ରାରମ୍ଭିକ କ୍ଷୟକ୍ଷତି ଆକଳନ, ୩ଦିନ ମଧ୍ୟରେ ସହାୟତା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବାତ୍ୟା ଓ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଗଞ୍ଜାମ ଜିଲା ଭଞ୍ଜନଗରରେ ତିତ୍‌ଲି ପରବର୍ତ୍ତୀ କ୍ଷୟକ୍ଷତି, ପୁନରୁଦ୍ଧାର ଓ ରିଲିଫ ବଣ୍ଟନ କାର୍ଯ୍ୟ ଉପରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ବନ ବିଭାଗ ଡ଼ାକବଙ୍ଗଳା ପରିସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ତିତ୍‌ଲି ପ୍ରଭାବରେ ହୋଇଥିବା ବାତ୍ୟା ଓ ବନ୍ୟାରେ ବୁଧବାର ସୁଦ୍ଧା ରାଜ୍ୟରେ ୫୨ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି, ଏବେବି ୧୦ ଜଣ ନିଖୋଜ ଅଛନ୍ତି। ତିତ୍‌ଲିରେ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ସହାୟତା ଦିଆଯାଇଥିଲା। ପୁଣି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଆଉ ୬ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସମୀକ୍ଷା ବୈଠକ ପରେ ଘୋଷଣା କରିଛନ୍ତି। ବାତ୍ୟା ଓ ବନ୍ୟା ସମେତ ଗଜପତି ଜିଲାରେ ପାହାଡ଼ ଧସି ମୃତ୍ୟୁବରଣ କରିଥିବା ମୃତକଙ୍କ ପାଇଁ ମୁଁ ଅତ୍ୟନ୍ତ ମର୍ମାହତ ବୋଲି ବୈଠକ ଶେଷରେ ମୁଖ୍ୟମନ୍ତ୍ରୀ ଖବରଦାତାଙ୍କ ସହ ଆଲୋଚନା ସମୟରେ କହିଥିଲେ। ରାଜ୍ୟରେ ୨ଲକ୍ଷ ୨୦ ହଜାର ହେକ୍ଟର ଜମିର ଧାନ ଫସଲ କ୍ଷତିହୋଇଛି। ଫସଲ କ୍ଷତିପୂରଣ ସହାୟତା ଖୁବ୍‌ଶୀଘ୍ର ଚାଷୀଙ୍କୁ ଯୋଗାଇ ଦିଆଯିବ। ଯେଉଁ ଚାଷୀମାନେ ଫସଲ ବୀମା କରିଛନ୍ତି ସେମାନଙ୍କୁ ମଧ୍ୟ ବୀମା ରାଶି କିଭଳି ତୁରନ୍ତ ମିଳିପାରିବ ସେନେଇ ପଦକ୍ଷେପ ନିଆଯାଉଛି।

### ଭଞ୍ଜନଗରରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୀକ୍ଷା କରୁଛନ୍ତି।

ବୁଧବାର ସୁଦ୍ଧା କିଛି ବିଭାଗର ୨୨ଶହ କୋଟି ଟଙ୍କା କ୍ଷୟକ୍ଷତି ହୋଇଥିବା ପ୍ରାଥମିକ ଆକଳନ ହୋଇଛି। ଆଉ କିଛି ବିଭାଗର କ୍ଷୟକ୍ଷତି ରିପୋର୍ଟ ଆସିନାହିଁ। ସମସ୍ତ ରିପୋର୍ଟ ଆସିବା ପରେ ଚୁଡ଼ାନ୍ତ କ୍ଷୟକ୍ଷତି ଜଣାପଡିବ। ଏହାପରେ କେନ୍ଦ୍ର ସରକାରଙ୍କୁ ସହାୟତା ପାଇଁ ଦାବି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସମୀକ୍ଷା ବୈଠକ ପରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହ ୩ଦିନ ମଧ୍ୟରେ ତିତ୍‌ଲି କ୍ଷତିଗ୍ରସ୍ତ ପରିବାର ଗୁଡ଼ିକୁ ଚିହ୍ନଟ କରି କ୍ଷତିପୂରଣ ଦିଆଯିବ। ଯେଉଁମାନଙ୍କ ଘର ଭାଙ୍ଗିଯାଇଛି ସେମାନଙ୍କୁ ବିଜୁ ପକ୍କା ଘର ଯୋଜନାରେ ସାମିଲ କରାଯିବ। ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ପାନୀୟଜଳ ଓ ବିଦ୍ୟୁତ୍ ସେବା ସମେତ ଅନ୍ୟାନ୍ୟ ବିଭାଗର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକ ସମୟରେ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ସଚିବାଳୟରେ ଥିବା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସହ ରାଜ୍ୟର ବିଭିନ୍ନ କ୍ଷୟକ୍ଷତି, ପୁନରୁଦ୍ଧାର ଓ ରିଲିଫ ବଣ୍ଟନ ଉପରେ ମଧ୍ୟ ଆଲୋଚନା କରିଥିଲେ। ଲୋହରାଖଣ୍ଡି ଓ ବଡନଦୀରେ ବାରମ୍ବାର ବନ୍ୟା ଆସୁଥିବାରୁ ୧୩ଟି ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ନଦୀ ଆଡ଼ିବନ୍ଧର ସୁରକ୍ଷା ପାଇଁ ମନ୍ତ୍ରୀ ଆରୁଖ ଓ ବିଜେଡି ନେତା ପ୍ରଶାନ୍ତ କୁମାର ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ସମୀକ୍ଷା ବୈଠକରେ ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଉଷା ଦେବୀ, ଆସିକା ଏମ୍‌ପି ଲଡ୍ଡୁ କିଶୋର ସ୍ୱାଇଁ, ବ୍ରହ୍ମପୁର ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ, ଆସିକା ବିଧାୟକ ଦେବରାଜ ମହାନ୍ତି, ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ ଡ. ପ୍ରିୟାଂଶୁ ପ୍ରଧାନ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଆରଡ଼ିସି ଟି. ଆପାଙ୍ଗା ଆଓ, ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବ୍ରହ୍ମପୁର ଓ କନ୍ଧମାଳ ଏମ୍‌ପି ଏବଂ କବିସୂର୍ଯ୍ୟନଗର ବିଧାୟିକା ଅନୁପସ୍ଥିତ ଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ବିଧାୟକ ଓ ଅନ୍ୟମାନେ।

**ବୁଗୁଡ଼ା,୧୭।୧୦(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି, ଭଗବାନପୁର, ବିରଞ୍ଚିପୁର, ଭାମଶିଆଳି ଓ ପାଙ୍ଗିଡ଼ି ପଞ୍ଚାୟତରେ ସୋମବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇଛି । ଗଞ୍ଜାମ ଜିଲା ବିଜୁ ଶ୍ରମିକ ସାମୁଖ୍ୟ ସେଲର ସଭାପତି ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଏହାର ନେତୃତ୍ୱ ନେଇଥିଲେ। କର୍ମୀମାନଙ୍କ ସହ ବିଧାୟକ ବିଭିନ୍ନ ଗ୍ରାମ ପରିକ୍ରମା କରି ନବୀନ ସରକାରଙ୍କ ଲୋକାଭିମୁଖୀ ଓ ଉନ୍ନତିମୂଳକ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ପଦଯାତ୍ରାରେ ବ୍ଲକ ବିଜେଡି ସଭାପତି ଇ. ମଦନ ଗୋପାଳ ଦୋରା, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢ଼ୀ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ପାଢ଼ୀ, ଜିଲା ଯୁବ ବିଜେଡି ସମ୍ପାଦକ ସୁଶାନ୍ତ ପ୍ରଧାନ, ପୂର୍ବତନ ସରପଞ୍ଚ କବିରାଜ ଗୌଡ଼, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ବରୁଣ ସେନାପତି, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱରୀ ଖଟାଇଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ଓ କର୍ମୀମାନେ ଯୋଗ ଦେଇଥିଲେ ।

## ଗଜଲକ୍ଷ୍ମୀ ପୂଜା ଶୁଭଖୁଣ୍ଟି ସ୍ଥାପନ

**ଦିଗପହଣ୍ଡି,୧୭।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗୌଡ଼ଗାଁରେ ମା' ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ସୋମବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଶୁଭଖୁଣ୍ଟି ସ୍ଥାପନ ବେଳେ ପଣ୍ଡିତ ଲଡ୍ଡୁ କିଶୋର ପଣ୍ଡା ଓ କର୍ତ୍ତା ରାମନାଥ ପାଣିଗ୍ରାହୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଆସନ୍ତା ୨୩ ତାରିଖରୁ ୧୦ ଦିନ ବ୍ୟାପି ଏହି ପୂଜା ମହୋତ୍ସବ ଅନୁଷ୍ଠିତ ହେବ। ପୂଜା ଉପଲକ୍ଷେ ଆୟୋଜିତ ପ୍ରବଚନ କଥାମୃତ କାର୍ଯ୍ୟକ୍ରମରେ ରାଜ୍ୟର ବହୁ ଖ୍ୟାତି ସମ୍ପନ୍ନ ପ୍ରବଚକଙ୍କୁ ନିମନ୍ତ୍ରଣ କରାଯାଇଥିବା ଆୟୋଜକ ବିଘ୍ନେଶ୍ୱର ପୂଜା କମିଟି ପକ୍ଷରୁ କୁହାଯାଇଛି।

## ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଶିବିର

**ଆସିକା,୧୭।୧୦ (ଡି.ଏନ୍.ଏ)**

ଆସିକା ଭାଜପା ପକ୍ଷରୁ ମଙ୍ଗଳବାର ଆସିକା ଏନଏସି ଓ ବ୍ଲକ ଅଞ୍ଚଳର ବନ୍ୟା ପ୍ରପୀଡିତଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଶିବିର ଆରମ୍ଭ କରାଯାଇଛି। ପ୍ରଥମ ଦିନ ଏନଏସି ବାଳିକା ହାଇସ୍କୁଲ ପରିସରରେ ଥିବା ଆଶ୍ରୟ ସ୍ଥଳୀ ଏବଂ ଏହି ବ୍ଲକର ଗଙ୍ଗାପୁର ଶାସନସ୍ଥିତ ଗ୍ରାମ କୋଠଘରେ ଏହି ଶିବିର ହୋଇଥିଲା। ବନ୍ୟା ପ୍ରପୀଡିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟାଯାଇଥିଲା। ଗ୍ୟାସ ଅଥରିଟି ଅଫ ଇଣ୍ଡିଆର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏହି ସେବା ଯୋଗାଇ ଦିଆଯାଇଥଲା। ଘୁମୁସର ଜିଲା ଭାଜପା ସଭାପତି ସୂର୍ଯ୍ୟନାରାୟଣ ଦାସ, ଉପସଭାପତି ଦୁର୍ଗାଚରଣ ପଟ୍ଟନାୟକ, ରାଜ୍ୟ ପରିଷଦ ସଦସ୍ୟ ନାରାୟଣ ବେହେରା, ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ଭାସ୍କର



@ ଅମୀର



@ ସୁମନ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଆର.ଉଦୟଗିରି, ନୂଆଗଡ଼ ବ୍ଲକ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

# ପ୍ରଶାସନିକ ଅଧିକାରୀ ପଦବୀ ଖାଲି

**ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ଏବଂ ନୂଆଗଡ଼ ବ୍ଲକରେ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀ ପଦବୀ ଗୁଡ଼ିକ ଦୀର୍ଘଦିନ ହେଲା ଖାଲି ପଡ଼ିଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆର.ଉଦୟଗିରି ବ୍ଲକରେ ଏବିଡିଓ, ତହସିଲଦାର, ଏସ୍‌ଇଓ, ସପ୍ଲାଇ ଇନ୍ସପେକ୍ଟର, ହେଡକ୍ଲର୍କ, ସିନିୟର କ୍ଲର୍କ, ପିଇଓ, ଜିଆରଏସ ଏବଂ କନିଷ୍ଠ ଯନ୍ତ୍ରୀ ଏବଂ ନୂଆଗଡ଼ ବ୍ଲକର ତହସିଲଦାର, ଅତିରିକ୍ତ ତହସିଲଦାର, ଏବିଡିଓ, ହେଡକ୍ଲର୍କ, ପିଇଓ, ଜିଆରଏସ ଏବଂ କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡ଼ିଛି। ଏହି ଦୁଇ ବ୍ଲକର ତହସିଲଦାର ପଦବୀ ଦୀର୍ଘଦିନ ହେଲା ଖାଲି ପଡ଼ିଥିବା ଯୋଗୁ କାମରେ ଆସୁଥିବା ଲୋକେ ବହୁ ହଇରାଣ ହେଉଛନ୍ତି। ଆର.ଉଦୟଗିରି ବ୍ଲକରେ ବିଭିନ୍ନ ବିଭାଗର ଉପଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ତଥା କୋଷାଗାର, କୋର୍ଟ, କଚେରୀ ଆଦି ରହିଛି। ତେଣୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ ଏଠାକୁ ବହୁ ଲୋକ ଆସନ୍ତି। ଖାଲି ପଡିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ଅନ୍ୟ ଅଧିକାରୀଙ୍କୁ ଦିଆଯାଇଥିବାରୁ ତାହା ସେମାନଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି କରୁଛି।

ନୂଆଗଡ଼ ବ୍ଲକର ବିଡିଓଙ୍କୁ ସେଠାକାର ତହସିଲଦାର ଏବଂ ଅତିରିକ୍ତ ତହସିଲଦାରଙ୍କ ଦାୟିତ୍ୱ ଦିଆଯାଇଛି। ଫଳରେ ତହସିଲ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ନୂଆଗଡ଼ ତହସିଲ କାର୍ଯ୍ୟାଳୟକୁ ତହସିଲଦାର ଭାବେ ବୈରାଣୀ ତହସିଲଦାରଙ୍କୁ ନୂଆଗଡ଼ ବଦଳି କରାଯାଇଛି। ସେହିପରି ବ୍ରହ୍ମପୁର ଅତିରିକ୍ତ ତହସିଲଦାରଙ୍କୁ ନୂଆଗଡ଼ ଅତିରିକ୍ତ ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି। ମାତ୍ର ୩ମାସରୁ ଉର୍ଦ୍ଧ୍ୱ ସମୟ ହେବ ସେମାନେ ଯୋଗ ଦେଇ ନାହାନ୍ତି। ସେହିପରି ନୂଆଗଡ଼ ସମାଜ ମଙ୍ଗଳ ଅଧିକାରୀ (ଏସଇଓ)ଙ୍କୁ ଆର.ଉଦୟଗିରି ବ୍ଲକ ଦାୟିତ୍ୱ ଦିଆଯାଇଛି। ମୋହନା ସପ୍ଲାଇ ଇନ୍ସପେକ୍ଟରଙ୍କୁ ଆର.ଉଦୟଗିରି ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜଣେ ପିଇଓଙ୍କୁ ତିନୋଟି ପଞ୍ଚାୟତ ଦାୟିତ୍ୱ ଦିଆଯାଇଥିବାରୁ ପଞ୍ଚାୟତ ଗୁଡ଼ିକରେ ଠିକ ଭାବେ କାମ ହୋଇପାରୁନି। ଏଣୁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଖାଲି ପଡ଼ିଥିବା ପଦବିଗୁଡ଼ିକୁ ପୂରଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାପ୍ତାହିକ ଛେଳି ହାଟ ଉଦ୍‌ଘାଟିତ

**ଦାରିଙ୍ଗବାଡ଼ି,୧୭।୧୦୯ଡି.ଏନ.ଏ)**

ଦାରିଙ୍ଗବାଡି ବ୍ଲକ ସିଆଙ୍ଗବାଲି ପଞ୍ଚାୟତ ବ୍ରାହାସାଲକା ଗ୍ରାମରେ ଓଡ଼ିଶା ଅର୍ଗାନିକ ରାଇସ୍ ପ୍ରଡ୍ୟୁସର ଆସୋସିଏଶନ ପକ୍ଷରୁ ଡିଙ୍କି ଦିବସ ପାଳିତ ହୋଇଯାଇଛି। ଏଥିରେ ଆସୋସିଏଶନର ଦୀପକ କୁମାର ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ସନ୍ତୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ସଭାପତି ନଟବର ଆଚାର୍ଯ୍ୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ରାହାସାଲକାଠାରେ ସାପ୍ତାହିକ ଛେଳି ହାଟର ମଧ୍ୟ ଉଦ୍‌ଘାଟନ କରାଯାଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ସୁଧିର ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ବନ ଉନ୍ନୟନ ବିଭାଗ ଭୁବନେଶ୍ୱରର ଅଶୋକ କୁମାର ଦାସ, ସାମାଜିକ କର୍ମୀ ଭାଗିରଥୀ ବିଶ୍ୱାଳ, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ସୌଭାଗ୍ୟ ରଞ୍ଜନ ମହାପାତ୍ର, ପୂର୍ବତନ ସମିତିସଭ୍ୟ କାଳୀପ୍ରସାଦ ମଲ୍ଲିକ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପ୍ରଧାନ, ନାରୀନେତ୍ରୀ ବିଳାସିନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



ଛେଳି ହାଟ ଉଦ୍‌ଘାଟନର ଶୁଭାରମ୍ଭ କରାଯାଉଛି।


## NOTICE

**IN THE HIGH COURT OF JUDICATURE AT MADRAS**

(Ordinary Original Civil Jurisdiction)
Application No.1230 of 2018
In the matter of Arbitration & Conciliation Act, 1996
And
In the matter of Disputes between M/s. Daimler Financial Services India Private Limited and **Mr. Pramod Kumar Khilar**
Arising under Loan Agreement Dated 19.05.2015 bearing Contract No. 20116936.

**M/s. Daimler Financial Services India Private Limited,**
Unit 202, 2nd Floor, Campus 3B,
RMZ Millennia Business Park,
No. 143, Dr. M.G.R. Road,
Perungudi, Chennai - 600096
Respresented by its Authorised Signatory
: Applicant

Vs.

**Mr. PRAMOD KUMAR KHILAR**
Jhartarang, Brahmanitanarg,
Rourkela, Sundargarh,
Orissa - 769004
:Respondent

To
**Mr. PRAMOD KUMAR KHILAR**
Jhartarang, Brahmanitanarg,
Rourkela, Sundargarh,
Orissa - 769004

The above application is posted on 09.11.2018 at 10.30 A.M. before the Hon'ble Master, High Court, Madras for your appearance. Please take notice and appear on that date either in person or through your counsel failing which you will be set ex-parte and the matter will be decided in your absence.

M/s. T. DHANYA KUMAR
D. PRADEEP KUMAR
Counsel for Applicant



ଦେଶରେ ଚାଷୀମାନେ ହଇରାଣ ହେଉଥିବାବେଳେ ମୋଦି ସରକାର ନିଜ ଭଲ ବନ୍ଧୁ ଓ ଅନ୍ତରଙ୍ଗ ବ୍ୟକ୍ତିମାନଙ୍କୁ ବ୍ୟାଙ୍କଗୁଡ଼ିକରୁ କୋଟି କୋଟି ଟଙ୍କା ଧରି ଫେରାର ହେବା ପାଇଁ ଅନୁମତି ଦେଉଛନ୍ତି।

- ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ



## ସଂକ୍ଷେପରେ

### ପାକ୍ ପାଇଁ ଗୁପ୍ତଚରଗିରି: ଯବାନ ଗିରଫ

**ଲକ୍ଷ୍ନୌ,୧୭।୧୦(ପି.ଟି.):** ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ବୁଧବାର ଉତ୍ତରପ୍ରଦେଶର ମିରଟରୁ ଜଣେ ଭାରତୀୟ ଯବାନ ଗିରଫ ହୋଇଛନ୍ତି। ମିରଟର ସିଗ୍ନାଲ ରେଜିମେଣ୍ଟରେ ୨ ବର୍ଷ ହେଲା କାର୍ଯ୍ୟରତ ଯବାନ ଜଣକ ସେନା ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସୋସିଆଲ ମିଡିଆରେ ପାକିସ୍ତାନର ଗୋଇନ୍ଦା ଏଜେଣ୍ଟମାନଙ୍କୁ ପ୍ରଦାନ କରିଥିବା ଅଭିଯୋଗ ଆସିଛି। ସେନାର ଗୋଇନ୍ଦା ଅଧିକାରୀମାନେ ଏନେଇ ତନାଘନା ଚଳାଇଛନ୍ତି।

### ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର
### ୪ ସେନା କର୍ମଚାରୀଙ୍କ ବିରୋଧରେ ମାମଲା

**ପୁଣେ,୧୭।୧୦(ପି.ଟି.):** ମହାରାଷ୍ଟ୍ରର ପୁଣେସ୍ଥିତ ଏକ ସେନା ହସ୍ପିଟାଲରେ ଜଣେ ୩୪ ବର୍ଷୀୟା ଦିବ୍ୟାଙ୍ଗ ମହିଳା କର୍ମଚାରୀଙ୍କୁ ୩ ବର୍ଷ ତଳେ ବଳାତ୍କାର କରାଯାଇଥିଲା। ଏହି ଅଭିଯୋଗରେ ସେନାର ୪ କର୍ମଚାରୀଙ୍କ ବିରୋଧରେ ବୁଧବାର ମାମଲା ରୁଜୁ କରାଯାଇଛି। ସେନା ପକ୍ଷରୁ ମଧ ଅଭିଯୁକ୍ତଙ୍କ ବିରୋଧରେ 'କୋର୍ଟ ଅଫ୍ ଇନ୍‌କ୍ୱାରି' ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନାନୁସାରେ ୪ ସେନା କର୍ମଚାରୀ ପୁଣେର ଖାଡ୍‌କିସ୍ଥିତ କିର୍କୀର ଉକ୍ତ ହସ୍ପିଟାଲରେ କାମ କରୁଥିଲେ। ସେମାନେ ୨୦୧୫ ଜାନୁୟାରୀରୁ ଜୁନ୍ ମଧ୍ୟରେ ଜଣେ ମୂକ ଓ ବଧିର ମହିଳା କର୍ମଚାରୀଙ୍କୁ ରାତି ଡ୍ୟୁଟି ବେଳେ ଏକାଧିକ ଥର ବଳାତ୍କାର କରିଥିଲେ। ମହିଳା କର୍ମଚାରୀ ଏନେଇ ମଧ୍ୟପ୍ରଦେଶର ଇନ୍ଦୋରସ୍ଥିତ ଏକ ଏନ୍‌ଜିଓକୁ ଅବଗତ କରାଇଥିଲେ। ଏନ୍‌ଜିଓ ଘଟଣା ସମ୍ପର୍କରେ ଇନ୍ଦୋର ପୋଲିସକୁ ଜଣାଇଥିଲା। ଇନ୍ଦୋର ପୋଲିସ ପୁଣେ ପ୍ରତିପକ୍ଷଙ୍କୁ ମଙ୍ଗଳବାର ରାତିରେ ଜଣାଇବା ପରେ ମାମଲା ରୁଜୁ ହୋଇଛି।

### ଦୁର୍ଘଟଣାରେ ପରିବାରର ୬ ମୃତ

**ଅମରାବତୀ,୧୭।୧୦(ପି.ଟି.):** ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ବୁଧବାର ଭୋର ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ପରିବାରର ୬ ଜଣ ପ୍ରାଣ ହରାଇଥିବାବେଳେ ୧୫ ଆହତ ହୋଇଛନ୍ତି। କୁର୍ନୁଲ ଓଲ୍ଡ ଟାଉନ୍‌ର ଗୋଟିଏ ପରିବାରର ସଦସ୍ୟମାନେ ଏକ ଭ୍ୟାନ୍‌ରେ ତୀର୍ଥଯାତ୍ରା ପାଇଁ ୟେଲେଆର୍ତି ଦରଘା ଯାଉଥିଲେ। ବାଟରେ ଗାଡ଼ି ଖରାପ ହୋଇଯିବାରୁ ସଜାଡ଼ିବା ପାଇଁ ଡ୍ରାଇଭର ତାକୁ ରାସ୍ତାକଡ଼ରେ ରଖିଥିଲେ। ରାତିରେ ଅନ୍ଧାର ଯୋଗୁ କିଛି ଦେଖାଯାଉ ନ ଥିଲା। ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ଉକ୍ତ ଭ୍ୟାନ୍‌କୁ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଛି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ମୃତକଙ୍କ ପରିବାର ଲୋକଙ୍କୁ ୩ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି।

## ଇତିହାସର ଆଇନାରେ

### ଅକ୍ଟୋବର ୧୮ର ପ୍ରମୁଖ ଘଟଣା

୧୯୬୩ ଅକ୍ଟୋବର ୧୮ରେ ଫେଲିସେଟି ନାମକ ଏକ ବିରାଡିକୁ ଫ୍ରାନ୍ସ ମହାକାଶକୁ ପଠାଇଥିଲା। ଭେରୋନିକ୍ୟୁ ଏଜିଆଇ-୪୭ ରକେଟ୍ ମାଧ୍ୟମରେ ଏହି ବିଲେଇକୁ ପଠାଯାଇଥିଲା। ଫେଲିସେଟି ହେଉଛି ପ୍ରଥମ ବିରାଡି, ଯିଏକି ମହାକାଶ ଯାତ୍ରା କରି ଜୀବନ୍ତ ଫେରିଆସିଥିଲା। ପରେ ଅକ୍ଟୋବର ୨୪ରେ ଆଉ ଏକ ବିରାଡିକୁ ମହାକାଶକୁ ପଠାଯାଇଥିଲା। ତେବେ ମହାକାଶରେ ସେ ବଞ୍ଚିପାରିନଥିଲା।

୨୦୦୭ ଅକ୍ଟୋବର ୧୮ରେ ପାକିସ୍ତାନର କରାଚୀରେ ଦୁଇଟି ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କ କାର ଶୋଭାଯାତ୍ରାରେ ଯାଉଥିବାବେଳେ ଏହି ଆକ୍ରମଣ ହୋଇଥିଲା। ଏଥିରେ ୧୮୦ ଜଣ ନିହତ ହୋଇଥିବାବେଳେ ୫୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଅଧିକାଂଶ ମୃତକ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ସଦସ୍ୟ ଥିଲେ। ବେନଜିର ଲଣ୍ଡନ ଓ ଦୁବାଇରେ ୮ ବର୍ଷ ନିର୍ବାସିତ ଜୀବନ ବିତାଇ ପାକିସ୍ତାନକୁ ଫେରିବା ଅବସରରେ ତାଙ୍କୁ ସ୍ୱାଗତ କରିବା ପାଇଁ ଲୋକେ ଏକାଠି ହୋଇଥିଲେ।

■ '# ମିଟୂ' ଝଡ଼: ଯୌନ ନିର୍ଯାତନା ନିରୋଧୀ ଆଇନ ହେବ କଠୋର

# ତର୍ଜମା କରିବ ମନ୍ତ୍ରୀଗୋଷ୍ଠୀ

■ ଆକବରଙ୍କ ଇସ୍ତଫା ହେଉଛି ସତ୍ୟର ଜୟ: କଂଗ୍ରେସ
■ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ମୁଖା ଖୋଲିଯାଇଛି: ଏଏପି

ନୂଆଦିଲ୍ଲୀ,୧୭।୧୦(ପି.ଟି.)






ତନୁଶ୍ରୀ ଦତ୍ତ '# ମିଟୂ' ଅଭିଯାନ ଆରମ୍ଭ କରିବା ପରେ ଦେଶବ୍ୟାପୀ ସୃଷ୍ଟି ହୋଇଛି ଝଡ଼। ଅନେକ ବ୍ୟଭିଚାରୀଙ୍କ ମୁଖା ଖୋଲିଯିବା ପରେ ସ୍ୱରୋତ୍ତଳନ ହେଉଛି। ଅନେକ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ବୁଧବାର କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି ଏମ୍.ଜେ. ଆକବର। ତେବେ '# ମିଟୂ' ଅଭିଯାନ ଜୋର୍ ଧରିଥିବାରୁ ଯୌନ ନିର୍ଯାତନା ନିରୋଧୀ ଆଇନରେ ଥିବା ଢିଲା ବ୍ୟବସ୍ଥା ଉପରେ ତର୍ଜମା ଲାଗି ଏକ ମନ୍ତ୍ରୀଗୋଷ୍ଠୀ (ଜିଓଏମ୍) ଗଠନ କରିବାକୁ ସରକାର ଯୋଜନା ଚଳାଇଛନ୍ତି। ନ୍ୟାୟିକ ଓ ଆନୁଷ୍ଠାନିକ ବ୍ୟବସ୍ଥା ଉପରେ ନଜର ରଖିବା ଲାଗି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଏହି କମିଟି ଗଢ଼ିବାକୁ ପ୍ରସ୍ତାବ ଦେଇଛନ୍ତି।

ବରିଷ୍ଠ ସାମ୍ବାଦିକାଙ୍କ ବ୍ୟଭିଚାର ଅଭିଯୋଗକ୍ରମେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆକବର ଗାଦି ଛାଡ଼ିବା ପରେ ଜୋର୍ ଧରିଛି ଜାତୀୟ ରାଜନୀତି। ଏହା ସତ୍ୟର ଜୟ ବୋଲି କଂଗ୍ରେସ ଅଭିହିତ କରିଛି। କଂଗ୍ରେସ ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ଯୌନ ନିର୍ଯାତନା ଭଳି ସଙ୍ଗିନ ଅଭିଯୋଗ ଆସିବା ସତ୍ତ୍ୱେ କେନ୍ଦ୍ର ସରକାର ଆକବରଙ୍କୁ ଘଣ୍ଟ ଘୋଡ଼ାଉଥିଲେ। କିନ୍ତୁ ସାହସ ଜୁଟାଇ ତାଙ୍କ ବିରୋଧରେ ମୁହଁ ଖୋଲିଥିବା ମହିଳାଙ୍କୁ ସେ ସାଲ୍ୟୁଟ୍ କରୁଛନ୍ତି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ବାବଦରେ ନୀରବତା ଅବଲମ୍ବନ କରୁଥିବାରୁ ତାଙ୍କୁ ପ୍ରିୟଙ୍କା ତୀବ୍ର ସମାଲୋଚନା କରିଛନ୍ତି। ସେହିପରି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମଧ୍ୟ ଆକବରଙ୍କୁ ନିନ୍ଦାକରିବା ସହ ଅଭିଯୋଗକାରିଣୀଙ୍କୁ ପ୍ରଶଂସା କରିଛି। ଏହି ଘଟଣା ପରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ 'ଚାଲ୍, ଚରିତ୍ର ଓ ଚେହେରା' ପଦାରେ ପଡ଼ିଯାଇଛି। ତେବେ ଆକବରଙ୍କ ଇସ୍ତଫା ଯଥେଷ୍ଟ ନୁହେଁ। ତାଙ୍କ ବିରୋଧରେ ଆପରାଧିକ ମାମଲା ଚାଲିବା ଉଚିତ ବୋଲି ଏଏପି ମୁଖପାତ୍ର ଦିଲୀପ ପାଣ୍ଡେ କହିଛନ୍ତି।

ସାମ୍ବାଦିକା ପ୍ରିୟା ରମଣୀ ପ୍ରଥମେ ଆକବରଙ୍କ ନାଁରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ଏହାପରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟରତ ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ସାମ୍ବାଦିକା ମୁହଁ ଖୋଲିଲେଣି। ସେମାନେ ପ୍ରିୟା ରମଣୀଙ୍କୁ ସମର୍ଥନ ଜଣାଇବା ସହ ନିଜ ସହ ଘଟିଥିବା ଅସଦାଚରଣକୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏବେ ଆକବର ମନ୍ତ୍ରୀପଦ ଛାଡ଼ିଥିବାରୁ ଅନେକ ଅଭିଯୋଗକାରିଣୀ ଆଶ୍ୱସ୍ତ ହୋଇଛନ୍ତି। କିନ୍ତୁ ନ୍ୟାୟ ପାଇଁ ସେମାନଙ୍କ ଲଢ଼େଇ ଜାରି ରହିବ ବୋଲି ସୁପର୍ଣ୍ଣା ଶର୍ମା କହିଛନ୍ତି।

### ଆଲୋକ ନାଥଙ୍କ ନାଁରେ ଏତଲା ଦେଲେ ବିନ୍ତା

**ମୁମ୍ବାଇ,୧୭।୧୦(ପି.ଟି.):** ଅଭିନେତା ଆଲୋକ ନାଥଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା ଲେଖିକା ତଥା ନିର୍ଦ୍ଦେଶିକା ବିନ୍ତା ନନ୍ଦ ଆଉ ପାଦେ ଆଗେଇଛନ୍ତି। ବୁଧବାର ମୁମ୍ବାଇର ଏକ ଥାନାରେ ସେ ଅଭିନେତାଙ୍କ ନାଁରେ ଅଭିଯୋଗ କରିଛନ୍ତି। ୧୯ ବର୍ଷ ପୂର୍ବେ ଆଲୋକ ନାଥ ତାଙ୍କୁ ବଳାତ୍କାର କରିଥିଲେ ବୋଲି ସେ କହିଛନ୍ତି। କିନ୍ତୁ ଏନେଇ ଏତଲା ଦାଏର ହୋଇନାହିଁ ବୋଲି ପୋଲିସ କହିଛି।

**ଅଡ୍ଡୁଆରେ ଅନୁ ମଲିକ**

'# ମିଟୂ' ଝଡ଼ରେ ବୁଧବାର ଆଉ ଜଣେ ଶିକାର ହୋଇଛନ୍ତି। ସେ ହେଉଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ଅନୁ ମଲିକ। ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି ଗାୟିକା ଶ୍ୱେତା ପଣ୍ଡିତ। ଟୁଇଟରରେ ଏକ ଲମ୍ବା ପୋଷ୍ଟ କରି ସେ ନିଜ ସହ ଘଟିଥିବା ଉତ୍ପୀଡ଼ନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେହିପରି ବିଶିଷ୍ଟ ଚିତ୍ରକର ଯତୀନ୍ ଦାସଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆସିବା ସତ୍ତ୍ୱେ ତାଙ୍କ ଝିଅ ନନ୍ଦିତା ଦାସ '# ମିଟୂ' ଅଭିଯାନକୁ ସମର୍ଥନ କରୁଛନ୍ତି ଏବଂ ଆଗକୁ କରିବେ ବୋଲି କହିଛନ୍ତି।



# ୩ ଆତଙ୍କବାଦୀ ନିହତ

■ ଟଳିଲେ ଲଶ୍କର କମାଣ୍ଡର ବାଙ୍ଗରୁ
■ ଗୁଳିମାଡ଼ରେ ପୋଲିସ କର୍ମଚାରୀ ଶହୀଦ

ଶ୍ରୀନଗର,୧୭।୧୦(ପି.ଟି.)

ଜମ୍ମୁ-କଶ୍ମୀରର ଶ୍ରୀନଗର ସହରରେ ବୁଧବାର ଏନ୍‌କାଉଣ୍ଟର ଘଟି ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର କମାଣ୍ଡର ମେହରୁଦ୍ଦିନ୍ ବାଙ୍ଗରୁ ଅଛନ୍ତି। ଗୁଳି ବିନିମୟ ବେଳେ ଜଣେ ପୋଲିସ କର୍ମଚାରୀ ମଧ୍ୟ ଶହୀଦ ହୋଇଥିବା ପୋଲିସ ସୂଚନା ଦେଇଛି। ଫତେ କାଦଲ ଅଞ୍ଚଳରେ ଏହି ଏନ୍‌କାଉଣ୍ଟର ଘଟିବା ପରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସମସ୍ତ ସ୍କୁଲ ଓ ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା କରାଯାଇଛି।

କଶ୍ମୀର ପୋଲିସ ଆଇଜି ସ୍ୱୟଂପ୍ରକାଶ ପାଣିଙ୍କ କହିବା ଅନୁଯାୟୀ, ଶ୍ରୀନଗର ସହରର ତଳିଆ ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚିରହିଥିବା ସୂଚନା ମିଳିଥିଲା। ଏହାପରେ ପୋଲିସ ଏବଂ ସିଆର୍‌ପିଏଫ୍‌ର ମିଳିତ ଟିମ୍ ସେଠାରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିଲେ। ଏତିକିବେଳେ ଆତଙ୍କବାଦୀମାନେ ଗୁଳିମାଡ଼ ଆରମ୍ଭ କରିଦେଇଥିଲେ। ଉଭୟ ପଟୁ ଘମାଘୋଟ ଗୁଳି ବିନିମୟ ହେବା ପରେ ବାଙ୍ଗରୁଙ୍କ ସମେତ ୩ ଆତଙ୍କବାଦୀଙ୍କ ମୃତଦେହ ସେଠାରୁ ଉଦ୍ଧାର କରାଯାଇଛି। ଲଶ୍କର କମାଣ୍ଡର ବାଙ୍ଗରୁ ଅନେକ ଆକ୍ରମଣ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିଲେ। ଅନ୍ୟପଟେ ବାରମୁଲ୍ଲା ଜିଲାର ପାଟ୍ଟନ ଅଞ୍ଚଳରେ ମଧ୍ୟ ବୁଧବାର ଗ୍ରେନେଡ୍ ଆକ୍ରମଣ ହୋଇଛି। ଏଥିରେ ୨ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

## କଂଗ୍ରେସ ହାତ ଧରିଲେ ମାନବେନ୍ଦ୍ର

ନୂଆଦିଲ୍ଲୀ/ଜୟପୁର,୧୭।୧୦(ପି.ଟି.)

ନିର୍ବାଚନ ମୁହାଁ ରାଜସ୍ଥାନରେ ଭାଜପାକୁ ଲାଗିଛି ଶକ୍ତ ଝଟକା। ଦଳର ବିଧାୟକ ତଥା ବରିଷ୍ଠ ଭାଜପା ନେତା ଯଶୱନ୍ତ ସିଂଙ୍କ ପୁଅ ମାନବେନ୍ଦ୍ର ସିଂ ବୁଧବାର କଂଗ୍ରେସର ହାତ ଧରିଛନ୍ତି। ପୂର୍ବାହ୍ନରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବାସଭବନକୁ ଯାଇ ସାକ୍ଷାତ କରିବା ପରେ ବିଧିବଦ୍ଧ ଭାବେ ତାଙ୍କ ଦଳରେ ସେ ଯୋଗଦେଇଛନ୍ତି। ରାହୁଲ ମଧ୍ୟ ମାନବେନ୍ଦ୍ରଙ୍କୁ ସ୍ୱାଗତ ଜଣାଇଛନ୍ତି। ଏହାପରେ ରାଜସ୍ଥାନ କଂଗ୍ରେସ ନେତା ଅଶୋକ ଗେହଲଟ, ସଚିନ ପାଇଲଟ, ଅବିନାଶ ପାଣ୍ଡେ, ଜିତେନ୍ଦ୍ର ସିଂ ଏବଂ ରଣଦୀପ ସୁର୍ଜେୱାଲାଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀରେ ସେ ଭାଜପା ଉପରେ ପ୍ରବଳ ବର୍ଷିଛନ୍ତି। ସ୍ୱାଭିମାନ ପାଇଁ ସେ ଲଢ଼େଇ କରିଛନ୍ତି। କେବଳ ସେ ନୁହନ୍ତି, ପୂରା ସ୍ୱାଭିମାନ ସେନା ଭାଜପା ସହ ସମ୍ପର୍କ ତୁଟାଇବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମାନବେନ୍ଦ୍ର ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଦଳ ବିରୋଧୀ କାର୍ଯ୍ୟ ଯୋଗୁ ମାନବେନ୍ଦ୍ରଙ୍କୁ ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଥିଲା। ମହାରାଷ୍ଟ୍ରର ଭାଜପା ବିଧାୟକ ଆଶିଷ ଦେଶମୁଖ ମଧ୍ୟ କଂଗ୍ରେସରେ ସାମିଲ ହୋଇଛନ୍ତି।



■ କ୍ରିମିଆ ଉପଦ୍ୱୀପରେ ଛାତ୍ରଙ୍କ ଉନ୍ମତ୍ତ କାଣ୍ଡ

## କଲେଜରେ ଆକ୍ରମଣ: ୧୮ ନିହତ

ମସ୍କୋ,୧୭।୧୦(ଏ.ଏଫ୍.ପି.)



କ୍ରିମିଆ ଉପଦ୍ୱୀପର ଏକ ଧନ୍ଦାମୂଳକ କଲେଜରେ ବୁଧବାର ଘଟିଛି ଅଭାବନୀୟ ଘଟଣା। ଜଣେ ଛାତ୍ରଙ୍କ ଗୁଳିମାଡ଼ରେ ୧୮ ନିହତ ହୋଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆକ୍ରମଣକାରୀ ଛାତ୍ର ଜଣକ ନରସଂହାର ପରେ ଆତ୍ମହତ୍ୟା କରିଛନ୍ତି। ସେ କେଉଁ ପରିସ୍ଥିତିରେ ଏଭଳି ଘାତକ ଆକ୍ରମଣ କଲେ ସେନେଇ ତଦନ୍ତ ଚାଲିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୂଚନା ଦେଇଛନ୍ତି।

ପୂର୍ବ ୟୁରୋପସ୍ଥିତ କୃଷ୍ଣସାଗରର ଉତ୍ତର ଉପକୂଳରେ ରହିଛି କ୍ରିମିଆ ଉପଦ୍ୱୀପ। ରୁଷିଆ ଏହି ଅଞ୍ଚଳକୁ ୪ ବର୍ଷ ତଳେ ୟୁକ୍ରେନଠାରୁ ନେଇ ନିଜ ଭୂଖଣ୍ଡରେ ସାମିଲ କରିଛି। କ୍ରିମିଆର କେର୍ଚସ୍ଥିତ ଏକ କଲେଜରେ ଥିବା କଫିହାଉସ୍‌କୁ ଜଣେ ଛାତ୍ର ଆସି ବିସ୍ଫୋରଣ ଘଟାଇଥିଲେ। ପରେ ସେ ସେଠାରେ ଆଖିବୁଜା ଗୁଳି ଚଳାଇ ଆଗକୁ ବଢ଼ିବାରେ ଲାଗିଥିଲେ। ତାଙ୍କ ଗୁଳିମାଡ଼ରେ ଟଳିପଡ଼ିଥିଲେ ୧୮ ଜଣ। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସ୍ୱଳ୍ପବୟସ୍କ ଛାତ୍ରୀଛାତ୍ର। ଆକ୍ରମଣରେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କ୍ରିମିଆରେ ରୁଷିଆ ସମର୍ଥିତ ପ୍ରଶାସନର ମୁଖ୍ୟ ସେର୍ଗେଇ ଆକ୍ସୟୋନୋଭ୍ କହିଛନ୍ତି, ଆକ୍ରମଣକାରୀ ଧନ୍ଦାମୂଳକ ଶିକ୍ଷା ଦିଆଯାଉଥିବା ଉକ୍ତ କଲେଜର ଜଣେ ଛାତ୍ର। ସେ ଏତେଜଣଙ୍କୁ ହତ୍ୟାକରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଆଇନ ପ୍ରବର୍ତ୍ତନକାରୀ ଅଧିକାରୀମାନେ ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ଅଭିହିତ କରି ତଦନ୍ତ ଚଳାଇଛନ୍ତି।

### ରାଜସ୍ଥାନ: ୧୦୦ ଟପିଲା ଜିକା ସଂକ୍ରମିତଙ୍କ ସଂଖ୍ୟା

ନୂଆଦିଲ୍ଲୀ/ଜୟପୁର,୧୭।୧୦ (ପି.ଟି.)

ରାଜସ୍ଥାନରେ ଜିକା ସଂକ୍ରମିତଙ୍କ ସଂଖ୍ୟା ବୁଧବାର ୧୦୦ ଟପିଛି। ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ଏକ ଟିମ୍ ରାଜସ୍ଥାନକୁ ପଠାଇଛନ୍ତି। ଭୂତାଣୁ ସଂକ୍ରମଣ ଉପରେ ନିୟନ୍ତ୍ରଣ ଲଗାଇବା ଲାଗି ପଦକ୍ଷେପ ନେବାକୁ ଟିମ୍ ଜୋର୍‌ସୋରରେ ଲାଗି ପଡ଼ିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ମୁତାବକ, ରାଜ୍ୟରେ ମୋଟ ଜିକା ସଂକ୍ରମିତଙ୍କ ମଧ୍ୟରେ ୨୩ ଜଣ ହେଉଛନ୍ତି ଗର୍ଭବତୀ ମହିଳା। ବୁଧବାର ଆଉ ୨୦ ଜଣ ସଂକ୍ରମଣର ଶିକାର ହୋଇଥିବା ରିପୋର୍ଟ ସାମ୍ନାକୁ ଆସିଛି। ଜୟପୁର ଏବଂ ଆଖପାଖ ଜିଲାଗୁଡ଼ିକରେ ଲୋକେ ଏହାର ଶିକାର ହୋଇଛନ୍ତି। ଜିକା, ଡେଙ୍ଗୁ ଏବଂ ଚିକୁନ୍‌ଗୁନିଆ ଭୂତାଣୁ ବାହକ ମଶାଙ୍କୁ ନଷ୍ଟ କରୁଥିବା କୀଟ ପରିବର୍ତ୍ତନ କରିବା ଲାଗି ବିଶେଷଜ୍ଞ ଟିମ୍ ଗବେଷଣା ଆରମ୍ଭ କରି ଦେଇଛନ୍ତି।

## ଆନ୍ନା ବର୍ନ୍ସଙ୍କୁ ମ୍ୟାନ୍ ବୁକର୍

ଲଣ୍ଡନ,୧୭।୧୦(ପି.ଟି.)



'ମିଲ୍‌କମ୍ୟାନ୍' ଉପନ୍ୟାସ ପାଇଁ ଆୟର୍ଲାଣ୍ଡ ଲେଖିକା ଆନ୍ନା ବର୍ନ୍ସ ପାଇବେ ଚଳିତବର୍ଷର ମର୍ଯ୍ୟାଦାଜନକ 'ମ୍ୟାନ୍ ବୁକର୍ ପ୍ରାଇଜ୍'। ନର୍ଦ୍ଦର୍ନ ଆୟର୍ଲାଣ୍ଡର ପ୍ରଥମ ଲେଖିକା ଭାବେ ସେ ଏହି ପୁରସ୍କାର ପାଇବାକୁ ଯାଉଛନ୍ତି। ମଙ୍ଗଳବାର ରାତିରେ ଲେଭିସ୍ ଆୱାର୍ଡ ସେରିମନିରେ ଚଳିତବର୍ଷ ବୁକର୍ ପ୍ରାଇଜ୍ ବିଜୟୀଙ୍କ ନାମ ଘୋଷଣା କରାଯାଇଛି।

ଜଣେ ବିବାହିତ ପୁରୁଷଙ୍କ ସହ ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କକୁ ନେଇ ନର୍ଦ୍ଦର୍ନ ଆୟର୍ଲାଣ୍ଡରେ ଦେଖାଯାଇଥିବା ରାଜନୈତିକ ଅସ୍ଥିରତା ହେଉଛି କାହାଣୀର ମୁଖ୍ୟ ପୃଷ୍ଠଭୂମି। ଏହା ବାସ୍ତବରେ ଏକ ଅତୁଲ୍ୟ ବାସ୍ତବଧର୍ମୀ କାହାଣୀ ଏବଂ ସେଥିପାଇଁ ଆନ୍ନାଙ୍କୁ ମ୍ୟାନ୍ ବୁକର ପୁରସ୍କାର ପାଇଁ ଚୟନ କରାଯାଇଛି ବୋଲି ବିଚାରକମଣ୍ଡଳୀ ଅଧ୍ୟକ୍ଷା କ୍ୱାମୀ ଆନ୍ଥୋନୀ ଆପ୍ପିଆ କହିଛନ୍ତି। ପୁରସ୍କାର ଘୋଷଣା ବେଳେ କ୍ୱାମୀ କହିଛନ୍ତି, ଏଭଳି ସୃଜନଶୀଳ କାହାଣୀ ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଏହି କାହାଣୀ ପରମ୍ପରାଗତ ଲେଖାକୁ ଚ୍ୟାଲେଞ୍ଜ୍ କରୁଥିବା ଏକ ଭିନ୍ନ ସ୍ୱର। 'ମିଲ୍‌କମ୍ୟାନ୍' ହେଉଛି ବର୍ବରତା, ଯୌନ ଉତ୍ପୀଡ଼ନ ଏବଂ ପ୍ରତିବାଦ ଧର୍ମୀ କାହାଣୀର ବ୍ୟଙ୍ଗାତ୍ମକ ସଂରଚନା। ନିଜ ବିରୋଧରେ ବିଭାଜିତ ସମାଜର ପୃଷ୍ଠଭୂମି ଆନ୍ନାଙ୍କ କାହାଣୀର ଆଧାର ବୋଲି ଆପ୍ପିଆ କହିଛନ୍ତି। ବେଲ୍‌ଫାଷ୍ଟଠାରେ ଜନ୍ମିତ ୫୬ ବର୍ଷୀୟା ବର୍ନ୍ସ ମ୍ୟାନ୍ ବୁକର୍ ପ୍ରାଇଜ୍‌ର ୪୯ବର୍ଷର ଇତିହାସରେ ୧୭ତମ ଏବଂ ୨୦୧୩ ପରେ ପ୍ରଥମ ମହିଳା ଭାବେ ପୁରସ୍କାର ଗ୍ରହଣ କରିବେ। ଏକ ଭବ୍ୟ ସମାରୋହରେ ୫୨,୫୦୦ ପାଉଣ୍ଡ (୫୦.୮୫ ଲକ୍ଷ ଟଙ୍କା) ସାଙ୍ଗକୁ ମ୍ୟାନ୍ ବୁକର୍ ଟ୍ରଫି ପ୍ରଦାନ କରାଯିବ।

### ଲୁଙ୍ଗି ପିନ୍ଧିବାରୁ ୭ ବିହାରୀଙ୍କୁ ଗୁଜରାଟରେ ଆକ୍ରମଣ

ବଡ଼ୋଦରା,୧୭।୧୦(ପି.ଟି.)

ଗୁଜରାଟର ସାମାରେ ସୋମବାର ରାତିରେ ଲୁଙ୍ଗି ପିନ୍ଧି ଅନୁଚିତ ଢଙ୍ଗରେ ବସିଥିବା ଅଭିଯୋଗରେ ୭ ବିହାରୀଙ୍କ ଉପରେ ଆକ୍ରମଣ ହୋଇଛି। ସ୍ଥାନୀୟ ପୋଲିସ ବୁଧବାର ୩ ଆକ୍ରମଣକାରୀଙ୍କୁ ଗିରଫ କରିଛି। ହିନ୍ଦୀ ଭାଷାଭାଷୀ ଶ୍ରମିକଙ୍କୁ ଆକ୍ରମଣ ପରେ ଉତ୍ତର ଭାରତୀୟମାନେ ନିଜ ନିଜ ରାଜ୍ୟକୁ ପଳାୟନ କରୁଥିବାବେଳେ ଏହି ଘଟଣା ସାମ୍ନାକୁ ଆସିଛି। କିନ୍ତୁ ମୂଳ ଘଟଣା ସହ ଏହାର କିଛି ସମ୍ପର୍କ ନାହିଁ ବୋଲି ପୋଲିସ କହିଛି। ମିଳିଥିବା ସୂଚନାନୁସାରେ ବିହାରର ଜଣେ ଇଞ୍ଜିନିୟର ଓ ୬ ପାଇପ୍ ମିସ୍ତ୍ରି ବନକାରବାସଠାରେ ଏକ କାମରେ ନିୟୋଜିତ ଥିବାବେଳେ ଲୁଙ୍ଗି ପିନ୍ଧିଥିଲେ। ସେଠାରେ ରହୁଥିବା ମହିଳା ଓ ପୁରୁଷମାନେ ସେମାନଙ୍କ ଲୁଙ୍ଗି ପିନ୍ଧା ଓ ଅନୁଚିତ ଢଙ୍ଗରେ ବସିବାକୁ ନେଇ ବାରମ୍ବାର ତାଗିଦ କରିଥିଲେ। ଏହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଓ ପରେ ମାରପିଟ ହୋଇଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଶୁଖିଲା ରହିବ। **ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୨୦.୫ |
| ଚାନ୍ଦବାଲି | ୩୨.୨ | ୨୪.୩ |
| କଟକ | ୩୩.୫ | ୨୧.୦ |
| ପାରାଦ୍ୱୀପ | ୩୨.୦ | ୨୪.୫ |
| ଭୁବନେଶ୍ୱର | ୩୩.୦ | ୨୧.୨ |
| ଗୋପାଳପୁର | ୩୩.୦ | ୨୧.୯ |
| ପୁରୀ | ୩୨.୮ | ୨୪.୬ |
| ଅନୁଗୋଳ | ୩୩.୧ | ୧୭.୬ |
| ବାରିପଦା | ୩୨.୪ | ୨୦.୦ |
| ଝାରସୁଗୁଡ଼ା | ୩୪.୨ | ୨୦.୩ |
| କେନ୍ଦୁଝର | ୩୧.୩ | ୧୭.୪ |
| ସମ୍ବଲପୁର | ୩୪.୦ | ୨୦.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୩.୯ | ୨୧.୧ |
| ତାଳଚେର | ୩୫.୨ | ୨୦.୩ |
| ଭବାନୀପାଟଣା | ୩୨.୦ | ୧୮.୭ |
| ବଲାଙ୍ଗୀର | ୩୩.୨ | ୨୦.୫ |
| କୋରାପୁଟ | ୨୯.୦ | ୧୮.୦ |
| ଫୁଲବାଣୀ | ୩୧.୮ | ୧୪.୦ |
| ଟିଟିଲାଗଡ଼ | --- | ୧୮.୦ |
| ମାଲକାନଗିରି | ୩୩.୨ | --- |
| ସୋନପୁର | ୩୩.୬ | ୧୮.୦ |
| ଦାରିଙ୍ଗିବାଡ଼ି | ୨୯.୦ | ୧୪.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

■ ସାବରିମାଳା କବାଟ ଖୋଲିବାରୁ ହିଂସା

## ଆକ୍ରମଣ ପରେ ଫେରିଲେ ମହିଳା

ନିଲାକଲ/ପମ୍ବା,୧୭।୧୦(ପି.ଟି.)




ସୁପ୍ରିମକୋର୍ଟଙ୍କ ଆଦେଶ ପରେ କେରଳର ସାବରିମାଳା ଆୟାପ୍ପା ମନ୍ଦିରର ଲୁହା ଗେଟ୍ ବୁଧବାର ପ୍ରଥମକରି ଖୋଲାଯାଇଥିଲା। କିନ୍ତୁ ପୂଜାର୍ଚ୍ଚନା ପୂର୍ବରୁ ଦାକ୍ଷିଣାତ୍ୟର ଏହି ପ୍ରସିଦ୍ଧ ଧର୍ମକ୍ଷେତ୍ର ରଣକ୍ଷେତ୍ରରେ ପରିଣତ ଯାଇଥିଲା। ମହିଳା ଶ୍ରଦ୍ଧାଳୁ ମନ୍ଦିରଆଡ଼କୁ ଅଗ୍ରସର ହେଉଥିବାବେଳେ ରାୟକୁ ବିରୋଧ କରୁଥିବା ଦକ୍ଷିଣପନ୍ଥୀ ଗୋଷ୍ଠୀ ଏହାର ଦୃଢ଼ବିରୋଧ କରିଛନ୍ତି। ମନ୍ଦିରର ଫାଟକ କୁହାଯାଉଥିବା ନିଲାକଲଠାରେ ପୋଲିସ ଏବଂ ବିରୋଧ ପ୍ରଦର୍ଶନକାରୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହେବା ଯୋଗୁ ରକ୍ତାକ୍ତ ହିଂସାକାଣ୍ଡ ସମଗ୍ର ଅଞ୍ଚଳରେ ଉତ୍ତେଜନା ବଢ଼ାଇ ଦେଇଛି। ଫଳରେ ଶହ ଶହ ବର୍ଷ ପୁରୁଣା ପରମ୍ପରା ଭାଙ୍ଗି ମହିଳାମାନେ ସାବରିମାଳାରେ ପ୍ରବେଶ କରିବା ତ ଦୂରର କଥା, ଓଲଟା ବିରୋଧକାରୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ସାମ୍ବାଦିକାଙ୍କୁ ସେଠାରେ ହଟହଟା ହେବାକୁ ପଡ଼ିଥିଲା। ୪ଟି ଜାତୀୟସ୍ତରର ନ୍ୟୁଜ୍ ଚ୍ୟାନେଲ୍‌ର ସାମ୍ବାଦିକାଙ୍କ ଉପରକୁ ଆକ୍ରମଣ ହେବା ସହ ସେମାନଙ୍କ ଗାଡ଼ି ଭାଙ୍ଗି ଦିଆଯାଇଛି। ଏଥିରେ ଅନ୍ୟୁନ ୧୦ ଜଣ ଗଣମାଧ୍ୟମ ପ୍ରତିନିଧି ଆହତ ହୋଇଥିବା ରାଜ୍ୟର ବରିଷ୍ଠ ମନ୍ତ୍ରୀ ଇ.ପି. ଜୟରାଜନ୍ ସୂଚନା ଦେଇଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣକୁ ଜୟରାଜନ୍ ନିନ୍ଦା କରିବା ସହ ବିଭିନ୍ନ ଧାରାରେ ମାମଲା ଦାଏର କରାଯାଇଥିବା କହିଛନ୍ତି।

ମନ୍ଦିର ଆଡ଼କୁ ଅତିକ୍ରମ କରିଥିବା ରାସ୍ତାର ଉଭୟ ପାର୍ଶ୍ୱରେ ରାୟ ବିରୋଧକାରୀ ହିନ୍ଦୁ ଗୋଷ୍ଠୀଙ୍କ ବିଭିନ୍ନ ପ୍ରକାରର ପୋଷ୍ଟର ଦେଖିବାକୁ ମିଳିଥିଲା। ଦକ୍ଷିଣପନ୍ଥୀ ଗୋଷ୍ଠୀଙ୍କ ଦ୍ୱାରା ଗୁରୁବାର ପମ୍ବା ଏବଂ ନିଲାକଲ୍ ଅଞ୍ଚଳରେ ବନ୍ଦ ଡାକରା ଦିଆଯାଇଛି। ଫଳରେ ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପାଟନମ୍‌ଥିଟ୍ଟା ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ପ୍ରମୁଖ ବିରୋଧୀ ଗୋଷ୍ଠୀର ନେତା ରାହୁଲ ଈଶ୍ୱରଙ୍କୁ ପମ୍ବାଠାରେ ଗିରଫ କରାଯାଇଛି। ବାମ ନେତୃତ୍ୱାଧୀନ କେରଳ ସରକାର ସୁପ୍ରିମକୋର୍ଟଙ୍କ ରାୟର ରିଭ୍ୟୁ ପିଟିଶନ୍ ଦାଖଲ କରିବେ ନାହିଁ ବୋଲି ଘୋଷଣା କରିବା ପରେ ରାଜ୍ୟରେ ବିରୋଧ ପ୍ରଦର୍ଶନ ତୀବ୍ରତର ହୋଇ ଉଠିଥିଲା। ଅନ୍ୟପକ୍ଷରେ ଆନ୍ଦୋଳନକାରୀଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛି ଉଭୟ ବିରୋଧୀ କଂଗ୍ରେସ ଏବଂ ଭାଜପା।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

### ପୂଜା ମଣ୍ଡପ ବୁଲିଲେ ରାଜ୍ୟପାଳ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ):** ବୁଧବାର ମହାଷ୍ଟମୀ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଧାନୀର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିବା ସହ ପୂଜାର୍ଚ୍ଚନା କରିଛନ୍ତି। ରାଜ୍ୟପାଳ ୟୁନିଟ୍-୮ସ୍ଥିତ ରାଜ୍ କ୍ଲବ, ନୟାପଲ୍ଲୀ, ଡିଷ୍ଟ୍ରିକ୍ଟ ସେଣ୍ଟର ଚନ୍ଦ୍ରଶେଖରପୁର, ଜୟଦେବବିହାର, ଶହୀଦନଗର ଓ ଝାରପଡ଼ା ମଣ୍ଡପକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ରାଜ୍ୟପାଳ ମଣ୍ଡପରେ ପହଞ୍ଚିବା ପରେ ପୂଜା କମିଟି କର୍ମକର୍ତ୍ତାମାନେ ତାଙ୍କୁ ପାଛୋଟି ନେଇଥିଲେ। ରାଜ୍ୟପାଳଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ନେଇ ସତର୍କ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ):** ବାତ୍ୟା ଏବଂ ବନ୍ୟା ପ୍ରଭାବିତ ଜିଲାଗୁଡିକରେ ଝାଡାବାନ୍ତି, ଥଣ୍ଡାଜ୍ୱର, ମ୍ୟାଲେରିଆ, ଡେଙ୍ଗୁ ଏବଂ କାମଳ ରୋଗ ଯେପରି ନ ବ୍ୟାପିବ ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ଜିଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଯଦି କୌଣସି ଅଞ୍ଚଳରେ ସମସ୍ୟା ଦେଖାଦିଏ ତା'ହେଲେ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ସଚିବ ପରାମର୍ଶ ଦେଇଛନ୍ତି। ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ନେଇ ସଚିବ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ବରିଷ୍ଠ ପଦାଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। କୌଣସି ସ୍ଥାନରେ ଦେଖା ଦେଉଥିବା ରୋଗ ସମ୍ପର୍କରେ ନିୟମିତ ତଥ୍ୟ ସଂଗ୍ରହ କରି ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସମ୍ପନ୍ନିତ ରୋଗ ସର୍ବେକ୍ଷଣ ସେଲକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ ରାଜ୍ୟ ମେଡିକାଲ ନିଗମ ଏମ୍‌ଡି ଅର୍ଚ୍ଚନା ପଟ୍ଟନାୟକଙ୍କ ସହିତ ବିଭାଗର ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ବିଭାଗ ୫୪ ଡାକ୍ତରଙ୍କୁ ବାହାର ଜିଲାରୁ ଆଣି ପ୍ରଭାବିତ ଜିଲାରେ ମୁତୟନ କରିଛନ୍ତି। ୮୨ ମେଡିକାଲ ରିଲିଫ୍ କେନ୍ଦ୍ର ଖୋଲାଯାଇଛି। ୮୫ ଭ୍ରାମ୍ୟମାଣ ଚିକିତ୍ସକ ଦଳ ନିୟୋଜିତ ହୋଇଛନ୍ତି।

# ସରକାର ମାନିଲେ: ୩ ଜିଲାରେ ୫୨ ମରିଛନ୍ତି

- ବିରୋଧୀଙ୍କ ତଥ୍ୟକୁ ଟପିଗଲା ମୃତ୍ୟୁ ସଂଖ୍ୟା
- ୨୨ ଶହ କୋଟି ବରବାଦ

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ)**

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲା ଛାରଖାର ହୋଇଯାଇଛି। ଏହି ଜିଲା ସମେତ ୧୭ ଜିଲା ପ୍ରଭାବିତ ହୋଇଛି। ରାସ୍ତାଘାଟ, ବିଦ୍ୟୁତ୍, ଚାଷ ଜମି ସବୁ ଉଜୁଡି ଯାଇଛି। ୧୯୯୯ ମହାବାତ୍ୟା ପରେ ଏହି ବିପତ୍ତି ସବୁଠାରୁ ବଳି ଯାଇଛି। ମୃତ୍ୟୁ ସଂଖ୍ୟା ବଢିଥିବା ବେଳେ ବହୁ ଧନ ସମ୍ପତ୍ତି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ପ୍ରଭାବିତ ଜିଲାରେ ଏ ପର୍ଯ୍ୟନ୍ତ ୫୨ ଜଣଙ୍କର ଜୀବନ ହାନି ହୋଇଛି। ୨୨ ଶହ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ବୁଧବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ସୂଚନା ମିଳିଛି। ବିରୋଧୀ ଅଭିଯୋଗ କରିଥିଲେ ସରକାର ଜାଣିଶୁଣି ମୃତ୍ୟୁ ସଂଖ୍ୟା ତଥ୍ୟକୁ ଚାପି ଦେଇଛନ୍ତି। ବିପର୍ଯ୍ୟୟରେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ନିଖୋଜ ଅଛନ୍ତି। ବିରୋଧୀଙ୍କ ଅଭିଯୋଗ ସତ ପ୍ରମାଣିତ ହୋଇଛି। ବିପର୍ଯ୍ୟୟରେ ସରକାରୀ ଭାବେ ୫୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।


ସଚିବାଳୟଠାରେ ବୁଧବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ।

ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କନ୍ଧମାଳ ଆଦି ୪ଟି ଜିଲାରେ ୫୨ ଜଣଙ୍କର ମୃତ୍ୟୁ ହୋଇଛି। ଗଜପତି ଜିଲାରେ ୩୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଗଞ୍ଜାମ ଜିଲାରେ ୧୨, କନ୍ଧମାଳରେ ଜଣଙ୍କର ମୃତ୍ୟୁ ଘଟିଛି। ଆଉ ୧୦ ଜଣଙ୍କ ମୃତ୍ୟୁ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ପ୍ରାଥମିକ ଆକଳନ ଅନୁଯାୟୀ ବାତ୍ୟା ଓ ଏହାର ପରବର୍ତ୍ତୀ ବର୍ଷାରେ ୨୨ ଶହ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଝଡ଼ ବର୍ଷା ଯୋଗୁ ୩ଟି ଜିଲାରେ ୫୦୦ କୋଟି ଟଙ୍କାର ରାସ୍ତାଘାଟ କ୍ଷୟକ୍ଷତି ହୋଇଥିବା ବେଳେ ୧୩୩ କୋଟି ଟଙ୍କାର ବିଦ୍ୟୁତ୍ ଏବଂ ୧୫୦ କୋଟି ଟଙ୍କାର ଘରଦ୍ୱାର ନଷ୍ଟ ହୋଇଛି। କ୍ଷୟକ୍ଷତିର ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଆଉ ୨ ଦିନ ସମୟ ଲାଗିବ। କ୍ଷୟକ୍ଷତି ଭରଣା ପାଇଁ ରାଜ୍ୟ ପରିଚାଳନା ପାଣ୍ଠି(ଏସ୍‌ଡିଆର୍‌ଏଫ୍)ରୁ ଖର୍ଚ୍ଚ କରାଯିବ। ପାଣ୍ଠି ନିଅଣ୍ଟ ହେଲେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ଓ ବନ୍ୟାରେ ପ୍ରଭାବିତ ୧୭ଟି ଜିଲାର ୯୫ ଭାଗ ସଡକ ପୁନଃ ଗମନାଗମନ ଯୋଗ୍ୟ କରାଯାଇଛି। ଗଞ୍ଜାମ ଜିଲାରେ ୪୫ଟି ଘାଇ ସୃଷ୍ଟି ହୋଇଥିବା ବେଳେ ଗଜପତିରେ ୯, କନ୍ଧମାଳରେ ୪ ଏବଂ ରାୟଗଡାରେ ଗୋଟିଏ ଘାଇ ସୃଷ୍ଟି ହୋଇଛି। ସେସବୁକୁ ମରାମତି କରାଯାଇଛି। ପ୍ରଭାବିତ ହୋଇଥିବା ୩୮୦ କିଲୋମିଟର ରାସ୍ତା ମଧ୍ୟରୁ ୩୪୩ଟିର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ବେଳେ ଖୁବଶୀଘ୍ର ଆଉ ୨୪ଟି ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବ । ଅବଶିଷ୍ଟ ୧୩ଟିର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି।

ଜଳସମ୍ପଦ ବିଭାଗ ସଚିବ ପ୍ରଦୀପ ଜେନା ବୈଠକରେ ସୂଚନା ଦେଇଥିଲେ ଯେ ବିଭିନ୍ନ କେନାଲ ବନ୍ଧ ଭାଙ୍ଗି ୧୭୨ଟି ଘାଇ ସୃଷ୍ଟି ହୋଇଥିବା ବେଳେ ସେଥିରୁ ୧୫୭ଟିର ମରାମତି କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମରାମତି ହୋଇଥିବା ୯୨ଟି କେନାଲରେ ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହୋଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ସବୁ କେନାଲରେ ପାଣି ଛଡାଯିବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରଭାବିତ ସମସ୍ତ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଛି ବୋଲି ନଗର ଉନ୍ନୟନ ବିଭାଗ ସଚିବ ଦେଓ ରଞ୍ଜନ କୁମାରସିଂ ବୈଠକରେ ସୂଚନା ଦେଇଛନ୍ତି। ୩୬୪୨ଟି ନଳକୂପ ବିଶୋଧନ କରାଯାଇଥିବା ବେଳେ ୪୩୩ଟି ପାଇପ ଜଳ ଯୋଗାଣ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରାଯାଇଛି। ବାତ୍ୟା ଓ ବନ୍ୟା ପ୍ରଭାବିତ ସମୁଦାୟ ୯,୩୯,୪୯୩ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରୁ ୬ ଲକ୍ଷ ୯୭ ହଜାରଙ୍କୁ ବିଦ୍ୟୁତ ସଂଯୋଗ ପୁନଃସ୍ଥାପିତ କରାଯାଇଛି। ଆସନ୍ତା ୨୦ ତାରିଖ ସୁଦ୍ଧା ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଥିବା ବୈଠକରେ ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ପ୍ରଭାବିତ ଜିଲାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଗଞ୍ଜାମ ଜିଲାରେ ୫୨ଟି ହେଲ୍‌ଥ ୟୁନିଟ କାର୍ଯ୍ୟ କରୁଥିବା ବେଳେ ୪୯ଟି ମେଡିକାଲ ରିଲିଫ୍ କ୍ୟାମ୍ପ କାର୍ଯ୍ୟ କରୁଛି। ସେହିପରି ଗଜପତି ଜିଲାରେ ୨୧ଟି ଭ୍ରାମ୍ୟମାଣ ୟୁନିଟ ଓ ୨୯ଟି ମେଡିକାଲ ରିଲିଫ କ୍ୟାମ୍ପ, ରାୟଗଡା ଜିଲାରେ ୫ଟି ଭ୍ରାମ୍ୟମାଣ ଟିମ୍ ଓ ୫ଟି କ୍ୟାମ୍ପ ଏବଂ ବାଲେଶ୍ୱର ଜିଲାରେ ୩ଟି ଭ୍ରାମ୍ୟମାଣ ୟୁନିଟ ଏବଂ ୬ଟି ରିଲିଫ୍ କ୍ୟାମ୍ପ କାର୍ଯ୍ୟ କରୁଛି। ଆସନ୍ତା ୩/୪ ଦିନ ମଧ୍ୟରେ ପରିସ୍ଥିତି ସ୍ୱାଭାବିକ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି।

## ପୋଖରୀରେ କୁମ୍ଭୀର ଛୁଆ: ଗ୍ରାମବାସୀ ଆତଙ୍କିତ

**ନରସିଂହପୁର ୧୭।୧୦ (ସ୍ୱ.ପ୍ର.)**

କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଯୋଡମୁ ଗ୍ରାମ ନିକଟ ବାଲୁଙ୍କେଶ୍ୱର ଶିବମନ୍ଦିର ନିକଟ ପୋଖରୀକୁ ୪ ଫୁଟ ଲମ୍ବର ଏକ କୁମ୍ଭୀର ଛୁଆ ଚାଲିଆସିଥିବା ବୁଧବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ବନ ବିଭାଗରେ ଖବର ଦେଇଥିଲେ। ଖବର ପ୍ରଚାରିତ ହେବା ପରେ ପୋଖରୀ ଉପରେ ନିର୍ଭର କରୁଥିବା ଯୋଡମୁଁ, ମର୍ଦ୍ଦମେଖ, ଓଡଶିଙ୍ଗା ଗ୍ରାମର ଲୋକେ ଭୟଭୀତ ହୋଇପଡିଛନ୍ତି। ସୂଚନାଯୋଗ୍ୟ, ପୋଖରୀ ଭିତରେ କୁମ୍ଭୀର ଛୁଆକୁ ଦେଖି ସ୍ଥାନୀୟ ଲୋକେ ବନ ବିଭାଗରେ ଖବର ଦେଇଥିଲେ। ଖବରପାଇ ପଶ୍ଚିମାଞ୍ଚଳ ବନ ବିଭାଗ ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଶରଧାପୁର ଫରେଷ୍ଟର ସାନ୍ତନୁକୁମାର ମାଝି ବିଭାଗୀୟ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ କୁମ୍ଭୀର ଛୁଆକୁ ଧରିବା ପାଇଁ ପୋଖରୀରେ ଜାଲ ବିଛାଇଛନ୍ତି। ପୋଖରୀ ଭିତରେ ଦଳ ଥିବାରୁ ସନ୍ଧ୍ୟା ସୁଦ୍ଧା କୁମ୍ଭୀରଛୁଆକୁ ଧରିବାରେ ସେମାନେ ସଫଳ ହୋଇନାହାନ୍ତି। ରାତି ସୁଦ୍ଧା ତାକୁ ଧରିବା ପାଇଁ ସେମାନେ ପୋଖରୀ ଭିତରେ ଜାଲ ଟାଙ୍ଗି ଜଗି ରହିଛନ୍ତି । ଏ ସମ୍ପର୍କରେ ମାଝି କହିଛନ୍ତି ଯେ, ତିତ୍‌ଲି ପରେ ହୋଇଥିବା ବନ୍ୟାରେ ମହାନଦୀର ଉପର ମୁଣ୍ଡରେ ଥିବା ସାତକୋଶିଆ ଗଣ୍ଡରୁ କୁମ୍ଭୀର ଛୁଆଟି ଏଠାକୁ ଭାସିଆସିଛି। ତାକୁ ଧରିବା ପରେ ପୁନର୍ବାର ସାତକୋଶିଆ ଗଣ୍ଡରେ ଛାଡି ଦିଆଯିବ ।


ପୋଖରୀରେ ଜାଲ ପକାଇ କୁମ୍ଭୀର ଛୁଆକୁ ଧରିବାକୁ ଉଦ୍ୟମ କରାଯାଉଛି।

## ରଣନୈତିକ ତୈଳଭଣ୍ଡାର ପାଇଁ ରୋଡ୍ ଶୋ



ରୋଡ୍ ଶୋ'ରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଦେଶର ଶକ୍ତି ନିରାପତ୍ତା ଆବଶ୍ୟକତାକୁ ପୂରଣ କରିବା ତଥା ରଣନୈତିକ ପେଟ୍ରୋଲିୟମ ଭଣ୍ଡାର କାର୍ଯ୍ୟକ୍ରମରେ ସରକାରୀ ଓ ବେସରକାରୀ ସହଭାଗିତା(ପିପିପି) ମୋଡ୍‌ରେ ପୁଞ୍ଜିନିବେଶ କରିବା ପାଇଁ ନୂଆଦିଲ୍ଲୀରେ ରୋଡ୍ ଶୋ' କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଦେଶର ଶକ୍ତି ନିରାପତ୍ତାକୁ ପୂରଣ କରିବା ସହିତ ତୈଳଭଣ୍ଡାରଗୁଡ଼ିକର ଉତ୍ତମ ପରିଚାଳନା ଓ ଜରୁରିକାଳୀନ ଭୂତଳ ତୈଳ ଭଣ୍ଡାରର କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ସରକାର ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍(ଆଇଏସ୍‌ପିଆର୍‌ଏଲ୍) ଗଠନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆଇଏସ୍‌ପିଆର୍‌ଏଲ୍‌ରେ ୫.୩୩ ଏମଏମଟି କ୍ଷମତା ବିଶିଷ୍ଟ ଅଶୋଧିତ ତୈଳଭଣ୍ଡାର ବିଶାଖାପାଟଣା, ଚଣ୍ଡିଖୋଲ ଓ କର୍ଣ୍ଣାଟକର ପାଦୁରଠାରେ କରିବାକୁ ପଦକ୍ଷେପ ନିଆଯାଇଛି। ଅତିରିକ୍ତ କ୍ଷମତା ବିଶିଷ୍ଟ ରଣନୈତିକ ପେଟ୍ରୋଲିୟମ ଭଣ୍ଡାର ସୁବିଧା ନିର୍ମାଣ ପାଇଁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି। ଏହା ଅତିରିକ୍ତ ୧୨ ଦିନ ପର୍ଯ୍ୟନ୍ତ ଅଶୋଧିତ ତୈଳର ଆବଶ୍ୟକତାକୁ ପୂରଣ କରିବ। ଭାରତ ବିଶ୍ୱର ତୃତୀୟ ବୃହତ ଅଶୋଧିତ ତୈଳ ଆମଦାନୀକାରୀ ରାଷ୍ଟ୍ର । ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ଅଭିବୃଦ୍ଧି ହେବ। ଅନ୍ୟ ଦେଶ ତୁଳନାରେ ଭାରତର ତେଲ ଚାହିଦା ବୃଦ୍ଧି ପାଇବ ବୋଲି ସେ କହିଛନ୍ତି । ଜୁନ ୨୦୧୪ରେ ଓଡ଼ିଶାରେ ୨୦ପ୍ରତିଶତ ଗରିବ ମହିଳାଙ୍କ ଘରେ ଗ୍ୟାସ ସଂଯୋଗ ଦିଆଯାଇଥିଲା, ଯାହା ବର୍ତ୍ତମାନ ୬୦ ପ୍ରତିଶତରେ ପହଞ୍ଚିଛି। ହାଇଡ୍ରୋ କାର୍ବନ କ୍ଷେତ୍ରରେ ଅନେକ ପଦକ୍ଷେପ ନିଆଯାଇଛି। କେନ୍ଦ୍ର କ୍ୟାବିନେଟ୍ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପାଇଁ ବିଧିବଦ୍ଧ ଭାବେ ସ୍ୱୀକୃତି ପ୍ରଦାନ କରିଛି। ଏହାଦ୍ୱାରା ଓଡ଼ିଶାର ଚଣ୍ଡିଖୋଲ, କର୍ଣ୍ଣାଟକର ପାଦୁରଠାରେ ୧୧ହଜାର କୋଟି ଟଙ୍କା ନିବେଶରେ ଅତିରିକ୍ତ ୬.୫ ଏମଏମଟି କ୍ଷମତା ବିଶିଷ୍ଟ ଭୂତଳ ତୈଳ ଭଣ୍ଡାର ପ୍ରତିଷ୍ଠା କରାଯିବ। ଚଣ୍ଡିଖୋଲ ଏବଂ ପାଦୁରଠାରେ ତୈଳଭଣ୍ଡାର ଭୂତଳ ସୁଡଙ୍ଗ ମଧ୍ୟରେ ରହିବ। ଏହାର କ୍ଷମତା ୪ ଏମଏମଟି ଏବଂ ୨.୫ ଏମଏମଟି ରହିବ । ପୂର୍ବରୁ ଆଇଏସପିଆରଏଲ ପକ୍ଷରୁ ଅଶୋଧିତ ତୈଳ ସଂରକ୍ଷିତ ରଖିବାକୁ ବିଶାଖାପାଟଣା, ମାଙ୍ଗାଲୋର ଏବଂ ପାଦୁରଠାରେ ୫.୩୩ ମେଟ୍ରିକ୍ ଟନ କ୍ଷମତା ବିଶିଷ୍ଟ ଭୂତଳ ସୁଡଙ୍ଗ ନିର୍ମାଣ କରାଯାଇଛି ।

- ଜମୁଛି ରାତିଅଧିଆ ପେଣ୍ଡାଲ ବୁଲା

## ପୂଜାମଣ୍ଡପରେ ବୁଲିଲା 'ଓଲି'

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ)**

ସହରର ବିଭିନ୍ନ ପୂଜାମଣ୍ଡପରେ ଅପରାହ୍ନ ହେବା ମାତ୍ରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଅପରାହ୍ନ ପ୍ରାୟ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ରାସ୍ତାଘାଟ ପ୍ରବଳ ଜାମ୍ ରହୁଛି, ଯେଉଁଥିପାଇଁ ମନଖୋଲି ବୁଲିହେଉନି କି ପୂଜାକୁ ଉପଭୋଗ କରିହେଉନି। ଅଧିକାଂଶ ସମୟରେ ଟ୍ରାଫିକ୍ ଜାମ୍ ଯୋଗୁ ଲୋକଙ୍କୁ ହଟହଟା ହେବାକୁ ପଡୁଛି। ସନ୍ଧ୍ୟା ସମୟରେ ଯୁବତୀଯୁବକ ତଥା ହଷ୍ଟେଲ ଛାତ୍ରୀଛାତ୍ରଙ୍କ ଭିଡ଼ ଲାଗୁଥିବା ବେଳେ ରାତି ୧୦ଟା ପରେ ଲୋକେ ପରିବାର ସହ ମଣ୍ଡପ ବୁଲିବାକୁ ଆସୁଛନ୍ତି। ସେହିଭଳି ବିଳମ୍ବିତ ରାତିରେ ସାଙ୍ଗସାଥି ହୋଇ ବୁଲିବାର ମଜା ନେଉଛନ୍ତି ଯୁବଗୋଷ୍ଠୀ। ରାତି ୧୧ଟା ବେଳକୁ ମଣ୍ଡପଗୁଡ଼ିକ ପ୍ରାୟତଃ ଖାଲି ରହୁଥିବାରୁ ବୁଲିଦେଖିବା ସହଜ ହେଉଛି। ଏପଟେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମଧ୍ୟରାତ୍ରୀ ପର୍ଯ୍ୟନ୍ତ ମଣ୍ଡପଗୁଡ଼ିକରେ ପୋଲିସ ସହ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ଜଗିରହୁଛନ୍ତି। ଅନ୍ୟପକ୍ଷରେ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହାର ଝଲକ ରାଜଧାନୀ ପୂଜାରେ ଦେଖିବାକୁ ମିଳିଛି। ବିଶ୍ୱକପ୍ ହକିର ପ୍ରଚାର ପ୍ରସାର ତଥା ଲୋକଙ୍କ ମଧ୍ୟରେ ଏ ନେଇ ସଚେତନ ସୃଷ୍ଟି କରିବାକୁ ବୁଧବାର ସହରର ବିଭିନ୍ନ ପୂଜାମଣ୍ଡପରେ ଓଡ଼ିଶାର କ୍ରୀଡ଼ା ମାସ୍କଟ୍




'ଓଲି' ବୁଲୁଥିବା ଦେଖିବାକୁ ମିଳିଥିଲା, ଯାହାକି ଦର୍ଶକଙ୍କ ପାଇଁ ପ୍ରମୁଖ ଆକର୍ଷଣ ସାଜିଥିଲା। ଲୋକେ ଓଲି ସହ ଫଟୋ ଏବଂ ସେଲ୍ଫି ଉଠାଉଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଛୋଟ ଛୋଟ ପିଲାମାନଙ୍କ ମଧ୍ୟରେ ଓଲିକୁ ଦେଖି ଏକପ୍ରକାର କୌତୁକ ସୃଷ୍ଟି ହୋଇଥିଲା।

ରାଜଧାନୀର ବିଭିନ୍ନ ସ୍ଥାନରେ ଚଳିତବର୍ଷ ପ୍ରାୟ ୧୮୦ଟି ମେଢ଼ ହୋଇଥିବା ବେଳେ ଅଧିକାଂଶ ପୂଜାମଣ୍ଡପର ତୋରଣ ନିଆରା ଥିମ୍‌ରେ ତିଆରି ହୋଇଛି। ସେଥିମଧ୍ୟରୁ ନୟାପଲ୍ଲୀ, ଶହୀଦନଗର, ଝାରପଡ଼ା ଓ ରସୁଲଗଡ଼ ପୂଜାମଣ୍ଡପ ତୋରଣର କ୍ରେଜ୍ ଟିକେ ଅଧିକ ରହିଛି। ସେହିଭଳି ପୁରୁଣା ଷ୍ଟେଶନବଜାର ଏବଂ ଶହୀଦନଗର ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସୁନାରୁପାରେ ଛାଉଣି ହୋଇଛି। ଷ୍ଟେଶନ ବଜାରରେ ୧.୫ କୁଇଣ୍ଟାଲ ସୁନା ଏବଂ ୨.୪ କୁଇଣ୍ଟାଲ ରୁପାରେ ସଜ୍ଜିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଦେଖିବା ଲାଗି ଲୋକଙ୍କ ଭିଡ଼ ଜମୁଛି। ଶହୀଦନଗର ପୂଜାମଣ୍ଡପରେ ୨୦ଫୁଟ ଉଚ୍ଚତା ଓ ୧୮ଫୁଟ ଚଉଡ଼ାର ଚାନ୍ଦି ମେଢ଼ରେ ୨.୨୫ କୁଇଣ୍ଟାଲ ରୁପା ଲାଗିଥିବା ବେଳେ ୧୦୦ ଗ୍ରାମର ସୁନା ଓ ମୋତି ଅଳଙ୍କାରରେ ମା' ସଜ୍ଜିତ ହୋଇ ପୂଜା ପାଉଛନ୍ତି। ଭୁବନେଶ୍ୱରରେ ଚାନ୍ଦି ମେଢ଼ ସହ ରୁପା ଓ ସୁନା ଅଳଙ୍କାରକୁ ନେଇ ଧୀରେ ଧୀରେ ଏବେ ପୂଜାମଣ୍ଡପଗୁଡ଼ିକ ନିଜ ନିଜ ଭିତରେ ପ୍ରତିଯୋଗିତା କରିବା ଆରମ୍ଭ କରିଛନ୍ତି। ସୁନା, ରୁପା ଥିବା ମଣ୍ଡପର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବନ୍ଧୁକଧାରୀ ପୋଲିସ ଜଗି ରହୁଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରର ସୁଉଚ୍ଚ ତୋରଣ ମଧ୍ୟରେ ବି ମୂର୍ତ୍ତି ଓ ମେଢ଼ର ନିଖୁଣ କାରିଗରି କାମ ଦର୍ଶକଙ୍କୁ କିଛିକ୍ଷଣ ପାଇଁ ଅଟକାଇ ଦେଉଛି। ନୟାପଲ୍ଲୀ, ରସୁଲଗଡ଼, ୟୁନିଟ୍-୪, ୟୁନିଟ-୮, ବମିଖାଲ, ଶହୀଦନଗର, ଲକ୍ଷ୍ମୀସାଗର, ଝାରପଡ଼ାରେ ହୋଇଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ରାଜ୍ୟ ବାହାରୁ ବିଶେଷକରି ପଶ୍ଚିମବଙ୍ଗର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଏହି ମୂର୍ତ୍ତି ଓ ମେଢ଼ରେ କଲିକତି ଛାପ ଦେଖିବାକୁ ମିଳୁଛି।

**ମାଓବାଦୀଙ୍କ ହତ୍ୟାର ଶିକାର ହୋଇଥିଲେ ପୂର୍ବତନ ସମିତିସଭ୍ୟ**

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ସୁରକ୍ଷା ମାଗିଲେ ଝିଅ

**ମାଥିଲି,୧୭।୧୦(ଡି.ଏନ.ଏ)**

ମାଓବାଦୀଙ୍କ ଅତ୍ୟାଚାରରେ ଲୋକେ ଅତିଷ୍ଠ। ପରିବାର ସହ ପଞ୍ଚାୟତ ଗାଁ ମଧ୍ୟ ଅସୁରକ୍ଷିତ। ସବୁବେଳେ ମାଓବାଦୀଙ୍କ ଭୟ ଲାଗିରହିଛି। ଏପରି ମର୍ମରେ ମାଓବାଦୀଙ୍କ ହତ୍ୟାର ଶିକାର ହୋଇଥିବା ପୂର୍ବତନ ସମିତିସଭ୍ୟ ଜଗଦୀଶ ସମରଥଙ୍କ ଝିଅ ଅଟିତା ସମରଥ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଚିଠି ଲେଖି ସୁରକ୍ଷା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଟେମୃପାଲି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଜଗଦୀଶ ସମରଥଙ୍କୁ ମେ ୧୫ରେ ପୋଲିସ ଇନଫର୍ମର ଭାବେ ମାଓବାଦୀମାନେ ଗଳାକାଟି ହତ୍ୟା କରିଥିଲେ। ପ୍ରଜାମେଳି ବେଳେ ମାଓବାଦୀ ଏବଂ ମାଓବାଦୀ ସମର୍ଥକମାନେ ଗାଁ ଲୋକଙ୍କୁ ଡାକି ନେଉଥିଲେ। ଯିବାକୁ ମନା କଲେ ବନ୍ଧୁକ ଦେଖାଇ ଧମକାଉଥିଲେ। ତାଙ୍କ ବାପା ଜଗଦୀଶଙ୍କୁ ମଧ୍ୟ ମାଓବାଦୀମାନେ ଏପରି ଧମକ ଦେଇ ଡାକୁଥିଲେ। କେତେବେଳେ ପୋଲିସ ତ ଆଉ କେତେବେଳେ ମାଓବାଦୀଙ୍କ ଧମକର ସେ ଶିକାର ହେଉଥିଲେ। ଗରିବ ଆଦିବାସୀମାନଙ୍କୁ ମାଓବାଦୀମାନେ ଲାଠିରେ ପିଟୁଥିଲେ। ଲାଠି ମାଡରେ ଗୁରୁତର ହୋଇଥିବା ଲୋକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ମାଓବାଦୀମାନେ ବାରଣ କରୁଥିଲେ। ସେମାନଙ୍କ କଥା ବାହାରେ କହିଲେ ହତ୍ୟା ଧମକ ଦେଉଥିଲେ। ଅନେକ ଲୋକେ ମାଓବାଦୀଙ୍କ ଭୟରେ ଗାଁ ଛାଡି ଚାଲିଯାଉଛନ୍ତି। ଟେମୃପାଲି ପଞ୍ଚାୟତର କେରମେଟି, ତୁଳସୀ, ଖଟୁଆପଦର ଗ୍ରାମର ଯୁବତୀଙ୍କୁ ଭୟଭୀତ କରି ମାଓବାଦୀମାନେ ଅତ୍ୟାଚାର କରୁଛନ୍ତି । ଗ୍ରାମର କୌଣସି ଲୋକ ବଜାର କିମ୍ବା ମାଥିଲି ସହରକୁ କୌଣସି କାମରେ ଗଲେ ପୋଲିସକୁ ଖବର ଦେଉଥିବା ସନ୍ଦେହରେ ତାକୁ ମାଓବାଦୀମାନେ ପିଟୁଛନ୍ତି। ମାଓବାଦୀଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଗ୍ରାମବାସୀ ଭୟରେ ଦିନ କାଟୁଛନ୍ତି। ମାଓବାଦୀଙ୍କ ନାଲି ଆଖି ଏବଂ ଅତ୍ୟାଚାରରୁ ମୁକ୍ତି ପାଇଁ ଅଟିତା ପ୍ରଧାନମନ୍ତ୍ରୀଙ୍କୁ ସୁରକ୍ଷା ମାଗିଛନ୍ତି।

## ଓଡ଼ିଶା ଦ୍ୱିତୀୟ ଡେଙ୍ଗୁ ପ୍ରବଣ ରାଜ୍ୟ

- ସେପ୍ଟେମ୍ବର ସୁଦ୍ଧା ୩୮୮୩ ଡେଙ୍ଗୁ ରୋଗୀ, ୬ ଜଣଙ୍କ ମୃତ୍ୟୁ
- କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ଅଧିକ ଡେଙ୍ଗୁ ରୋଗୀ

**କଟକ ଅଫିସ, ୧୭।୧୦**

ଦେଶରେ ଏବେ ଡେଙ୍ଗୁ ମାଡ଼ି ଚାଲିଛି। ଡେଙ୍ଗୁ ପ୍ରବଣ ରାଜ୍ୟ ମଧ୍ୟରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ମୋଟ ୩୮୮୩ ଜଣ ରୋଗୀ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି, ଅର୍ଥାତ୍ ୨୦୧୮ରେ ଦେଶର ଦ୍ୱିତୀୟ ସର୍ବାଧିକ ଡେଙ୍ଗୁ ରୋଗୀ ଓଡ଼ିଶାରୁ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କର ମୃତ୍ୟୁ ଘଟିଛି। ଜାତୀୟ ଭେକ୍ଟର ବର୍ଣ୍ଣ ଡିଜିଜ୍ କଣ୍ଟ୍ରୋଲ ପ୍ରୋଗ୍ରାମ ପକ୍ଷରୁ ସେପ୍ଟେମ୍ବର ୩୦ ସୁଦ୍ଧା ପ୍ରସ୍ତୁତ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି।

ଉକ୍ତ ତଥ୍ୟ ଅନୁଯାୟୀ, ଦେଶରେ ମୋଟ ୪୦୮୬୮ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବାବେଳେ ୮୩ ଜଣଙ୍କ ମୃତ୍ୟୁ ଘଟିଛି। ମହାରାଷ୍ଟ୍ରରେ ସର୍ବାଧିକ ୪୬୬୭ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ଏଠାରେ ଡେଙ୍ଗୁରେ ୧୮ ଜଣଙ୍କ ପ୍ରାଣହାନି ଘଟିଛି। ସେହିପରି କେରଳରେ ୩୬୬୦ଜଣ ଓ ଆନ୍ଧ୍ରପ୍ରଦେଶରେ ୩୩୧୪ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁ ପ୍ରବଣ ରାଜ୍ୟ ଭିତରେ ଏହା ତଳକୁ ହିମାଚଳପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ, ତେଲେଙ୍ଗାନା, ପଞ୍ଜାବ, ତାମିଲନାଡୁ, ଗୁଜରାଟ, ମଧ୍ୟପ୍ରଦେଶ ଆଦି ରହିଛି। ରାଜଧାନୀ ଦିଲ୍ଲୀରେ ମଧ୍ୟ ୧୧୫୬ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜାତୀୟ ଭେକ୍ଟର ବର୍ଣ୍ଣ ଡିଜିଜ୍ କଣ୍ଟ୍ରୋଲ ପ୍ରୋଗ୍ରାମ ପକ୍ଷରୁ କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ ଦେଖିଲେ କଟକ, ରାଜ୍ୟର ମୋଟ ୨୬ଟି ଜିଲାକୁ ଡେଙ୍ଗୁ ବ୍ୟାପିଛି। କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଫୋକସ୍‌ରେ ରହିଛି। କଟକରେ ୮୧୮ ଜଣ ରୋଗୀ ଆକ୍ରାନ୍ତ ହୋଇଥିବାବେଳେ ଜଗତ୍‌ସିଂହପୁରରେ ୬୨୭ ଓ କେନ୍ଦ୍ରାପଡ଼ାରର ୨୭୮ ଜଣ ରୋଗୀ ଡେଙ୍ଗୁ ଚିହ୍ନଟ ହୋଇଛନ୍ତି। ତେବେ ଡେଙ୍ଗୁରେ ମୃତ ବ୍ୟକ୍ତିମାନେ ହେଲେ କଟକ ଜିଲା ନରସିଂହପୁର ଅଞ୍ଚଳର ବିରଞ୍ଚି ମେହେନା, ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅରଖିଆ ଅଞ୍ଚଳର ସୌମ୍ୟରଞ୍ଜନ ନାୟକ, ରାୟଗଡ଼ା ଉପକାରାଗାରର ବିଚାରାଧୀନ ବନ୍ଦୀ ରବୀନ୍ଦ୍ର ନାୟକ, କଟକ ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳର ପ୍ରତିମା ସ୍ୱାଇଁ, କେନ୍ଦୁଝର ଜିଲାର ତ୍ରୈଲୋକ୍ୟ ବାରିକ ଓ ପୁରୀ ଜିଲାର ପ୍ରଶାନ୍ତ ମହାରଣା। ଅନ୍ୟପକ୍ଷରେ ଏବେ ସୁଦ୍ଧା ଏସ୍‌ସିବିରେ ୬୨ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣ ଗୁରୁତର ରୋଗୀ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ବୁଧବାର ମେଡିକାଲରେ ୮୦ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୧୯ ଜଣଙ୍କ ନମୁନାରୁ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛି। ପଜିଟିଭ ରୋଗୀଙ୍କ ମଧ୍ୟରେ ଜଗତ୍‌ସିଂହପୁରର ସର୍ବାଧିକ ୧୦ ଜଣ ରହିଛନ୍ତି।

## ସଂକ୍ଷେପରେ

### ଭୁବନେଶ୍ୱରରୁ ଆସିଲେ ୨୫ ସଫେଇ କର୍ମଚାରୀ

ବ୍ରହ୍ମପୁର ଅଫିସ,୧୭।୧୦: ଗଜପତି ଜିଲା ପାରଳାଖେମୁଣ୍ଡିରେ ସଫେଇ କାର୍ଯ୍ୟ ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସଫେଇ କର୍ମଚାରୀ ଓ ଭ୍ୟାନକୁ ପଠାଯାଇଥିଲେ ମଧ୍ୟ ମହାନଗରରେ ସଫେଇ କର୍ମଚାରୀ ଓ ଭ୍ୟାନ ଅଭାବ ଦେଖାଦେଇଛି । ଏହାକୁ ପୂରଣ କରିବା ପାଇଁ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମରୁ ୨୫ ସଫେଇ କର୍ମଚାରୀ ବ୍ରହ୍ମପୁରରେ ପହଞ୍ଚିଛନ୍ତି। ଏହା ସହ ଭୁବନେଶ୍ୱର ମହାନଗର ନିଗମରୁ ୧୮ ସଫେଇ ଗାଡି ସହରରେ ପହଞ୍ଚି ଡୋର ଟୁ ଡୋର ବୁଲି ଆବର୍ଜନା ସଂଗ୍ରହ କରୁଛି। ସୂଚନାଯୋଗ୍ୟ, ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଗତପତି ଜିଲାରେ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗର ସଚିବଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରୁ ୧୮୦ ସଫେଇ କର୍ମଚାରୀ, ୧୬ ଭ୍ୟାନ ପଠାଯାଇଥିଲା । ସୋମବାର ଏହି କର୍ମଚାରୀ ଓ ଭ୍ୟାନ ବ୍ରହ୍ମପୁର ମହାନଗର ନିଗମରୁ ଗଜପତି ଜିଲାକୁ ପଠାଯାଇଛି ।

### ଦକ୍ଷିଣକାଳୀ ପୀଠରେ ଯଜ୍ଞ ପୂର୍ଣ୍ଣାହୁତି

ବ୍ରହ୍ମପୁର ଅଫିସ,୧୭।୧୦: ସ୍ଥାନୀୟ ଜେଲରୋଡସ୍ଥ ମା’ ଦକ୍ଷିଣକାଳୀ ପୀଠରେ ଗତ ପ୍ରତିପଦାରୁ ନବଦିନ ବ୍ୟାପୀ ଅନୁଷ୍ଠିତ ପାର୍ବଣ ପକ୍ଷ ଶାରଦୀୟ ପୂଜା ଓ ଯଜ୍ଞ ବୁଧବାର ତଥା ମହାନବମୀରେ ପୂର୍ଣ୍ଣାହୁତି ହୋଇଛି। ପଣ୍ଡିତ ଅକ୍ଷୟ କୁମାର ପାଢ଼ୀ ପୁରୋଧା ଥିଲେ ଏବଂ ଅନ୍ୟ ପୁରୋହିତମାନେ ଯଜ୍ଞ ପରିଚାଳନା କରିଥିଲେ। ମଙ୍ଗଳବାର ମହାଷ୍ଟମୀ ଅର୍ଦ୍ଧରାତ୍ରିରେ ସନ୍ଧିପୂଜା କରାଯାଇଥିଲା। ଯଜ୍ଞ ପୂର୍ଣ୍ଣାହୁତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଲାଗିଥିଲା। ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଯାଇ ଆରମ୍ଭରୁ ସ୍ଥାପିତ କଳସ ବିସର୍ଜନ କରିଥିଲେ। ମନ୍ଦିର ପରିଚାଳନା କମିଟି ମୁଖ୍ୟ ହେମନ୍ତ କୁମାର ସାବତଙ୍କ ସମେତ ନରସିଂହ ବାଡ଼ତ୍ୟା, କ୍ରିଷ୍ଣା ରେଡ୍ଡୀ ଓ ସଦସ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ୨୭ରେ



ବ୍ରହ୍ମପୁର ଅଫିସ୍,୧୭।୧୦:ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନ ଧରି ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘ ପକ୍ଷରୁ ବ୍ରହ୍ମପୁର ଗୋସାଇଁନୂଆଗାଁ ଶଙ୍କର ଭବନରେ ଜିଲାସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସଂଘ ସଭାପତି କୁମୁଦ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି । ସଂଘ ଜିଲା କାର୍ଯ୍ୟାଳୟ ନବୀନ ଭବନରେ ଜିଲା ଭାରୋତ୍ତୋଳନ ସଂଗଠନର ଏକ ବୈଠକ କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାରୋତ୍ତୋଳନ ପ୍ରଶିକ୍ଷଣ ଏବଂ ପ୍ରତିଯୋଗିତାରେ ବହୁ ଯୁବତୀ ଯୁବକଙ୍କୁ ଯେଭଳି ସାମିଲ କରାଯାଇପାରିବ, ସେନେଇ ଆଲୋଚନା ହୋଇଥିଲା। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲାର ବିଭିନ୍ନ କ୍ଲବରୁ ଶତାଧିକ ଭାରୋତ୍ତୋଳନକାରୀ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି । ବୈଠକରେ ବୀର ହନୁମାନ କ୍ଲବ, ଶଙ୍କର ଫିଜିକାଲ, ଚାଚା ନେହେରୁ ଫିଜିକାଲ, ବ୍ରହ୍ମପୁର ସ୍ପୋର୍ଟସ୍ ହଷ୍ଟେଲ, ବାଲୁଙ୍କେଶ୍ୱର ବାୟାମ କେନ୍ଦ୍ର, ଗ୍ରାମବିକାଶ, ମହାମାୟୀ ବ୍ୟାୟାମ କେନ୍ଦ୍ର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲା ଉପଦେଷ୍ଟା ରବି ରଥ, ଜିଲା ସମ୍ପାଦକ ଗାଗାରିନ ନାୟକ, ବୟୋଜ୍ୟେଷ୍ଠ ପ୍ରଶିକ୍ଷକ ଭାସ୍କର ମହାନ୍ତି, ଉପସଭାପତି ଉଦୟ ନାଥ ସେଠୀ, କେ. କୁର୍ମା ରାଓ, ପ୍ରଦୀପ ସାହାଣୀ, ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଶିକ୍ଷକ ସୀତା ଜେନା, କପିଳ ଚନ୍ଦ୍ର ମହାନ୍ତି, କୋଷାଧକ୍ଷ ଶୂନ୍ୟଚନ୍ଦ୍ର ଦାଶ, ରମେଶ ସାହୁ, ପିଙ୍କୁ ମହାପାତ୍ର, ଆନନ୍ଦ ମହାଙ୍କୁଡ଼, ଅବସରପ୍ରାପ୍ତ ଜାତୀୟ କୋଚ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଅନ୍ୟତମ ଉପଦେଷ୍ଟା ଇନ୍ଦିରାମଣି ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହା ବ୍ୟତୀତ ନଭେମ୍ବରରେ କବିସୂର୍ଯ୍ୟନଗରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଶେଷରେ ସମ୍ପାଦକ ଗାଗାରିନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

■ ସିପିଏମ୍ ରାଜ୍ୟ ସମ୍ପାଦକଙ୍କ ଅଭିଯୋଗ

# ବାତ୍ୟା, ବନ୍ୟାରେ ମୃତକଙ୍କ ସଂଖ୍ୟା ୫୦ ଟପିଛି

ବ୍ରହ୍ମପୁର ଅଫିସ,୧୭।୧୦

ତିତ୍‌ଲି ବାତ୍ୟା ଏବଂ ପ୍ରବଳ ବର୍ଷା ଓ ବନ୍ୟାରେ ଗଜପତି ଜିଲା ବିଶେଷ ପ୍ରଭାବିତ ହୋଇଛି । ଏହି ପ୍ରାକୃତିକ ଦୁର୍ବିପାକରେ ମୃତ୍ୟୁ ଓ ନିଖୋଜ ସଂଖ୍ୟା ୫୦ ଟପିଛି । ଆଦିବାସୀ ଓ ଅନୁସୂଚିତ ଜାତି ଲୋକଙ୍କ ମୁଖ୍ୟ ବେଉସା ମକା, ଧାନ, ମାଣ୍ଡିଆ, ଜନାଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ୧୦ ହଜାରରୁ ଅଧିକ ବାସଗୃହ ସମ୍ପୂର୍ଣ୍ଣ ଓ ଆଂଶିକ ଭାବେ ଭାଙ୍ଗିଯାଇଛି । ବାସହରା ପରିବାରଗୁଡ଼ିକ ବିଭିନ୍ନ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି। ବାତ୍ୟା ପୂର୍ବରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ନ ଥିବା ସିପିଏମ୍ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଅଭିଯୋଗ କରିଛନ୍ତି । ବିପନ୍ନ ଲୋକଙ୍କୁ ଥଇଥାନ ଓ ରିଲିଫ ବଣ୍ଟନରେ ସରକାରୀ ଉଦାସୀନତାକୁ ସେ କଡ଼ା ସମାଲୋଚନା କରିଛନ୍ତି ।



ଖବରଦାତା ସମ୍ମିଳନୀରେ ସିପିଏମ ରାଜ୍ୟ ସମ୍ପାଦକ ଓ ଅନ୍ୟମାନେ ।

ସିପିଏମ୍ ରାଜ୍ୟ କମିଟି ପକ୍ଷରୁ ଅଳିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଜପତି ଜିଲା ଗସ୍ତକରି ବ୍ୟାପକ କ୍ଷତିଗ୍ରସ୍ତ ଆର.ଉଦୟଗିରି, ମୋହନା ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ । ପାହାଡ଼ ଧସି ବହୁ ଲୋକଙ୍କ ଜୀବନ ଯାଇଥିବା ଗଙ୍ଗାଗଡ଼କୁ ଯାଇଥିଲେ । ପ୍ରତିନିଧି ଦଳରେ ଦଣ୍ଡପାଣି ରଇତ, ପି. ହରିକୃଷ୍ଣ ରେଡ୍ଡୀ, ଅଶ୍ୱିନୀ ଦାସ, ଗୋକୁଳାନନ୍ଦ ବେହେରା, ମାନସ କୁମାର ଜେନା ପ୍ରମୁଖ ବାମପନ୍ଥୀ ନେତାମାନେ ସାମିଲ ହୋଇଥିଲେ । ଫେରିବା ପରେ ବୁଧବାର ଅପରାହ୍ନରେ ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏ ସରକାର ଅନୁକମ୍ପା ସହାୟତା ଦେବା, ଧାନ ଓ ଅଣଧାନ ଫସଲର କ୍ଷତି ଭରଣା ଲାଗି ପ୍ରତି ଏକର ପିଛା ୨୫ ହଜାର ଟଙ୍କା କ୍ଷତିପୂରଣ, ବାସହରା ପରିବାରକୁ ପକ୍କାଘର ଯୋଗାଇବା, ଚାଷୀଙ୍କ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼, ପରବର୍ତ୍ତୀ ଫସଲ ପାଇଁ ସ୍ୱଳ୍ପ ସୁଧରେ ଋଣର ବ୍ୟବସ୍ଥା, ସ୍କୁଲ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଓ ଡ୍ରେସ ଯୋଗାଇବା, କଲେଜ ଛାତ୍ରୀଛାତ୍ରଙ୍କ ସମସ୍ତ ଫି ଛାଡ଼ ଏବଂ ବିପନ୍ନ ଲୋକଙ୍କୁ ତୁରନ୍ତ ଶୀତବସ୍ତ୍ର ଓ କମ୍ବଳ ଯୋଗାଇବାକୁ ସିପିଏମ୍ ଦାବି କରିଛି ।

**ଗଜପତି ଜିଲା**

■ ଉପଯୁକ୍ତ ମୁକାବିଲାରେ ସରକାର ବିଫଳ

■ ଚାଷୀଙ୍କ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ ଦାବି

# ମା’ଙ୍କ ଆଗମନରେ ଦୁଲୁକୁଛି ସହର

## ସିଦ୍ଧବିନାୟକ ପୀଠରେ ପ୍ରଥମ ଦୁର୍ଗାପୂଜା



ହିଲପାଟଣା ସିଦ୍ଧବିନାୟକ ପୀଠରେ ପୂଜା ପାଉଥିବା ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ।

ବ୍ରହ୍ମପୁର ଅଫିସ,୧୭।୧୦

ମା’ ଦୁର୍ଗାଙ୍କ ଆଗମନରେ ଚଳଚଞ୍ଚଳ ରେଶମ ସହର ବ୍ରହ୍ମପୁର । ସହରର ୪୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ବିଜେ କରିଛନ୍ତି ଜଗଜ୍ଜନନୀ ମା’ଦୁର୍ଗା । ବୁଧବାର ସମସ୍ତ ମଣ୍ଡପରେ ମା’ଙ୍କ ମହାଷ୍ଟମୀ ପୂଜା ଶେଷ ହୋଇଥିବା ବେଳେ ଗୁରୁବାର ମହାନବମୀ ପୂଜା ହେବ । ଚଳିତ ବର୍ଷ ପୁରୁଣା ପୂଜା ମଣ୍ଡପ ସମେତ କେତେକ ସ୍ଥାନରେ ପ୍ରଥମ ଥର ପାଇଁ ମା’ଙ୍କ ପୂଜା ଅନୁଷ୍ଠିତ ହେଉଛି। ହିଲ୍‌ପାଟଣା ସିଦ୍ଧ ବିନାୟକ ପୀଠରେ ପ୍ରଥମ ଥର ପାଇଁ ମା’ ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି । ସିଦ୍ଧବିନାୟକ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ପୂଜା ମଣ୍ଡପରେ ସପ୍ତମୀରୁ ପୂଜା ଆରମ୍ଭ ହୋଇଛି । ଏହି ମଣ୍ଡପରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୬ ଫୁଟ ରହିଛି । ଏହି ଅବସରରେ ତିନିଦିନ ଧରି ମଣ୍ଡପ ପରିସରରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ସୂଚନା ମିଳିଛି । ସଭାପତି ଅଶୋକ ସାହୁ, ସମ୍ପାଦକ ସୁରେନ୍ଦ୍ର ନାଥ ଚୌଧୁରୀଙ୍କ ସମେତ ରଘୁପ୍ରସାଦ ପାଣିଗ୍ରାହୀ, ଲଳିତ ମହାପାତ୍ର, ସମରସେନ ପାତ୍ର, ବଳରାମ ପଣ୍ଡା, ଅଶୋକ ପଣ୍ଡା, ଅକାଶ ଦାଶ, ସୁଶାନ୍ତ ସାବତ ଓ କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରୁଛନ୍ତି ।

# ରୋଟାରି କ୍ଲବର ‘ସହାୟକ’ କାର୍ଯ୍ୟକ୍ରମ



ଛାତ୍ରୀଛାତ୍ରଙ୍କୁ ପଲିଥିନ୍‌ର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୧୭।୧୦

ଦଶହରା ଅବସରରେ ବ୍ରହ୍ମପୁର ରୋଟାରି କ୍ଲବ ତରଫରୁ ବୁଧବାର ‘ସହାୟକ’ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । କ୍ଲବରେ ପ୍ରଥମ ଦିନରେ ଆୟୋଜିତ କାର୍ଯ୍ୟକ୍ରମରେ କନିଷ୍ଠି ଅନାଥାଶ୍ରମ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ସେମାନଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଥିଲା। ରୋଟାରିଆନ୍ ସୁନୀତା ପଣ୍ଡା ହାତ ଧୋଇବାର ଆବଶ୍ୟକତା ଉପରେ ସଚେତନ କରିଥିଲେ। ରୋଟାରିଆନ୍ ଭି.ଅପର୍ଣ୍ଣା ପଲିଥିନ୍‌ର କୁପ୍ରଭାବ ବିଷୟରେ ମତ ରଖିଥିଲେ । ରୋଟାରିଆନ୍ ଆର୍.ମୁରଲୀକ୍ରିଷ୍ଣା ଗଛ ଲଗାଇବାର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଆଗାମୀ ଦିନରେ ଗରିବଙ୍କୁ ମାଗଣାରେ ହୁଇଲ୍‌ଚେୟାର୍, ଅକ୍ସିଜେନ୍ ସିଲିଣ୍ଡର୍, ନେବୁଲାଇଜର୍ ଏବଂ ୱାକର୍ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବତନ ପ୍ରାନ୍ତପାଳ ରୋଟାରିଆନ୍ ଡା. ନାରାୟଣ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ରୋଟାରିଆନ୍ ପ୍ରଦ୍ୟୁମ୍ନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଲବ ସଭାପତି ରୋଟାରିଆନ୍ ଶ୍ରୀନିବାସ ପୃଷ୍ଟି ଏବଂ ସମ୍ପାଦକ ରୋଟାରିଆନ୍ ସତ୍ୟକାମ ପାତ୍ରଙ୍କ ସମେତ କ୍ଲବର ବହୁ ସଦସ୍ୟା ସଦସ୍ୟ ଏଥିରେ ଉପସ୍ଥିତ ଥିଲେ ।

## ପୂର୍ବତନ ହିଞ୍ଜିଳି ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ବ୍ରହ୍ମପୁର ଅଫିସ,୧୭।୧୦

ଗତ ସପ୍ତାହରେ ଘଟିଥିବା ସାମୁଦ୍ରିକ ବାତ୍ୟା ତିତ୍‌ଲି ପ୍ରଭାବରେ ପ୍ରବଳ ବର୍ଷା ଓ ବିଭିନ୍ନ ନଦୀ ବନ୍ୟାରେ ଗଞ୍ଜାମ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜେଡି ନେତା ଉଦୟ ନାଥ ନାୟକ ପୁରୁଷୋତ୍ତମପୁର, ହିଞ୍ଜିଳକାଟୁ, ଶେରଗଡ଼, ସୋରଡ଼ା, ଧରାକୋଟ, ଆସିକା, କବିସୂର୍ଯ୍ୟନଗର ଓ ଖଲ୍ଲିକୋଟ ବ୍ଲକର ନଈକୂଳିଆ ଅଞ୍ଚଳଗୁଡ଼ିକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ବାତ୍ୟା ଓ ବନ୍ୟାରେ କେତେକ ଆହତ ବ୍ୟକ୍ତିଙ୍କୁ ଭେଟିଥିଲେ। ଫେରିବା ପରେ ବୁଧବାର ବ୍ରହ୍ମପୁରରେ ଗଣମାଧ୍ୟମକୁ ସେ ଏହି ସୂଚନା ଦେଇଛନ୍ତି। ବିପନ୍ନ ଲୋକଙ୍କୁ ଥଇଥାନ ଓ ସରକାରୀ ରିଲିଫ ବଣ୍ଟନ ଯୁଦ୍ଧକାଳୀନ ଭିତ୍ତିରେ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ ନେଇ ପୂର୍ବତନ ବିଧାୟକ ବିଭିନ୍ନ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ବିଭିନ୍ନ ଅଞ୍ଚଳ ଗସ୍ତ ବେଳେ ତାଙ୍କ ସହ ଜୟସେନ ସ୍ୱାଇଁ, ଦୁର୍ଗା ପ୍ରସାଦ ରାଉଳ, ଅରକ୍ଷିତ ଗୌଡ଼, ମନୁ ପଣ୍ଡା, ଶିବରାମ ବରାଡ଼, କବି ଚରଣ ବେହେରା ପ୍ରମୁଖ ଥିଲେ ।

# ଜୁଆ ଆଡ୍ଡାରୁ ୧୫ ଗିରଫ

ବ୍ରହ୍ମପୁର ଅଫିସ,୧୭।୧୦

ବ୍ରହ୍ମପୁର ସଦର ଥାନା ଅଧୀନ ବୋରିଗାଁର ଏକ ଜୁଆ ଆଡ୍ଡାରେ ବୁଧବାର ପୋଲିସ ଚଢାଉ କରି ୬ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ନଗଦ ୫ ହଜାର ୨ ଶହ ଟଙ୍କା, ଗୋଟିଏ ତାସ ପ୍ୟାକେଟ୍ ଜବତ କରିଛି । ନଂ. ୨୩୯/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି । ସେହିପରି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସ୍ୱର୍ଣ୍ଣମୟୀନଗରରେ ଚାଲିଥିବା ଜୁଆ ଆଡ୍ଡାରେ ଚଢାଉ କରି ୯ ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ୧୬ହଜାର ୪ଶହ ଟଙ୍କା ଜବତ କରାଯାଇଛି । ଏ ନେଇ ୨୨୧/୧୮ରେ ମାମଲା ରୁଜୁ ହୋଇଛି ।

# ଡକାୟତି ଯୋଜନା ପଣ୍ଡ, ୨ ଗିରଫ

## ଗୁଳି, ଦେଶୀ ବନ୍ଧୁକ, ୨ ବୋମା, ୨ ଖଣ୍ଡା ଜବତ



ଗିରଫ ଦୁଇ ଅଭିଯୁକ୍ତ ।



ଜବତ ମାରଣାସ୍ତ୍ର, ବୋମା ।

ବ୍ରହ୍ମପୁର ଅଫିସ,୧୭।୧୦

ବଡ଼ବଜାର ପୋଲିସ ଏକ ବଡଧରଣର ଡକାୟତି ଯୋଜନାକୁ ପଣ୍ଡ କରିବାରେ ସଫଳ ହେବା ସହିତ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ୨ଟି ଅଫୁଟା ଗୁଳି ସହିତ ଦେଶୀ ବନ୍ଧୁକ, ୨ ଖଣ୍ଡା ଏବଂ ୨ ଅଫୁଟା ବୋମା ଜବତ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡବଜାର ଥାନା ଆଇନାବନ୍ଧ ସାହିର ଶିଶିର ଦାସ ଏବଂ ଛତ୍ରପୁର ଥାନା ସିନ୍ଦୂରପୁର ଗ୍ରାମର ରାଜେଶ୍ୱର ବେହେରା । ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଉତ୍ତରାମୁଖୀ ସାହି ଛକରେ ଏକ ବଡଧରଣର ଡକାୟତି କରିବା ପାଇଁ ସେମାନେ ଯୋଜନା ପ୍ରସ୍ତୁତ କରୁଥିଲେ । ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଅତର୍କିତ ଚଢାଉ କରିଥିଲା । ଚଢାଉ ସମୟରେ ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା । ଏନେଇ ନଂ. ୧୭୦/୧୮ରେ ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

■ ତିତ୍‌ଲିରେ ନିଷେଧ ଫଳକ ଭାଙ୍ଗିଲା

# ଗୋପାଳପୁର ରେଲୱେ ଫ୍ଲାଏ ଓଭରରେ ଗାଡ଼ି ଗଡ଼ିଲା

ବ୍ରହ୍ମପୁର ଅଫିସ,୧୭।୧୦

ତିତ୍‌ଲି ପ୍ରଭାବରେ ବ୍ରହ୍ମପୁର ଗୋପାଳପୁର ରେଲୱେ ଫ୍ଲାଏ ଓଭର ବ୍ରିଜ୍ ଉପରେ ଥିବା ନିଷେଧାଦେଶ ଫଳକ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଫଳରେ ଉକ୍ତ ରାସ୍ତା ଉପରେ ଦୈନିକ ଶତାଧିକ ଗାଡିମୋଟର ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତା ନିର୍ମାଣ ଶେଷ ହୋଇଥିବା ବେଳେ ମାନ ପରୀକ୍ଷଣ ହୋଇ ନ ଥିବା ଜଣାପଡିଛି । ଫଳରେ ଏହା ଉପରେ ଗାଡି ମୋଟର ଚଳାଚଳକୁ ବାରଣ କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ଫ୍ଲାଏ ଓଭର ବ୍ରିଜ୍‌ର ମାନ ପରୀକ୍ଷଣ ହେବା ପରେ ତାହାର ରିପୋର୍ଟ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଗୃହ ମନ୍ତ୍ରଣାଳୟକୁ ପଠାଇବେ । ତାହା ପରେ ଉଦ୍‌ଘାଟନ କରାଯିବାର ବିଧି ରହିଛି । ହେଲେ ଉକ୍ତ ରାସ୍ତା ଉପରେ ସିଟି ବସ୍‌ଠାରୁ ଆରମ୍ଭ କରି ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ଉଦ୍‌ଘାଟନ ପୂର୍ବରୁ କଦର୍ଯ୍ୟ ହୋଇଯିବା ସମ୍ଭାବନା ରହିଛି। ଏଣୁ ପୂର୍ତ୍ତ (ରାସ୍ତା ଓ କୋଠାବାଡି)ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରାଯିବା ନେଇ ସାଧାରଣରେ ଦାବି ହୋଇଛି ।



ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପୋଡାମାରୀ ଗ୍ରାମ କୁମୁଟି ସାହିର ରାଜେନ୍ଦ୍ର କୁମାର ରଥଙ୍କ ବାଡିରେ ଫୁଟିଥିବା ବ୍ରହ୍ମକମଳ ।

# ସଡନ୍ ଡେଥ୍‌ରେ ନଟରାଜ ଚାମ୍ପିୟନ୍

ବ୍ରହ୍ମପୁର ଅଫିସ୍,୧୭।୧୦

ଗଞ୍ଜାମ ଜିଲା ଫୁଟବଲ୍ ଲିଗ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଟୁର୍ନାମେଣ୍ଟ ଫାଇନାଲ୍ ମ୍ୟାଚ୍ ନଟରାଜ ଫୁଟବଲ୍ କ୍ଲବ ଏବଂ କାଶିରାମ ଫୁଟବଲ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା। ୬୦ମିନିଟ୍‌ର ଏହି ମ୍ୟାଚ୍‌ରେ ଉଭୟ ଦଳ ଗୋଲ୍ ସ୍କୋର କରିବାରେ ବିଫଳ ହୋଇଥିଲେ। ଫଳ ଜାଣିବା ପାଇଁ ଟାଇବ୍ରେକର୍ ସହାୟତା ନିଆଯାଇଥିଲା । ଉଭୟ ଦଳ ୫ ଲେଖାଏ ଶଟ୍ ମାରିଥିଲେ । କିନ୍ତୁ ପ୍ରଥମ ଏବଂ ପଞ୍ଚମ ସଟ୍‌କୁ ଗୋଲ୍‌ରେ ପରିଣତ କରିବାରେ ଉଭୟ ଦଳ ବିଫଳ ହୋଇଥିଲେ। ଉଭୟ ଦଳ ଟାଇବ୍ରେକର୍‌ରେ ୩ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଏଣୁ ମ୍ୟାଚ୍ ସଡନ୍ ଡେଥ୍‌ରେ ପହଞ୍ଚିଥିଲା। ନଟରାଜ ଫୁଟବଲ୍ କ୍ଲବ ଖେଳାଳି ପ୍ରଥମ ଶଟ୍‌କୁ ଗୋଲ୍‌ରେ ପରିଣତ କରିଥିଲେ । ହେଲେ କାଶିରାମ ଫୁଟବଲ୍ କ୍ଲବ ଖେଳାଳି ଗୋଲ୍ ସ୍କୋର କରିପାରି ନ ଥିଲେ। ସଡନ୍ ଡେଥ୍‌ରେ ନଟରାଜକୁ ବିଜୟ ଘୋଷଣା କରାଯାଇଥିଲା ।

ଏହା ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡା. ଏନ୍‌ସି ପାଢୀ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ବିଜେଡ଼ି ନେତା ବିକ୍ରମ ପଣ୍ଡା, ସଂସଦ କର୍ମକର୍ତ୍ତା ପ୍ରଫୁଲ୍ଲ ଜଗନ୍ନାଥ ପାଢୀ, ସନ୍ତୋଷ ସାହୁ, ଦିବାକର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ଚାମ୍ପିୟନ୍ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ଶ୍ରେଷ୍ଠ ଗୋଲ୍‌କିପର ଭାବେ ୟଙ୍ଗ ବଏଜ୍‌ର ନୀଳକଣ୍ଠ ରେଡ୍ଡୀ, ଶ୍ରେଷ୍ଠ ଡିଫେଣ୍ଡର୍ ମର୍ନିଂ କ୍ଲବର ସାଗର ଚୌଧୁରୀ, ଶ୍ରେଷ୍ଠ ଫରୱାର୍ଡ଼ ଭାବେ କାଶିରାମ କ୍ଲବର ପିଣ୍ଟୁ ବେହେରା ଏବଂ ମ୍ୟାନ୍ ଅଫ୍ ଦି ଫାଇନାଲ୍ ଭାବେ କାଶିରାମର ଗୋଲ୍‌କିପର୍ ଆଶିଷ ବିଷୋୟୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥି ସହ ପୂର୍ବତନ ଖେଳାଳି ଜି.ମନ୍ମଥ, ଏମ୍‌ଏସ୍. ସଦବାଣୀ, ବସନ୍ତ ପାଣିଗ୍ରାହୀ ଏବଂ ବ୍ରହ୍ମନାରାୟଣ ସାମନ୍ତରାୟଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା। ଫାଇନାଲ୍ ମ୍ୟାଚ୍‌କୁ ଅଫିସିଆଲ୍ ଭାବେ ରଞ୍ଜିତ ପାତ୍ର, ଅଭିମନ୍ୟୁ ବେହେରା, ରମେଶ ବେହେରା ଏବଂ ବିଜୟ ଅଧିକାରୀ ପରିଚାଳନା କରିଥିଲେ । ଜିଲା କ୍ରୀଡ଼ା ସଂସଦ କର୍ମକର୍ତ୍ତା ଶରତ ଚନ୍ଦ୍ର ମହାପାତ୍ର, ସୀତାରାମ ବେବର୍ତ୍ତା, ତାରିଣୀ ଚରଣ ସାମନ୍ତରାୟ, ଶିଶିର ପାଣିଗ୍ରାହୀ, ଦୁର୍ଗା ପଟ୍ଟନାୟକ, ଉପେନ୍ଦ୍ର ପଟ୍ଟନାୟକ, ନିମାଇଁ ବେବର୍ତ୍ତା ପ୍ରମୁଖ ପରିଚାଳନା କରିଥିଲେ ।

ସୂଚନାଯୋଗ୍ୟ, ଗତ ୩ ତାରିଖରୁ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଗଞ୍ଜାମ ଜିଲାର ୧୬ ଦଳ ଭାଗ ନେଇଥିଲେ । ସେମାନଙ୍କୁ ୪ ଗ୍ରୁପ୍‌ରେ ଭାଗ କରାଯାଇଥିଲା । ପ୍ରତ୍ୟକ ଗ୍ରୁପ୍‌ର ଚାମ୍ପିୟନ୍‌ଙ୍କ ମଧ୍ୟରେ ସେମିଫାଇନାଲ୍ ଅନୁଷ୍ଠିତ ହୋଇଥିଲା ।



ଅତିଥିଙ୍କ ଗହଣରେ ଚାମ୍ପିୟନ୍ ନଟରାଜ ଫୁଟବଲ୍ କ୍ଲବର ଖେଳାଳି ।

**ଜିଲା ଫୁଟବଲ୍ ଲିଗ୍ ଉଦ୍‌ଯାପିତ**

## ସଂକ୍ଷେପରେ

### ଶାରଦୀୟ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଟୁଇଟ୍ କରି ଶୁଭେଚ୍ଛା ବାର୍ତ୍ତା

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟର ମାଧମରେ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇଛନ୍ତି। ଏହି ପାର୍ବଣ ପରିପ୍ରେକ୍ଷୀରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି ଯେ, ପବିତ୍ର ଦୁର୍ଗାପୂଜା ଅବସରରେ ସଭିଙ୍କୁ ମୋର ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା। ମା' ଦୁର୍ଗା ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଓ ଉଲ୍ଲାସ ଭରିଦିଅନ୍ତୁ। ମୁଖ୍ୟମନ୍ତ୍ରୀ ନିଜ ଟୁଇଟର ହ୍ୟାଣ୍ଡେଲ୍‌ରୁ ଏକ ୧୫ ସେକେଣ୍ଡର ଭିଡିଓ ଅପ୍‌ଲୋଡ୍ କରିଛନ୍ତି। ମହାଷ୍ଟମୀ ଦିନ ସେ ତିତ୍‌ଲି ପ୍ରଭାବିତ ଗଜପତି ଏବଂ ଗଞ୍ଜାମ ଜିଲା ଗସ୍ତ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେହିପରି ଗତ ମଙ୍ଗଳବାର ତାଙ୍କ ୭୩ତମ ଜନ୍ମଦିବସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତି ନିରାଡ଼ମ୍ବର ଭାବେ ପାଳନ କରିଛନ୍ତି। ପାର୍ବଣ ଅବସରରେ ଅନ୍ୟ ରାଜନେତାମାନେ ମଧ ବିଭିନ୍ନ ସାମାଜିକ ଗଣମାଧମ ଜରିଆରେ ଶାରଦୀୟ ଅଭିନନ୍ଦନ ଜଣାଇଛନ୍ତି।

### ଶ୍ରୀମନ୍ଦିରରେ ଆମିକସ୍ କ୍ୟୁରିଙ୍କ ପ୍ରତିନିଧି

**ପୁରୀ ଅଫିସ, ୧୭।୧୦:** ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କ ପ୍ରତିନିଧି ତଥା ଆଇନଜୀବୀ ବିବେକ ରାଜା ବୁଧବାର ଅପରାହ୍ନରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହି ସମୟରେ ଶ୍ରୀମନ୍ଦିରର ଧାଡ଼ିଦର୍ଶନ ବ୍ୟବସ୍ଥା, ଦାନ ଦକ୍ଷିଣା ଆଦାୟ ଆଦି ଉପରେ ଅନୁଧାନ କରିଥିବା ଜଣାପଡିଛି। ଏପରି କି ଭେଟ ପିଣ୍ଡିକା, ଥାଳି ଓ ଗରା ମାଧମରେ ଦାନଦକ୍ଷିଣା ଆଦାୟକୁ ଅନୁଧାନ କରିଥିବା କୁହାଯାଉଛି। ସେ ଲକ୍ଷ୍ମୀ ମନ୍ଦିରରେ ବସି କେତେଜଣ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ତାଙ୍କର ଏହି ଦର୍ଶନ ବେଳେ ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଓ ଡାକ୍ତର ସିଦ୍ଧାର୍ଥ ସାହୁ ଉପସ୍ଥିତ ଥିଲେ। ଏ ନେଇ ଛତିଶା ନିଯୋଗ ନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସେ ବ୍ୟକ୍ତିଗତ ଭାବେ ଦର୍ଶନ ପାଇଁ ଆସିଥିଲେ। ସୁପ୍ରିମକୋର୍ଟ ପ୍ରସଙ୍ଗରେ ଅନୁଧାନ କରିନାହାନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ କୌଣସି ସୂଚନା ନାହିଁ। ସୂଚନାଯୋଗ୍ୟ, ପୁରୀ ହିଂସା ଘଟଣାରେ ଆମିକସ୍ କ୍ୟୁରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ମାଗିଥିଲେ। ଏପରି କି ଆମିକସ୍ କ୍ୟୁରି ଅଚାନକ ପୁରୀ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସେ ଆସି ନ ଥିଲେ। ଅନ୍ୟପକ୍ଷରେ ସେବାୟତଙ୍କ ପକ୍ଷରୁ ଆମିକସ୍ କ୍ୟୁରିଙ୍କୁ ଏକ ଖୋଲାଚିଠି ମଧ ଲେଖାଯାଇଥିଲା।

ଡକାୟତି ଯୋଜନା କରୁଥିବାବେଳେ ଧରାପଡ଼ିଲେ

### କଂଗ୍ରେସ ନେତାଙ୍କ ସମେତ ୭ ଗିରଫ

ମାରଣାସ୍ତ୍ର ସହ ବୋଲେରୋ, ବାଇକ୍ ଜବତ

**ସୁନ୍ଦରଗଡ଼, ୧୭।୧୦ (ଡି.ଏନ୍.ଏ):** ମଙ୍ଗଳବାର ବିଳମ୍ବିତ ରାତିରେ ସୁନ୍ଦରଗଡ଼-ବାମରା ରାସ୍ତାର କିରେଇ ସୂତାକଳ ନିକଟରେ ଚାଲିଥିବା ଡକାୟତି ଯୋଜନା ଧରାପଡ଼ିଛି। ଏକ ଡକାୟତ ଦଳର ୭ଜଣଙ୍କୁ ସୁନ୍ଦରଗଡ଼ ସଦର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ସେମାନଙ୍କ ନିକଟରୁ ୩ ଭୁଜାଲି, ୩ ଛୁରି, ଗୋଟିଏ ବାଇକ୍ ଓ ଜାଲ ନମ୍ବର ଥିବା ଏକ ବୋଲେରୋ ଗାଡି ଜବତ କରିଛି। ବୁଧବାର ସଦର ଏସ୍‌ଡିପିଓ ବଳଭଦ୍ର ଦୀପ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସଦର ଥାନା ପୋଲିସ ସଦଳବଳ ପାଟ୍ରୋଲିଂ କରୁଥିବାବେଳେ ଏହି ଡକାୟତ ଦଳକୁ ଗିରଫ କରିଥିଲେ। ଏହି ଡକାୟତ ଦଳରେ ସଦର ବ୍ଲକ କଂଗ୍ରେସ କମିଟିର ଜଣେ ନେତା ତାରାଚାନ୍ଦ କିଷାନ (୪୫) ରହିଥିବା ପୋଲିସ କହିଛି। ଅନ୍ୟମାନେ ହେଲେ ବାରଗାଡର ସୁରେଶ ଚନ୍ଦ୍ର ପିଙ୍ଗ (୪୫), ତଳସରାର ପରେଶ ମାଝି (୨୫), ବ୍ରଜରାଜନଗର ଗାନ୍ଧୀ ଛକର ଅନୀଲ ସାହୁ (୩୬), ଲଇକେରାର ପାରେଶ୍ୱର ପିଙ୍ଗ୍, ବାମରାର ଦିଲ୍ଲୀପ ବେହେରା (୫୧) ଓ ବେଣୁଧର ନାଏକ (୪୨)। ଏନେଇ ସଦର ଥାନାରେ ଏକ ମାମଲା (ନଂ. ୧୭୭/୧୮) ରୁଜୁ ହୋଇଛି।

# ଛତର ଯାତ୍ରା, ଲକ୍ଷାଧିକ ବଳି ପଡ଼ିଲା

ଭବାନୀପାଟଣା,୧୭।୧୦(ଡି.ଏନ.ଏ.)

**ପଶୁପକ୍ଷୀ ରକ୍ତରେ ଧୋଇ ହେଲା ରାଜରାସ୍ତା**

କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ବିଶ୍ୱ ପ୍ରସିଦ୍ଧ ତଥା ଗଣପର୍ବ ଛତର ବିଜୟ ଯାତ୍ରା ବୁଧବାର ଶେଷ ହୋଇଛି। ଏହି ଯାତ୍ରାରେ ଲକ୍ଷାଧିକ ପଶୁପକ୍ଷୀଙ୍କ ବଳି ପଡିଛି। ସେଥିପାଇଁ ଭବାନୀପାଟଣା ସହରର ପ୍ରାୟ ୩ କି.ମି. ରାଜରାସ୍ତା ଓ ଉପରାସ୍ତା ବଳି ରକ୍ତରେ ଧୋଇ ହୋଇଯାଇଛି । ବଳି ବନ୍ଦ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଲୋକଙ୍କ ବିଶ୍ୱାସ ଓ ପରମ୍ପରାକୁ ଜିଲା ପ୍ରଶାସନ ମୁଣ୍ଡପାତି ସହି ନେଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ବଳି ପଡ଼ିଥିବା ଜଣାପଡିଛି ।

ମା' ମାଣିକେଶ୍ୱରୀଙ୍କ ଚଳନ୍ତି ପ୍ରତିମା ଛତର ଦର୍ଶନ ନିମନ୍ତେ ଜିଲା ସହ ଜିଲା ବାହାର, ପଡୋଶୀ ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ବିହାର ଆଦି ରାଜ୍ୟରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଜେନାଖାଲଠାରୁ ମାଣିକେଶ୍ୱରୀଙ୍କ ମୁଖ୍ୟମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ମହାଷ୍ଟମୀ ରାତିର ମହାବଳି ପରେ ମାଣିକେଶ୍ୱରୀ ମନ୍ଦିର ଉତ୍ତର ଦ୍ୱାର ନିକଟରେ ଅବସ୍ଥିତ ବୁଢାରଜା (ଭୈରବ)ଙ୍କ ସମ୍ମୁଖରେ ପୋଢବଳି ଦିଆଯାଇଥିଲା। ପରେ ଭବାନୀପାଟଣାର ପଶ୍ଚିମ ଦିଗରେ ଜେନାଖାଲ ପର୍ଯ୍ୟନ୍ତ ମାଣିକେଶ୍ୱରୀଙ୍କ ଛତରକୁ ନିକଟସ୍ଥ ପାହାଡ ତଳର ଜେନାଖାଲକୁ ନିଆଯାଇଥିଲା। ସେଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ପ୍ରାତଃ ୫ଟାରୁ ଜେନାଖାଲଠାରୁ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତ୍ର ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲକ୍ଷାଧିକ ଭକ୍ତଙ୍କ ଗହଣରେ ଘୁମୁରା, ଢୋଲ, ନିଶାଣ, ଘଣ୍ଟ ଆଦି ମଧରେ ଛିଟକନା, ମନ୍ଦାରଫୁଲ, ବେଲପତ୍ର, ମାଳରେ ବସ୍ତ୍ରାବୃତ୍ତ 'ଛତର' ଝୁମି ଝୁମି ମୁଖ୍ୟ ଜାତୀୟ ରାଜପଥର ୩ କି.ମି. ଦେଇ ମୁଖ୍ୟ ମନ୍ଦିରରେ ଅପରାହ୍ନ ୧୨ଟା ୩୦ମିରେ ମନ୍ଦିରକୁ ପ୍ରବେଶ କରିଥିଲେ। ଛତରଯାତ୍ରାରେ ମାନସିକ କରିଥିବା ବ୍ୟକ୍ତିମାନେ ମାନସିକ ପୂରଣ ହୋଇଥିବା ଏବଂ ମାନସିକ କରୁଥିବା ବ୍ୟକ୍ତିମାନେ ହଜାର ହଜାର କୁକୁଡା, ପାରା, ବୋଦା, ମେଣ୍ଢା ଆଦି ରାସ୍ତାର ଦୁଇ ପାର୍ଶ୍ୱ ଏବଂ ଦୁଇ ପାର୍ଶ୍ୱକୁ ସଂଯୋଗ କରୁଥିବା ରାସ୍ତାରେ ବଳି ଦେଇଥିଲେ। ଫଳରେ ସମଗ୍ର ରାଜରାସ୍ତା ରକ୍ତ ରଞ୍ଜିତ ହୋଇଯାଇଥିଲା। ଲକ୍ଷାଧିକ ଭକ୍ତ ଛତରକୁ ଛିଟକନା, ଶାଢ଼ି, ନଡିଆ, ମନ୍ଦାରଫୁଲ, ପାରା ଓ ବେଲପତ୍ର ମାନ ଅର୍ପଣ କରିଥିଲେ ।



ମାଣିକେଶ୍ୱରୀଙ୍କ ଛତରକୁ ଶ୍ରଦ୍ଧାଳୁମାନେ ନେଉଛନ୍ତି ।

ଛତର ସମ୍ମୁଖରେ ଘୁମୁରାନୃତ୍ୟ, ସିଂହବାଦ୍ୟ, ଘଣ୍ଟବାଦ୍ୟ ଓ ନିଶାନ ବାଦ୍ୟ ରାଜବାଟି ସଭା ମଣ୍ଡପରେ ଅନୁଷ୍ଠିତ ଘୁମୁରା ନୃତ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତା ଘୁମୁରା ଦଳ ସହିତ ଅନେକ ଲୋକନୃତ୍ୟ ଦଳ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ମା'ଙ୍କ ଛତର ମୁଖ୍ୟ ମନ୍ଦିରରେ ପହଞ୍ଚିବା କ୍ଷଣି ମହାରାଜ ଉଦିତ ପ୍ରତାପ ଦେଓ ଏବଂ ଯୁବରାଜ ଅନନ୍ତ ପ୍ରତାପ ଦେଓଙ୍କ ସମେତ ତାଙ୍କ ପରିବାର ସଦସ୍ୟମାନେ ବନ୍ଦାପନା କରି ସ୍ୱାଗତ ଜଣାଇ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ପୂର୍ବ ବର୍ଷ ପରି ଚଳିତବର୍ଷ ମା'ଙ୍କ ଛତରକୁ ପୂଜକ ମଧୁସୂଦନ ବେହେରା ବହନ କରିଥିଲେ । ଜିଲାପାଳ ଗାଭିଲ ପରାଗ ହର୍ଷଦ, ଏସ୍.ପି. ବି. ଗଙ୍ଗାଧର, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ପିଡି ଡିଆରଡିଏ ପ୍ରସନ୍ନ କୁମାର ଷଡଙ୍ଗୀ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପ୍ପୋ, ତହସିଲଦାର ଲକ୍ଷ୍ମଣ ଅମାତ ଏବଂ ଅତିରିକ୍ତ ଏସ୍.ପି. ମଣିପାତ୍ର, ଏସ୍.ଡି.ପି.ଓ. ବିରଞ୍ଚି ପ୍ରସାଦ ଦେଓରୀ, ଟାଉନ୍ ଥାନା ଆଇଆଇସି. ସତ୍ୟ କୁମାର ନନ୍ଦଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ତଦାରଖ କରିଥିଲେ । ଚଳିତବର୍ଷ ଜନଗହଳି ସାଙ୍ଗକୁ ପୂର୍ବ ବର୍ଷମାନଙ୍କ ଠାରୁ ଅଧିକ ବଳି ପଡିଥିବା ଦେଖିବାକୁ ମିଳିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୩ ପ୍ଲାଟୁନ ଫୋର୍ସ ସମେତ ୧୦ ଜଣ ଡିଏସ୍‌ପି, ୪ ଜଣ ଇନ୍ସପେକ୍ଟର, ୮ ଜଣ ସବ୍‌ଇନ୍ସପେକ୍ଟର, ୩୬ ଜଣ ଏଏସ୍‌ଆଇ, ୪୪ ଜଣ ୱାର, ଏସ୍‌ଓଜି, ଏ.ଆଇ.ପି. ଫୋର୍ସ ସମେତ ଶତାଧିକ ହୋମଗାର୍ଡ଼ଙ୍କୁ ମୁତୟନ କରାଯାଇଥିଲା।

# ବିଜୟା ଦଶମୀରେ ମହାପ୍ରଭୁଙ୍କର ସୁନାବେଶ

■ବୀର ବେଶରେ ଦର୍ଶନ ଦେବେ ଚଳନ୍ତି ପ୍ରତିମା

ପୁରୀ ଅଫିସ,୧୭।୧୦

ପବିତ୍ର ବିଜୟା ଦଶମୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମ ଓ କୃଷ୍ଣ ବୀରବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏହିଦିନ ରତ୍ନସିଂହାସନରେ ଠାକୁରମାନଙ୍କ ସୁନାବେଶ ଅନୁଷ୍ଠିତ ହେବ।

ଏ ସଂକ୍ରାନ୍ତରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦୁର୍ଗାପୂଜା ଅବସରରେ ଅର୍ଥାତ୍ ସପ୍ତମୀ, ଅଷ୍ଟମୀ ଓ ନବମୀରେ ବଳଭଦ୍ରଙ୍କ ହଳ ମୂଷଳ, ଦେବୀ ସୁଭଦ୍ରାଙ୍କ ତଡ଼ଗୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶଙ୍ଖ, ଚକ୍ର ପୂଜାରେ ବସିଥାଏ। ଦୁଷ୍ଟ ମହିଷାସୁରକୁ ବଧ କରିବା ପାଇଁ ତିନିଠାକୁର ତାଙ୍କ ଆୟୁଧ ଦେବୀଙ୍କୁ ଅର୍ପଣ କରିଥାନ୍ତି ବୋଲି ଏହା ପ୍ରତିପାଦିତ କରିଥାଏ। ପୁନଶ୍ଚ ଦଶହରାରେ ଦେବୀଙ୍କଠାରୁ ଏହି ଆୟୁଧ ଅଣାଯାଇ ଠାକୁରଙ୍କୁ ପରିଧାନ କରାଯାଏ। ବିଜୟା ଦଶମୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବୀରବେଶ ଧାରଣ କରି ଦଶହରା ପଦା (ଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖ)କୁ ବିଜେ କରିଥାନ୍ତି।

ବିଜୟା ଦଶମୀରେ ଅବକାଶ ନୀତି ପରେ ତିନିବାଡ଼ରେ ଚନ୍ଦନ ଲାଗି କରାଯାଏ। ନୂଆଲୁଗା ଲାଗିସାରିବା ପରେ ଠାକୁରଙ୍କ ରାଜବେଶ ବା ସୁନାବେଶ ଅନୁଷ୍ଠିତ ହୁଏ। ଏହି ସୁନାବେଶରେ ଆୟୁଧମାନ ଲାଗି ହୋଇ ନ ଥାଏ। ବେଶ ବଢି ସକାଳ ଧୂପ ପରେ ଆୟୁଧମାନଙ୍କ ମହାସ୍ନାନ ବଢି ବରୁଣ ପୂଜା ଶେଷ ହୁଏ। ତିନିଗୋଟି ରୁପା ଥାଳିରେ ଆୟୁଧମାନ ରଖାଯାଇ ଘଣ୍ଟ, ଛତା, କାହାଳୀ ସହ ତିନିଥର ମନ୍ଦିର ପରିକ୍ରମା କରାଇ ସିଂହାସନକୁ ବିଜେ କଲା ପରେ ତିନିବାଡ଼ରେ ଆୟୁଧ ଲାଗି ହୁଏ। ଦଶହରା ପଦାକୁ ଯିବା ପାଇଁ ଚଳନ୍ତି ପ୍ରତିମା ମଦନମୋହନ, ରାମ ଓ କୃଷ୍ଣ ବୀର ବେଶରେ ସଜ୍ଜିତ ହୋଇଥାନ୍ତି। ଠାକୁରମାନେ ବୀରତ୍ୱର ପ୍ରତୀକ ସ୍ୱରୂପ ବୀରବେଶ ଧାରଣ କରି ଦଶହରା ପଦାକୁ ଦୁର୍ଗାମାଧବଙ୍କ ସହିତ ଯାଇଥାନ୍ତି। ସେଠାରେ ଭକ୍ତମାନେ ଠାକୁରଙ୍କ ଚଳନ୍ତି ପ୍ରତିମାଙ୍କୁ ବୀର ବେଶରେ ଦର୍ଶନ କରିବାର ସୌଭାଗ୍ୟ ପାଇଥାନ୍ତି।

# ଗୁରୁତର ଅବସ୍ଥାରେ ଦନ୍ତାହାତୀ ଉଦ୍ଧାର

ନରସିଂହପୁର,୧୭।୧୦
(ଡି.ଏନ୍.ଏ./ସ୍ୱ.ପ୍ର.)

କଟକ ଜିଲା ନରସିଂହପୁର ପୂର୍ବାଞ୍ଚଳ ରେଞ୍ଜ ଅନ୍ତର୍ଗତ ଗୁପ୍ତମାଣିକ ଗ୍ରାମରୁ ମହୁଲମଡାକୁ ଯିବା ରାସ୍ତା ଉପରେ ବୁଧବାର ଗୁରୁତର ଅବସ୍ଥାରେ ଏକ ଦନ୍ତାହାତୀ ଉଦ୍ଧାର କରାଯାଇଛି। ରାସ୍ତାରେ ଗୁରୁତର ଅବସ୍ଥା ଏହି ହାତୀ ପଡିଥିବା ଦେଖି ଗ୍ରାମବାସୀ ପୂର୍ବାଞ୍ଚଳ ବନ ବିଭାଗରେ ଖବର ଦେଇଥିଲେ। ନରସିଂହପୁର ରେଞ୍ଜର ଅଭିରାମ ଜେନା ଏନେଇ ଆଠଗଡ ଡିଏଫଓଙ୍କୁ ସୂଚନା ଦେଇଥିଲେ। ପରେ ଡିଏଫଓ ସସ୍ମିତା ଲେଙ୍କା ଓ କାନପୁର ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧୀର କୁମାର ପଣ୍ଡା ବନ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ହାତୀର ଚିକିତ୍ସା ଆରମ୍ଭ କରିଛନ୍ତି। ହାତୀଟି ଖାଦ୍ୟ ଅଭାବରୁ ଦୁର୍ବଳ ହୋଇପଡିଥିବାବେଳେ କାନରେ କ୍ଷତ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଗୁପ୍ତମାଣିକ ଗ୍ରାମର ଶ୍ୟାମ ପ୍ରଧାନ କହିଛନ୍ତି, ହାତୀଟି ମଙ୍ଗଳବାର ଅପରାହ୍ନରେ ବଡମ୍ବା ରେଞ୍ଜ ଅନ୍ତର୍ଗତ ମହାକାଳୀ ପୀଠ ନିକଟ ଚନ୍ଦ୍ରଗିରି ପାହାଡରୁ ଗ୍ରାମକୁ ଚାଲି ଆସିଥିବା ଅନୁମାନ କରାଯାଉଛି । ଗୁପ୍ତମାଣିକ ଗ୍ରାମର ଉକ୍ତ ରାସ୍ତା ଦେଇ ମୁଁ ଓ ଅନ୍ୟ କେତେ ଜଣ ଗଲାବେଳେ ହାତୀଟି ହଠାତ୍ ଆକ୍ରମଣ କରିଥିଲା। ଫଳରେ ଆମେ ଭୟଭୀତ ହୋଇ ସେଠାରୁ ଚାଲିଆସି ବନ ବିଭାଗରେ ଖବର ଦେଇଥିଲୁ । ଆମେ ଚାଲି ଆସିବା ପରେ ହାତୀଟି ହଠାତ୍ ସେଠାରେ ପଡିଯାଇଥିଲା। ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସା ଅଧିକାରୀ ପଣ୍ଡା କହିଛନ୍ତି, ଖାଦ୍ୟାଭାବରୁ ଦନ୍ତାହାତୀଟି ଦୁର୍ବଳ ହୋଇଯାଇଛି। ତାର କାନପାଖରେ ଘା ହୋଇଯାଇଛି। ଏବେ ତାର ଚିକିତ୍ସା କରାଯାଉଛି।



ଗୁରୁତର ଅବସ୍ଥାରେ ପଡିରହିଥିବା ହାତୀଛୁଆ।

# ଶିକୁଳିରୁ ମୁକୁଳିଲେ ଲିଲିମା

**ଧରିତ୍ରୀ ପ୍ରଭାବ**

ବରଗଡ଼ ଅଫିସ୍,୧୭।୧୦

ବରଗଡ଼ ଜିଲା ଅତାବିରା ବ୍ଲକ ଟାଙ୍ଗରପାଲି ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ଝୁମ୍ପୁଡ଼ିପଡ଼ାରେ ମାନସିକ ରୋଗରେ ଆକ୍ରାନ୍ତ ଲିଲିମା ଭରାସାଗରଙ୍କୁ ପରିବାର ଲୋକେ ଶିକୁଳିରେ ବାନ୍ଧି ରଖିଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ତାଙ୍କୁ ସହଯୋଗର ହାତ ବଢ଼ିଛି । ବୁଧବାର ଲିଲିମା ଶିକୁଳିରୁ ମୁକ୍ତ ହୋଇଛନ୍ତି। ତାଙ୍କ ଗୋଡ଼ରେ ବନ୍ଧା ଯାଇଥିବା ଶିକୁଳିକୁ ଖୋଲି ଦିଆଯାଇଛି ଏବଂ ଚିକିତ୍ସା ପାଇଁ ତାଙ୍କୁ ଭୀମସାର, ବୁର୍ଲା ଡାକ୍ତରଖାନାର ମାନସିକ ରୋଗ ବିଭାଗରେ ଭର୍ତ୍ତି କରାଯାଇଛି । ଚିକିତ୍ସା ପରେ ଲିଲିମା ମାନସିକ ରୋଗରୁ ନିଶ୍ଚିତ ମୁକ୍ତ ହେବେ ବୋଲି ସଭିଁଏ ଆଶା ବାନ୍ଧିଛନ୍ତି ।

ଲିଲିମା ମାନସିକ ରୋଗରେ ଆକ୍ରାନ୍ତ। ପରିବାର ଲୋକେ ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରିବାରେ ସକ୍ଷମ ହୋଇପାରି ନଥିଲେ ଏବଂ ତାଙ୍କୁ ଶିକୁଳିରେ ବାନ୍ଧି ଘରେ ରଖିଥିଲେ । ଏ ନେଇ ଗତ ୮ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଶିଁକ୍‌ଲାରେ ବଁଧା ଜୀବନ ଶୀର୍ଷକ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ସେହି ଖବର ପଢ଼ି ଗତ ୯ତାରିଖ ସମ୍ବଲପୁରର ଏକ ସ୍ୱାସ୍ଥ୍ୟଟିମ ଏବଂ ସ୍ୱେଚ୍ଛାସେବୀମାନେ ପ୍ରଥମେ ଧରିତ୍ରୀର ଜାମଟିକ୍ରା ପ୍ରତିନିଧିଙ୍କ ପାଖକୁ ପହଞ୍ଚିଥିଲେ ଏବଂ ତାଙ୍କ ସହିତ ଯୋଗାଯୋଗ କରିବା ପରେ ଲିଲିମାଙ୍କ ଘରକୁ ଯାଇଥିଲେ। ଏହା ସହିତ ଧରିତ୍ରୀରେ ପ୍ରକାଶିତ ସେହି ଖବର କପିକୁ ହ୍ୱାଟ୍ସଆପ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଡା. ବିଜୟ କୁମାର ଦୋରାଙ୍କ ପାଖକୁ ପଠାଇଥିଲେ। ଏହାପରେ ଜିଲା ପ୍ରଶାସନ ତଥା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲିଲିମାଙ୍କୁ ସହଯୋଗର ହାତ ବଢ଼ିଥିଲା । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଲିଲିମାଙ୍କ ମା ଚନ୍ଦ୍ରକାନ୍ତୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନା (ଏନଏଫବିଏସ) ୨୦ହଜାର ଟଙ୍କା, ବିଧବା ଭତ୍ତା ବାବଦକୁ ମାସିକ ୩୦୦ ଟଙ୍କା ଏବଂ ଲିଲିମାଙ୍କୁ ଭିନ୍ନକ୍ଷମ ଭତ୍ତା ମାସିକ ୩୦୦ ଟଙ୍କା ପ୍ରଦାନ କରାଯାଇଥିଲା।

# ପୂଜାରେ ଜମୁଛି ମେଲୋଡି, ଭଜନ ସନ୍ଧ୍ୟା

**ଆକୃଷ୍ଟ କରୁଛି ରାମଲୀଳା**

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ମା'ଙ୍କ ଆରାଧନା ଲାଗି ସହର ଉତ୍ସବମୁଖର ହୋଇପଡ଼ିଥିବା ବେଳେ ସନ୍ଧ୍ୟାର ଆକର୍ଷଣ ସାଜୁଛି ସାଂସ୍କୃତିକ କାର୍ଯ୍ୟକ୍ରମ। ରାଜଧାନୀରେ ଥିବା ବିଭିନ୍ନ ପୂଜାମଣ୍ଡପରେ ସନ୍ଧ୍ୟା ହେବା କ୍ଷଣି ଆରମ୍ଭ ହେଉଯାଉଛି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। କେଉଁଠି ମା'ଙ୍କ ଉଦ୍ଦେଶ୍ୟରେ ଭଜନ ପରିବେଷଣ କରାଯାଉଛି ତ ଆଉ କେଉଁଠି ଜମୁଛି ମେଲୋଡି ଓ ଷ୍ଟାର୍ ନାଇଟ୍। ସନ୍ଧ୍ୟା ୬ଟାରୁ ରାତି ପ୍ରାୟ ୧୨ଟା ପର୍ଯ୍ୟନ୍ତ ସବୁ ମଣ୍ଡପ ନିକଟରେ ଦେଖିବାକୁ ମିଳୁଛି ଏଭଳି କାର୍ଯ୍ୟକ୍ରମ। କେବଳ ଭୁବନେଶ୍ୱର କି କଟକ ନୁହେଁ, ପୂଜାରେ ମେଲୋଡିର କ୍ରେଜ୍ ଏବେ ରାଜ୍ୟସାରା ଦେଖିବାକୁ ମିଳୁଛି। ସହରରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ, ଦଶହରାରେ ଲୋକଙ୍କ ପାଇଁ ଅନ୍ୟତମ ଆକର୍ଷଣ ରହୁଛି ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ଏପରି କି, କେତେକ ସ୍ଥାନରେ ରାମଲୀଳାର ଆୟୋଜନ ମଧ କରାଯାଉଛି। ସବୁବର୍ଷ ଭଳି ଚଳିତବର୍ଷ ମଧ ନୟାପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ କସ୍ତୁରବା ଶିକ୍ଷାଶ୍ରମ ପଡ଼ିଆରେ ରାମଲୀଳା କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ପ୍ରତି ରାତିରେ ଭିନ୍ନ ଭିନ୍ନ ବିଷୟବସ୍ତୁକୁ ନେଇ ଏଠାରେ ରାମଲୀଳା ପରିବେଷଣ କରାଯିବା ସହ ପ୍ରତିଯୋଗିତା ହେଉଛି।



ଝାରପଡ଼ା ପୂଜା ମଣ୍ଡପ ସମ୍ମୁଖରେ ବୁଧବାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଏହାବ୍ୟତୀତ ଅନ୍ୟ ଏକ ଷ୍ଟେଜ୍‌ରେ ମେଲୋଡି କାର୍ଯ୍ୟକ୍ରମ ଏଠାକାର ଅନ୍ୟତମ ଆକର୍ଷଣ ରହିଛି। ସେହିଭଳି ଶହୀଦନଗର ପୂଜାମଣ୍ଡପରେ ଚଳିତବର୍ଷ ପୂଜାର ଆକର୍ଷଣ ରହିଛି 'ମାତା କି ଜାଗରଣ' କାର୍ଯ୍ୟକ୍ରମ। କମିଶନରେଟ୍ ପୋଲିସର କଟକଣା ଯୋଗୁ ରାବଣପୋଡ଼ି ବନ୍ଦହୋଇ ଏଥର ମୁମ୍ବାଇର ଅନୀଲ ବାଉରାଙ୍କ ଦ୍ୱାରା ନୂଆଶୈଳୀରେ ମାତା କି ଜାଗରଣ କରିବାକୁ ନିଷ୍ପତ୍ତି ନେଇଛି ପୂଜା ସମିତି। ୧୯ ତାରିଖ ଦଶମୀ ସନ୍ଧ୍ୟାରେ ଏହା ଅନୁଷ୍ଠିତ ହେବାକୁ ଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିଭଳି ଏଠାରେ ଭଜନ ସମାରୋହ ଆୟୋଜିତ ହେଉଛି। ରାଜ୍ୟର ବହୁ ଜଣାଶୁଣା କଣ୍ଠଶିଳ୍ପୀଙ୍କ କଣ୍ଠରୁ ଭଜନ ଶୁଣିବାକୁ ଲୋକେ ଭିଡ଼ ଜମାଉଛନ୍ତି।

ସେହିଭଳି ପୁରୁଣା ଷ୍ଟେଶନ ବଜାରରେ ସୋମବାରଠାରୁ ପ୍ରତ୍ୟେକ ସନ୍ଧ୍ୟାରେ ମେଲୋଡି ଓ ଅର୍କେଷ୍ଟ୍ରା ନାଇଟ୍‌ର ଆୟୋଜନ କରାଯାଉଛି। ଗଞ୍ଜାମ, କଟକ, ଭୁବନେଶ୍ୱର ଆଦି ସ୍ଥାନର ଅର୍କେଷ୍ଟ୍ରା ଟିମ୍ ଏଠାରେ ରଙ୍ଗାରଙ୍ଗ ନୃତ୍ୟ, ସଙ୍ଗୀତ ପରିବେଷଣ କରୁଛନ୍ତି। ସେହିଭିଳି ରସୁଲଗଡ଼ ଦୁର୍ଗାପୂଜା ମଣ୍ଡପରେ ଏଥରର ଆକର୍ଷଣ ସାଜିଛି ମେଲୋଡି କାର୍ଯ୍ୟକ୍ରମ। ଝାରପଡ଼ା ଦୁର୍ଗାପୂଜା ମଣ୍ଡପରେ ସୋମବାର ଭଜନ ସନ୍ଧ୍ୟା ପ୍ରମୁଖ ଆକର୍ଷଣ ସାଜିଥିବା ବେଳେ ମଙ୍ଗଳବାରଠାରୁ କଟକ, ଭୁବନେଶ୍ୱର, ଗଞ୍ଜାମ ଏବଂ ମୁମ୍ବାଇର ବିଭିନ୍ନ ଗ୍ରୁପ୍ ଦ୍ୱାରା ମେଲୋଡି ପରିବେଷଣ ହେଉଛି। ଇଣ୍ଡିଆନ୍ ଆଇଡଲ୍ ଫେମ୍ ସୋହିନୀ ମିଶ୍ର ଏବଂ ଇଣ୍ଡିଆନ୍ ରକ୍ ଷ୍ଟାର୍ ଫେମ୍ ନୀରଜ ବକ୍ସି ଗୁରୁବାର ଏଠାରେ ସଙ୍ଗୀତ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି।

### ଡେନ୍ ନେଟ୍‌ୱର୍କ୍ସ, ହାଥ୍‌ୱେ କେବଲକୁ ରିଲାଏନ୍ସ କିଣିବ

**ନୂଆଦିଲ୍ଲୀ,୧୭।୧୦:** ଡେନ ନେଟ୍‌ୱର୍କ୍ସ ଓ ହାଥ୍‌ୱେ କେବଲ, ଡାଟାକମ୍‌ର ଅଂଶଧନକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଆର୍‌ଆଇଏଲ୍) କିଣିବ। ଏଥିପାଇଁ କମ୍ପାନୀ ୫୨୩୦ କୋଟି ଟଙ୍କା ବ୍ୟୟ କରିବ। ବୁଧବାର କମ୍ପାନୀ ଏହାର ତ୍ରୈମାସିକ ଫଳାଫଳ ଘୋଷଣା କରିବା ଅବସରରେ ଏ ସମ୍ପର୍କରେ ସ୍ପଷ୍ଟ କରିଛି। ଡେନ୍ ନେଟ୍‌ୱର୍କ୍ସରେ ପ୍ରାଇମେରୀ ଇନଭେଷ୍ଟମେଣ୍ଟ ବାବଦରେ ଆର୍‌ଆଇଏଲ୍ ୨୦୪୫ କୋଟି ଟଙ୍କା ଏବଂ ସେକେଣ୍ଡାରୀ ପରଚେଜ୍ ବାବଦରେ ୨୪୫ କୋଟି ଟଙ୍କା ବ୍ୟୟ କରି ୬୬ ପ୍ରତିଶତ ଅଂଶଧନ କିଣିବ। ସେହିପରି ୨୯୪୦ କୋଟି ଟଙ୍କାର ପ୍ରିଫରେନ୍ସିଆଲ ଇସ୍ୟୁ ମାଧମରେ କମ୍ପାନୀ ହାଥ୍‌ୱେର ୫୧.୩% ଶେୟାର କିଣିବ। ପରେ ଆର୍‌ଆଇଏଲ୍ କ୍ଷୁଦ୍ର ନିବେଶକଙ୍କ ଠାରୁ ଓପନ ଅଫର ମାଧମରେ ଅଂଶଧନ କିଣିବ।

### ବୃଦ୍ଧାଙ୍କୁ କଚାଡ଼ି ମାରିଲା ଦନ୍ତା

ବଡ଼ବିଲ, ୧୭।୧୦(ସ୍ୱ.ପ୍ର.)

■କୋହ୍ଲରୁଡକେଲାବାସୀ ଭୟଭୀତ
■ଆତଙ୍କ ଖେଳାଉଛନ୍ତି ୨୨ ହାତୀ
■ଘଉଡ଼ାଇବା ହେଲା କାଳ

କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳ ତଥା ରୁଗୁଡି ଥାନା ଅନ୍ତର୍ଗତ କୋହ୍ଲରୁଡକେଲା ଗ୍ରାମରେ ହାତୀପଲ ଆତଙ୍କ ଖେଳାଇଛନ୍ତି। ମଙ୍ଗଳବାର ରାତିରେ ଏକ ଦନ୍ତାହାତୀ ଜଣେ ବୃଦ୍ଧାଙ୍କୁ କଚାଡି ମାରିଦେଇଛି। ସେ ହେଲେ ଗୁରୁବାରୀ ମୁଣ୍ଡା। ବନ ବିଭାଗ ଦ୍ୱାରା ହାତୀପଲକୁ ଘଉଡାଇବା ବେଳେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ଗ୍ରାମରେ ଭୟର ବାତାବରଣ ଲାଗି ରହିଛି।

ସୁନ୍ଦରଗଡ ଜିଲାରୁ ୨୨ ହାତୀ ଆସି ମଙ୍ଗଳବାର ରାତିରେ ବଡବିଲ ଫରେଷ୍ଟ ରେଞ୍ଜ କୋହ୍ଲରୁଡକେଲା ଗ୍ରାମରେ ପଶିଥିଲେ। ଫଳରେ ବନ ବିଭାଗ କର୍ମଚାରୀ ଖବର ପାଇ ଗ୍ରାମବାସୀଙ୍କ ସହ ମିଶି ହାତୀପଲକୁ ଘଉଡାଉବା ପାଇଁ ଉଦ୍ୟମ କରୁଥିଲେ। ସେହି ସମୟରେ ଘର ଭିତରୁ ହଠାତ୍ ବୃଦ୍ଧା ଜଣଙ୍କ ବାହାରି ଆସିଥିବାରୁ ଏକ ଦନ୍ତାହାତୀ ତାଙ୍କୁ ପାଦ ତଳେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ସକାଳେ ରୁଗୁଡି ପୋଲିସ ଓ ବନ ବିଭାଗ କର୍ମଚାରୀ ପହଞ୍ଚି ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବଡବିଲକୁ ପଠାଯାଇଥିଲା। ଆବଶ୍ୟକ ସରକାରୀ କାଗଜପତ୍ର ପ୍ରସ୍ତୁତି ପରେ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦିଆଯିବ ବୋଲି ବନ ବିଭାଗ କହିଛି। ହାତୀ ଭୟରେ ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରକୁ ବାହାରିବାକୁ ଡରୁଛନ୍ତି।

# ଅଲ୍ଗରେ... ଅନୁଷ୍କା



**ଥରେ ମନେପକାନ୍ତୁ ନା ବ୍ଲକବଷ୍ଟର ଫିଲ୍ମ 'ବାହୁବଳି'ର ଦେବସେନା ଚରିତ୍ରକୁ। ଏହି ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଅଭିନେତ୍ରୀଙ୍କ ଅଭିନୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି । ସେ ହେଲେ ଅନୁଷ୍କା ସେଟ୍ଟୀ ।**

- ଅଭିନୟ ଜଗତରେ ଏଣ୍ଟ୍ରି କରିବା ପୂର୍ବରୁ ସେ ଯୋଗ ଇନଷ୍ଟ୍ରକ୍ଟର ଭାବରେ କାମ କରୁଥିଲେ।
- ଶ୍ୱେତା ସେଟ୍ଟୀ କହିଲେ ଅନେକେ ପଚାରିବେ 'ସେ କିଏ'। ଏହା ହେଉଛି ଅନୁଷ୍କାଙ୍କ ପ୍ରକୃତ ନାମ। ହେଲେ ଅଭିନୟ କରିବା ପୂର୍ବରୁ ସେ ନିଜ ନାମକୁ ପରିବର୍ତ୍ତନ କରି ଅନୁଷ୍କା ରଖିଥିଲେ।
- ବେଙ୍ଗାଲୁରୁସ୍ଥିତ ମାଉଣ୍ଟ କାର୍ମେଲ କଲେଜ ଅଫ ବେଙ୍ଗାଲୁରୁରୁ ବିସିଏ (ବ୍ୟାଚେଲର ଇନ୍ କମ୍ପ୍ୟୁଟର ଆପ୍ଲିକେଶନ) ଡିଗ୍ରୀ ହାସଲ କରିଛନ୍ତି ସେ।
- ଦକ୍ଷିଣ ଭାରତୀୟ ସିନେମାରେ ସେ ହେଉଛନ୍ତି ସବୁଠାରୁ ଅଧିକ ପାରିଶ୍ରମିକ ପାଉଥିବା ଅଭିନେତ୍ରୀ। ଗୋଟିଏ ସିନେମା ପାଇଁ ସେ ପାରିଶ୍ରମିକ ଆକାରରେ ୫କୋଟି ନେଉଛନ୍ତି।
- ତାମିଲ ଫିଲ୍ମ 'ସୁପର'ରେ କର୍ନାଟକର ମାଙ୍ଗାଲୋରରେ ଜନ୍ମିତା ଏହି ଅଭିନେତ୍ରୀଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା। ତାମିଲ ଫିଲ୍ମ 'ଅରୁନ୍ଧତୀ' ତାଙ୍କୁ ରାତାରାତି ନାୟିକା ଦୌଡରେ ସାମିଲ କରାଇଥିଲା ଏବଂ ଏଥିପାଇଁ ସେ ଶ୍ରେଷ୍ଠ ନବାଗତ ଅଭିନେତ୍ରୀ ପୁରସ୍କାର ମଧ୍ୟ ପାଇଥିଲେ।
- ଥରେ ଏକ ଫିଲ୍ମ ପାଇଁ ସେ ୨୦ କିଗ୍ରା ଓଜନ କମାଇଥିଲେ।
- ଯେତେବେଳେ ତାଙ୍କୁ ପ୍ରଥମେ ଅଡିଶନ ପାଇଁ ଡାକରା ଆସିଲା ସେ ଯିବାକୁ ଅମଙ୍ଗ ଥିଲେ। ତା'ପରେ ପରିବାର ସଦସ୍ୟଙ୍କ ଚାପ ଯୋଗୁ ସେ ଅଡିଶନ ଆଟେଣ୍ଡ କରି ସଫଳ ହୋଇଥିଲେ।
- ବିଳାସପୂର୍ଣ୍ଣ କାର୍ ଚଲାଇବା ତାଙ୍କର ସଉକ। ଏବେ ତାଙ୍କ ପାଖରେ ଅଡି-ଏ୬, ବିଏମଡବ୍ଲ୍ୟୁ-୬ ଏବଂ ଟୟୋଟା କୋଲେରା ପରି ଦାମୀ କାର ରହିଛି। ଥରେ ସେ ନିଜ ଡ୍ରାଇଭରକୁ ୧୨ଲକ୍ଷ ଟଙ୍କାର କାର ଉପହାର ଦେଇଥିଲେ।
- ହାଇଦ୍ରାବାଦର ଜୁବାନି ହିଲ୍‌ରେ ତାଙ୍କର ଏକ ବିଳାସ୍ୟପୂର୍ଣ୍ଣ ଆପାର୍ଟମେଣ୍ଟ ରହିଛି। ବର୍ତ୍ତମାନ ତାଙ୍କ ସମ୍ପତ୍ତିର ଆନୁମାନିକ ମୂଲ୍ୟ ହେଉଛି ପାଖାପାଖି ୧୪୦କୋଟି।
- ତାମିଲ ଫିଲ୍ମ 'ବିଲ୍ଲା'ରେ ବିକିନି ପିନ୍ଧି ଅନୁଷ୍କା ଚର୍ଚ୍ଚିତ ହୋଇଥିଲେ।
- ତାମିଲ ଫିଲ୍ମର ଅନ୍ୟତମ ଆଗଧାଡିର ଅଭିନେତା ପ୍ରଭାସଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ସେ ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି।

ଛୋଟ ପରଦା



## ୧୨୦୦ ଅଧ୍ୟାୟରେ ମହେଶ୍‌ଙ୍କ 'ଦୁର୍ଗା'

ନାରୀର ଏକ ଅନନ୍ୟ ରୂପ ଦୁର୍ଗା। ସହନଶୀଳା ନାରୀ ସେତେବେଳେ ଦୁର୍ଗା ରୂପ ଧାରଣକରେ ଯେତେବେଳେ ସୃଷ୍ଟିର ସନ୍ତୁଳନ ଧରି ରଖିବା ଅନିବାର୍ଯ୍ୟ ହୋଇପଡ଼େ। ନାରୀ ଶକ୍ତିର ମହନୀୟତାକୁ ପାଥେୟ କରି ଠିକ୍ ସାଢ଼େ ଚାରିବର୍ଷ ତଳେ ତରଙ୍ଗ ଚ୍ୟାନେଲ୍‌ରେ ଆରମ୍ଭ ହୋଇଥିଲା ମେଗା ଧାରାବାହିକ 'ଦୁର୍ଗା'। ତାହା ଏବେ ୧୨୦୦ ଅଧ୍ୟାୟ ଅତିକ୍ରମ କରିସାରିଛି। ଏହି ମେଗା ଧାରାବାହିକର ନିର୍ଦ୍ଦେଶକ ହେଉଛନ୍ତି ମହେଶ ହାଜରା। ନାଇସ ପ୍ରଡକଶନ୍ ବ୍ୟାନରରେ ନିର୍ମିତ ଏହି ମେଗା ଧାରାବାହିକର ପ୍ରଯୋଜକ ସୁବ୍ରତ ନାୟକ। ଶୀର୍ଷକ ଭୂମିକାରେ ଅର୍ପିତା କର ଥିବା ବେଳେ ସଂଳାପ ରଚନା କରିଛନ୍ତି ଶ୍ରୀହର୍ଷ କର। ଶରଣାରବିନ୍ଦଙ୍କ ଶୀର୍ଷକ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ଶରତ ନାୟକ। ସଫଳତାର ସହିତ ୧୨୦୦ଟି ଅଧ୍ୟାୟ ଅତିକ୍ରମ କରିସାରିଥିଲେ ମଧ୍ୟ ଏଥିରେ ଅଭିନୟ କରିଥିବା କୌଣସି ଚରିତ୍ରକୁ ଏ ପର୍ଯ୍ୟନ୍ତ ପରିବର୍ତ୍ତନ କରାଯାଇନାହିଁ କିମ୍ବା କୌଣସି କଳାକାର ଦୁର୍ଗାଟିମ୍‌କୁ ପରିତ୍ୟାଗ କରିନାହାନ୍ତି। ଏହାକୁ ଧାରାବାହିକ ସଫଳତାର ଏକ ଦିଗ ଭାବରେ ଗ୍ରହଣ କରାଯାଇପାରେ।

# ନଭେମ୍ବର ୨୩ରେ ସାଥୀ ତୁ ଫେରିଆ

ମନ ପସନ୍ଦର ସାଥୀଟିଏ ମିଳିଗଲେ ତା' ସହ ସୁଖଦୁଃଖ ଶେୟାର କରିହୁଏ। ବେଳେବେଳେ ଠିକ୍ ବାଟରେ ଯିବାକୁ ସାଥୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ତେଣୁ ଜୀବନରେ ଭଲ ସାଥୀଟିଏ ନିହାତି ଲୋଡା। ଗୋଟିଏ ପରିବାରର ସମସ୍ତ ସଦସ୍ୟ ପରସ୍ପର ସାଥୀ। ସେମାନେ କିପରି ନିଜ ଜୀବନକୁ ଏହି ଶବ୍ଦ ମାଧ୍ୟମରେ ଆଗେଇ ନେଉଛନ୍ତି ତାହା ଖୁବ୍‌ଶୀଘ୍ର ଦେଖିବାକୁ ମିଳିବ ବଡ ପରଦାରେ। ମା' ପୁଅର ସମ୍ପର୍କ ସହ ଲଭ୍, ଇମୋଶନ, ଆକ୍ସନଭିତ୍ତିକ ନୂଆ ଓଡ଼ିଆ ସିନେମା 'ସାଥୀ ତୁ ଫେରିଆ' ଚଳିତ ମାସ ୨୩ରେ ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା



ଅନୁଭା – ଜ୍ୟୋତି

ପକ୍ଷରୁ ସୂଚନା ଦିଆଯାଇଛି। ସାଇ ଶ୍ରଦ୍ଧା ଷ୍ଟୁଡିଓ ବ୍ୟାନରରେ ଜି ସାର୍ଥକ ସହାୟତାରେ ଉକ୍ତ ଫିଲ୍ମର ପ୍ରଯୋଜନା କରଛନ୍ତି ଓଡ଼ିଆ ଧାରାବାହିକ ଜଗତର ନାମୀ ପ୍ରଯୋଜିକା ବିନି ସାମଲ। ଜୀ ସାର୍ଥକ ସହାୟତାରେ ପ୍ରସ୍ତୁତ ହେବ ଏହି ଚଳଚ୍ଚିତ୍ର ଯାହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ପିପୁଲସ ଡାଇରେକ୍ଟର ସୁଧାକର ବସନ୍ତ। କାହାଣୀ ସହ ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସ ପଟ୍ଟନାୟକ। ଏଥିରେ ସଂଯୋଜିତ 'ତୋ ଘାଘର ଉପରେ ଚୋଲି' ଗୀତଟି ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଦୃଢ଼ ବିଶ୍ୱାସ ରଖିଛନ୍ତି ଏହାର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। ମହାଶ୍ୱେତା ରାୟ, ଜ୍ୟୋତି ନାୟକ, ଅନୁଭା ସୌର୍ଯ୍ୟା, ଶୁଭାଶିଷ ଶର୍ମା (ମଣ୍ଟୁ), ଅନୀଷା, ପିଣ୍ଟୁ ନନ୍ଦ, ଶ୍ରୀତମ୍ ଦାସ, ପ୍ରଜ୍ଞା, ରାଜୀବ ମହାନ୍ତି ପ୍ରମୁଖ କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

ନୂଆ ସିନେମା

## ହିରୋ

ଜଣେ ପୁରୁଣା କଳାକାରର ଜୀବନୀକୁ ଆଧାର କରି ନିର୍ମିତ ହେଉଛି ଏକ କ୍ଷୁଦ୍ର ହିନ୍ଦୀ ଚଳଚ୍ଚିତ୍ର 'ହିରୋ'। ସୀମାଞ୍ଚଳମ ଫିଲ୍ମ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ବିପିଏଫଟିଆଇର ସାଇନି ପାଣ୍ଡେ ନାମ୍ନୀ ଜଣେ ଛାତ୍ରୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ଓଡ଼ିଆ ଚଳଚ୍ଚିତ୍ର 'ଏଇ ଆଖି ଆମ ସାକ୍ଷୀ'ର ନିର୍ଦ୍ଦେଶକ ଅରବିନ୍ଦ ପାଣ୍ଡେ। ଏ ସମ୍ପର୍କରେ ସେ କହନ୍ତି, ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସିନେମା ପ୍ରସ୍ତୁତ ହେବ। ବିଶେଷଭାବରେ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଫିଷ୍ଟିଭାଲରେ ପ୍ରଦର୍ଶନ କରାଯିବାର ଯୋଜନା ରହିଛି। ଏହି ଫିଲ୍ମର ଅବଧି ରହିଛି ୩୦ ମିନିଟ୍। ଓଡ଼ିଆ ସିନେମାର ନାମୀ କଳାକାର ମିହିର ଦାସ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। ଅବଶିଷ୍ଟ କଳାକାରଙ୍କ ଚୟନ ପ୍ରକ୍ରିୟା ଚାଲୁ ରହିଛି ଏବଂ ଢେଙ୍କାନାଳ ଏବଂ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ କରାଯିବ। ଶୁଟିଂ ଚଳିତ ମାସ ତୃତୀୟ ସପ୍ତାହରୁ ଆରମ୍ଭ ହେବାର ଯୋଜନା ରହିଛି।



Dollar 73.61 (13) | Sensex 382.90 34,779.58 | Nifty 131.70 10,453.05 | Gold ₹150 32,030.00 | Silver ₹220 39,480.00



‘ଅଟୋମେଟ୍ ଏଭ୍ରିଥିଙ୍ଗ’ ପ୍ଲାଟଫର୍ମରେ ନିବେଶ ଦ୍ୱାରା ଏହା ନିରନ୍ତର ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରୁଛି।
– ରୋସ୍ତଓ୍ୱ ରାଭାନାନ, ସିଇଓ, ମାଇଣ୍ଡ ଟ୍ରି



ବଜାରରେ ନୂଆ ପ୍ରଡକ୍ଟ ସହ ଗ୍ରାହକଙ୍କ ଡ୍ରାଇଭିଂ ଅଭିଜ୍ଞତାକୁ ପରିବର୍ତ୍ତିତ କରିବା ଦିଗରେ ପ୍ରୟାସ ଜାରି ରହିଛି।
– ଷ୍ଟିଫେନ୍ ନାପ୍, ଫକ୍ସୱାଗନ୍ ପାସେଞ୍ଜର କାର୍ ନିର୍ଦ୍ଦେଶକ

## ସଂକ୍ଷେପରେ

### ୟେସ୍ ବ୍ୟାଙ୍କ ମୁଖ୍ୟଙ୍କ କାର୍ଯ୍ୟକାଳ ବଢ଼ିବନି

**ନୂଆଦିଲ୍ଲୀ,୧୭-୧୦:** ୟେସ୍ ବ୍ୟାଙ୍କ ଏମ୍‌ଡି ତଥା ସିଇଓ ରାଣା କପୁରଙ୍କ କାର୍ଯ୍ୟକାଳ ବଢ଼ାଇବା ଲାଗି ଆଗତ ପ୍ରସ୍ତାବକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଆସନ୍ତାବର୍ଷ ଫେବୃୟାରୀ ପହିଲା ପୂର୍ବରୁ ବ୍ୟାଙ୍କ ନୂଆ ମୁଖ୍ୟ ଖୋଜି ନେଉ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛନ୍ତି। ଜାନୁୟାରୀ ୩୧, ୨୦୧୯ ପର୍ଯ୍ୟନ୍ତ କପୁରଙ୍କ କାର୍ଯ୍ୟକାଳ ଧାର୍ଯ୍ୟ ହୋଇଥିବା ବେଳେ ତାଙ୍କୁ ଆହୁରି ୩ ମାସ ସମୟ ଦିଆଯାଉ ବୋଲି ୟେସ୍ ବ୍ୟାଙ୍କ ପକ୍ଷରୁ ଆର୍‌ବିଆଇକୁ ପତ୍ର ଲେଖାଯାଇ ଅନୁରୋଧ କରାଯାଇଥିଲା। ଷ୍ଟକ୍ ଏକ୍ସଚେଞ୍ଜକୁ ପତ୍ର ଲେଖି ୟେସ୍ ବ୍ୟାଙ୍କ ଜଣାଇଛି ଯେ, ୨୦୧୯ ଫେବୃୟାରୀ ପହିଲା ପୂର୍ବରୁ କପୁରଙ୍କ ସ୍ଥାନରେ ନୂଆ ଏମ୍‌ଡି ତଥା ସିଇଓ ଖୋଜି ନେବା ପାଇଁ ଆର୍‌ବିଆଇ ସ୍ପଷ୍ଟ କରିଦେଇଛନ୍ତି।

### ବାଲକ୍ରିଷ୍ଣ ଗୋଏଙ୍କା ଆସୋଚାମ୍‌ର ନୂଆ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୧୭-୧୦:** ୱେଲସ୍ପନ ଗ୍ରୁପ୍ ଅଧ୍ୟକ୍ଷ ବାଲକ୍ରିଷ୍ଣ ଗୋଏଙ୍କା ବୁଧବାର ଉଦ୍ୟୋଗ ଜଗତର ପ୍ରତିନିଧି ଆସୋଚାମ୍‌ର ନୂଆ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମନେଟ ଷ୍ଟିଲ୍ ଆଣ୍ଡ୍ ଏନର୍ଜି ଅଧ୍ୟକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ସନ୍ଦିପ ଜାଜୋଡିଆଙ୍କ ସ୍ଥାନରେ ସେ ଦାୟିତ୍ୱ ନେବେ। ଗୋଏଙ୍କା ଆସୋଚାମ୍‌କୁ ଏକ ନୂଆ ୪-ସାଇଟ୍ ଦେବେ ବୋଲି ଏକ ବିବୃତିରେ କୁହାଯାଇଛି।

### ବିଜୟପତ୍ ସିଂଘାଣିଆ ରେମଣ୍ଡର ଚେୟାରମ୍ୟାନ ଏମିରିଟସ୍ ପଦରୁ ବିଦା



**ନୂଆଦିଲ୍ଲୀ,୧୭-୧୦:** ଦିନେ ରେମଣ୍ଡ କମ୍ପାନୀକୁ ସାରା ବିଶ୍ୱରେ ପ୍ରତିଷ୍ଠା କରିଥିବା ବିଜୟପତ୍ ସିଂଘାଣିଆଙ୍କୁ କମ୍ପାନୀ ଚେୟାରମ୍ୟାନ ଏମିରିଟସ୍ ପଦରୁ ବିଦା କରିଦେଇଛି। ଏହା ଜାଣିବା ପରେ ସେ ପ୍ରଥମେ କମ୍ପାନୀ ସେକ୍ରେଟାରୀ ଓ ପରେ ବୋର୍ଡକୁ ପତ୍ର ଲେଖି ତାଙ୍କୁ ବୋର୍ଡ ବୈଠକରେ ଯୋଗଦେବା ଲାଗି ଡକାଯାଇନି ବୋଲି ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୭ରେ କମ୍ପାନୀର ଜଣେ ଡାଇରେକ୍ଟର ତଥା ସେକ୍ରେଟାରୀ ପତ୍ର ଲେଖି ବିଜୟପତ୍‌ଙ୍କୁ ଚେୟାରମ୍ୟାନ ଏମିରିଟସ୍ ପଦରୁ ବିଦା କରାଗଲା ବୋଲି ଜଣାଇ ଦେଇଛନ୍ତି। ଭବିଷ୍ୟତରେ ସେ ଏହି ଉପାଧି ବ୍ୟବହାର ନ କରିବାକୁ ପତ୍ରରେ ବାରଣ କରାଯାଇଛି। ଏଥିରେ କମ୍ପାନୀ ସେକ୍ରେଟାରୀ ଥୋମାସ୍ ପର୍ନାଣ୍ଡେଜଙ୍କ ସ୍ୱାକ୍ଷର ରହିଛି। ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ସିଂଘାଣିଆଙ୍କ ଅଭଦ୍ରୋଚିତ ଶବ୍ଦ ବ୍ୟବହାରକୁ ବୋର୍ଡ ସହଜ ଭାବେ ଗ୍ରହଣ କରିନାହିଁ। ପରିବାର ଓ ତାଙ୍କ ମଧ୍ୟରେ ଚାଲିଥିବା ଝଗଡା ମଧ୍ୟରେ କମ୍ପାନୀ ପ୍ରବେଶ କରିବାକୁ ଚାହେଁ ନାହିଁ। କିନ୍ତୁ ତାଙ୍କର ଅଭଦ୍ରୋଚିତ ବ୍ୟବହାର କାରଣରୁ ତାଙ୍କୁ ଚେୟାରମ୍ୟାନ ଏମିରିଟସ୍ ପଦରୁ ବିଦା କରିବାକୁ ବୋର୍ଡ ନିଷ୍ପତ୍ତି ନେଇଛି।

### ଜିଲା ହସ୍ପିଟାଲରେ ଅଣସଂକ୍ରମିତ ରୋଗର ଚିକିତ୍ସା

# ପିପିପି ମଡେଲ ଉପରେ ନୀତି ଆୟୋଗର ଗୁରୁତ୍ୱ

**ନୂଆଦିଲ୍ଲୀ,୧୭-୧୦**

- ଜିଲା ହସ୍ପିଟାଲରେ ଘରୋଇ କମ୍ପାନୀ ଯୋଗାଇବେ ଚିକିତ୍ସା
- ଆୟୁଷ୍ମାନ ଭାରତ ସମାନ ଚିକିତ୍ସା ଖର୍ଚ୍ଚ ବହନ କରିବେ ରୋଗୀ
- ହୃଦ୍‌ଘାତ, କ୍ୟାନସର, ଶ୍ୱାସନଳୀ ସଂକ୍ରାନ୍ତୀୟ ଚିକିତ୍ସା ଜିଲା ହସ୍ପିଟାଲରେ କରାଯିବ।



ଜିଲା ହସ୍ପିଟାଲରେ ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରଶିପ୍(ପିପିପି) ମଡେଲରେ ଅଣ-ସଂକ୍ରମିତ ରୋଗର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ରୋଗୀ ଉଚିତ ମୂଲ୍ୟ ଦେବେ। ଏନେଇ ନୀତି ଆୟୋଗ ବୁଧବାର ଏକ ଗାଇଡଲାଇନ ଜାରି କରିଛନ୍ତି। ଏହାକୁ ଜାରି କରି ନୀତି ଆୟୋଗ ସଦସ୍ୟ ଭି.କେ. ପଲ୍ କହିଛନ୍ତି ଯେ, ପିପିପି ମଡେଲ ଅନୁଯାୟୀ ହୃଦ୍‌ଘାତ, କ୍ୟାନସର ଏବଂ ଶ୍ୱାସନଳୀ ସମ୍ପର୍କିତ ରୋଗର ଚିକିତ୍ସା ଲାଗି ଘରୋଇ କମ୍ପାନୀଙ୍କୁ ଜିଲା ହସ୍ପିଟାଲ ପରିସରରେ ରାଜ୍ୟ ସରକାର ସ୍ଥାନ ଯୋଗାଇ ଦେବେ। ଘରୋଇ କମ୍ପାନୀଙ୍କ ଦ୍ୱାରା ଚିକିତ୍ସା ସେବା ଯୋଗାଣରେ ହେବାକୁ ଥିବା ଖର୍ଚ୍ଚ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ପିଏମ୍‌ଜିଏ) ଅଧୀନରେ ହେଉଥିବା ଖର୍ଚ୍ଚ ସହିତ ସମାନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଗାଇଡଲାଇନ ଅନୁଯାୟୀ, ଘରୋଇ କମ୍ପାନୀ ଜିଲା ହସ୍ପିଟାଲ ପରିସରରେ ଆବଶ୍ୟକ ସ୍ଥଳେ ସୁବିଧାର ଉନ୍ନତୀକରଣ କରିବା ସହ ମାନବସମ୍ବଳ ଯୋଗାଇବେ ଏବଂ ଆବଶ୍ୟକସ୍ଥଳେ ନୂଆ କୋଠା ନିର୍ମାଣ କରିବେ। ଗାଇଡଲାଇନରେ କୁହାଯାଇଛି ଯେ, ଏହି ମଡେଲ ଦ୍ୱାରା ଜିଲା ହସ୍ପିଟାଲରେ ଅଣ-ସଂକ୍ରମିତ ରୋଗ ଗୁଡିକର ଚିକିତ୍ସା ସୁବିଧା ହାସଲ କରିବା ସହଜ ହେବ। ଏକ ଟ୍ରଷ୍ଟ, କମ୍ପାନୀ ଅଥବା କନସୋର୍ଟିୟମ ଦ୍ୱାରା ଅଣ-ସଂକ୍ରମିତ ରୋଗର ଚିକିତ୍ସା ସେବା ଯୋଗାଇ ଦିଆଯିବ। ଏହାଦ୍ୱାରା ଜିଲାସ୍ତରରେ ବିଶେଷଜ୍ଞସ୍ତରୀୟ ଅଣ-ସଂକ୍ରମିତ ରୋଗ ଚିକିତ୍ସା ସେବା ଯୋଗାଣ ସହଜ ହେବ। ଏଥିସହ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହିବେ। ପଲ୍ କହିଛନ୍ତି ଯେ, ଭାରତୀୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦ୍ୱିତୀୟ ଓ ତୃତୀୟ ସ୍ତରରେ ନିବେଶର ଅତ୍ୟନ୍ତ ଆବଶ୍ୟକତା ରହିଛି। ଦୀର୍ଘଦିନ ଧରି ଜିଲାସ୍ତରରେ ଅଣ-ସଂକ୍ରମିତ ରୋଗର ଚିକିତ୍ସା ଅବହେଳିତ ହେଉଥିବାରୁ ଆୟୋଗ ଏକ ପରୀକ୍ଷିତ ମଡେଲ ଆପଣାଇବାକୁ ଚାହୁଁଛି ବୋଲି ପଲ୍ କହିଛନ୍ତି।

ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଘରୋଇ ସହଭାଗିତା ଦ୍ୱାରା ଏକ୍ଷେତ୍ରରେ ସମାନ ଅଭିବୃଦ୍ଧି ହାସଲ ସମ୍ଭବ ହେବ। ଏହାଦ୍ୱାରା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଶ୍ୱ ସ୍ତରର ଭିତ୍ତିଭୂମି ନିର୍ମାଣ ସହ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ଦ୍ୱାରା ରୋଗୀ ସେବା ଅଧିକ ସ୍ୱଚ୍ଛ ଓ ପ୍ରତିଯୋଗିତାପୂର୍ଣ୍ଣ ହୋଇପାରିବ। ସେ କହିଛନ୍ତି ଯେ, ସ୍ୱାସ୍ଥ୍ୟ ସେବାରେ ବହୁ ଉନ୍ନତି ହୋଇଥିଲେ ହେଁ ଅଣ-ସଂକ୍ରମିତ ରୋଗ ଯୋଗୁ ରୋଗୀଙ୍କ ସଂଖ୍ୟା ପ୍ରାୟ ୫୫% ବୃଦ୍ଧି ପାଇଛି। ସେହିପରି ଦେଶରେ ମୋଟ୍ ରୋଗଜନିତ ମୃତ୍ୟୁସଂଖ୍ୟାର ୬୨% ଏହି କାରଣରୁ ହେଉଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସରକାରଙ୍କ ବ୍ୟୟ ପ୍ରତି ବର୍ଷ ବଢୁଥିଲେ ହେଁ ପ୍ରକୃତ ବିନିଯୋଗ ଦେଖିଲେ ଏହା ମାତ୍ର ୧ରୁ ୧.୨% ଥିବା ଜଣାପଡିଛି। ବହୁ ଜିଲା ହସ୍ପିଟାଲରେ ଏବେ ସୁଦ୍ଧା ଅଣ-ସଂକ୍ରମିତ ରୋଗର ଚିକିତ୍ସା ବ୍ୟବସ୍ଥା ନାହିଁ । ଏହି କାରଣରୁ ନୀତି ଆୟୋଗ ବିଶ୍ୱ ବ୍ୟାଙ୍କ ସହିତ ମିଶି ଏକ ମଡେଲ ପାଇଁ ଚିନ୍ତା କରିଛି ବୋଲି ସେ କହିଛନ୍ତି।

### ନୂଆ ସରକାରଙ୍କ ଲାଗି ନୀତି ନିର୍ଦ୍ଧାରଣ ଉଦ୍ଦେଶ୍ୟ

## ଅର୍ଥନୀତିଜ୍ଞ, ଶିକ୍ଷାବିତ୍‌ଙ୍କୁ ଏକାଠି କରୁଛନ୍ତି ପାନଗାରିୟା

**ନୂଆଦିଲ୍ଲୀ,୧୭-୧୦**



ଆସନ୍ତାବର୍ଷ ସାଧାରଣ ନିର୍ବାଚନ ପରେ ନୂଆ ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ ଲାଗି ନୀତି ଆୟୋଗଙ୍କ ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା ଏବେଠାରୁ ଲାଗି ପଡ଼ିଛନ୍ତି। ସେ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଶେଷଜ୍ଞ, ଶିକ୍ଷାବିତ୍‌ମାନଙ୍କୁ ଏକାଠି କରିବାରେ ଏବେ ବ୍ୟସ୍ତ। ୨୦୧୯ ପରେ ନୂଆ ସରକାର କିପରି ଆର୍ଥିକ ଆହ୍ୱାନର ମୁକାବିଲା କରିବେ ସେ ନେଇ ସେମାନେ ଉପାୟ ବାହାର କରିବେ। ଫଳରେ ନୂଆ ସରକାରଙ୍କ ପାଇଁ ଆର୍ଥିକ ଏଜେଣ୍ଡା ତିଆରି କରିବା ସହଜ ହୋଇଯିବ। ୨୦୧୫ ଜାନୁୟାରୀରୁ ୨୦୧୭ ଅଗଷ୍ଟ ପର୍ଯ୍ୟନ୍ତ ନୀତି ଆୟୋଗର ପ୍ରଥମ ଉପାଧ୍ୟକ୍ଷ ଥିବା ପାନଗାରିୟା କହିଛନ୍ତି ଯେ, କଲମ୍ବିଆ ବିଶ୍ୱବିଦ୍ୟାଳୟର ‘ଦୀପକ ଆଣ୍ଡ ରାଜ୍ ସେଣ୍ଟର’ ଅଧୀନରେ ଅର୍ଥନୀତିବିଦ୍ ଓ ନୀତି ନିର୍ଦ୍ଧାରକଙ୍କୁ ଏକାଠି ଗୋଟିଏ ମଞ୍ଚରେ ଆଣିବାକୁ ଚେଷ୍ଟା ହେଉଛି। ଏହାଦ୍ୱାରା ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ନୀତି, ଆର୍ଥିକ କ୍ଷେତ୍ରରେ ସଂସ୍କାର, ସିଭିଲ ସର୍ଭିସ, ନ୍ୟାୟିକ ସଂସ୍କାର, ଘରୋଇକରଣ, ଦାରିଦ୍ର୍ୟ, ନିଯୁକ୍ତି ଓ ସ୍ୱାସ୍ଥ୍ୟ ଭଳି ବିଷୟ ଉପରେ ଅଧିକ ଆର୍ଥିକ ନୀତିକୁ ଗଭୀର ଭାବେ ବିଶ୍ଳେଷଣ କରାଯିବ। ସେ କହିଛନ୍ତି ଯେ, ଭାରତରେ ସଂସ୍କାର ପ୍ରକ୍ରିୟା ଏବେ ଶେଷ ହୋଇନି। ଏବେ ବହୁ ଦୂର ଯିବାକୁ ପଡିବ। ଆଜିର ଜଟିଳ ଦୁନିଆରେ ଭାରତ ସମ୍ବନ୍ଧିତ ଆର୍ଥିକ ପ୍ରସଙ୍ଗକୁ ବିଶେଷଜ୍ଞଙ୍କ ଦ୍ୱାରା ଅଧିକ ଗଭୀର ଭାବେ ବିଶ୍ଳେଷଣ କରାଯିବାର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି।

### ଚୋକ୍‌ସୀ, ଅନ୍ୟମାନଙ୍କ ୨୧୮ କୋଟିର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୧୭-୧୦**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଦୁର୍ନୀତିର ଅନ୍ୟତମ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ଓ ଅନ୍ୟମାନଙ୍କ ୨୧୮. ୪୬ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜବତ କରିଛି। ମନି ଲଣ୍ଡରିଂ ଆଇନର ବିଭିନ୍ନ ଧାରାରେ ୩ଟି ପ୍ରୋଭିଜନାଲ ଅର୍ଡର ଜାରି ହୋଇଛି। ଫଳରେ ଚୋକ୍‌ସୀ, ଆମେରିକାରେ ରହୁଥିବା ନୀରବ ମୋଦିଙ୍କ ଅତ୍ୟନ୍ତ ଘନିଷ୍ଠ ମିହିର ଭନସାଲୀ ଏବଂ ଏ.ପି.ଜେମ୍ସ ଆଣ୍ଡ ଜୁଏଲେରୀ ପାର୍କ ନାମକ କମ୍ପାନୀର ସମ୍ପତ୍ତିକୁ ଇଡି ଜବତ କରିଛି ।

## ଟିଭିଏସ୍ ଜୁପିଟର ଗ୍ରାଣ୍ଡେର ପ୍ରବେଶ

**ନୂଆଦିଲ୍ଲୀ,୧୭-୧୦**



ପାର୍ବଣକୁ ଦୃଷ୍ଟିରେ ରଖି ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଟିଭିଏସ୍ ଜୁପିଟର ଗ୍ରାଣ୍ଡେକୁ ଉନ୍ମୋଚନ କରାଯାଇଛି। ଏହା ଜୁପିଟରର ସ୍ୱତନ୍ତ୍ର ଏଡିଶନ ହୋଇଥିବା ବେଳେ ଏଥିରେ ଅନେକ ନୂଆ ବୈଶିଷ୍ଟ୍ୟ ସାମିଲ କରାଯାଇଛି। ମଡେଲଟି ଷ୍ଟାର ଲାଇଟ୍ ବ୍ଲୁ ରଙ୍ଗରେ ଉପଲବ୍ଧ। ଏହାର ପ୍ରମୁଖ ବୈଶିଷ୍ଟ୍ୟ ମଧ୍ୟରେ ରହିଛି ଏଲ୍‌ଇଡି ଟେକ୍ ହେଡ୍‌ଲ୍ୟାମ୍ପ, ପୋଜିଶନ ଲ୍ୟାମ୍ପ, ଡିଜିଟାଲ ଆନାଲଗ ମିଟର ସହ ଇକୋ ମିଟର, ଇଣ୍ଡିପେଣ୍ଡେଣ୍ଟ ଆଡଜଷ୍ଟେବଲ୍ ସକ୍ସ, ବର୍ଗର ପ୍ରଥମ ଡାଇମଣ୍ଡ କଟ୍ ଆଲଏ ହ୍ୱିଲ୍, ପ୍ରିମିୟମ୍ ମେରୁନ ଶିଟ୍, ଗ୍ରାଣ୍ଡେ ବ୍ୟାଜ୍, ବିଜ୍ ପ୍ୟାନେଲ୍, ବଡି ରଙ୍ଗର ପଲିଅନ୍ ହାଣ୍ଡେଲ, ଷ୍ଟାଇଲିସ୍ କ୍ରୋମ ହାଇଲାଇଟ। ଗ୍ରାହକଙ୍କ ଜୀବନରେ ଗ୍ରାଣ୍ଡ ଅନୁପ୍ରେରଣା ଲାଗି ଏଭଳି ଏକ ଉଦ୍ୟମ ହୋଇଥିବା ଟିଭିଏସ୍ ମୋଟର କମ୍ପାନୀର କଞ୍ଜ୍ୟୁମର ମୋଟର ସାଇକେଲ, ସ୍କୁଟର ଓ କର୍ପୋରେଟ ବ୍ରାଣ୍ଡ ମାର୍କେଟିଂ ଉପସଭାପତି ଅନିରୁଦ୍ଧ ହଲଦର ସୂଚନା ଦେଇଛନ୍ତି।

## ତନିଷ୍କ ପକ୍ଷରୁ ‘ଉତ୍ସବ’ ଉନ୍ମୋଚିତ

**ଭୁବନେଶ୍ୱର,୧୭-୧୦**

ପ୍ରମୁଖ ଜୁଏଲେରି ବ୍ରାଣ୍ଡ ତନିଷ୍କ ପକ୍ଷରୁ ‘ଉତ୍ସବ ’ ଗହଣା ସମ୍ଭାର ଉନ୍ମୋଚିତ ହୋଇଯାଇଛି। ଦୀପାବଳିକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କୁ ଉଲ୍ଲସିତ କରିବା ଭଳି ଗହଣା ସମ୍ଭାର ଏଥିରେ ରହିଛି। କମ୍ପାନୀର ଏହି କଲେକ୍ସନରେ ଉଭୟ ଆଧୁନିକ ତଥା ପାରମ୍ପରିକ ଗହଣାର ସମ୍ମିଶ୍ରଣ ରହିଛି। ଏହି ବର୍ଗରେ ରହିଛି ଷ୍ଟେଟମେଣ୍ଟ ପିସ୍ ଯାହା ଏଜିନେସ୍ ଓ ଷ୍ଟାଇଲ ସହ ଉତ୍କୃଷ୍ଟ କାରିଗରି ପ୍ରଦାନ କରୁଛି। ଏହି କଲେକ୍ସନର ମୂଲ୍ୟ ୩୦,୦୦୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଏହା ସାରା ଦେଶରେ ୨୬୭ ତନିଷ୍କ ଷ୍ଟୋରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପ୍ରକାଶ କରିଛି।

## ଟର୍ମସର ନୂଆ ଉତ୍ପାଦ ବଜାରରେ

**କଟକ,୧୭-୧୦**



ପ୍ରମୁଖ ଇଣ୍ଟେଲିଜେଣ୍ଟ ଆପାରେଲ୍ ବ୍ରାଣ୍ଡ ଟର୍ମସର ନୂଆ ଉତ୍ପାଦ କଟକରେ ସିଡିଏ-୯ ସ୍ଥିତ ମିରର୍ ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବଜାର ପ୍ରବେଶ ହୋଇଛି। ନୂଆ ପ୍ରଡକ୍ଟକୁ କମ୍ପାନୀର ବାଣିଜ୍ୟ ମୁଖ୍ୟ ଅମିତ ମଲହୋତ୍ରା, ନିର୍ଦ୍ଦେଶକ ରୋହିତ ଗୁପ୍ତା ଉପସ୍ଥିତ ରହି ବଜାର ପ୍ରବେଶ କରାଇଥିଲେ। ନୂଆ ଟେକ୍ନୋଲୋଜି ଆଧାରରେ ଗ୍ରାହକମାନେ ଉଚ୍ଚ ମାନର ଫ୍ୟାବ୍ରିକଯୁକ୍ତ ଉତ୍ପାଦ ଏଠାରେ ଲାଭ କରିବାକୁ ସକ୍ଷମ ହେବେ। କମ୍ପାନୀର କପଡାରେ ନାନୋଟେକ୍ ଫିନିସ୍ ସୁବିଧା ରହିଛି। ଯାହା ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ୱଚ୍ଛ ରଖିବାରେ ସହାୟତା କରିଥାଏ। କମ୍ପାନୀ ବର୍ତ୍ତମାନ ଟି-ସାର୍ଟ, ଟ୍ରାକ୍ ପ୍ୟାଣ୍ଟ ଏବଂ ଜିନ୍ସ ବଜାରକୁ ଆଣିଛି। ଗ୍ରାହକଙ୍କୁ ଡିଜାଇନ ଏବଂ କ୍ଲାସି ପ୍ରଡକ୍ଟ ଯୋଗାଣ ଦିଗରେ କାର୍ଯ୍ୟ କରୁଛୁ ବୋଲି କମ୍ପାନୀର ସହ ପ୍ରତିଷ୍ଠାତା ଅନିଲ୍ ଧୋଣ୍ଡାଲେ ସୂଚନା ଦେଇଛନ୍ତି। କମ୍ପାନୀର ଟି-ସାର୍ଟଗୁଡିକର ମୂଲ୍ୟ ୭୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଜିନ୍ସଗୁଡିକର ମୂଲ୍ୟ ୧୯୯୯ ଟଙ୍କାରୁ ଆରମ୍ଭ ହେଉଛି। ଏହି ଅବସରରେ ଷ୍ଟୋରର ସ୍ୱତ୍ୱାଧିକାରୀ ଜଗନ୍ନାଥ ନାୟକ ଉପସ୍ଥିତ ଥିଲେ।

## ଏସ୍‌ବିଆଇ ୟୁନୋର ସପିଂ ଫେଷ୍ଟିଭାଲ୍

**ନୂଆଦିଲ୍ଲୀ,୧୭-୧୦**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ୟୋନୋ ପକ୍ଷରୁ ସପିଙ୍ଗ ଫେଷ୍ଟିଭାଲ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୧ ତାରିଖ ଯାଏ ଚାଲିବ। ଏହାକୁ କାର୍ଯ୍ୟକାରି କରାଇବା ସହ ବ୍ୟାଙ୍କ ପ୍ରାୟ ୮୫ରୁ ଅଧିକ ଇ-ବ୍ୟବସାୟିକ ସଂସ୍ଥା ସହ ଜଡିତ ହୋଇଛି। ୧୪ଟି ଇ-ବ୍ୟବସାୟିକ କମ୍ପାନୀରେ ଇଲେକଟ୍ରୋନିକ୍ସ, ଫେଶନ, ଉପହାର ଅଳଙ୍କାର, ଆସବାବପତ୍ର, ଗସ୍ତ ଏବଂ ଆତିଥ୍ୟ ଉପରେ ଇତ୍ୟାଦି ୪୦% ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା କରାଯାଇଛି। ଏସ୍‌ବିଆଇର ସମସ୍ତ କ୍ରେଡିଟ୍ ଏବଂ ଡେବିଟ କାର୍ଡରେ ୧୦% କ୍ୟାଶବ୍ୟାକ୍ ସୁବିଧା ପ୍ରଦାନ କରାଯାଉଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଦେଶରେ ଆପ୍ ଷ୍ଟୋର ଏବଂ ପ୍ଲେ ଷ୍ଟୋର ପ୍ରମୁଖ ୫ ଆର୍ଥିକ ସେବା ପ୍ରଦାନକାରୀ ଆପ୍ ମଧ୍ୟରେ ଏସ୍‌ବିଆଇ ୟୋନୋ ରହିଛି। ଏଭଳି ଏକ ପଦକ୍ଷେପ ଦ୍ୱାରା ଗ୍ରାହକଙ୍କୁ ସୁବିଧା ଯୋଗାଣ ଦିଗରେ କାର୍ଯ୍ୟ କରୁଛୁ ବୋଲି ବ୍ୟାଙ୍କର ଖାଉଟି ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ ପରିଚାଳନା ନିର୍ଦ୍ଦେଶକ ପି.କେ ଗୁପ୍ତା ସୂଚନା ଦେଇଛନ୍ତି।

## ସୋନିର ନୂଆ ହେଡ୍ ଫୋନ୍

**ଭୁବନେଶ୍ୱର,୧୭-୧୦**

ସୋନି ପକ୍ଷରୁ ପରବର୍ତ୍ତୀ ପୀଢିର ନଏଜ କ୍ୟାନସେଲେଶନ ଡବ୍ଲ୍ୟୁଏଚ୍-୧୦୦୦ ଏକ୍ସଏମ୍୩ ହେଡଫୋନର ବଜାର ପ୍ରବେଶ ହୋଇଛି। ଏଥିରେ ଗ୍ରାହକ ଉଚ୍ଚ ରିଜୋଲ୍ୟୁଶନ ସାଉଣ୍ଡ କ୍ୱାଲିଟି ଲାଭ କରିବାକୁ ସକ୍ଷମ ହେବେ। ସେହିଭଳି କ୍ୱିକ୍ ଅଟୋମେଶନ ମୋଡ୍, କଷ୍ଟମାଇଜ ସାଉଣ୍ଡ, ସହଜ ଡିଜାଇନ୍, ସେନ୍ସ ଇଞ୍ଜିନ, ସ୍ମାର୍ଟ ଲିସିନିଂ, କଲ୍ ଏବଂ ଟ୍ରାକ୍ ନିୟନ୍ତ୍ରଣ ପାଇଁ ଟଚ୍ କଣ୍ଟ୍ରୋଲ ସୁବିଧା ଏଥିରେ ରହିଛି। ୩୦ ଘଣ୍ଟାର ଦୀର୍ଘ ବ୍ୟାଟେରି ଲାଇଫ୍ ଟ୍ରାକ୍ ଭଳି ପ୍ରମୁଖ ବୈଶିଷ୍ଟ୍ୟ ଗ୍ରାହକ ଏଥିରେ ଲାଭ କରିପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି।

## ପୂଜା ମଣ୍ଡପଗୁଡ଼ିକୁ ଫାଷ୍ଟ ଏଡ୍ ବକ୍ସ ଦେଲା ଆମ୍ରି ହସ୍ପିଟାଲ୍ସ

**ଭୁବନେଶ୍ୱର,୧୭-୧୦**

ଆମ୍ରି ହସ୍ପିଟାଲ୍ସ ପକ୍ଷରୁ କଟକ ଏବଂ ଭୁବନେଶ୍ୱରର ପୂଜା ମଣ୍ଡପଗୁଡିକୁ ଫାଷ୍ଟ ଏଡ୍ସ ବକ୍ସ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ଉପସ୍ଥିତିରେ ହସ୍ପିଟାଲର କର୍ମକର୍ତ୍ତା ଏହି ବକ୍ସକୁ ବଣ୍ଟନ କରିଥିଲେ। ଆକସ୍ମିକ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଆଶୁ ଚିକିତ୍ସା ବ୍ୟବସ୍ଥା ରହିବା ନିହାତି ଜରୁରି ବୋଲି ଏହି ଅବସରରେ ଆମ୍ରି ହସ୍ପିଟାଲ୍ସର ଭୁବନେଶ୍ୱରର ୟୁନିଟ ମୁଖ୍ୟ ତଥା ଭି.ପି ସି.ଏଲ୍.ଏନ୍ ରେଡ୍ଡୀ ସୂଚନା ଦେଇଛନ୍ତି।

## ଅର୍ଥର ଅର୍ଥ

# ୟୁଲିପ ପଲିସି କିଣିବା ଆଗରୁ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବା ଜରୁରୀ



Rupkumar Pradhan
CERTIFIED FINANCIAL PLANNER[CM]
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**■ଏକ ୟୁଲିପ ପଲିସି କିଣିବା ପାଇଁ ମୋର ଜଣେ ବନ୍ଧୁ ବାରମ୍ବାର କହୁଛନ୍ତି। ମୋ ବୟସ ୩୬ ବର୍ଷ ଓ ବିବାହିତ। ଏହା କ’ଣ ଏକ ଉଚିତ ପଦକ୍ଷେପ ହେବ କି? ୟୁଲିପ କିଣିବା ସମୟରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ପଡିବ। ଏହା ଭଲ ହେବ କି? ଏ ସମ୍ପର୍କରେ ପରାମର୍ଶ ଲେଖିବା ପାଇଁ ଅନୁରୋଧ।**

**– ସଂଗ୍ରାମ ସାହୁ, ବ୍ରହ୍ମପୁର**

ୟୁଲିପ ପଲିସି କିଣିବା ଆଗରୁ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବା ଜରୁରୀ। ପଲିସି ସମ୍ପର୍କରେ ଭଲ ଭାବେ ବୁଝିବା ସହ ସେହି ଅନୁସାରେ ପଦକ୍ଷେପ ନେବା ଠିକ୍ ହେବ। ୟୁଲିପ ପଲିସି ହେଉଛି ଜୀବନ ବୀମା ସହ ନିବେଶ ପସନ୍ଦ ଥିବା ଏକ ପଲିସି। ୟୁଲିପ କିଣିବା ସମୟରେ ସମସ୍ତ ଖର୍ଚ୍ଚଦାବି (ଚାର୍ଜସ) ଓ କମ୍ପାନୀର ଆର୍ଥିକ ସ୍ଥିତି ଉପରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ। ନିମ୍ନ ଲିଖିତ ଖର୍ଚ୍ଚଦାବି ସବୁକୁ ଦୃଷ୍ଟି ଦେଲେ ବୁଝି ପାରିବେ ଖର୍ଚ୍ଚ ଦାବି ବା ଚାର୍ଜସ୍ କ’ଣ ? ୟୁଲିପ ପଲିସିର ଅବଧି ଭିତ୍ତିରେ ପ୍ରତ୍ୟେକ ବର୍ଷ କ’ଣ ସବୁ ଖର୍ଚ୍ଚ ଦାବି ରହିଛି ଓ କେତେ ପରିମାଣର ରହିଛି। ପ୍ରାରମ୍ଭିକ ଖର୍ଚ୍ଚ ଦାବି ଉପରେ ଜମା ଗୁରୁତ୍ୱ ନ ଦେଇ ପଲିସିର ସମସ୍ତ ଖର୍ଚ୍ଚ ପଲିସି ଅବଧି ମଧ୍ୟରେ କେତେ ହେବ, ତା ଉପରେ ଗୁରୁତ୍ୱ ଦିଅନ୍ତୁ। ଏହି ଖର୍ଚ୍ଚ ଦାବି ମଧ୍ୟରେ ପଲିସି ପରିଚାଳନା ଖର୍ଚ୍ଚ, ଜୀବନ ବୀମା ଖର୍ଚ୍ଚ, ଫଣ୍ଡ ପରିଚାଳନା ଖର୍ଚ୍ଚ ଓ ପ୍ରିମିୟମ ବଣ୍ଟନ ଖର୍ଚ୍ଚ ଇତ୍ୟାଦି ସାମିଲ ରହିଛି। ପଲିସି ଅବଧି ମଧ୍ୟରେ ଦେଉଥିବା ବିଭିନ୍ନ ଶ୍ରେଣୀର ଖର୍ଚ୍ଚ ଦାବି ସବୁର ମୂଲ୍ୟ ମାଗିବା ହାର ଜଟିଳତାକୁ ଭଲ ଭାବେ ବୁଝିବା ଜରୁରୀ। ଯାହାକି ଆପଣଙ୍କୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ।

**ଫଣ୍ଡର ପସନ୍ଦ ଓ ପରିଚାଳନା–** ୟୁଲିପ ପଲିସି ଭିତରେ ଥିବା ବିଭିନ୍ନ ଫଣ୍ଡର ପସନ୍ଦ ସବୁ ବୁଝନ୍ତୁ ଓ ଫଣ୍ଡ ପରିଚାଳନା କାର୍ଯ୍ୟ ଓ ବାସ୍ତବିକତାକୁ ନେଇ ଭଲ ଭାବରେ ତଥ୍ୟ ସଂଗ୍ରହ କରନ୍ତୁ। ସବୁଠାରୁ ବଡ କଥା ହେଉଛି ବିଗତ ବର୍ଷର ଫଣ୍ଡର ଲାଭ ପ୍ରଦାନ କ୍ଷମତା, ଫଣ୍ଡ ମ୍ୟାନେଜରର ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା ଇତ୍ୟାଦି ଉପରେ ଦୃଷ୍ଟି ଦେବା ଆବଶ୍ୟକ।

**ପଲିସିର ବୈଶିଷ୍ଟ୍ୟ–** ୟୁଲିପ ପଲିସିଗୁଡିକ ବିଭିନ୍ନ ପ୍ରକାରର ବିଶେଷ ଗୁଣ ବା ଅଂଶ ସହିତ ବଜାରକୁ ଆସିଥାଏ। ଏହି ସବୁ ବିଶେଷ ଗୁଣ ଯଥା– ଟପ୍ ଅପ୍ ନିବେଶ, ଫଣ୍ଡ ପସନ୍ଦର ସ୍ଥାନାନ୍ତର, ସୁବିଧା, ଜୀବନ ବୀମା ରାଶି ବଢାଇବା ଓ କମାଇବା ଇତ୍ୟାଦି। ସତର୍କତାର ସହିତ ଏସବୁ ସର୍ତ୍ତକୁ ଓ ଏହି ସର୍ତ୍ତ ସହିତ କ’ଣ ଖର୍ଚ୍ଚ ସବୁ ଅଛି ବୁଝିବା ନିହାତି ଜରୁରୀ। ଯଥା– ଏକ ବର୍ଷ ଭିତରେ କେତେ ଥର ଫଣ୍ଡ ପସନ୍ଦ ଅନୁଯାୟୀ ନିବେଶ ରାଶି ସ୍ଥାନାନ୍ତର କରିପାରିବା ? ଏହା ଉପରେ କ’ଣ ଖର୍ଚ୍ଚ ଲାଗିବ ଇତ୍ୟାଦି ଅନେକ ବିଷୟ ବୁଝିବାକୁ ପଡିବ। ଆମର ପରାମର୍ଶ ଏସବୁ ବିଷୟରେ ଭଲ ଭାବରେ ବୁଝି ନିବେଶ କରନ୍ତୁ। ଏହାର କାରଣ ହେଉଛି ୟୁଲିପ ପଲିସିର ନିବେଶ ରାଶି ପୁଞ୍ଜି ବଜାରର ଅସ୍ଥିରତା ସହିତ ଜଡିତ ଥାଏ। ଏହାର ଦୋଳାୟମାନ ପରିସ୍ଥିତି ଅନୁଯାୟୀ ପରିବର୍ତ୍ତନ ହୁଏ। ସେହି ଅନୁଯାୟୀ ଲାଭ କିମ୍ବା କ୍ଷତି ହୋଇଥାଏ।

**■ଝିଅ ନାମରେ ଡାକଘର ରେକରିଙ୍ଗ୍ ଜମା କରିବାକୁ ଚାହୁଁଛି। ମାସିକ ୩୨୦୦ ଟଙ୍କା ସଞ୍ଚୟ କଲେ ୫ ବର୍ଷ ପରେ କେତେ ପାଣ୍ଠି ହୋଇ ପାରିବ? ଝିଅର ସ୍କୁଲ ଆଡମିଶନ ପାଇଁ ଏହି ଟଙ୍କା ଦରକାର ହେବ। ଏ ବିଷୟରେ ପରାମର୍ଶ ଦେବାକୁ ଅନୁରୋଧ।**

**– ନିରୁପମା ସ୍ୱାଇଁ, ଯାଜପୁର ରୋଡ**

ଡାକଘର ପୌନଃପୁନିକ (ପୋଷ୍ଟ ଅଫିସ୍ ରେକରିଙ୍ଗ ଡିପୋଜିଟ୍) ଜମାଖାତାରେ ମାସିକ ସଞ୍ଚୟ କରିପାରିବେ। ଏହି ସ୍କିମର ଅବଧି ୫ ବର୍ଷ ଓ ବର୍ତ୍ତମାନ ସୁଧହାର ବାର୍ଷିକ ୭.୩% ଅଛି। ଏହାର ଅବଧିକୁ ଚାହିଁଲେ ଆଉ ୫ ବର୍ଷ ବଢାଯାଇ ପାରିବ। ଏହି ସୁଧହାର ତ୍ରୈମାସିକ ହିସାବରେ ଚକ୍ରବୃଦ୍ଧି ସୁଧ ମିଳିଥାଏ। ମାସିକ ୩,୨୦୦ ଟଙ୍କା ୫ ବର୍ଷ (୬୦ ମାସ କିସ୍ତି) ସଞ୍ଚୟ କରି ୨,୩୨,୦୧୬ ଟଙ୍କାର ଏକ ପାଣ୍ଠି ଗଠନ କରିପାରିବେ। ଯଦି ଇଚ୍ଛା କରନ୍ତି ତେବେ ଆଉ ୫ ବର୍ଷ ସଞ୍ଚୟ ବଢାଇ ପାରିବେ।

**■ମୁଁ ଜଣେ ବରିଷ୍ଠ ନାଗରିକ। ବ୍ୟାଙ୍କର ୫ ବର୍ଷିଆ ସ୍ଥାୟୀ ଜମା କରିବାକୁ ଚାହୁଁଛି। ଏହି ବ୍ୟାଙ୍କ ସ୍ଥାୟୀ ଜମା ରାଶିରୁ ମିଳୁଥିବା ସୁଧରାଶି ଆୟ ଉପରେ ଆୟକର ପ୍ରଭାବ କ’ଣ ରହିବ।**

**– ରମେଶ ଚନ୍ଦ୍ର ଜେନା, ଭୁବନେଶ୍ୱର**

ବିଗତ ଆର୍ଥିକ ବର୍ଷ ବଜେଟ ୨୦୧୮ରେ ବରିଷ୍ଠ ନାଗରିକଙ୍କ ପାଇଁ କିଛି ସୁବିଧା କରାଯାଇଛି। ଆୟକର ନିୟମ U/S 80TTB ଅନୁଯାୟୀ ବରିଷ୍ଠ ନାଗରିକଙ୍କର ସୁଧରାଶି ଆୟ ସର୍ବାଧିକ ୫୦,୦୦୦/- ଟଙ୍କା ପର୍ଯ୍ୟନ୍ତ ଛାଡ କରାଯାଇଛି।ଏହି ସୁଧରାଶି ସବୁ ବ୍ୟାଙ୍କ ସ୍ଥାୟୀ ଜମା, ସମବାୟ ବ୍ୟାଙ୍କ ସ୍ଥାୟୀ ଜମା ଓ ଡାକଘର ସ୍ଥାୟୀ ଜମା ସୁଧରାଶି ହୋଇଥିବା ଆବଶ୍ୟକ। ଆପଣଙ୍କ ୫ ବର୍ଷ ବ୍ୟାଙ୍କ ସ୍ଥାୟୀ ଜମା ରାଶି ଆୟକର ନିୟମ U/S 80C ଅନୁଯାୟୀ ଆୟକର ଛାଡ ହୋଇ ପାରିବ।

**ଆମ ଠିକଣା:** ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦

“ଆଗକୁ ମାଲେସିଆ, ଜାପାନ, ପାକିସ୍ତାନ ଓ ଦକ୍ଷିଣ କୋରିଆ ସହିତ ଖେଳିବାକୁ ଥିବାରୁ ଓମାନ ବିପକ୍ଷ ପ୍ରଥମ ମ୍ୟାଚ୍ ଆମ ପାଇଁ ପ୍ରକୃତ ପରୀକ୍ଷା ସଦୃଶ ହେବ।
–ହରେନ୍ଦ୍ର ସିଂ, ଭାରତୀୟ ହକି କୋଚ୍



“ନିଙ୍ଗବୋ ଚ୍ୟାଲେଞ୍ଜର ଟେନିସ୍ ଟୁର୍ନାମେଣ୍ଟର ପ୍ରି-କ୍ୱାର୍ଟରରେ ଝେ ଲି’ଙ୍କ ବିପକ୍ଷରେ ଆକ୍ରମଣାତ୍ମକ ରଣନୀତିରେ ଖେଳି ମୁଁ ସଫଳ ହୋଇଥିଲି।
–ପ୍ରଜନେଶ ଗୁନେଶ୍ୱରନ, ଭାରତୀୟ ଟେନିସ ତାରକା



## ସଂକ୍ଷେପରେ

### ଜାତୀୟ ବେଞ୍ଚ୍ ପ୍ରେସ୍ ପାଇଁ ଦଳ ଚୟନ ୨୧ରେ

**ଭୁବନେଶ୍ୱର, ୧୭।୧୦(କ୍ରୀଡ଼ା ପ୍ରତିନିଧି):** ଆସନ୍ତା ନଭେମ୍ବର ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଲୋନାଭେଲାଠାରେ ଜାତୀୟ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତା (ଇକ୍ୟୁପ୍ଡ ଓ ଅନ୍‌ଇକ୍ୟୁପ୍ଡ) ମହିଳା ଓ ପୁରୁଷ ବିଭାଗରେ ଅନୁଷ୍ଠିତ ହେବ। ଏହା ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବିଭାଗରେ ଆୟୋଜିତ ହେବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୧ ତାରିଖରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ବିଭିନ୍ନ ଓଜନ ବର୍ଗରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ଚାହୁଁଥିବା ପ୍ରତିଯୋଗୀମାନେ ସବିଶେଷ ବିବରଣୀ ଜାଣିବା ପାଇଁ ସନ୍ତୋଷ କୁମାର ବାରିକ ଏବଂ ପ୍ରଦୀପ କୁମାର ପାତ୍ରଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

### କଂଗ୍ରେସରେ ଯୋଗଦେଲେ ସାମିଙ୍କ ପତ୍ନୀ ହସିନା

**ବମ୍ବେ, ୧୭।୧୦:** ପାରିବାରିକ ସମସ୍ୟାକୁ ନେଇ ବିବାଦରେ ରହିଥିବା କ୍ରିକେଟର ମହମ୍ମଦ ସାମିଙ୍କ ପତ୍ନୀ ହସିନା ଜହାନ ରାଜନୀତିରେ ପ୍ରବେଶ କରିଛନ୍ତି। ମୁମ୍ବାଇ କଂଗ୍ରେସ ପାର୍ଟିରେ ସେ ବିଧିବଦ୍ଧ ଭାବେ ଯୋଗ ଦେଇ ସଦସ୍ୟତା ଗ୍ରହଣ କରିଛନ୍ତି। ମୁମ୍ବାଇ କଂଗ୍ରେସ ସଭାପତି ସଞ୍ଜୟ ନିରୁପମ ହସିନାଙ୍କୁ ଫୁଲତୋଡ଼ା ପ୍ରଦାନ କରି ଦଳକୁ ସ୍ୱାଗତ କରୁଥିବାର ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଭବିଷ୍ୟତରେ ହସିନା କଂଗ୍ରେସରୁ ନିର୍ବାଚନ ଲଢ଼ିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ସ୍ମରଣଯୋଗ୍ୟ, ପେସାରେ ଜଣେ ମଡେଲ ଭାବେ ଜଣାଶୁଣା ରହିଥିବା ହସିନା ଚଳିତ ବର୍ଷ ପ୍ରାରମ୍ଭରେ କ୍ରିକେଟର ସ୍ୱାମୀ ସାମିଙ୍କ ବିରୋଧରେ ପାରିବାରିକ ହିଂସା, ଅନ୍ୟ ମହିଳାଙ୍କ ସହ ସମ୍ପର୍କ, ହତ୍ୟା ଧମକ, ମ୍ୟାଚ୍ ଫିକ୍ସିଂ ଆଦି ଅଭିଯୋଗ ଆଣି ବେଶ୍ ଚର୍ଚ୍ଚାକୁ ଆସିଥିଲେ। ଏନେଇ ହସିନା ଗତ ଏପ୍ରିଲରେ କୋଲକାତାର ଆଲିପୁର କୋର୍ଟରେ ସାମିଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଫଳରେ ସାମି ଓ ତାଙ୍କ ପରିବାର ବିବାଦ ଘେରକୁ ଚାଲି ଆସିଥିଲେ।

### ଚହରଙ୍କ ଘରୁ ଚୋରି ଉଦ୍ୟମ କରି ୬ ଗିରଫ

**ନୂଆଦିଲ୍ଲୀ, ୧୭।୧୦:** ଭାରତୀୟ କ୍ରିକେଟ ଦଳର ଯୁବ ଅଲ୍‌ରାଉଣ୍ଡର ଦୀପକ ଚହରଙ୍କ ଘରୁ ଚୋରି ଉଦ୍ୟମ କରିବା ଅଭିଯୋଗରେ ଉତ୍ତରପ୍ରଦେଶ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଚହରଙ୍କ ଆଗ୍ରା ମାନସରୋବରସ୍ଥିତ ଘରୁ ଗତ ସପ୍ତାହରେ ଏହି ୬ଜଣ ବ୍ୟକ୍ତି ଚୋରି କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେହି ସମୟରେ ଘରେ ଚହରଙ୍କ ମାଆଙ୍କ ଉପସ୍ଥିତି ଯୋଗୁ ଚୋରି ଉଦ୍ୟମ ବିଫଳ ହୋଇଥିଲା। ଡକାୟତମାନେ ପ୍ରଥମେ ସିସିଟିଭି ଯୋଗାଯୋଗକୁ ବିଚ୍ଛିନ୍ନ କରି ପରେ ଝରକା ତାଡ଼ି ଘରେ ପଶିବାକୁ ଉଦ୍ୟମ କରୁଥିଲେ। ଚହରଙ୍କ ପିତା ସେହି ସମୟରେ ବାହାରେ ଥିବାବେଳେ ଘରେ କେବଳ ତାଙ୍କ ମାଆ ଥିଲେ। ଚହରଙ୍କ ମା’ ଏହା ଜାଣିପାରି ସଙ୍ଗେ ସଙ୍ଗେ ଫୋନ ଯୋଗେ ସ୍ୱାମୀଙ୍କୁ ଜଣାଇବା ପରେ ବନ୍ଧୁ ଓ ପଡ଼ୋଶୀ ପହଞ୍ଚି ଯାଇଥିଲେ। ଫଳରେ ଡକାୟତଙ୍କ ଉଦ୍ୟମ ପଣ୍ଡ ହୋଇଥିଲା ଏବଂ ସେମାନେ ଫେରାର ହୋଇଯାଇଥିଲେ। ଏହାପରେ ଶାହଗଞ୍ଜ ପୋଲିସ ଘଟଣାର ତଦନ୍ତ କରି ୬ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

# ଓମାନକୁ ଆଜି ଭେଟିବ ଭାରତ

**ମସ୍କାଟ,୧୭।୧୦(ପି.ଟି.)**

ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ତଥା ଆୟୋଜକ ଓମାନକୁ ଭେଟିବ। ଭୁବନେଶ୍ୱରରେ ଖେଳାଯିବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଏହି ଟୁର୍ନାମେଣ୍ଟ ଏସୀୟ ଦେଶଗୁଡ଼ିକ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ଗତଥରର ଚାମ୍ପିୟନ ଭାରତ ଏଥର ମଧ୍ୟ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ଗତ ଏସିଆନ ଗେମ୍ସର ବିଫଳତାକୁ ପଛରେ ପକାଇ ଭାରତ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ଜିତିବ ବୋଲି ଆଶା କରାଯାଉଥିଲେ ମଧ୍ୟ ସେମିଫାଇନାଲରେ ଆୟୋଜକ ମାଲେସିଆଠାରୁ ହାରି ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଥିଲା। ବିଶ୍ୱର ୫ ନମ୍ବର ଦଳ ଭାରତ ଶ୍ରେଷ୍ଠ ର୍‍ୟାଙ୍କର ଦଳ ରୂପେ ଚାମ୍ପିୟନ୍ସ ଟ୍ରଫିରେ ଅଂଶଗ୍ରହଣ କିରିବାକୁ ଯାଉଛି ଓ ଫେଭରାଇଟ ବିବେଚିତ ହେଉଛି। ସ୍ଥାନୀୟ ସୁଲତାନ କ୍ୱାବୁସ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ଓମାନକୁ ହରାଇବାରେ ଭାରତ ବିଶେଷ ସମସ୍ୟାର ସମ୍ମୁଖୀନ ହେବ ନାହିଁ ବୋଲି ମନେହୁଏ। ୨୦୧୪ ଏସିଆନ ଗେମ୍ସରେ ଭାରତ ଶେଷଥର ପାଇଁ ଓମାନକୁ ଭେଟିଥିଲା ଓ ଏଥିରେ ଭାରତ ୭-୦ ଗୋଲରେ ବିଜୟ ହାସଲ କରିଥିଲା। ରାଉଣ୍ଡ ରବିନ ପର୍ଯ୍ୟାୟର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ଗୁଡ଼ିକ ପୂର୍ବରୁ ଓମାନ ଭାରତ ପାଇଁ ଭଲ ଚ୍ୟାଲେଞ୍ଜ୍ ସୃଷ୍ଟି କରିବ ବୋଲି କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଓମାନ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବ ଓ ଏହା ଆମ ପାଇଁ ଏକ ପରୀକ୍ଷା ସଦୃଶ ହେବ ବୋଲି ସେ ମତ ଦେଇଛନ୍ତି। ପୁଲର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭାରତ ମାଲେସିଆ, ପାକିସ୍ତାନ, ଜାପାନ ଓ ଦକ୍ଷିଣ କୋରିଆକୁ ଭେଟିବ ଓ ଏହା ପୂର୍ବରୁ ଆମେ ବଡ଼ ବ୍ୟବଧାନରେ ବିଜୟ ହାସଲ କରି ଅଭିଯାନ ଆରମ୍ଭ କରିବୁ। ତେବେ ଏଥିପାଇଁ ଆମକୁ ମୌଳିକ ଭାବେ ଉଚ୍ଚକୋଟୀର ତଥା ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ ବୋଲି ହରେନ୍ଦ୍ର କହିଛନ୍ତି।



ଭାରତୀୟ ଅଧିନାୟକ ମନ୍‌ପ୍ରୀତ୍ ସିଂ।

**ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି**

ମାଲେସିଆର କୁଆଲାଲାମପୁରଠାରେ ୨୦୧୬ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ଫାଇନାଲ ମୁକାବିଲାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୨ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ତେବେ ଟାଇଟଲ ବଜାୟ ରଖିବାକୁ ହେଲେ ଆମକୁ ପୁରୁଣା ତ୍ରୁଟିରେ ସୁଧାର ଆଣିବାକୁ ହେବ। ଆମ ଦଳ ଏକ ଭଲ ଦଳ ଓ ବିଶ୍ୱର ଯେକୌଣସି ଦଳକୁ ହରାଇବାର କ୍ଷମତା ରଖୁଛି। କିନ୍ତୁ ବେଳେ ବେଳେ କଥା ଅଲଗାପ୍ରକାର ହୋଇଥାଏ। ତେଣୁ ମ୍ୟାଚ୍‌ର ପୂରା ୬୦ ମିନିଟ ଧରି ଖେଳାଳିମାନଙ୍କୁ ଏକାଗ୍ରଚିତ୍ତ ହୋଇ ଖେଳିବାକୁ ପଡ଼ିବ। ଏସିଆନ ଗେମ୍ସର ତ୍ରୁଟି ସୁଧାରିବା ପାଇଁ ଆମକୁ ଏହି ଟୁର୍ନାମେଣ୍ଟରେ ଯଥେଷ୍ଟ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ଆମର ପ୍ରଥମ ଲକ୍ଷ୍ୟ ହେଉଛି ସେମିଫାଇନାଲରେ ପ୍ରବେଶ କରିବା। ଏହା ହୋଇପାରିଲେ ବିଶ୍ୱକପ୍ ପୂର୍ବରୁ ଆମର ଆତ୍ମବିଶ୍ୱାସରେ ଯଥେଷ୍ଟ ବୃଦ୍ଧି ଘଟିବ। ତେବେ ଏଥିପାଇଁ ଆମକୁ କଠିନ ପରିଶ୍ରମ କରିବାକୁ ପଡ଼ିବ।

ଓମାନ ପରେ ଭାରତ ଆସନ୍ତା ୨୦ ତାରିଖରେ ପାକିସ୍ତାନକୁ ଭେଟିବ। ଏହାପରେ ୨୧ ତାରିଖରେ ଜାପାନ, ୨୩ ତାରିଖରେ ମାଲେସିଆ, ୨୪ ତାରିଖରେ ଦକ୍ଷିଣ କୋରିଆକୁ ଭାରତ ଭେଟିବ। ଟୁର୍ନାମେଣ୍ଟର ଗତ ସଂସ୍କରଣରେ ଭାରତ ଅପରାଜେୟ ରହିଥିଲା। ଭାରତ ଜାପାନକୁ ୧୦-୨, ପାକିସ୍ତାନକୁ ୩-୨, ଚାଇନାକୁ ୯-୦ ଓ ମାଲେସିଆକୁ ୨-୧ ଗୋଲରେ ହରାଇଥିଲା। ତେବେ ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ୍‌କୁ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ସେମିଫାଇନାଲରେ ଭାରତ ଦକ୍ଷିଣ କୋରିଆକୁ ପେନାଲ୍ଟି ଶୁଟ୍ ଆଉଟ୍‌ରେ ୫-୪ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

ଏପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ଦୁଇଥର ଲେଖାଏ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ତେଣୁ ଉଭୟ ଦଳ ତୃତୀୟଥର ପାଇଁ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି। ଭାରତ ୨୦୧୧ ଓ ୨୦୧୬ରେ, ପାକିସ୍ତାନ ୨୦୧୨ ଓ ୨୦୧୩ ସଂସ୍କରଣରେ ଚାମ୍ପିୟନ ହୋଇଥିଲା।

## ରିଆକ୍ଟ ମାଷ୍ଟର ଟ୍ରେନର ଆତ୍ମରକ୍ଷା କୌଶଳ

**ଭୁବନେଶ୍ୱର, ୧୭।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍କଳ କରାଟେ ସ୍କୁଲରେ ବୁଧବାର ରିଆକ୍ଟ ମାଷ୍ଟର ଟ୍ରେନର ଆତ୍ମରକ୍ଷା କୌଶଳ କୋର୍ସ ସମ୍ପନ୍ନ ହୋଇଛି। ଗତ ୬ ତାରିଖରୁ ଚାଲିଥିବା ଏହି ୧୦ ଦିନିଆ ଟ୍ରେନିଂରେ ମୋଟ ୨୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ରିଆକ୍ଟ ଓ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୪ ଜଣ ଏକ୍ସପର୍ଟ ଟ୍ରେନର ଦିଲୀପ ଜେନା, ଅନୁପମା ସ୍ୱାଇଁ, କ୍ରିଷ୍ଣା ଶିକାରୀ ଓ ସୁସ୍ମିନୀ ପାଲ୍‌ଟା ସିଂ ଟ୍ରେନିଂ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀମାନେ ହେଲେ ମାନସ ରଞ୍ଜନ ସିଂ, ଉମାକାନ୍ତ ଦାସ, ସୌମ୍ୟରଞ୍ଜନ ବେହେରା, ବନ୍ଦିତା ମହାରଣା, କୃଷ୍ଣ ଚନ୍ଦ୍ର ନାୟକ, ମହେଶ ଦୋରା, ଗୋପାଳ ଚନ୍ଦ୍ର ସାହୁ, ବାସୁଦେବ ସେଠୀ, ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ବିଘ୍ନେଶ୍ୱର ପିଡିସିକା, ତପନ କୁମାର ମହାଳିକ, ରବି ତେଜା, ରାକେଶ ଦାସ, କୃତିମୟୀ ନାୟକ, ଭାଗ୍ୟଶ୍ରୀ ପ୍ରଧାନ, କ୍ରିଷ୍ଣା କସ୍ତୁରୀ, ସୁଦୀପ୍ତି ସୁନନ୍ଦିତା ତ୍ରିପାଠୀ, ବି.ଗୋପାଳ ରାଓ, ରାଜେଶ ମହାପାତ୍ର, ମଧୁପ୍ରିୟା ବଳ, ମନୋରମା ଭୋଇ, ଲିଜା ପ୍ରଧାନ ଓ ଶୁଭଜାନୀ ମହାରଣା।




ରିଆକ୍ଟ ମାଷ୍ଟର ଟ୍ରେନର ଆତ୍ମରକ୍ଷା କୌଶଳ କୋର୍ସରେ କୃତକାର୍ଯ୍ୟ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

■ ଗଡ଼େଶ୍ୱର ତ୍ରିଦଳୀୟ କ୍ରିକେଟ ସିରିଜ

# ସହିଦ ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର, ୧୭।୧୦ (କ୍ରୀଡ଼ା ପ୍ରତିନିଧି)**

ଗଡ଼େଶ୍ୱର ସ୍ପୋର୍ଟ୍ସ ଆସୋସିଏଶନ ଗାଡ଼କଣ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମିଳିତ ଆନୁକୂଲ୍ୟରେ ତ୍ରିଦଳୀୟ ଗ୍ରୀନ୍ ସିଲ୍ ୧୬ ବର୍ଷରୁ କମ୍ କ୍ରିକେଟ ସିରିଜ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ସହିଦ ସ୍ପୋର୍ଟିଂ ୩ ଉଇକେଟରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ନିର୍ଦ୍ଧାରିତ ୩୫ ଓଭରରେ ୫ ଉଇକେଟ ହରାଇ ୧୧୫ ରନ୍ କରିଥିଲା। ଦଳ ପକ୍ଷରୁ ଏ. ଅର୍ଣ୍ଣବ ସର୍ବାଧିକ ୨୫ ରନ୍ କରିଥିବାବେଳେ ପ୍ରତିପକ୍ଷ ଦଳର ରାଜଦୀପ ରୋହନ ଦାସ ୩ଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ସୋରେନ ପଟ୍ଟନାୟକ(୫୧ ରନ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସୋରେନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୁରୁବାର ଆୟୋଜକ ଗ୍ରୀନ୍ସ ଏକାଡେମୀ ଓ ପ୍ରଗତି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ପ୍ରକାଶଯୋଗ୍ୟ ଯେ, ୩ଟି ଦଳ ପରସ୍ପର ସହିତ ୨ଟି ଲେଖାଏ ମ୍ୟାଚ୍ ଖେଳିବା ପରେ ୨୪ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଲିଗ୍ ମ୍ୟାଚ୍‌ଗୁଡ଼ିକ ୩୫ ଏବଂ ଫାଇନାଲ ୪୦ ଓଭର ବିଶିଷ୍ଟ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ମଙ୍ଗଳବାର ଟ୍ରଫି ଉନ୍ମୋଚନ ଉତ୍ସବରେ କୋଚ୍ ବ୍ରହ୍ମାନନ୍ଦ ବେହେରା, ଅଶୋକ ଜେନା, ଗଡ଼େଶ୍ୱର ସ୍ପୋର୍ଟ୍ସ ଆସୋସିଏଶନ କର୍ମକର୍ତ୍ତା ସରୋଜ ଜେନା, ଗୌତମ ସାହୁ, ମୋହନ ସାହୁ, ରାକେଶ ଜେନା ଓ କୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ସୋରେନ ପଟ୍ଟନାୟକ (ଡାହାଣ)ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

### ଇଞ୍ଜୁରୀ ଟାଇମ୍‌ରେ ଜିତିଲା ବ୍ରାଜିଲ

**ଜେଦ୍ଦା (ସୌଦୀ ଆରବ)୧୭।୧୦, (ଏଏଫପି):** ଚାରି-ଦଳୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ପ୍ରତିଯୋଗିତାର ଏକ ରୋମାଞ୍ଚକ ମ୍ୟାଚ୍‌ରେ ବ୍ରାଜିଲ ୧-୦ ଗୋଲରେ ସାଉଥ୍ ଆମେରିକାର ଅନ୍ୟତମ ଶକ୍ତିଶାଳୀ ଦଳ ଆର୍ଜେଣ୍ଟିନାକୁ ପରାସ୍ତ କରିଛି। ମ୍ୟାଚ୍‌ର ୯୦ ମିନିଟ ସୁଦ୍ଧା ଉଭୟ ଦଳ ଗୋଲସ୍କୋର କରିବାରେ ବିଫଳ ହୋଇଥିଲେ। ତେବେ ଇଞ୍ଜୁରୀ ଟାଇମ୍‌ରେ (୯୦+୩) ତାରକା ଷ୍ଟ୍ରାଇକର ନେମାରଙ୍କଠାରୁ ପାସ୍ ପାଇ ମିରାଣ୍ଡା ହେଡ୍ ଜରିଆରେ ବଲ୍‌କୁ ଆର୍ଜେଣ୍ଟିନା ଗୋଲପୋଷ୍ଟ ମଧ୍ୟକୁ ପଠାଇ ଦଳକୁ ବିଜୟୀ କରାଇଥିଲେ।

■ ଜାତୀୟ ସବ୍‌ଜୁନିୟର ଟେନିସ କ୍ରିକେଟ

# ଓଡ଼ିଶା ରନର୍ସଅପ୍

**ଭୁବନେଶ୍ୱର, ୧୭।୧୦ (କ୍ରୀଡ଼ା ପ୍ରତିନିଧି)**

ନାସିକରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ଟେନିସ୍ କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ରନର୍ସଅପ୍ ହୋଇଛି। ବୁଧବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ଉତ୍ତରପ୍ରଦେଶଠାରୁ ହାରି ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୭୦ ରନ୍ କରିଥିଲା। ଜବାବରେ ଉତ୍ତରପ୍ରଦେଶ ୭.୧ ଓଭରରେ ୩ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଥମ ସେମିଫାଇନାଲରେ ଓଡ଼ିଶା ୩୨ ରନ୍‌ରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୬ ଓଭରରେ ୩ ଉଇକେଟ ହରାଇ ୫୭ ରନ୍ କରିଥିବାବେଳେ ଝାଡ଼ଖଣ୍ଡ ୪.୫ ଓଭରରେ ୨୫ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶାର ସୁମିତ ସୁନା ଗୋଟିଏ ଓଭରରେ ୬ ଉଇକେଟ ହାସଲ କରିବାର ବିରଳ ସଫଳତା ହାସଲ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ଗୁଡ଼ିକରେ ଓଡ଼ିଶା ୮ ଉଇକେଟରେ ତାମିଲନାଡୁକୁ, ୬ ଉଇକେଟରେ ରାଜସ୍ଥାନକୁ, ୧୦ ଉଇକେଟରେ ତେଲେଙ୍ଗାନାକୁ ପରାସ୍ତ କରିଥିଲା। ପୁଲ୍ ବି’ରେ ସର୍ବାଧିକ ୬ ପଏଣ୍ଟ ସହିତ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩୪ ରନ୍‌ରେ ଗୁଜରାଟକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଓଡ଼ିଶା ବ୍ୟତୀତ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ପଞ୍ଜାବ, ମୁମ୍ବାଇ ଓ ତାମିଲନାଡୁ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲେ।



ମ୍ୟାନ୍ ଅଫ୍ ଦି ସିରିଜ ସୁମିତ ସୁନା।




ଜାତୀୟ ସବ୍‌ଜୁନିୟର ଟେନିସ୍ କ୍ରିକେଟରେ ରନର୍ସଅପ୍ ଓଡ଼ିଶା ଦଳ।

# ପଦାର୍ପଣ କରିବ ଚାଇନା

ହକି ବିଶ୍ୱକପର ସର୍ବ ପ୍ରଥମ ସଂସ୍କରଣ ୧୯୭୧ରେ ସ୍ପେନର ବାର୍ସିଲୋନାଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଭାରତ, ଜାପାନ, କେନିୟା, ନେଦରଲାଣ୍ଡ୍ସ, ପାକିସ୍ତାନ, ସ୍ପେନ ଓ ପଶ୍ଚିମ ଜର୍ମାନୀ ଆଦି ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଇତିମଧ୍ୟରେ ୧୩ଟି ସଂସ୍କରଣ ଅନୁଷ୍ଠିତ ହୋଇ ଯାଇଥିବାବେଳେ ଭୁବନେଶ୍ୱରରେ ହେବାକୁ ଯାଉଥିବା ବିଶ୍ୱକପର ୧୪ତମ ସଂସ୍କରଣରେ ପଦାର୍ପଣ କରିବାକୁ ଯାଉଛି ଅନ୍ୟତମ ଏସୀୟ ରାଷ୍ଟ୍ର ଚାଇନା। ବିଶ୍ୱର ୨୫ତମ ଦେଶ ଭାବେ ଚାଇନା ବିଶ୍ୱକପ ଖେଳିବାକୁ ଯାଉଛି। ଭୁବନେଶ୍ୱର ହକି ବିଶ୍ୱକପ ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେଣୁ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଚାଇନା ଏହାର ବିଶ୍ୱକପ ଅଭିଯାନ ଆରମ୍ଭ କରିବ।

ରେକର୍ଡ ଅନୁସାରେ ଦ୍ୱିତୀୟ ସଂସ୍କରଣ ଅର୍ଥାତ୍ ୧୯୭୩ରେ ବେଲଜିୟମ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ମାଲେସିଆ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ୧୯୭୫ରେ ଘାନା ଓ ପୋଲାଣ୍ଡ ଏହି ମେଗା ଇଭେଣ୍ଟରେ ପ୍ରଥମ ପଦାର୍ପଣ କରିଥିଲେ। ୧୯୭୮ ଚତୁର୍ଥ ସଂସ୍କରଣରେ କାନାଡ଼ା, ଆୟର୍ଲାଣ୍ଡ ଓ ଇଟାଲି ଏବଂ ୧୯୮୨ ୫ମ ସଂସ୍କରଣରେ ସୋଭିଏଟ୍ ୟୁନିୟନ ବିଶ୍ୱକପରେ ପଦାର୍ପଣ କରିଥିଲା। ୧୯୮୬ ଓ ୧୯୯୦ରେ କୌଣସି ନୂଆ ଦଳକୁ ଦେଖିବାକୁ ମିଳି ନ ଥିଲା। ୧୯୯୪ ଅଷ୍ଟମ ସଂସ୍କରଣରେ ବେଲାରୁଷ, ଜର୍ମାନୀ, ଦକ୍ଷିଣ ଆଫ୍ରିକା ଓ ଦକ୍ଷିଣ କୋରିଆକୁ ନୂଆ ଦଳଭାବେ ଦେଖିବାକୁ ମିଳିଥିଲା। ୧୯୯୮ରେ କୌଣସି ନୂଆ ଦଳ ଆସି ନ ଥିବାବେଳେ ୨୦୦୨ ବିଶ୍ୱକପ ପାଇଁ କ୍ୟୁବା ଯୋଗ୍ୟତା ଅର୍ଜନ କରିଥିଲା। ୨୦୦୬, ୨୦୧୦ ଓ ୨୦୧୪ ବିଶ୍ୱକପ ଅଭିଜ୍ଞ ଦଳଗୁଡ଼ିକୁ ନେଇ ଅନୁଷ୍ଠିତ ହୋଇଥିଲା। ତିନି ସଂସ୍କରଣର ବ୍ୟବଧାନ ପରେ ଏବେ ଚାଇନା ନୂଆ ଦଳଭାବେ ବିଶ୍ୱକପ ଖେଳିବାକୁ ଯାଉଛି। ୨୦୧୬-୧୭ ପୁରୁଷ ହକି ୱାର୍ଲ୍ଡ ଲିଗ୍ ରାଉଣ୍ଡ-୨ରେ ପ୍ରଭାବୀ ପ୍ରଦର୍ଶନ କରି ଚାଇନା ବିଶ୍ୱକପ ଟିକେଟ ପାଇଥିଲା। ଇତିହାସ ଦେଖିଲେ ୧୯୭୦ ଦଶକରେ ଚାଇନାରେ ହକି ଖେଳ ଆରମ୍ଭ ହୋଇଥିଲା। ରେକର୍ଡ ଅନୁସାରେ ଚାଇନା ଥରେ ୨୦୦୬ରେ ଏସିଆନ ଗେମ୍ସରେ ରୌପ୍ୟ ପଦକ ହାସଲ କରିଛି। ଏହା ହକିରେ ଚାଇନା ପାଇଁ ସର୍ବାଧିକ ସଫଳତା ବିବେଚିତ ହେଉଛି। ଏହା ବ୍ୟତୀତ ଏହି ଦଳ ଏସିଆ କପ୍‌ରେ ୨ ଥର ୧୯୮୨ ଓ ୨୦୦୭ରେ ବ୍ରୋଞ୍ଜ ପଦକ ହାସଲ କରିବାରେ ସକ୍ଷମ ହୋଇଛି। ୨୦୦୮ରେ ଆୟୋଜକ ଦଳଭାବେ ଚାଇନା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲା। ସେଥିରେ ଦଳକୁ ୧୧ତମ ସ୍ଥାନ ମିଳିଥିଲା।





ଇଣ୍ଡିଆନ ସୁପର ଲିଗ୍‌ର ଚଳିତ ସଂସ୍କରଣରେ କ୍ରମାଗତ ପରାଜୟ ପାଇଁ ଆମେ ଚିନ୍ତିତ ନୋହୁଁ, ଗୋଟିଏ ବିଜୟ ଖେଳାଳିଙ୍କ ଆତ୍ମବିଶ୍ୱାସ ଫେରାଇ ଆଣିବ।

–ଜନ୍ ଗ୍ରେଗୋରି, ଚେନ୍ନାଇନ୍ ଏଫସି ମୁଖ୍ୟ କୋଚ୍



ଦୁଇ ତାରକା ଖେଳାଳି ଡେଭିଡ ୱାର୍ନର ଓ ଷ୍ଟିଭ୍ ସ୍ମିଥଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ପାଇଁ ଅଷ୍ଟ୍ରେଲିଆ କ୍ରିକେଟ ସିରିଜ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ।

–ଭୁବନେଶ୍ୱର କୁମାର, ଭାରତୀୟ ଦ୍ରୁତ ବୋଲର

## ସଂକ୍ଷେପରେ

### ଭିନୁ ମଙ୍କଡ ଟ୍ରଫି ବିଜୟ ସତ୍ତ୍ୱେ ଓଡ଼ିଶା ବାଦ୍

**କଟକ ଅଫିସ,୧୭।୧୦:** ଜୟପୁରର କେ.ଏଲ୍. ସାଇନି ଷ୍ଟାଡିୟମରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବାଳକ ଭିନୁ ମଙ୍କଡ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଓଡ଼ିଶା ୬ ଉଇକେଟରେ ଗୋଆକୁ ପରାସ୍ତ କରିଛି। ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଓଡ଼ିଶା ଏହି ମ୍ୟାଚ୍‌କୁ ଜିତିଥିଲେ ମଧ ପଏଣ୍ଟ ଆଧାରରେ ପ୍ରତିଯୋଗିତାରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି । ୬ଟି ମ୍ୟାଚ୍ ଖେଳି ଓଡ଼ିଶା ୪ଟି ପରାଜୟ ଓ ୨ଟି ବିଜୟ ସହ ୮ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଛି । ୨୧ ତାରିଖ ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ତାମିଲନାଡୁକୁ ଭେଟିବ। ଗୋଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଅଧିନାୟକ ରାହୁଲ ମେହେତା ୬୪, ୟଶ୍ ପୁରବ ୩୩, କ୍ରିଷ୍ଣା ଠାକୁରଙ୍କ ୨୭ ରନ୍ ସହାୟତାରେ ସମସ୍ତ ଉଇକେଟ ହରାଇ ୨୪୮ ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ସୁମନ କୁମାର ଦାସ, ପ୍ରୀତମ ଜେନା, ସତ୍ୟକାମ ଭରଦ୍ୱାଜ ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଜବାବରେ ଓଡ଼ିଶା ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ସ୍ୱସ୍ତିକ ସାମଲ ୯୫ ରନ୍ କରିଥିଲେ । ଅଧିନାୟକ ରଘୁନାଥ ମଲ୍ଲ ୬୨, କୁନାଲ ମଲ୍ଲିକ ୩୫, ଅନିଲ ପରିଡ଼ା ୩୩ ରନ୍‌ର ଯୋଗଦାନ ଦେଇଥିଲେ। ଗୋଆ ପକ୍ଷରୁ ଉଦିତ ଯାଦବ ୨ଟି ଉଇକେଟ ଅକ୍ତିଆର କରିଥିଲେ।

### ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆଜିଠାରୁ

**ପୁରୁଣା ଭୁବନେଶ୍ୱର, ୧୭।୧୦:** ପୂର୍ବବର୍ଷ ଭଳି ଚଳିତ ବର୍ଷ ଦୁର୍ଗାପୂଜା ଅବସରରେ ବ୍ରହ୍ମେଶ୍ୱରପାଟଣାଠାରେ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗୁରୁବାରଠାରୁ ହେବାକୁଥିବା ଏହି ପ୍ରତିଯୋଗିତାରେ ୮୦ଜଣ ବଡିବିଲ୍‌ଡର ଅଂଶଗ୍ରହଣ କରିବେ। ପ୍ରଥମ ସ୍ଥାନ ଅଧିକାର କରିଥିବା ବଡିବିଲ୍ଡରଙ୍କୁ ଚଳିତବର୍ଷର 'ବ୍ରହ୍ମେଶ୍ୱର କୁମାର 'ଘୋଷଣା କରାଯିବା ସହ ପୁରସ୍କାର ବାବଦରେ ୫, ୦୦୦ ଟଙ୍କା ଏବଂ ଏକ ମାନପତ୍ର ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ଓ ତୃତୀୟଙ୍କୁ ଯଥାକ୍ରମେ ୩,୦୦୦ ଟଙ୍କା ଓ ୨,୦୦୦ଟଙ୍କା ସହିତ ମାନପତ୍ର ପ୍ରଦାନ କରାଯିବ। ଏହାଛଡ଼ା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯିବ ବୋଲି ଆୟୋଜକ ଦୁର୍ଗାପୂଜା କମିଟିର ସଭାପତି ଗୋଲଖି ଦାଶ ପ୍ରକାଶ କରିଛନ୍ତି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୋଲଖି ପଣ୍ଡା, ସିଲନ ଦାଶ ଓ ଗଙ୍ଗାଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଭୁବନେଶ୍ୱରରେ ଇଣ୍ଡିଆନ ଆରୋଜ୍ ଟିମ୍

**ଭୁବନେଶ୍ୱର,୧୭।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ଆଇ ଲିଗ୍‌ର ଆଗାମୀ ୨୦୧୮-୧୯ ସିଜନ ପାଇଁ ଜଣାଶୁଣା କ୍ଲବ୍ ଇଣ୍ଡିଆନ ଆରୋଜ୍ ଭୁବନେଶ୍ୱରକୁ ତା'ର ଘରୋଇ ସହର ରୂପେ ବାଛିଛି। ମଙ୍ଗଳବାର ଦଳ ତା'ର ପ୍ରଥମ କ୍ୟାମ୍ପ ପାଇଁ ଭୁବନେଶ୍ୱରରେ ପହଞ୍ଚିଛି। ୨୦୧୭ରେ ଖେଳାଯାଇଥିବା ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରେ ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିଥିବା ଫୁଟବଲରମାନଙ୍କ ସମେତ ଅନ୍ୟ ଖେଳାଳିମାନେ ମଧ ଆରୋଜ ଦଳରେ ସାମିଲ ରହିଛନ୍ତି। ଏହି ଖେଳାଳିମାନେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଏକାଡେମୀର ଗ୍ରାଜୁଏଶନ କରିଛନ୍ତି। ଏହି ଦଳ ଆଗାମୀ ହିରୋ ଆଇ ଲିଗ୍‌ରେ ଇଣ୍ଡିଆନ ଆରୋଜ ହିସାବରେ ଅଂଶଗ୍ରହଣ କରିବ।

### ଜନ୍ମଦିନରେ କୁମ୍ବଲେଙ୍କୁ ଶୁଭେଚ୍ଛାର ସୁଅ

**ନୂଆଦିଲ୍ଲୀ, ୧୭।୧୦:** ଭାରତୀୟ ସ୍ପିନ ଲିଜେଣ୍ଡ ଅନିଲ କୁମ୍ବଲେ ବୁଧବାର ନିଜର ୪୮ତମ ଜନ୍ମଦିନ ପାଳନ କରିଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଲେଗ୍-ସ୍ପିନର ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିବା କୁମ୍ବଲେଙ୍କୁ ଏହି ଅବସରରେ କ୍ରିକେଟ ଜଗତ ସମେତ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ବର୍ତ୍ତମାନ ଓ ପୂର୍ବତନ କ୍ରିକେଟରମାନେ ଜନ୍ମଦିନ ବାର୍ତ୍ତା ସହ ସ୍ମରଣୀୟ ଫଟୋ ସୋସିଆଲ ମିଡିଆରେ ଶେୟାର କରିଥିବା ଦେଖିବାକୁ ମିଳିଛି।





ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ୍ ପାରା ଗେମ୍ସରେ ପଦକ ହାସଲ କରିଥିବା ଓଡ଼ିଶା ଆଥଲେଟ ଜୟନ୍ତୀ ବେହେରା, ଦୃଷ୍ଟିହୀନ ଚେସ୍ ଖେଳାଳି ସୌନ୍ଦର୍ଯ୍ୟ ପ୍ରଧାନ, ପ୍ରାଚୁର୍ଯ୍ୟ ପ୍ରଧାନ ଓ ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କୁ ଭୁବନେଶ୍ୱରରେ ସ୍ୱାଗତ ସମ୍ବର୍ଦ୍ଧନା।

## ଭାରତ ଗସ୍ତରୁ ଓହରିଲେ ଲୁଇସ୍

**ଗୁଆହାଟୀ, ୧୭।୧୦(ପି.ଟି.)**

ଭାରତ ଗସ୍ତରେ ଆସିଥିବା ୱେଷ୍ଟଇଣ୍ଡିଜ୍ ଦଳକୁ ଆଉ ଏକ ଜବରଦସ୍ତ ଝଟ୍‌କା ଲାଗିଛି। ଟେଷ୍ଟ ସିରିଜରେ ୨–୦ରେ ପରାସ୍ତ ହୋଇଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳ ସଂଘର୍ଷ କରୁଥିବା ବେଳେ ବିସ୍ଫୋରକ ଓପନ ଏଭିନ ଲୁଇସ୍ ଏହି ଗସ୍ତରୁ ଓହରିଯାଇଛନ୍ତି। ଆଗକୁ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଥିବା ବେଳେ ୱେଷ୍ଟଇଣ୍ଡିଜ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ବ୍ୟକ୍ତିଗତ କାରଣରୁ ଲୁଇସ୍ ଓହରିଯାଇଥିବା କଥା ସୂଚନା ଦେଇଛନ୍ତି।

କିଛିଦିନ ତଳେ କ୍ରିକେଟ ୱେଷ୍ଟଇଣ୍ଡିଜ୍ ଲୁଇସ୍‌ଙ୍କୁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲା। ତେବେ ଲୁଇସ୍ ଏହାକୁ ପ୍ରତ୍ୟାଖାନ କରିଥିଲେ। ଚୁକ୍ତିରେ ସାମିଲ ହେବା ଅପେକ୍ଷା ସେ ବିଶ୍ୱର ବିଭିନ୍ନ ଲିଗ୍‌ରେ ଖେଳିବାକୁ ଶ୍ରେୟସ୍କର ମଣିଥିଲେ। ପୂର୍ବରୁ କ୍ରିସ୍ ଗେଲ ଓ ଅନ୍ୟ ୱେଷ୍ଟଇଣ୍ଡିଜ ତାରକାମାନେ ମଧ ଏହି ନିଷ୍ପତ୍ତି ନେଇଥିଲେ। ଗେଲ ଏବେ ଶାରଜାରେ ଚାଲିଥିବା ଆଫଗାନ ପ୍ରିମିୟର ଲିଗ୍ ଖେଳୁଛନ୍ତି ଓ ସେ ଭାରତ ବିପକ୍ଷ ଆଗାମୀ ଦିନିକିଆ ସିରିଜରୁ ଓହରିଯାଇଛନ୍ତି। ଲୁଇସ୍‌ଙ୍କ ବଦଳରେ କିରଣ ପାୱେଲ ଦିନିକିଆ ଦଳରେ ସାମିଲ ହେବେ। ସେହିପରି ନିକୋଲାସ ପୁରାନଙ୍କୁ ଟି୨୦ ସିରିଜରେ ସାମିଲ କରାଯିବ। ନବାଗତ ଦ୍ରୁତ ବୋଲର ଓବେଡ ମ୍ୟାକକୋଏଙ୍କୁ ଉଭୟ ଦଳରେ ସାମିଲ କରାଯିବ। ଅଲଜାରି ଜୋସେଫ୍‌ଙ୍କ ବଦଳରେ ମ୍ୟାକକୋଏଙ୍କୁ ସାମିଲ କରାଯିବ ବୋଲି କ୍ରିକେଟ ୱେଷ୍ଟଇଣ୍ଡିଜ୍ ତରଫରୁ କୁହାଯାଇଛି। ୨୧ ତାରିଖରୁ ଦିନିକିଆ ସିରିଜ ଆରମ୍ଭ ହେବ। ଗୁଆହାଟୀରେ ପ୍ରଥମ ଦିନିକିଆ ଖେଳାଯିବ।

## ଶ୍ରଦ୍ଧାଞ୍ଜଳି ଖେଲୋ ଇଣ୍ଡିଆ ଚୟନକର୍ତ୍ତା

**ଭୁବନେଶ୍ୱର, ୧୭।୧୦(କ୍ରୀଡ଼ା ପ୍ରତିନିଧି)**



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଫୁଟ୍‌ବଲ ଖେଳାଳି ଓଡ଼ିଶାର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବେ ଆଉ ଏକ ଗୁରୁଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ରାଜ୍ୟର ପ୍ରଥମ ଖେଳାଳି ଭାବେ ଭାରତୀୟ ମହିଳା ଫୁଟ୍‌ବଲ ଦଳର ନେତୃତ୍ୱ ନେଇଥିବା ଶ୍ରଦ୍ଧାଞ୍ଜଳି ବିଭିନ୍ନ ବୟସ ବର୍ଗରେ ଜାତୀୟ ମହିଳା ଫୁଟ୍‌ବଲ ଦଳର କୋଚ୍ ଓ ଚୟନକର୍ତ୍ତା ଦାୟିତ୍ୱ ସଫଳତାର ସହିତ ତୁଲାଇଥିବାବେଳେ ଏବେ ତାଙ୍କୁ ଖେଲୋ ଇଣ୍ଡିଆର ଚୟନକର୍ତ୍ତା ଭାବେ ନିଯୁକ୍ତ କରାଯାଇଛି। ଭାରତରେ ଫୁଟ୍‌ବଲର ବିକାଶ ପାଇଁ ଖେଲୋ ଇଣ୍ଡିଆ ପକ୍ଷରୁ ତୃଣମୂଳସ୍ତରରୁ ଖେଳାଳି ଚୟନ ଆରମ୍ଭ ହୋଇଛି। ସେମାନଙ୍କୁ ଆବଶ୍ୟକ ଅତ୍ୟାଧୁନିକ କ୍ରୀଡ଼ାକୌଶଳ ଯୋଗାଇ ଭାରତୀୟ ଫୁଟ୍‌ବଲକୁ ଅଧିକ ସୁସଙ୍ଗଠିତ ଓ ଶକ୍ତିଶାଳୀ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହେଉଥିବା ଜାତୀୟ ଫୁଟ୍‌ବଲ(ବାଳକ) ପ୍ରତିଯୋଗିତା ଓ ଚୟନ ଶିବିରରୁ ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ଖେଳାଳିଙ୍କ ମଧ୍ୟରୁ ଶ୍ରେଷ୍ଠ କ୍ରୀଡ଼ା ପ୍ରତିଭା ଚୟନ କରିବାକୁ ଖେଲୋ ଇଣ୍ଡିଆ କର୍ତ୍ତୃପକ୍ଷ ଶ୍ରଦ୍ଧାଞ୍ଜଳିଙ୍କୁ ଚୟନକର୍ତ୍ତା ରୂପେ ନିଯୁକ୍ତି ଦେଇଛନ୍ତି। ଏ ସମ୍ପର୍କରେ ପତ୍ର ଯୋଗେ ମଙ୍ଗଳବାର ଶ୍ରଦ୍ଧାଞ୍ଜଳିଙ୍କୁ ଅବଗତ କରାଇ ଦିଆଯାଇଥିବା ଜଣାଯାଇଛି।

## ଦ୍ୱିତୀୟ ଟେଷ୍ଟ: ପାକିସ୍ତାନ ସ୍ଥିତି ଦୃଢ଼

**ଆବୁଧାବି, ୧୭।୧୦(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ପାକିସ୍ତାନ ବ୍ୟାଟିଂ ଓ ବୋଲିଂରେ କମାଲ କରି ଆଧିପତ୍ୟ ବିସ୍ତାର କରିଛି। ଟସ୍ ଜିତି ପାକିସ୍ତାନ ପ୍ରଥମ ଇନିଂସରେ ୨୮୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଆରମ୍ଭ କରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୫୦.୪ ଓଭରରେ ୧୪୫ ରନ କରି ଅଲଆଉଟ ହୋଇଥିଲା। ଫଳରେ ପାକିସ୍ତାନ ୧୩୭ ରନର ବୃହତ୍ ତଥା ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ପୁଣି ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୪୪ ଓଭରରେ ୨ ଉଇକେଟ ହରାଇ ୧୪୪ ରନ କରିଛି। ଫଳରେ ମ୍ୟାଚ୍ ଆଉ ୩ ଦିନ ବାକିଥିବା ବେଳେ ପାକିସ୍ତାନ ୮ ଉଇକେଟ ବାକିଥାଇ ମୋଟ ଉପରେ ୨୮୧ ରନ କରି ସ୍ଥିତି ମଜଭୁତ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଝାର ଅଲୀ ୫୪ ଓ ହାରିସ ସୋହେଲ ୧୭ ରନ କରି ଅପରାଜିତ ରହିଛନ୍ତି। ଦୁଇ ଓପନର ଫକାର ଜମାନ ୬୬ ଓ ମହମ୍ମଦ ହାଫିଜ୍ ୬ ରନ କରି ଯଥାକ୍ରମେ ନାଥନ ଲିୟନ ଓ ମିଚେଲ ଷ୍ଟାର୍କଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦/୨ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ବୁଧବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଆରୋନ ଫିଞ୍ଚ୍ ୧୩ରୁ ଖେଳ ଆରମ୍ଭ କରି ୩୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ଷ୍ଟାର୍କ ୩୪, ମାର୍ନସ ଲାବୁସଚାଗ୍ନେ ୨୫, ଟ୍ରାଭିସ ହେଡ ୧୪, ମିଚେଲ ମାର୍ଶ ୧୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଦ୍ରୁତ ବୋଲର ମହମ୍ମଦ ଆବାସ ସର୍ବାଧିକ ୫, ବିଲାଲ ଆସିଫ ୩ ଓ ୟାସିର ଶାହ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

ପାକିସ୍ତାନ ପ୍ରଥମ ଇନିଂସ: ୨୮୨।

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୫୦.୪ ଓଭରରେ ୧୪୫ ଅଲଆଉଟ, (ଫିଞ୍ଚ୍- ୩୯, ଷ୍ଟାର୍କ-୩୪, ଲାବୁସଚାଗ୍ନେ- ୨୫, ଆବାସ- ୫/୩୩, ଆସିଫ- ୩/୨୩)। ପାକିସ୍ତାନ **ଦ୍ୱିତୀୟ ଇନିଂସ:** ୪୪ ଓଭରରେ ୧୪୪/୨ (ଜମାନ- ୬୬, ଆଝାର- ୫୪*)।

## ୟୁଥ୍ ଅଲିମ୍ପିକ୍ସ: ଟ୍ରିପଲ୍ ଜମ୍ପରେ ବ୍ରୋଞ୍ଜ ଜିତିଲେ ଶ୍ରମିକଙ୍କ ପୁଅ



ପ୍ରବୀଣ ଚିତ୍ରଭେଲ

**ବୁଏନ୍ସ ଆରିଜ, ୧୭।୧୦(ପି.ଟି.) :** ଏଠାରେ ଚାଲିଥିବା ୟୁଥ ଅଲିମ୍ପିକ୍ସରେ ତାମିଲନାଡୁର ଜଣେ ଖେତ ଶ୍ରମିକଙ୍କ ପୁଅ ପ୍ରବୀଣ ଚିତ୍ରଭେଲ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ପୁରୁଷ ଟ୍ରିପଲ ଜମ୍ପରେ ପ୍ରବୀଣ ଏହି ସଫଳତା ପାଇଛନ୍ତି। ଫଳରେ ଏଥିସହ ଭାରତ ଆଥଲେଟିକ୍ସରେ ତା'ର ଦ୍ୱିତୀୟ ପଦକ ହାସଲ କରିଛି।

୧୭ ବର୍ଷୀୟ ପ୍ରବୀଣ ତାମିଲନାଡୁର ଥଞ୍ଜାଭୁର ଜିଲ୍ଲାରୁ ଆସିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଷ୍ଟେଜ୍ ୨ ପ୍ରତିଯୋଗିତାରେ ସେ ୧୫. ୬୮ ମିଟର କ୍ଲିୟର କରି ପଞ୍ଚମ ସ୍ଥାନରେ ରହିଥିଲେ। ତେବେ ଏହାପୂର୍ବରୁ ସେ ଷ୍ଟେଜ୍ ୧ରେ ଭଲ ପ୍ରଦର୍ଶନ କରି ୧୫. ୮୪ ମିଟର ଡେଇଁ ତୃତୀୟ ହୋଇଥିଲେ। ଫଳରେ ସେ ମୋଟ ଉପରେ ୩୧. ୫୨ ମିଟର ଜମ୍ପ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ନୂଆ ଫର୍ମାଟରେ ୪ କି.ମି. କ୍ରସ- କଣ୍ଟ୍ରିକୁ ବାଦ୍ ଦେଲେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ଫାଇନାଲ୍ସ ହୋଇ ନ ଥାଏ। ୟୁଥ୍ ଅଲିମ୍ପିକ୍ସରେ ପ୍ରତ୍ୟେକ ଇଭେଣ୍ଟ ଦୁଇଥର ଅନୁଷ୍ଠିତ ହୋଇଥାଏ। ଦୁଇଟି ପ୍ରୟାସର ଫଳାଫଳକୁ ବିଚାର କରି ଫାଇନାଲ ସ୍କୋର ଧାର୍ଯ୍ୟ ହୋଇଥାଏ।

ଟ୍ରିପଲ ଜମ୍ପରେ କ୍ୟୁବାର ଆଲେଜାଣ୍ଡ୍ରୋ ଡିଆଜ୍ ୩୪. ୧୮ ମିଟର ଡେଇଁ ସ୍ୱର୍ଣ୍ଣ ଓ ନାଇଜେରିଆର ଇମିଆନୁଏଲ ଓର୍ଟିସମେୟିୱା (୧୬. ୩୪+ ୧୫. ୫୧) ରୌପ୍ୟ ପଦକ ହାସଲ କରିଥିଲେ। ଏହାପୂର୍ବରୁ ଚଳିତ ୟୁଥ୍ ଅଲିମ୍ପିକ୍ସରେ ସୂରଜ ପାନୱାର ଆଥଲେଟିକ୍ସରେ ଭାରତ ପାଇଁ ପ୍ରଥମ ପଦକ ହାସଲ କରିଥିଲେ। ସେ ପୁରୁଷ ୫୦୦ ମିଟର ଚାଲିରେ ସୋମବାର ରୌପ୍ୟ ପଦକ ହାସଲ କରିଥିଲେ। ନିହାତି ଏକ ଗରିବ ପରିବାରରୁ ଆସିଥିବା ପ୍ରବୀଣ ଗତବର୍ଷ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ମଧ ଚଳିତବର୍ଷ କୋଏମ୍ବାଟୁରରେ ଅନୁଷ୍ଠିତ ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ରହିଛି ବୋଲି ତାଙ୍କ କୋଚ୍ ଇନ୍ଦିରା ସୁରେଶ କହିଛନ୍ତି।





ଜନସାଧାରଣଙ୍କୁ ଏକ ନିବେଦନ

ବିଦେଶ ନିର୍ମିତ ବାଣ ଧନଜୀବନକୁ ବିପଦରେ ପକାଇବା ସହ ପରିବେଶକୁ କ୍ଷତି ପହଞ୍ଚାଇଥାଏ !

'ସଲ୍‌ଫର୍ କିମ୍ବା ସଲ୍‌ଫରେଟ୍' ସହିତ କୌଣସି କ୍ଲୋରେଟ୍‌ର ମିଶ୍ରଣଯୁକ୍ତ ବେଆଇନ ଭାବେ ଆମଦାନୀ କରାଯାଇଥିବା ବିଦେଶ ନିର୍ମିତ ବାଣଗୁଡ଼ିକ ବିପଜ୍ଜନକ ପ୍ରକୃତିର ହୋଇଥାଏ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବେ ସେଗୁଡ଼ିକରେ ନିଆଁ ଲାଗିପାରେ। ଏପରି ବାଣଗୁଡ଼ିକ ଜୀବନକୁ ବିପଦରେ ପକାଏ, ଦୁର୍ଘଟଣାର କାରଣ ସାଜେ ଏବଂ ପରିବେଶକୁ କ୍ଷତି ପହଞ୍ଚାଇଥାଏ।

ଭାରତରେ ବିଦେଶ ନିର୍ମିତ ବାଣ ରଖିବା ଓ ବିକ୍ରି କରିବା ବେଆଇନ ଏବଂ ଆଇନ ଅଧୀନରେ ଦଣ୍ଡନୀୟ।

ଆପଣ ଜୀବନ ରକ୍ଷା କରିପାରିବେ, ଦୁର୍ଘଟଣାଗୁଡ଼ିକୁ ପ୍ରତିରୋଧ କରିପାରିବେ ଏବଂ ପରିବେଶକୁ ସୁରକ୍ଷା ଦେଇପାରିବେ।
ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି, ଦୟାକରି ଏପରି ବାଣ ରଖିବା ଏବଂ/ବିକ୍ରୟ ସମ୍ପର୍କରେ କୌଣସି ସୂଚନା ନିଜ ସହରରେ କ୍ଷେତ୍ରାଧିକାର ସୀମା ଶୁଳ୍କ କିମ୍ବା ସାମଗ୍ରୀ ଓ ସେବା କର (ଜିଏସ୍‌ଟି) କର୍ତ୍ତୃପକ୍ଷଙ୍କୁ* ଦିଅନ୍ତୁ।

ଏପରି ବେଆଇନ ବିଦେଶୀ ବାଣର ପ୍ରତିରୋଧ ଏବଂ ଚିହ୍ନଟ ପାଇଁ କେନ୍ଦ୍ର ଏବଂ ରାଜ୍ୟ କର୍ତ୍ତୃପକ୍ଷ ସତର୍କ ଅଛନ୍ତି।
ସୀମା ଶୁଳ୍କ କର୍ତ୍ତୃପକ୍ଷ ବିଗତ ଚାରିବର୍ଷରେ ୪୩ଟି ମାମଲାକୁ ଧରିଛନ୍ତି, ଯାହାଦ୍ୱାରା –
- ଜବତ ହୋଇଥିବା ବାଣର ମୂଲ୍ୟ: ₹୧୦୬ କୋଟି
- ଗିରଫ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା: ୧୬

ସଂଖ୍ୟାଗୁଡ଼ିକ ଅସ୍ଥାୟୀ ଅଟେ।

ଏହି ପାର୍ବଣ ଋତୁରେ କେବଳ ଭାରତରେ ନିର୍ମିତ ଉତ୍ପାଦ ବ୍ୟବହାର କରନ୍ତୁ।

*ବିବରଣୀ ପାଇଁ, www.cbic.gov.inରେ "ଆମ ସହ ଯୋଗାଯୋଗ କରନ୍ତୁ" ପରିଦର୍ଶନ କରନ୍ତୁ

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
www.cbic.gov.in
ଆମକୁ ଫଲୋ କରନ୍ତୁ @cbic_india cbicindia
davp 15502/13/0057/1819

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ସେପ୍ଟେମ୍ବର ୧୮/୨୦୧୮ Berhampur, Thursday, September, 18/ 2018

## ସଂକ୍ଷେପରେ

### ୨ ପରିବାରକୁ ମିଳିଲା ସହାୟତା

**ହିଞ୍ଜିଳିକାଟୁ,୧୭।୧୦(ଡି.ଏନ୍.ଏ.):** ତିତ୍‌ଲି ବାତ୍ୟା ପରଠାରୁ ହିଞ୍ଜିଳିକାଟୁ ମ୍ୟୁନିସପାଲଟି ଆଙ୍କୋରଡ଼ା କେନାଲ ସାହିର ସଚଳା ପଣ୍ଡା ଓ ଅରକ୍ଷିତ ବାଡ଼ତ୍ୟାଙ୍କ ଘରଭାଙ୍ଗି ଥିବାରୁ ସେମାନେ ସ୍କୁଲ ବାରଣ୍ଡାରେ ରାତି କାଟୁଥିବା ନେଇ ବୁଧବାର ଦୈନିକ ଖବରକାଗଜ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନିକ ଚଳଚଞ୍ଚଳ ଦେଖାଦେଇଥିଲା। ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ଓ ମ୍ୟୁନିସପାଲଟିର ଅନ୍ୟ କର୍ମଚାରୀ ବୁଧବାର ପୂର୍ବାହ୍ନରେ ୨ ପରିବାରଙ୍କୁ ଭେଟି ପଲିଥିନ ପାଲ ଓ ପ୍ରତ୍ୟେକ ପରିବାରକୁ ୧ହଜାର ଟଙ୍କା ସାହାଯ୍ୟ ପ୍ରଦାନ କରିଥିଲେ। ଅନ୍ୟ ପକ୍ଷରେ ସରକାରଙ୍କ ରିଲିଫ କ୍ଷୟକ୍ଷତି ଟଙ୍କା ମଧ ସେମାନଙ୍କ ପରିବାରର ବ୍ୟାଙ୍କ ଖାତାକୁ ବୁଧବାର ପ୍ରଦାନ କରାଯାଇଛି।

### ଭୁଶୁଡ଼ିଲା କାନ୍ଥ



**କୁକୁଡ଼ାଖଣ୍ଡି, ୧୭।୧୦(ଡି.ଏନ.ଏ.):** କୁକୁଡ଼ାଖଣ୍ଡି ବ୍ଲକ ମସିହାଖାଲି ପଞ୍ଚାୟତ ପ୍ରତାପକୃଷ୍ଣଚନ୍ଦ୍ରପୁର ଗ୍ରାମରେ ତିତ୍‌ଲି ପ୍ରଭାବରେ ୨ ପଡୋଶୀଙ୍କ ଘର ମଝିରେ ଥିବା କାନ୍ଥ ଭୁଶୁଡ଼ି ଯାଇଛି। ଶକୁନ୍ତଳା ପ୍ରଧାନ ଓ ହୀନ ଗୌଡ଼ଙ୍କ ଘରର ମଝି କାନ୍ଥ ଭୁଶୁଡ଼ି ଶକୁନ୍ତଳାଙ୍କ ଗୋଡ଼ରେ ସାମାନ୍ୟ ମାଡ଼ ହୋଇଛି। ଏହି ପରିବାର ଦ୍ୱୟ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ସରପଞ୍ଚ ପ୍ରତିନିଧି ଶିବରାମ ମହାରଣା ସହାୟତା ପାଇଁ ବ୍ଲକ ପ୍ରଶାସନକୁ ଜଣାଇବି ବୋଲି କହିଛନ୍ତି।

## ■ ଡାକ୍ତର, କର୍ମଚାରୀ ପଦବୀ ଖାଲି

# ପ୍ରତିବାଦରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ

**ଦିଗପହଣ୍ଡି,୧୭।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ତଲାସିଙ୍ଗି ଗ୍ରାମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ଓ କର୍ମଚାରୀ ପଦବୀ ଖାଲି ପଡ଼ିଛି। ପ୍ରତିବାଦରେ ବୁଧବାର ଭାଜପା ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ଉତ୍ତମ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଗ୍ରାମବାସୀ ସାମିଲ ଥିଲେ। ପରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ଼ା. ଶିବ ପ୍ରସାଦ ପାତ୍ରଙ୍କୁ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଭାଜପା ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ବନଜା ପଣ୍ଡା, ସୀମାଞ୍ଚଳ ପାଣିଗ୍ରାହୀ ପ୍ରମୁଖ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




ଘେରାଉ କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ସାମିଲ।

## ମୋହନା ବ୍ଲକରେ ମକା, ଧାନ ଫସଲ ନଷ୍ଟ

**ମୋହନା,୧୭।୧୦(ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ବ୍ଲକରେ ତିତଲି ପ୍ରଭାବରେ ବହୁ ମକା ଓ ଧାନ ଫସଲ ନଷ୍ଟ ହୋଇଛି। ପ୍ରଶାସନର ଅବହେଳା ହେଉ କି, ସାଧାରଣ ଲୋକଙ୍କ ସଚେତନତା ଅଭାବରୁ ଲୋକମାନଙ୍କ ପାଖରେ ବର୍ତ୍ତମାନ ସୁଦ୍ଧା ରିଲିଫ ପହଞ୍ଚି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖଣ୍ଡିଏ ପଲିଥିନ ପାଲ ପାଇବା ଆଶାରେ ବ୍ଲକର ଶତାଧିକ ଲୋକ ତହସିଲ ଅଫିସ ନିକଟରେ ଛୋଟ ଛୋଟ ଛୁଆଙ୍କ ଧରି ଲମ୍ବା ଧାଡିରେ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ମୋହନା ବ୍ଲକର ଚାନ୍ଦିପୁଟ, ପିଣ୍ଡିକି, ଗୋବିନ୍ଦପୁର, କଟାମା, ମେରାପଲୀ, ମଳାସପଦର, ଜରଉ, ଯୁବ, ଜିରାଙ୍ଗ, ଢେପାଗୁଡା ଆଦି ପଞ୍ଚାୟତରେ ଘର ଗୁଡିକ ଭାଙ୍ଗିଯିବା ସହିତ ଟିଣ ଛପରେ ଉଡାଇ ନେଇଛି ତିତ୍‌ଲି। ଧାର କରଜ କରି ଚାଷୀ ବିଲରେ ବୁଣିଥିବା ମକା ଓ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି।

ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଓ ବୁଗୁଡା ବିଜୁ ଯୁବ ବାହିନୀର କର୍ମୀମାନେ ମୋହନା ବ୍ଲକର ଅଡବା ଠାରେ ପହଁଚି ତିତ୍‌ଲି ପ୍ରଭାବିତ ଲୋକଙ୍କୁ ରିଲିଫ ବଣ୍ଟନ କରିଥିବା ଦେଖିବାକୁ ମିଳିଥିଲା। ବୁଧବାର ବ୍ଲକର ମଳାସପଦର ଓ ମେରାପଲ୍ଲୀ ପଞ୍ଚାୟତର କିଛି ଲୋକଙ୍କୁ ୫୦ କେଜି ଚାଉଳ ଓ ୧ହଜାର ଟଙ୍କା ଦିଆଯାଇଥିବା ବିଡିଓ ବଂଶୀଧର ଖୋସ୍‌ଲା କହିଛନ୍ତି।



ଜମିରେ ନଷ୍ଟ ହୋଇଥିବା ମକାଗଛ।

## ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଦିଗପହଣ୍ଡି/ପାଟପୁର, ୧୭।୧୦(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ଛଣମେରୀ ଗ୍ରାମ ମାଗୁଣି ପୋଖରୀରେ ବୁଡ଼ିଯାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶଶୀ ସାମନ୍ତରା । ବୁଧବାର ସକାଳେ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଅସାବଧାନତା କାରଣରୁ ପାହାଚରେ ଶଶୀଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ । ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରିବାର ଲୋକେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କ ମୃତଦେହ ସତ୍କାର କରିଛନ୍ତି।

## ଚିଟ୍‌ଫଣ୍ଡ ଠକେଇ, ଜଣେ ଗିରଫ

**ଫୁଲବାଣୀ ଅଫିସ, ୧୭।୧୦**

ଫୁଲବାଣୀ ସହରରେ ଏକ ଚିଟ୍‌ଫଣ୍ଡ ସଂସ୍ଥା ଖୋଲି ପ୍ରାୟ ୫୦ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ପ୍ରମୋଦ ସାହାଣୀ। ମିଳିଥିବା ସୂଚନା ପ୍ରକାରେ, ସ୍ଥାନୀୟ ଲୋକ ଏବଂ ଏସ୍ଏଚ୍‌ଜି ଗ୍ରୁପ ସଦସ୍ୟଙ୍କଠାରୁ ପ୍ରମୋଦ ଏବଂ ତାଙ୍କ ସହଯୋଗୀ ମାସକୁ ମାସ ଟଙ୍କା ଆଦାୟ କରୁଥିଲେ। ସେମାନଙ୍କ ମଧ୍ୟରୁ ଜଣକୁ ପ୍ରତି ମାସରେ ଟଙ୍କା ଦିଆ ଯାଉଥିଲା। ସ୍ଥାନୀୟ ଭାଷାରେ ପାଟି ଡାକରେ ଏହି ଚିଟଫଣ୍ଡ ଚାଲିଥିଲା। କିଛି ମାସ ଏଭଳି ଚାଲିବା ପରେ ଟଙ୍କା ଆଦାୟ କରୁଥିବା ଲୋକେ ଆଉ ଧରାଛୁଆଁ ଦେଇ ନ ଥିଲେ। ସଂସ୍ଥାର ଲୋକେ ପ୍ରାୟ ୫୦ ଲକ୍ଷ ଟଙ୍କା ଧରି ଚମ୍ପଟ ମାରିବା ନେଇ ଜମାକାରୀ ଥାନାରେ ଅଭିଯୋଗ କରିଥିଲେ। କେସ ନଂ.୧୮୭/୧୮ ରେ ମାମଲା ରୁଜୁ ହୋଇଛି। ଅପରପକ୍ଷେ ଏହି ଘଟଣାରେ ଅନ୍ୟମାନେ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## ସିଆର୍‌ପିଏଫ୍ ପକ୍ଷରୁ ନିଯୁକ୍ତି ପାଇଁ ତାଲିମ

**ଭଞ୍ଜନଗର,୧୭।୧୦(ଡି.ଏନ.ଏ.)**

କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ (ସିଆରପିଏଫ୍)ରେ ଖାଲିଥିବା ପଦବୀ ପୂରଣ କରାଯିବ। ଏନେଇ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ସରିଛି। ଆଗାମୀ ଦିନରେ ଶାରୀରିକ, ଦକ୍ଷତା ଓ ଲିଖିତ ପରୀକ୍ଷା ହେବ। ଏହାପୂର୍ବରୁ ଆବେଦନକାରୀମାନେ ଉକ୍ତ ପରୀକ୍ଷାର ସମ୍ମୁଖିନ କିଭଳି ହେବେ ସେନେଇ ତାଲିମ ଦିଆଯାଉଛି। ବୁଧବାର ସ୍ଥାନୀୟ ସିଆରପିଏଫ୍ ୧୨୭ ବାଟାଲିୟନ କାର୍ଯ୍ୟାଳୟ ପରିସରରେ ଆବେଦନକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କମାଣ୍ଡିଙ୍ଗ୍ ଅଫିସର ଜି.କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ।



ଶିବିରରେ ଅତିଥିଙ୍କ ଗହଣରେ ଆବେଦନକାରୀ।

## ବାଇକ ଦୁର୍ଘଟଣାରେ ୩ ଆହତ

**କବିସୂର୍ଯ୍ୟନଗର,୧୭।୧୦**

କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା ଛିନ୍ନମସ୍ତା ଠାରେ ବାଇକ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଆସିକା ବ୍ଲକ କୈବଲ୍ୟପୁର ଗ୍ରାମର ଡ଼ାକ ବେହେରା, ଚନ୍ଦନ ବେହେରା ଓ ବିକ୍ରମ ବେହେରା। ୩ଜଣ ବାଇକ ଯୋଗେ ଆସିକା କୈବଲ୍ୟପୁରରୁ ବୁଢ଼ାମ୍ବ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଅଗ୍ନିଶମ ବାହିନୀ ସମସ୍ତଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ବାଇକ ଜବତ କରି ତଦନ୍ତ ଚଳାଇଛି।



For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଲେଶ୍ୱର ହୀରୋ - 7799766372. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍‌ସ - 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ - 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ